# ଓଡ଼ିଶା ବିଧାନସଭା

## ସପ୍ତମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୪ ସେପ୍ଟେମ୍ବର, ୨୦୨୬

----

**[ଯୋଜନା ଓ ସଂଯୋଜନ - ଇସ୍ପାତ ଓ ଖଣି - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ସୂଚନା ଓ ଲୋକ ସମ୍ପର୍କ - ବାଣିଜ୍ୟ - ଜଳ ସମ୍ପଦ - ପରିବହନ - ମୁଖ୍ୟମନ୍ତ୍ରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା - 426**

----

### ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ପ୍ରକଳ୍ପର ତାଲିକା

160 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା (CMSA) ଯୋଜନାରେ ସୁନ୍ଦରଗଡ଼ ଜିଲ୍ଲାକୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୬୪ କୋଟି ମୂଲ୍ୟର ୩୬ ଗୋଟି ପ୍ରକଳ୍ପ ମଞ୍ଜୁର ହୋଇଅଛି, ତେବେ ଏହି ୩୬ ଗୋଟି ପ୍ରକଳ୍ପ ଗୁଡିକର ନାମ, ସ୍ଥାନ ଓ ପ୍ରକଳ୍ପ ମୂଲ୍ୟ ସହ ଏହାର ସମସ୍ତ ତାଲିକା ଉପସ୍ଥାପନ କରିବେ କି, (ଖ) ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀର ଏହି ଯୋଜନା ଅନ୍ତର୍ଗତ ହସ୍ତଗତ ପ୍ରକଳ୍ପ ପ୍ରସ୍ତାବ ଗୁଡିକର ତର୍ଜମା କାର୍ଯ୍ୟ ବର୍ତ୍ତମାନ କେଉଁ ସ୍ଥିତିରେ ଅଛି ଏବଂ ଯଦି ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହୋଇନାହିଁ ତେବେ କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

### ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ପ୍ରକଳ୍ପର ତାଲିକା

160 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା (CMSA) ଯୋଜନାରେ ସୁନ୍ଦରଗଡ଼ ଜିଲ୍ଲାକୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୬୪ କୋଟି ମୂଲ୍ୟର ୩୬ ଗୋଟି ପ୍ରକଳ୍ପ ମଞ୍ଜୁର ହୋଇଅଛି, ତେବେ ଏହି ୩୬ ଗୋଟି ପ୍ରକଳ୍ପ ଗୁଡିକର ନାମ, ସ୍ଥାନ ଓ ପ୍ରକଳ୍ପ ମୂଲ୍ୟ ସହ ଏହାର ସମସ୍ତ ତାଲିକା ଉପସ୍ଥାପନ କରିବେ କି, (ଖ) ସୁନ୍ଦରଗଡ ନିର୍ବାଚନ ମଣ୍ଡଳୀର ଏହି ଯୋଜନା ଅନ୍ତର୍ଗତ ହସ୍ତଗତ ପ୍ରକଳ୍ପ ପ୍ରସ୍ତାବ ଗୁଡିକର ତର୍ଜମା କାର୍ଯ୍ୟ ବର୍ତମାନ କେଉଁ ସ୍ଥିତିରେ ଅଛି ଏବଂ ଯଦି ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହୋଇନାହିଁ ତେବେ କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

**Delay in Relief disbursement**

**268** **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The number of rural houses reported damaged due to heavy rainfall this monsoon as of 31st August 2026, district-wise; (b) The status of field verification of damage and grievance cases registered; Compensation/relief disbursed so far under Rural Housing Schemes; overall and for each house; and criteria for compensation disbursement and timeline for completing pending verification and disbursement?

----

**Repair damaged lift irrigation points**

**437** **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) Whether any lift irrigation points, minors and sub-minors under the Kanas Branch Canal (K.B.C.) system serving Satyabadi and Kanas blocks of Puri district suffered damage during the recent 2026 floods and if so, the number of such structures damaged along with the estimated cost of repair; (b) whether the Government's assurance to repair damaged lift irrigation points "on a war footing" under the 1,000-crore flood relief package has been implemented in Satyabadi constituency and if so, the number of points repaired and the amount released till date; the total area of Kharif 2026-27 paddy crop in Satyabadi and Kanas blocks assessed as damaged by floods, block-wise and the quantum of agricultural input subsidy disbursed so far to affected farmers of these two blocks under the said package; the time by which balance repair works and pending compensation, if any, shall be completed?

----

**ଫସଲ କ୍ଷୟକ୍ଷତି**

594 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲଗାଣ ବର୍ଷା ଯୋଗୁଁ ଜୟଦେବ ନିର୍ବାଚନ ମଣ୍ଡଳୀରେ ସରକାରୀ report ମୁତାବକ କେତେ ଚାଷ ଜମିରେ ଫସଲ କ୍ଷୟକ୍ଷତି ହୋଇଅଛି, ତାହାର ଏକ ତାଲିକା ପ୍ରଦାନ କରିବେ କି ଏବଂ ହୋଇଥିବା କ୍ଷୟକ୍ଷତିର ପରିପୁରଣ ପାଇଁ ସରକାର କି କି ବ୍ୟବସ୍ଥା କରିଛନ୍ତି ?

----

## ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ଥଇଥାନ ବାବଦରେ ଅର୍ଥ ମଂଜୁରି

730 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ଏପର୍ଯ୍ୟନ୍ତ ଗତ ଜୁଲାଇ ମାସଠାରୁ କ୍ରମାଗତ ବର୍ଷା ଓ ସୁବର୍ଣ୍ଣରେଖା ନଦୀରେ 4ଥର ବନ୍ୟାଦ୍ୱାରା ତଥା ପଶ୍ଚିମବଙ୍ଗ ଅବିଭକ୍ତ ମେଦିନୀପୁର ଜିଲ୍ଲା ଅଞ୍ଚଳରୁ ଛୋଟ ଛୋଟ ନାଳ, ଯଦ୍ୱାରା ପ୍ରବଳ ବର୍ଷା, ବନ୍ୟା ଜଳ ଜଳେଶ୍ୱର ଅଞ୍ଚଳକୁ ପ୍ଲାବିତ କରିଥିବା ହେତୁ ସବୁ ପ୍ରକାର କ୍ଷୟକ୍ଷତିର ଆକଳନ ହୋଇଛି କି ; ତାହା କିପରି, କ୍ଷତିର ସମୁଦାୟ ପରିମାଣ କେତେ ; ଏ ସବୁର ଥଇଥାନ ବାବଦରେ ଜିଲ୍ଲାର କେଉଁ ବ୍ଲକକୁ କେତେ ଅର୍ଥ ମଂଜୁର କରାଗଲା ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି?

----

## ଶିଳ୍ପ ସଂସ୍ଥା ପାଇଁ ଘରୋଇ କମ୍ପାନୀକୁ ଖଣି ଲିଜ୍ ଦେବା

731 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ପ୍ରକାର ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ କେଉଁଠାରେ କେଉଁ ପ୍ରକାର ଖଣି ଘରୋଇ କମ୍ପାନୀକୁ ଲିଜ୍ ଆକାରରେ 2024-25 ଓ 2025-26 ରେ ଦିଆଗଲା ଏହାର ସବିଶେଷ ବିବରଣୀ ସରକାର ଉପସ୍ଥାପନ କରିବେ କି ; ଏ ପ୍ରକାର ଖଣି ଲିଜ୍ ଦେବାର ସର୍ତ୍ତାବଳୀ (Terms and Condition) କଣ ; କମ୍ପାନୀମାନେ ଖଣିରୁ ଉତ୍ତୋଳନ କାର୍ଯ୍ୟ ଆରମ୍ଭ କଲେଣି କି ; ହୋଇଥିଲେ ଏହାର ପରିମାଣ କେତେ?

----

## ନଦୀ ବନ୍ଧର Flood Fight ସତର୍କତା ମୂଳକ ପଦକ୍ଷେପ

732 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଉତ୍ତର ବାଲେଶ୍ୱର ଅଞ୍ଚଳରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଚାରିଥର ବନ୍ୟାରେ ଜଳେଶ୍ୱର/ବସ୍ତା ବ୍ଲକ ଅଞ୍ଚଳରେ କେଉଁ ସ୍ଥାନ ନଦୀକୂଳ ଅଞ୍ଚଳରେ ଅତଡା ଖସି ଭୟାନକ ଅବସ୍ଥା ସୃଷ୍ଟି ହୋଇଛି ତାହା ଚିହ୍ନଟ ହୋଇଛି ସେ ସ୍ଥାନଗୁଡିକ କେଉଁଠି ; ଜଳେଶ୍ୱର ନିର୍ବାଚନ ମଣ୍ଡଳୀର କେଉଁ ଗ୍ରାମପ୍ରତି ବିପଦ ସୃଷ୍ଟି କରିଛି ; ଏହି ସ୍ଥାନ ଗୁଡିକରେ ସତର୍କତାମୂଳକ Flood fight କରାଯାଇଥିଲେ ହେଁ ନଦୀକୂଳ ସୁରକ୍ଷା ହୋଇପାରିଲାନାହିଁ, ଗ୍ରାମର ଧନ ଜୀବନ ସୁରକ୍ଷିତ କରାଯିବା ପାଇଁ ସରକାର କଣ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ ଓ ଏଥିରେ ଦୀର୍ଘ ମିଆଦୀ କାର୍ଯ୍ୟକ୍ରମ କଣ?

----

## ନଦୀବନ୍ଧ ବାଡର ସୁରକ୍ଷା

733 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଚଳିତ ବର୍ଷ ମହାନଦୀ ଓ ତାହାର ଶାଖାନଦୀ ମାନଙ୍କରେ ବନ୍ୟା ଯୋଗୁଁ କେତେ କ୍ଷୟକ୍ଷତି ହୋଇଛି ପ୍ରକାଶ କରି ଚଳିତ ବର୍ଷର ବନ୍ୟାକୁ ଦୃଷ୍ଟିରେ ରଖି ବନ୍ଧବାଡର ସୁରକ୍ଷା ସହିତ ଭବିଷ୍ୟତର ବନ୍ୟା ନିୟନ୍ତ୍ରଣ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ (ଖ) ଜଳ ନିଷ୍କାସନ ପଥରେ ନିର୍ମାଣ ଯୋଗୁଁ ସାମାନ୍ୟ ବର୍ଷା, ବନ୍ୟାରେ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେଉଥିବାରୁ ଆଗାମୀ ଦିନରେ ନିର୍ମାଣ କାର୍ଯ୍ୟ ପୂର୍ବରୁ ଜଳସମ୍ପଦ ଡ୍ରେନେଜ୍ ବିଭାଗର ଅନୁମୋଦନ ବାଧ୍ୟତାମୂଳକ କରିବାକୁ ସରକାର ବ୍ୟବସ୍ଥା କରିବେ କି?

----

## ଗୋଚର ଓ ଶ୍ମଶାନ ଜମି ଜବରଦଖଲମୁକ୍ତ

734 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)ରାଜ୍ୟର କେଉଁ ଜିଲ୍ଲାରେ କେତେ ପରିମାଣର ଗୋଚର ଜମି ଓ ଶ୍ମଶାନ ଜମି ଜବରଦଖଲ ହୋଇଛି ପ୍ରକାଶ କରି ସର୍ବସାଧାରଣଙ୍କ ହିତ ଦୃଷ୍ଟିରୁ ଏହି ଜବରଦଖଲ ଜମିକୁ ଜବରଦଖଲମୁକ୍ତ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ (ଖ) ଚାଷ ଜମିର କିସମ ପରିବର୍ତ୍ତନ ସମୟରେ ଯେପରି ପଛପାଖରେ ଥିବା କୌଣସି ଚାଷ ଜମି ଅବରୋଧ ନହୁଏ ଓ ପ୍ରତ୍ୟେକ ଜମିକୁ ଚାଷୀମାନେ ଯିବା ଆସିବା କରିବା ପାଇଁ ବାଟ ବ୍ୟବସ୍ଥା ରୁହେ ସେଥିପାଇଁ ସରକାର କି ପଦକ୍ଷେପ କରୁଛନ୍ତି?

----

## ଚୋରା ବାଲି ଚାଲାଣ ରୋକିବା

735 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ନଦୀମାନଙ୍କରୁ ବ୍ୟାପକ ଭାବରେ ଚୋରା ବାଲି ଚାଲାଣ ହେଉଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ; ଉତ୍ତର ହଁ ହେଲେ ଚୋରା ବାଲି ଚାଲାଣ ରୋକିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## ଶିଳ୍ପ ସଂସ୍ଥାମାନେ ବିଭିନ୍ନ ନଦୀରୁ ଜଳ ନେବା

736 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ପ୍ରମୁଖ ନଦୀର କେତେ ପରିମାଣର ଜଳ ଶିଳ୍ପ ସଂସ୍ଥାମାନଙ୍କୁ ଯୋଗାଇ ଦିଆଯାଉଛି ; ଏ ବାବଦରେ ରାଜ୍ୟ ସରକାର କେତେ ରାଜସ୍ୱ ଆଦାୟ କରୁଛନ୍ତି ; ବର୍ତ୍ତମାନ ସୁଦ୍ଧା କେଉଁ ଶିଳ୍ପ ସଂସ୍ଥା କେତେ ପରିମାଣର ରାଜସ୍ୱ ଅନାଦେୟ ହୋଇ ପଡିରହିଛି

----

## ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ଜିଲ୍ଲା

737 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଲଗାଣ ବର୍ଷାଜନିତ ବନ୍ୟା ଯୋଗୁଁ କେଉଁ କେଉଁ ଜିଲ୍ଲା କେତୋଟି ପଞ୍ଚାୟତ ଆଂଶିକ/ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି ; ବନ୍ୟା ବିପନ୍ନଙ୍କ ପାଇଁ ରାଜ୍ୟ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି?

----

## MMDR ଆକ୍ଟ ବାବଦରେ ଓଡିଶା ଖଣି ଉତ୍ତୋଳନ

738 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର ସରକାରଙ୍କ ଏମ୍.ଏମ୍.ଡି.ଆର ଆକ୍ଟ ସଂଶୋଧନ ଫଳରେ ଓଡିଶା ଖଣି ଓ ଖଣିଜ ପଦାର୍ଥ ଉତ୍ତୋଳନ ଓ ପରିବହନ ବାବଦକୁ କେତେ ରାଜସ୍ୱ ହରାଇବ ; 2023-24 ଆର୍ଥିକ ବର୍ଷରେ ରାଜ୍ୟ ସରକାର ଖଣି ରାଜସ୍ୱ ବାବଦକୁ କେତେ ଅର୍ଥ ଆଦାୟ କରୁଥିଲେ ; 2026-27 ମସିହାରେ ଏହାର ପରିମାଣ କେତେ ହେବ?

----

## କଳାହାଣ୍ଡି ଜିଲ୍ଲାକୁ ଆସିଥିବା CSF ପାଣ୍ଠି

739 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ 2 ବର୍ଷ ମଧ୍ୟରେ କେତେ CSF ପାଣ୍ଠି କଳାହାଣ୍ଡି ଜିଲ୍ଲାର କେଉଁ କେଉଁ ନିର୍ବାଚନ ମଣ୍ଡଳୀକୁ କେତେ ଆସିଛି ଓ ଏଥିପାଇଁ ପାତର ଅନ୍ତର କରାଯାଇଛି କି?

----

## ଚୋରା ରତ୍ନପଥର ରୋକିବା

740 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୁନାଗଡ଼ ବ୍ଲକର JilingdaraOIରେ ମାଣିକ୍ୟ ରତ୍ନପଥର ପ୍ରଚୁର ମାତ୍ରାରେ ଅଛି, ତାକୁ ଚୋରା ଖନନ କରି ନିଆଯାଉଥିବାର ଖବର ସରକାରଙ୍କ ପାଖରେ ଅଛି କି; ଯଦି ହଁ ତେବେ ଏଥିପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ଚେକଡ୍ୟାମ ନିର୍ମାଣକରି ଜଳ ସେଚନ

741 **ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ (ଭଞ୍ଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ସମସ୍ତ ଚାଷ ଜମି ବର୍ଷା ଜଳ ଉପରେ ନିର୍ଭର କରୁଥିବା ଯୋଗୁଁ ଅଧିକାଂଶ ଜମି ପଡ଼ିଆ ପଡୁଥିବା ନଜରକୁ ଆସିଛି, ଏହାକୁ ଉତ୍ତମ ରୂପେ ପରିଚାଳନା କରିବା ଏବଂ ଚାଷ ଜମିଗୁଡ଼ିକରୁ ଅଧିକ ଅମଳ କରିବା ପାଇଁ ଚେକ ଡ୍ୟାମର ନିର୍ମାଣ ଅତ୍ୟନ୍ତ ଜରୁରୀ ଅଟେ, ତେଣୁ ନୂତନ ଚେକ ଡ୍ୟାମ ନିର୍ମାଣ କରିବାର ବ୍ୟବସ୍ଥା କରିବେ କି ?

----

## ଡ୍ୟାମ ଗୁଡ଼ିକରୁ ପଙ୍କ ଉଦ୍ଧାର କାର୍ଯ୍ୟ

742 **ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ (ଭଞ୍ଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଭଞ୍ଜନଗର ଏବଂ ଉହସ୍ଥିତ ଡ୍ୟାମଗୁଡିକ ବହୁ ବର୍ଷ ଧରି ଏଗୁଡିକର ପଙ୍କ ଉଦ୍ଧାର କାର୍ଯ୍ୟ ନହେବା ଦ୍ୱାରା ଏଗୁଡିକରେ ପଙ୍କ ଜମିବା ଦ୍ୱାରା ଏହାର ଜଳଧାରଣ କ୍ଷମତା କମିବାରେ ଲାଗିଛି, ଏନେଇ ଦୃଷ୍ଟି ଆକର୍ଷଣ କରିଥିଲି, ଏହା ଉପରେ ବିଗତ ଦିନରେ ଏଗୁଡିକରୁ ପଙ୍କ ଉଦ୍ଧାର କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେବେ କି ?

----

## ନଦୀ ସଂଯୋଗୀକରଣ

743 **ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ (ଭଞ୍ଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବନ୍ୟାରୁ ରକ୍ଷା ପାଇବା ତଥା ଜଳସେଚନର ସୁବିଧା ପାଇଁ ନଦୀ ସଂଯୋଗୀକରଣର ଆବଶ୍ୟକତା ରହିଛି ଏବଂ ଏହା ମଧ୍ୟ ଜରୁରୀ ଏହାକୁ ଦୃଷ୍ଟିରେ ରଖି ମହାନଦୀ ସହିତ ବଡ ନଦୀର ସଂଯୋଗୀକରଣ ଦିଗରେ ସରକାରଙ୍କ କି ବିଚାର ରହିଛି ?

----

## Mining Lessees, defaulters for recovery of penalities

744 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (A) Which mining lessees, as per the Hon'ble Apex Court Order of August, 2017, were found to have extracted minerals unlawfully and illegally and what amount of penalties were charged against each; (B) Out of the said mining lessees, who have, in the meantime, deposited the charged penalties and by how much and what is the total recovery, and which mining lessees still remain defaulters and what steps have been initiated against each of them for recovery of the penalties so imposed ?

----

## କେନ୍ଦ୍ରଠାରୁ ଖଣି ରୟାଲଟି ମିଳିବା

745 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର କେତେ ଖଣି ରୟାଲଟି ବାବଦ ଟଙ୍କା କେନ୍ଦ୍ର ଠାରୁ ପାଇବାକୁ ଅଛି ଓ ପୁନଶ୍ଚ ଖଣିମାଲିକ ମାନଙ୍କ ବେଆଇନ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଗାଏ ମୋଟ କେତେ ଟଙ୍କାର ଜୋରିମାନା କରିଥିଲେ ଏବଂ ଏଥିରୁ କେତେ ଅସୁଲ ହୋଇଛି ଓ କେତେ ରାଶି କେଉଁ କେଉଁ କାରଣରୁ ଅନାଦେୟ ହୋଇ ପଡିରହିଛି ଓ ଗତ ଜୁନ ୧୨ ତାରିଖ ୨୦୨୪ ତାରିଖ ପରଠାରୁ ରାଜ୍ୟ ସରକାର ଉପରୋକ୍ତ (କ) ଓ (ଖ) ସ୍ରୋତରୁ କେତେ ଟଙ୍କା ପାଇଛନ୍ତି ?

----

## କୋରାପୁର ଜିଲ୍ଲାର ବକସାଇଟ ଖଣି ଲିଜ ସର୍ତ୍ତରେ ଦେବା

746 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅଦ୍ୟାବଧି କୋରାପୁଟ, ରାୟଗଡା ଓ କଳାହାଣ୍ଡି ଜିଲ୍ଲାର କେଉଁ କେଉଁ ବକ୍ସାଇଟ ବ୍ଲକ୍ ଗୁଡିକ କେଉଁ କମ୍ପାନୀଗୁଡିକୁ କେତେ ବର୍ଷ ପାଇଁ ଲିଜ୍ କିଭଳି ଭାବରେ କେଉଁ ସର୍ତ୍ତ ଆଧାରରେ ଦିଆଯାଇଛି ତାର ଜିଲ୍ଲାୱାରୀ, ଖଣିୱାରୀ ଓ ତାର ଆୟତନ ଏବଂ କେଉଁ କମ୍ପାନୀକୁ କେତେ ବର୍ଷ ପାଇଁ କେତେ ଅର୍ଥରେ ଦିଆଯାଇଛି ତାର ଏକ ତାଲିକା ପ୍ରଦାନ କରିବା ସହ, (ଖ) ଏହି ବକ୍ସାଇଟ୍ ଖଣି ଗୁଡିକୁ ଲିଜ୍ ନ ଦେବା ଓ ରାଜ୍ୟର ପ୍ରାକୃତିକ ସମ୍ପଦ ନଷ୍ଟ ହେବା ନେଇ ଓଡ଼ିଶା ସଚେତନ ନାଗରିକମାନଙ୍କ ତରଫରୁ ଯେଉଁ ଦାବୀପତ୍ର ପ୍ରଦାନ କରିଛନ୍ତି ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପାଦନ

747 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀର ଛତିଶାପାଟ ଜଳ ନିଷ୍କାସନ ବ୍ୟବସ୍ଥା ସମ୍ପାଦନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ସ୍କୁଲ, କଲେଜ, ଡାକ୍ତରଖାନା ଗୁଡିକର ରେକର୍ଡ ସମ୍ପୃକ୍ତ କାର୍ଯ୍ୟାଳୟ ନାମରେ ରେକର୍ଡ କରିବା

748 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରୀ ଜମି ଉପରେ ଗଢି ଉଠିଥିବା ସ୍କୁଲ, କଲେଜ, ଡାକ୍ତରଖାନା ଓ ସର୍ବସାଧାରଣଙ୍କ କାର୍ଯ୍ୟାଳୟ ନାମରେ ସମ୍ପୃକ୍ତ ଜମିର ପଟ୍ଟା ସ୍ୱତ୍ୱଭୁକ୍ତ କରିବାକୁ ସରକାରଙ୍କ ନିର୍ଦ୍ଦେଶ ଅଦ୍ୟାବଧି କେତେ ଦୂର କାର୍ଯ୍ୟକାରୀ ହୋଇଛି ପ୍ରକାଶ କରି ଏହି କାର୍ଯ୍ୟ କେବେ ସୁଦ୍ଧା ସମାପନ କରାଯିବ ?

----

## ଭଦ୍ରକ ଜିଲ୍ଲାରେ କାର୍ଯରତ NGO

749 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କ) ଭଦ୍ରକ ଜିଲ୍ଲାରେ ବର୍ତ୍ତମାନ କେତୋଟି NGO କାର୍ଯ୍ୟରତ ଅଛନ୍ତି ଏବଂ ସେଥିମଧ୍ୟରୁ କେତୋଟି ଓଡ଼ିଶାରେ ପଞ୍ଜୀକୃତ ଓ କେତୋଟି ଓଡ଼ିଶା ବାହାରେ ପଞ୍ଜୀକୃତ, ଉକ୍ତ NGOମାନେ ଭଦ୍ରକ ଜିଲ୍ଲାର କେଉଁ କେଉଁ ବ୍ଲକ/ଅଞ୍ଚଳରେ କେଉଁ କେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ତାହାର ବିବରଣୀ ପ୍ରଦାନ କରିବେ କି, (ଖ) ଭଦ୍ରକ ଜିଲ୍ଲାରେ NGOମାନଙ୍କ ଦ୍ୱାରା ସରକାରୀ ଅନୁଦାନ, CSR ଅର୍ଥ କିମ୍ବା ଅନ୍ୟାନ୍ୟ ସରକାରୀ ସହାୟତା ଗ୍ରହଣ କରାଯାଇଥିଲେ, ଗତ ତିନି ଆର୍ଥିକ ବର୍ଷରେ କେଉଁ NGOକୁ କେତେ ଅର୍ଥ, କେଉଁ ଯୋଜନା/ପ୍ରକଳ୍ପ ପାଇଁ ଦିଆଯାଇଛି ଏବଂ ତାହାର ବ୍ୟବହାରିତା ଓ ଅଡିଟ୍ ସ୍ଥିତି କଣ; NGOମାନଙ୍କର ପଞ୍ଜୀକରଣର ବୈଧତା, ଆର୍ଥିକ ସ୍ୱଚ୍ଛତା, ଅନୁଦାନର ସଠିକ୍ ବ୍ୟବହାର ଓ ଜନସାଧାରଣଙ୍କ ପାଇଁ କରାଯାଉଥିବା କାର୍ଯ୍ୟର ଗୁଣବତ୍ତା ନିରୀକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କେଉଁ monitoring mechanism ରହିଛି ଏବଂ ଭବିଷ୍ୟତରେ ଏହାକୁ ଅଧିକ ସ୍ୱଚ୍ଛ ଓ ଦାୟିତ୍ୱଶୀଳ କରିବା ପାଇଁ କଣ ପଦକ୍ଷେପ ନିଆଯିବ ?

----

## ସୀମା ବିବାଦର ସମସ୍ୟାର ସମାଧାନ

750 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାର କେଉଁ କେଉଁ ପଡୋଶୀ ରାଜ୍ୟ ସହ ସୀମା ବିବାଦ ରହିଛି, ଏବଂ କେନ୍ଦ୍ର କରି କେଉଁ କେଉଁ ଅଦାଲତରେ ଓଡିଶା ସରକାର ମାମଲା ଲଢୁଛନ୍ତି, ସୀମା ବୀବାଦର ସମାଧାନ ଲାଗି କଣ ପଦକ୍ଷେପ ନିଆଯାଉଛି ?

----

## ବନ୍ୟା ନିୟନ୍ତ୍ରଣ ଯୋଜନା କାର୍ଯ୍ୟକାରୀ

751 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବର୍ଷ ବନ୍ୟା ପ୍ରଭାବିତ ଦେଖି ଭବିଷ୍ୟତରେ ଏବର୍ଷ ଅଧିକ ବନ୍ୟା ସୃଷ୍ଟି କରିଥିବା ନଦୀ ଗୁଡିକ ସକାଶେ ଆଗାମୀଦିନ ପାଇଁ ସ୍ୱତନ୍ତ୍ର ବନ୍ୟା ନିୟନ୍ତ୍ରଣ ଯୋଜନା କରିବା ଆବଶ୍ୟକ ପଡୁଛି ବୋଲି ସରକାର ଅନୁଭବ କରୁଛନ୍ତି କି, ଏବଂ ଉତ୍ତର ହଁ ହୋଇଥିଲେ ଏ ସମ୍ପର୍କରେ କଣ ଯୋଜନା କରାଯାଉଛି ?

----

## ବ୍ରାହ୍ମଣୀ ନଦୀର ବନ୍ୟାର ସ୍ଥାୟୀ ସମାଧାନ

752 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବ୍ରାହ୍ମଣୀ ନଦୀର ବନ୍ୟା ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ନିକଟରେ Brahmani Escape (ମଦନପୁର କଟ) ଯୋଜନା ସରକାରଙ୍କ ପକ୍ଷରୁ କରାଯାଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନଥିବା ସରକାରଙ୍କ ଦୃଷ୍ଟିକୁ ଆସିଛିକି, ଏହି ଯୋଜନା ନିମିତ୍ତ ଜମି ଅଧିଗ୍ରହଣ ହୋଇ ସାରିଥିଲେ ମଧ୍ୟ ଏହା ଆଉ ଆଗକୁ ନ ବଢିବାର କାରଣ କଣ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଚିନ୍ତା କରୁଛନ୍ତି କି, ଯଦି ହଁ ତେବେ ଏଥି ପାଇଁ ସରକାରଙ୍କ ପକ୍ଷରୁ କଣ ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପଦ୍ମତୋଳା ନାଳର ପୁନଃଉଦ୍ଧାର

753 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁର ବ୍ଲକର ଚିଡିପୁଡି ଘାଇ ଓ ପଦ୍ମତୋଳା ନାଳ ବହୁବର୍ଷ ଧରି ମରାମତି ଅଭାବରୁ ଅବହେଳିତ ହୋଇ ପଡିରହିଛି ; ଏ ଦୁଇଟି ପ୍ରକଳ୍ପର ଉଚ୍ଚସ୍ତରୀୟ ସର୍ଭେ କମିଟି ଦ୍ଵାରା କରି ଏହାର ପୁନଃରୁଦ୍ଧାର ସହିତ ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟକଲେ ଏ ଅଞ୍ଚଳର ବହୁ ଚାଷୀ ମାନଙ୍କର ଜଳସେଚନରେ କାର୍ଯ୍ୟକ୍ଷମ ହୋଇପାରିବ ଓ ଏସବୁର ସମାଧାନ କରିବେ କି?

----

## ବାଢେଇଘାଟି ଓ ମର୍ଚ୍ଛନାଳ ଗୁଡିକର ନିର୍ମାଣ କାର୍ଯ୍ୟ

754 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁର ଜାମୁନାଳ ଓ ଚିକିଟି ବ୍ଲକର ବାଢେଇଘାଟି ନାଳ ଓ ମର୍ଚ୍ଛନାଳ ଗୁଡିକର ନୂତନ ନିର୍ମାଣ କାର୍ଯ୍ୟ କଲେ ଏସବୁ ଅଞ୍ଚଳର ଜଳସେଚନ କ୍ଷେତ୍ରରେ ବହୁତ ଉପଯୋଗୀ ହୋଇପାରିବ ; ତେଣୁ ଏଗୁଡିକର ନିର୍ମାଣ କାର୍ଯ୍ୟ କରିବାର ବ୍ୟବସ୍ଥା କରିବେ କି?

----

## ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ

755 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଚଳିତ ବର୍ଷ ବନ୍ୟାରେ କେଉଁ କେଉଁ ଜିଲ୍ଲାରେ କେତେ ପରିବାର ଘର ଚାଷ ଜମି ପ୍ରଭାବିତ ହୋଇଛି ଓ ସେସବୁର କ୍ଷତିପୂରଣ ସହାୟତା ବାବଦକୁ ସରକାର କଣ ସହଯୋଗ କରିଛନ୍ତି, ସେହିପରି ରିଲିଫ୍ ବଣ୍ଟନରେ ସରକାର ରିଲିଫ୍ ସାମଗ୍ରୀ ଭାବେ ପାଣି ଘେରରେ ରହୁଥିବା ଲୋକମାନଙ୍କୁ କଣ କଣ ଦେଇଥାନ୍ତି, କେତେ ଲୋକକୁ କେତେ ଦିନ ପାଇଁ ରନ୍ଧା ଖାଦ୍ୟ ଦେଇଛନ୍ତି, କେତେ ଜଣଙ୍କୁ ପଲିଥିନ୍ ଦେଇଛନ୍ତି ?

----

## Daungia MIP Project ମରାମତି କାର୍ଯ୍ୟ

756 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାଲିଗୁଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେ ନୁଆଗାଁ ବ୍ଲକରେ ଥିବା ଡାଉଙ୍ଗିଆ (Daungia) MIP ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ତାର ସମ୍ପୂର୍ଣ୍ଣ Repairing କେବେ ହେବ, ସରକାର ଏହାର ପୁନରୁଦ୍ଧାର କରି ଚାଷ ଜମିକୁ ପାଣି ମଡାଇବାରେ ସହଯୋଗ କରିବାକୁ ପଦକ୍ଷେପ ନେବେ କି ?

----

## ଜମିର କିସମ ପରିବର୍ତ୍ତନ

757 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଅଧୁନା କେତେ କିସମର ଜମି ଅଛି ଓ କେଉଁ କେଉଁ କିସମର ଜମିକୁ ବଦଳାଇ ଅନ୍ୟାନ୍ୟ କାମରେ ବ୍ୟବହାର କରାଯାଉଛି ତାର ବିସ୍ତୃତ ବିବରଣୀ ଦେବା ସହ କେଉଁ କିସମର ଜମି କେତେ ପରିମାଣରେ ଅଛି ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ) ରାଜ୍ୟରେ ଘଟୁଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ଆଗୁଆ ସୂଚନା ପ୍ରଦାନ କରିବ, ଗୋଷ୍ଠୀ ସହଯୋଗାଣରେ ବିପର୍ଯ୍ୟୟ ପରିଚାଳନା କରିବା ଏବଂ ଜରୁରୀ ପ୍ରତିକ୍ରିୟା ସମ୍ପର୍କରେ ମୁକାବିଲା କରି Zero casualty ପାଇଁ ସରକାର କେତେ ପ୍ରସ୍ତୁତ ଅଛନ୍ତି ?

----

## ନଦୀର ବଳକା ଜଳକୁ ଅଟକାଇ ଡ୍ୟାମ ନିର୍ମାଣ

758 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଭିନ୍ନ ନଦୀର ଜଳ ବର୍ଷା ଦିନେ ସମୁଦ୍ରକୁ ବୋହିଯାଉଥିବାରୁ ସେସବୁ ଜଳକୁ ଅଟକାଇ ରଖାଯାଇପାରିବ ସେଥିପାଇଁ କେଉଁ ନଦୀରେ କେତୋଟି ନୂତନ ଡ୍ୟାମ, ନିର୍ମାଣର ଆବଶ୍ୟକତା ଅଛି ଓ ସେଥିପାଇଁ କେତେ ଅର୍ଥର ଆବଶ୍ୟକତା ଅଛି, ସେହିପରି ପୁରୁଣା ବନ୍ଧ ଗୁଡିକର ରକ୍ଷଣାବେକ୍ଷଣ, ମରାମତି, ଫାଟକ ବିହୀନ ଡ୍ୟାମରେ ଫାଟକ ଲଗାଇବା ପାଇଁ କେତୋଟି ଜଳସେଚନ ପ୍ରକଳ୍ପରେ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି ?

----

## MMDR ସଂଶୋଧିତ ଦ୍ୱାରା ଲାଭ/କ୍ଷତି

759 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- MMDR ସଂଶୋଧିତ ବିଲ ୨୦୨୬ କେନ୍ଦ୍ର ସରକାର ପାଶ୍ କରିଥିବାରୁ ଓଡ଼ିଶାର କ୍ଷତି ନା ଲାଭ ହେବ ସରକାର ଜଣାଇବା ସହ ଯଦି ଲାଭ ହେଉଛି ତେବେ କି ପ୍ରକାର ଲାଭ କେତେ ପରିମାଣରେ ଲାଭ ହେଉଛି, ଯଦି କ୍ଷତି ହେଉଛି ତେବେ କେତେ ପରିମାଣରେ କ୍ଷତି ହେଉଛି, ରାଜ୍ୟ ସ୍ୱାର୍ଥ ପାଇଁ କଣ କରିହେବ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ବାଙ୍କୀ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ

760 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଚଳିତ ବର୍ଷ ବନ୍ୟାରେ ବାଙ୍କୀ ନିର୍ବାଚନ ମଣ୍ଡଳୀର କେଉଁଠାରେ ଘାଇ ହୋଇ ଅଥବା ଉଦବୃତ୍ତ ଜଳ ପ୍ରବାହ ଯୋଗୁଁ କେତେ ଗୋଟି ଗ୍ରାମ କ୍ଷତିଗ୍ରସ୍ତ ହୋଇଛି ପ୍ରକାଶ କରି ଚଳିତ ବନ୍ୟା ସ୍ଥିତିକୁ ଅନୁଧ୍ୟାନ କରି ବାଙ୍କୀରେ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସକିମ କିସମର ଜମିକୁ ସରକାରୀ ଖାତାକୁ ନେବା

761 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଘରବାରୀ କିସମଥିବା କୌଣସି ଜମିର ସତ୍ତ୍ୱ ପଟ୍ଟାଦାରଥିଲେ ତାକୁ ସ୍ଥିତିବାନ କରାଇବା ପାଇଁ ସରକାରଙ୍କ କୌଣସି ବ୍ୟବସ୍ଥା ଅଛି କି, ଯଦି ଥାଏ କେଉଁ ଆଇନ ବଳରେ ତାହାର ସ୍ୱତ୍ୱକୁ ସ୍ଥିତିବାନ କରାଯାଇପାରିବ ଏବଂ ଯଦି ନଥାଏ ତେବେ ସେ ଜମି କେଉଁ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ; (ଖ) ସିକିମ କିସମର ଥିବା ଜମିକୁ ସରକାରୀ ଖାତାକୁ ନେବାପାଇଁ କୌଣସି ବ୍ୟବସ୍ଥା ଅଛି କି, ଯଦି ଥାଏ କେଉଁ ଆଇନ ବଳରେ ସରକାରୀ ଖାତାକୁ ଯାଇପାରିବ ?

----

## ଜଳ ପ୍ରବାହର ସୁଗମ ବ୍ୟବସ୍ଥା

762 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷର ପ୍ରବଳ ବର୍ଷା ସମୟରେ ଭୁବନେଶ୍ୱର ଚତୁଃପାର୍ଶରେ ଓ ମଧ୍ୟ ଦେଇ ଯାଇଥିବା ପ୍ରାକୃତିକ ଝରଣାର ଗତିପଥ ଅବରୋଧ ଯୋଗୁଁ ନନ୍ଦନକାନନ ଚତୁଃପାର୍ଶ ସହ ଦାରୁଠେଙ୍ଗ ଅଳସୁଆ ଗ୍ରାମ ସହିତ କପିଳପ୍ରସାଦ ଜଟଣୀ ରାସ୍ତାର ଉଭୟ ଅଂଚଳ ଜଳବନ୍ଦୀ ହୋଇ ଜନଜୀବନ ବିପର୍ଯ୍ୟସ୍ତ ହୋଇଥିବା ସଂପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଚନ୍ଦକା ଜଙ୍ଗଲ ଓ ଉପର ଭାଗରୁ ବହି ଆସିଥିବା ପ୍ରାକୃତିକ ଝରଣାଗୁଡ଼ିକୁ ଅବରୋଧମୁକ୍ତ କରି ଏହାର ଶଯ୍ୟା ଖନନ କରି ଏହା ମାଧ୍ୟମରେ ଜଳ ପ୍ରବାହର ସୁଗମ ବ୍ୟବସ୍ଥା କରିବା ସହିତ ରାଜଧାନୀ ଭୁବନେଶ୍ୱରକୁ ଜଳବନ୍ଦୀ ଯନ୍ତ୍ରଣାରୁ ମୁକ୍ତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଚାଷ ଜମିର କିସମ ପରିବର୍ତ୍ତନ

763 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର, ଜଟଣୀ, ଖୋର୍ଦ୍ଧା, ବେଗୁନିଆ, ବାଲିଅନ୍ତା, ବାଲିପାଟଣା, ବାରଙ୍ଗ ତହସିଲ ଅଂଚଳରେ ବ୍ୟାପକଭାବେ ଚାଷ ଜମିର ଗୃହ ନିର୍ମାଣ ଯୋଗୁଁ ପଛପାଖରେ ଥିବା ଚାଷଜମି ଅବରୋଧ ହେଉଥିବା ଓ ଚାଷୀମାନେ ତାଙ୍କ ଜମିକୁ ହଳ ନେଇ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ ଚାଷ ଜମି କିସମ ପରିବର୍ତ୍ତନ ସମୟରେ ପଛପାଖ ଜମିକୁ ବାଟ ବ୍ୟବସ୍ଥା, ଜଳସେଚନ, ଜଳନିଷ୍କାସନ ଓ ପାର୍ଶ୍ୱଜମିର ମୌଳିକତା ରକ୍ଷା ପ୍ରତି ଦୃଷ୍ଟି ଦେଇ ଏହି ନିୟମ କଡ଼ାକଡ଼ି ପାଳନ କରିବାକୁ ବ୍ୟବସ୍ଥା କରିବେକି ଏବଂ ଯେଉଁ ଚାଷ ଜମି ଅବରୋଧ ହୋଇଛି ଖୋର୍ଦ୍ଧା ADMଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଦ୍ୱାରା ଉପଯୁକ୍ତ ତଦନ୍ତ କରି ଚାଷୀଙ୍କ ଜମିକୁ ବାଟ ବ୍ୟବସ୍ଥା କରିବା ସହ ଭବିଷ୍ୟତରେ ଯେପରି କୌଣସି ଚାଷ ଜମି ଅବରୋଧ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ବ୍ୟବସ୍ଥା କରିବେକି?

----

## ବର୍ଷା ଓ ବନ୍ୟାରେ ଫସଲ ହାନୀ ଯୋଗୁଁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ

764 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ପ୍ରବଳ ବର୍ଷା ଓ ବନ୍ୟାରେ କେଉଁ ଜିଲ୍ଲାର କେତେ ପରିମାଣ ଜମିରେ ଧାନ, ପନିପରିବା ଫସଲ ନଷ୍ଟ ହୋଇଛି ପ୍ରକାଶ କରି ଫସଲହାନୀ ପାଇଁ ଚାଷୀଙ୍କୁ ସେମାନଙ୍କ ଖର୍ଚ୍ଚ ଅନୁଯାୟୀ କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସୁବର୍ଣ୍ଣରେଖା ନଦୀର ବନ୍ୟା ନିୟନ୍ତ୍ରଣ ପାଇଁ ସ୍ପର ନିର୍ମାଣ

765 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଭୋଗରାଇ ବ୍ଲକ ଅଧିନସ୍ଥ ସୁବର୍ଣ୍ଣରେଖା ନଦୀର ବନ୍ୟା ନିୟନ୍ତ୍ରଣ ପାଇଁ କେତୋଟି ସ୍ପର ନିର୍ମାଣ ହୋଇଛି ସେଥିମଧ୍ୟରୁ କେତୋଟି ସ୍ପରର ମରାମତିର ଆବଶ୍ୟକତା ରହିଛି, ଏବଂ ନଦୀ କୂଳରେ ଆଉ କେତୋଟି ନୂତନ ସ୍ପର ନିର୍ମାଣ ପାଇଁ ପ୍ରସ୍ତାବ ରହିଛି, ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ନିକଟରେ କିଛି ସର୍ଭେ କରିଛନ୍ତି କି, ଯଦି କରିଛନ୍ତି କେତେ ସମୟସୀମା ମଧ୍ୟରେ ସୁବର୍ଣ୍ଣରେଖାରେ ପ୍ରସ୍ତାବିତ ସ୍ପର ନିର୍ମାଣ କରିବାକୁ ଧାର୍ଯ୍ୟ କରାଯାଇଛି?

----

## ଜିଲ୍ଲା ଯୋଜନା ବୋର୍ଡ କମିଟି ଦ୍ୱାରା ପ୍ରକଳ୍ପ କାର୍ଯ୍ୟ

766 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ କମିଟି ଗଠନ ସରିଥିଲେ ମଧ୍ୟ ବିଭିନ୍ନ ନିର୍ବାଚନମଣ୍ଡଳୀରେ କମିଟି ଜରିଆରେ କିଛି ବିକାଶମୂଳକ କାର୍ଯ୍ୟ ଆରମ୍ଭ ହେଲାଣି କି, ଜିଲ୍ଲାର କେଉଁ ନିର୍ବାଚନମଣ୍ଡୀରେ କେତୋଟି ବିକାଶମୂଳକ ପ୍ରକଳ୍ପ ପାଇଁ ଜିଲ୍ଲା ଯୋଜନା ବୋର୍ଡ କମିଟି କେତେ ଟଙ୍କା ମଂଜୁର କରିଛନ୍ତି, କେତୋଟି ପ୍ରକଳ୍ପର ପ୍ରସ୍ତାବ ଆସିଛି ଏବଂ ଏଯାଏଁ କେତୋଟି କାର୍ଯ୍ୟକାରୀ ହୋଇଛି, (ଖ) ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ କମିଟି ଭଳି ରାଜ୍ୟରେ ଥିବା ବିଭିନ୍ନ ଜିଲ୍ଲା କମିଟି ଜରିଆରେ ଏଯାଏଁ କେତେ ଟଙ୍କା ମଂଜୁର ହୋଇଛି ଏବଂ କେତେ ଟଙ୍କା ଖର୍ଚ୍ଚ ହୋଇଛି?

----

## ବନ୍ୟାର ସ୍ଥାୟୀ ପ୍ରତିକାର

767 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- (କ) ବନ୍ୟା ଦାଉରୁ ବର୍ତିବା ନିମନ୍ତେ ୨୦୧୩ ରୁ ୨୦୨୩ ମଧ୍ୟରେ ଯାଜପୁର ଜିଲ୍ଲାର କେଉଁ ନଦୀବନ୍ଧ ଗୁଡ଼ିକର ମରାମତି ଓ ସୁଦୃଢ଼ୀ କରଣ ବାବଦରେ କେତେ ଅର୍ଥ ମଞ୍ଜୁର ତଥା ଖର୍ଚ୍ଚ କରାଯାଇଛି; ତାହାର ତଥ୍ୟ ଜଳସଂପଦ ଡିଭିଜନ ଭିତ୍ତିକ ବିବରଣୀ ପ୍ରଦାନ କରିବେ କି ; (ଖ) ବନ୍ୟାର ସ୍ଥାୟୀ ପ୍ରତିକାର ନିମନ୍ତେ ନଦୀର ଯେଉଁ ଅଞ୍ଚଳରେ ବନ୍ଧ ନାହିଁ ସେହି ସ୍ଥାନରେ ସ୍ଥାୟୀ ନଦୀବନ୍ଧ ନିର୍ମାଣ କରିବା ପାଇଁ ସରକାରଙ୍କର ଯୋଜନା ଅଛି କି ; ଯଦି ହଁ ତେବେ ଏ ସଂପର୍କରେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି କି ?

----

### ଜନଜାତି ପରିବାରଙ୍କୁ FRA ବଳରେ ଜମି ପଟ୍ଟା ପ୍ରଦାନ

768 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- 2024 ଜୁନରୁ ଆଜିଯାଏଁ ରାଜ୍ୟର କେତେ ଅନୁସୂଚିତ ଜନଜାତି ପରିବାରଙ୍କୁ FRA ବଳରେ ଜମିପଟ୍ଟା ପ୍ରଦାନ ହୋଇଛି, ତାହର ତଥ୍ୟ ବ୍ଲକ ୱାରୀ ପ୍ରଦାନ କରିବେ କି ; ବସୁନ୍ଧରା ଯୋଜନାରେ 2024 ଜୁନରୁ ଆଜିଯାଏଁ ରାଜ୍ୟର କେତେ ପରିବାରଙ୍କୁ ଜମିପଟ୍ଟା ପ୍ରଦାନ ହୋଇଛି, ତାହର ତଥ୍ୟ ବ୍ଲକୱାରୀ ପ୍ରଦାନ କରିବେ କି ?

----

### ଚଣ୍ଡିଖୋଲଠାରେ "ଅଟଳ ବସ ଷ୍ଟାଣ୍ଡ "

769 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବସ୍ ଯାତ୍ରାକୁ ବ୍ୟବସ୍ଥିତ କରିବା ପାଇଁ ଚଣ୍ଡିଖୋଲ ଠାରେ ଏକ "ଅଟଳ ବସ୍ ଷ୍ଟାଣ୍ଡ" ନିର୍ମାଣ କରିବାକୁ ନିଷ୍ପତ୍ତି ହେଲା, ସରକାରଙ୍କ 2 ବର୍ଷ ପୂର୍ତ୍ତି ଅବସରରେ ଅର୍ଥାତ 4 ଜୁନ 2026ରେ ପ୍ରାୟ 26 କୋଟି 59ଲକ୍ଷ ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡ ନିର୍ମାଣ ହେବାର ବିଜ୍ଞପ୍ତି ପ୍ରକାଶ ପାଇଲା କିନ୍ତୁ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଓ ୱେଲଫେୟାର କର୍ପୋରେସନ୍ ଦ୍ୱାରା ଆହୂତ ସେହି ଟେଣ୍ଡର ପ୍ରକ୍ରିୟାକୁ ବାତିଲ କରାଯାଇଛି ସେହି ଟେଣ୍ଡର ବାତିଲର କାରଣ କଣ ଏବଂ ଚଣ୍ଡିଖୋଲରେ କେବେ ସୁଦ୍ଧା ଏକ ଭବ୍ୟ 'ଅଟଳ ବସ୍ ଷ୍ଟାଣ୍ଡ' ନିର୍ମାଣ ହେବ?

----

### ଗୋବରୀ ନଦୀର ପୁନରୁଦ୍ଧାର

770 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- ଗୋବରୀ ନଦୀର ପୁନରୁଦ୍ଧାର ପାଇଁ କେନ୍ଦ୍ରାପଡ଼ା ସର୍କିଟ ହାଉସଠାରେ ମାନ୍ୟବର ବିଧାୟକମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ନିକଟରେ ଦାବି ଜଣାଇଥିବା ସତ୍ୟ କି, ଯଦି ହଁ, ତେବେ ଏଥି ନିମନ୍ତେ ବର୍ତ୍ତମାନ ସୁଦ୍ଧା କି କି ପଦକ୍ଷେପମାନ ନିଆଯାଇଅଛି ?

----

### MMDR ଆଇନ ଲାଗୁ

771 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- MMDR ସଂଶୋଧନ ଆଇନ ମାମଲାରେ ଓ ରାଜ୍ୟମାନଙ୍କୁ ବକେୟା ଦେୟ ପୈଠ କରିବା ସମ୍ପର୍କରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କଠାରେ ଓଡ଼ିଶାର ଆଡ଼ଭୋକେଟ ଜେନେରାଲ କି କି ମତ ରଖିଥିଲେ ?

----

**Amendment of MMDR Act.**

772 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ః**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- Has the govt made any assessment with regard to its impact on mining revenue following amendments of MMDR Act., 2026; If yes, the details thereof ?

----

## ଖଣି ଅଞ୍ଚଳର ଜନବସତିକୁ ମୌଳିକ ସୁବିଧା

773 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ః**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- (କ) ବିଭିନ୍ନ ଖଣି ଅଞ୍ଚଳର ଚତୁର୍ପାର୍ଶ୍ୱରେ ଥିବା ଜନ ବସତି ମଧ୍ୟରୁ କେଉଁ ଅଞ୍ଚଳକୁ ଖଣି ଖନନ ଜନୀତ ପ୍ରଭାବିତ ଅଞ୍ଚଳ ବୋଲି ବିଚାରକୁ ନିଆଯାଇ ଥାଏ; (ଖ) ସେହି ଆଧାରରେ, ରାଜ୍ୟର ବିଭିନ୍ନ ଖଣି ପ୍ରଭାବିତ ପଞ୍ଚାୟତ/ ଗାଁର ଏକ ତାଲିକା ପ୍ରଦାନ କରିବେ କି; ଉକ୍ତ ଅଞ୍ଚଳରେ ଲୋକଙ୍କୁ କେଉଁ କେଉଁ ମୌଳିକ ସୁବିଧା ଯୋଗାଇ ଦିଆଯାଉଛି ?

----

## ସରକାରୀ ଜମି ଜବର ଦଖଲ ମୁକ୍ତ

774 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ః**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିః- ସରକାରୀ ଜମିକୁ ଲୋକଙ୍କ ଦଖଲ/ କବଜାରୁ ମୁକ୍ତ କରିବାକୁ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି, ସେଥିଯୋଗୁଁ ଆଜିର ଦିନରେ କେତେ ଜମିକୁ ମୁକ୍ତ କରାଯାଇଛି ଏବଂ ଆଉ କେତେ ଜମି ମୁକ୍ତ କରାଯାଇ ପାରି ନାହିଁ, (କ) କେତେକ ସ୍ଥାନରେ ଦେଖିବାକୁ ମିଳେ ଯେ କିଛି ଲୋକ ଜଙ୍ଗଲ ନଥିବା ଜଙ୍ଗଲ କିସମର ଜମିକୁ ନିଜ ଅକ୍ତିଆରକୁ ନେଇ, ସେଥିରେ ଚାଷ କରୁଛନ୍ତି ଅବା ଘର ନିର୍ମାଣ କରିଛନ୍ତି, ଏହା ସରକାରଙ୍କ ଦୃଷ୍ଟିକୁ ଆସିଛି କି; ଯଦି ହଁ, ଏହାର ଏକ ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ୱାରି ବିବରଣୀ ପ୍ରଦାନ କରିବେ କି; (ଖ) ଏ ପ୍ରକାରର ଜମିକୁ ମୁକ୍ତ କରିବା ଦିଗରେ ସରକାର କି ପଦକ୍ଷେପ ନେଇଛନ୍ତି, ଇତିମଧ୍ୟରେ ସେପରି କୌଣସି ଜମିକୁ ସରକାର ମୁକ୍ତ କରିଛନ୍ତି କି; ଯଦି ହଁ, ତା'ର ଏକ ପଞ୍ଚାୟତ, ବ୍ଲକ୍ ଓ ଜିଲ୍ଲା ୱାରି ବିବରଣୀ ପ୍ରଦାନ କରିବେ କି?

----

## ନଦୀ ବନ୍ଧ ଗୁଡ଼ିକ ପଥର ପ୍ୟାକିଂ କରିବା

775 **ଶ୍ରୀ ସନାତନ ବିଜୁଳି (ବଡସାହି)ః**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବାରମ୍ବାର ଲଗାଣ ବନ୍ୟା ଯୋଗୁଁ ବୁଢ଼ାବଳଙ୍ଗ, ଗଙ୍ଗାହାର ଆଦି ନଦୀରେ ନଦୀ ବନ୍ଧ ଗୁଡ଼ିକ ନଷ୍ଟ ହୋଇଯାଇଛି ଯଥା:- ପାଟଳିପୁରା ନାଖରା Bridge ପାଖ, ବେଲପାଳ, ମାଙ୍କଡ଼କେନ୍ଦା, ବାଘୁଆପାଳ ସିଂଟିଆ, ପ୍ରତାପପୁର, ଖୁଣ୍ଟାପାଳ କୁଞ୍ଚିବଣିଆଠାରେ ପଥର ପ୍ୟାକିଂ ହେବାର ସୂଚନା ଅଛି କି; ଯଦି ହଁ କେବେ ସୁଦ୍ଧା ଆରମ୍ଭ କରି କେବେ ସୁଦ୍ଧା ଶେଷ ହେବ ଜଣାଇବେ କି ?

----

## ବନ୍ୟା ନିୟନ୍ତ୍ରଣ ପାଇଁ ପଦକ୍ଷେପ

776 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବାରମ୍ବାର ଲଗାଣ ବନ୍ୟାକୁ ଆଖି ଆଗରେ ରଖି ଭବିଷ୍ୟତରେ ବନ୍ୟାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପାଇଁ ପାଟଳିପୁରା ମାନଗୋବିନ୍ଦପୁର ଶାଳଗାଁରେ ଏକ ଅତ୍ୟାଧୁନିକ ପ୍ରଣାଳୀରେ Link Road କରି ସେଥିରେ ଭିମଦା, ପଟିସାରୀକୁ ସଂଯୋଗ କରିବାର ସୂଚନା ଅଛି ଏବଂ ନୂତନ କିଛି ବ୍ୟବସ୍ଥା ଅଛି କି ଜଣାଇବେ କି; ଏହାଦ୍ୱାରା ବନ୍ୟାକୁ ନିୟନ୍ତ୍ରଣ ହେବା ସଙ୍ଗେ ସଙ୍ଗେ ହଜାର ହଜାର ଲୋକ ଉପକୃତ ହେବେ ?

----

## ବନ୍ୟା ଓ ଲଗାଣ ବର୍ଷାରେ ରନ୍ଧା ଖାଦ୍ୟ ବଣ୍ଟନ

777 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡସାହି ନିର୍ବାଚନ ମଣ୍ଡଳୀର ବଡସାହି ଏବଂ ବେତନଟୀ ବ୍ଲକର ବାରମ୍ବାର ଲଗାଣ ବର୍ଷା ଯୋଗୁଁ ବନ୍ୟାରେ କେଉଁ କେଉଁ ଜାଗାରେ କେତେ ଟଙ୍କାରେ ରନ୍ଧା ଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଏବଂ ଦୁଇଟି ବ୍ଲକରେ ସମୁଦାୟ କେତେ ଟଙ୍କା ବନ୍ୟା ଯୋଗୁଁ ଖର୍ଚ୍ଚ ହୋଇଛି ?

----

## Bauxite ଖଣି ନିଲାମ

778 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2024-25 ମସିହାରେ ରାଜ୍ୟରେ ମହଜୁଦ ଥିବା କେଉଁ କେଉଁ Bauxite ଖଣି ପାଇଁ ନିଲାମ ହୋଇଥିଲା ?

----

## ମହାନଦୀ ଜଳ ସମସ୍ୟାର ସମାଧାନ

779 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମହାନଦୀର ଜଳ ସମସ୍ୟା ନେଇ ଛତିଶଗଡ ଓ ଓଡିଶା ସରକାରଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି କି, କେତେ ତାରିଖରେ ତାହା ଅନୁଷ୍ଠିତ ହୋଇଥିଲା ଏବଂ ଓଡିଶା ସରକାରଙ୍କ ପକ୍ଷରୁ କେଉଁ କେଉଁ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ନିଜର ଯୁକ୍ତି ଉପସ୍ଥାପନା କରିଥିଲେ ?

----

## ଶିଳ୍ପ ସଂସ୍ଥାଠାରୁ ବକେୟା ଜଳ କର ଆଦାୟ

780 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ ଶିଳ୍ପସଂସ୍ଥାଗୁଡିକ କେଉଁ କେଉଁ ନଦୀରୁ କେତେ ଜଳ ବ୍ୟବହାର କରୁଛନ୍ତି, ଏ ବାବଦକୁ କେତେ ଜଳକର ବର୍ଷକୁ ପଇଠ କରୁଛନ୍ତି, ତାର ତଥ୍ୟ ସମ୍ବଳିତ ବିବରଣୀ ଦେବେ କି, (ଖ) କେଉଁ ଶିଳ୍ପ ସଂସ୍ଥା 'ଜଳକର' ପଇଠ କରିନାହାଁନ୍ତି, କେତେ ବକେୟା ଅଛି ଓ ବକେୟା ଜଳ କର ଆଦାୟ ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ଓ ଅଭ୍ୟାସଗତ ଖିଲାପଧାରୀମାନଙ୍କ ବିରୁଦ୍ଧରେ ଜଳ ସଂଯୋଗ କାଟିବା ସହ ଅପରାଧିକ ମାମଲା ରଜୁ କରିବାକୁ ସରକାର ପଦକ୍ଷେପ ନେବେ କି ?

----

## Guideline for allotment MLA/MP LAD

781 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Is there any provision/restriction in the guidelines for allotment of funds from MLA LAD and MP LAD to private organisation run school for the construction of additional class rooms, school building, if so, will the Government furnish a copy of MPLAD and MLA LAD guidelines indicating the provision or restriction ?

----

## ନିର୍ମାଣଧିନ ପ୍ରକଳ୍ପର ସ୍ଥିତି

782 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2023-24 ବର୍ଷରେ ରାଜ୍ୟରେ କେତେ ଓ କେଉଁ ଜଳସେଚନ ପ୍ରକଳ୍ପ ନିର୍ମାଣାଧିନ ଥିଲା, ନିର୍ମାଣାଧିନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ କେତେ ଜଳସେଚନ ସାମର୍ଥ୍ୟ ସୃଷ୍ଟି ହେବାର ଆକଳନ ହୋଇଥିଲା, ନିର୍ମାଣାଧିନ ପ୍ରକଳ୍ପଗୁଡିକର ସ୍ଥିତି କଣ ?

----

## ପାରାଦ୍ୱୀପ ବନ୍ଦରରୁ ଜାହାଜ ବୁଡି ସମସ୍ୟାର ସମାଧାନ

783 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଅଗଷ୍ଟ ମାସରେ ପାରାଦ୍ୱୀପ ବନ୍ଦରରୁ ଏକ ପଣ୍ୟ ବୋଝେଇ ପୋତ (ଜାହାଜ) କିଛି ବାଟ ଗଲା ପରେ ବୁଡି ଯିବାର ଖବର ସରକାରଙ୍କ ପାଖରେ ଅଛି କି, ଜାହାଜ ବୁଡିବାର କାରଣ କଣ; ସେଥିପାଇଁ ଦାୟୀ କିଏ ଉକ୍ତ ଜାହାଜରେ କେଉଁ ସଂସ୍ଥାର କେଉଁ ପ୍ରକାରର ଓ କେତେ ପରିମାଣର ସାମଗ୍ରୀ ପରିବହନ ହେଉଥିଲା କହିବେ କି ?

----

## MMDR Act 2026 ସଂଶୋଧନ ଦ୍ୱାରା ଖଣି ପ୍ରବାହ

784 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ର ସରକାରଙ୍କର ନୂତନ MMDR Act, 2026 ସଂଶୋଧନ ଯୋଗୁଁ ଓଡିଶା କେତେ ଟଙ୍କାର ଖଣି ଟିକସ ବକେୟା ଏବଂ ରାଜସ୍ୱ ହରାଇବାକୁ ଯାଉଛି, ସେ ନେଇ ରାଜ୍ୟ ସରକାର କୌଣସି ଆକଳନ କରିଛନ୍ତି କି, ଏହି ଆଇନ ଦ୍ୱାରା 2005 ରୁ 2024 ମଧ୍ୟରେ ଖଣି କମ୍ପାନୀ ମାନଙ୍କଠାରୁ ଆଦାୟ ହେବାକୁ ଥିବା କେତେ କୋଟି ଟଙ୍କାର ବକେୟା ରାଜ୍ୟ ହରାଇବ ଏବଂ ବାର୍ଷିକ କେତେ ରାଜସ୍ୱ କ୍ଷତି ହେବ, ରାଜ୍ୟର ଆର୍ଥିକ ସହାୟତା ରକ୍ଷା କରିବା ଏବଂ ଏହି ବଡ କ୍ଷତିର ଭରଣା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିବାକୁ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ନେରେଡି ବ୍ୟାରେଜ ନିର୍ମାଣ ଦ୍ୱାରା ଚାଷଜମି ଓ ଜନବସତି କ୍ଷତିଗ୍ରସ୍ତ

785 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ବଂଶଧାରା ନଦୀ ଉପରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପ୍ରସ୍ତାବିତ ନେରେଡ଼ି ବ୍ୟାରେଜ୍ ନିର୍ମାଣ ନିମନ୍ତେ ଓଡ଼ିଶାର ଗଜପତି ଓ ରାୟଗଡ଼ା ଜିଲ୍ଲାର କେଉଁ କେଉଁ ଅଞ୍ଚଳ/ଗ୍ରାମରୁ ମୋଟ କେତେ ଏକର ଚାଷଜମି, ବସତିଜମି ଓ ଅନ୍ୟାନ୍ୟ ଜମି ଅଧିଗ୍ରହଣ ପାଇଁ ଚିହ୍ନଟ କରାଯାଇଛି; (ଖ) ଉକ୍ତ ପ୍ରକଳ୍ପ ଯୋଗୁଁ କାଶୀନଗର ଓ ଗୁଣପୁର ବ୍ଲକର କେତେଗୋଟି ଗ୍ରାମର କେତେ ପରିବାର ବାସଗୃହ, ଚାଷଜମି ଓ ଜୀବିକା ହରାଇବାର ସମ୍ଭାବନା ରହିଛି; ଜମି ଅଧିଗ୍ରହଣ ଓ ପୁନର୍ବାସ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ପ୍ରଭାବିତ ଗ୍ରାମବାସୀଙ୍କ ସହ ପଲ୍ଲୀସଭା, ଗ୍ରାମସଭା କିମ୍ବା ଆଇନଗତ ସହମତି/ ଜନଶୁଣାଣି କରାଯାଇଛି କି; ଯଦି ହୋଇଥାଏ, ତେବେ ଏହାର ତାରିଖ, ସ୍ଥାନ, ନିଷ୍ପତ୍ତି ଓ ପ୍ରଭାବିତ ପରିବାରଙ୍କ ମତାମତ ସମ୍ପର୍କିତ ତଥ୍ୟ ସରକାର ପ୍ରଦାନ କରିବେ କି ?

----

## ତ୍ରିରଙ୍ଗା ଯାତ୍ରା ପାଇଁ ରାୟଗଡ ଜିଲ୍ଲାକୁ ହୋଇଥିବା ଅର୍ଥ ମଞ୍ଜୁର

786 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ୨୦୨୬ ମସିହାର ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ନିମନ୍ତେ ରାୟଗଡ଼ା ଜିଲ୍ଲାକୁ ସରକାରଙ୍କ ପକ୍ଷରୁ କେତେ ଅର୍ଥ ମଞ୍ଜୁର କରାଯାଇଥିଲା ଏବଂ ଜାତୀୟ ପତାକା କ୍ରୟ ପାଇଁ କେଉଁ ନିୟମାବଳୀ ଓ ନିର୍ଦ୍ଦେଶାବଳୀ ଜାରି ହୋଇଥିଲା; ମଞ୍ଜୁର ଅର୍ଥରୁ କେତେ ସଂଖ୍ୟକ ପତାକା କ୍ରୟ ହୋଇଛି, କେଉଁ ଯୋଗାଣକାରୀଙ୍କଠାରୁ, ଆକାରଭିତ୍ତିକ ଦର, ପରିମାଣ ଓ ମୋଟ ବ୍ୟୟ କେତେ, (ଖ) କ୍ରୟ ପୂର୍ବରୁ ପ୍ରଚଳିତ କ୍ରୟ ନିୟମ ଅନୁଯାୟୀ ଟେଣ୍ଡର/ବିଜ୍ଞପ୍ତି, ଦରପତ୍ର ଆହ୍ୱାନ ଓ ଆବଶ୍ୟକ ଅନୁମୋଦନ କରାଯାଇଥିଲା କି, ନ ହୋଇଥିଲେ ଏହାର କାରଣ କଣ; ଉକ୍ତ ବ୍ୟୟରେ ଓଡ଼ିଶା ସରକାରଙ୍କ ପ୍ରଚଳିତ ଆର୍ଥିକ

----

## ରାୟଗଡାଜିଲ୍ଲାରେ ଥିବା ଖଣି ଗୁଡିକରୁ ମିଳୁଥିବା ରାଜସ୍ୱ ଆୟ

787 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା ଜିଲ୍ଲାରେ ଚାଲୁଥିବା ଖଣିଗୁଡ଼ିକରୁ ଗତ ୫ ବର୍ଷରେ ସରକାରଙ୍କୁ ବର୍ଷୱାରୀ କେତେ ରାଜସ୍ୱ ମିଳିଛି, Royalty, DMF ଓ ଅନ୍ୟାନ୍ୟ ଶୁଳ୍କ ବାବଦରେ ବର୍ଷୱାରୀ କେତେ ରାଜସ୍ୱ ଆଦାୟ ହୋଇଛି ଏବଂ ଜିଲ୍ଲା ପାଇଁ କେତେ ଅର୍ଥ ଗଚ୍ଛିତ ହୋଇଛି, (ଖ) ଗଚ୍ଛିତ ଅର୍ଥରୁ କେତେ ଖର୍ଚ୍ଚ ଓ କେତେ ବଳକା ଅଛି ଏବଂ DMF ଅଧୀନରେ କେତୋଟି ପ୍ରକଳ୍ପ ଅନୁମୋଦିତ, ସମ୍ପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ଅଛି, ପ୍ରକଳ୍ପଭିତ୍ତିକ ଅନୁମୋଦିତ ଓ ବ୍ୟୟ ରାଶିର ବିବରଣୀ ପ୍ରଦାନ କରିବେ କି, ଖଣିପ୍ରଭାବିତ ଅଞ୍ଚଳରେ ପାନୀୟଜଳ, ସଡ଼କ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜନଜାତିଙ୍କ ଜମି, ଜୀବିକା ତଥା ପାରମ୍ପରିକ ଅଧିକାର ସୁରକ୍ଷା ପାଇଁ ଖଣି ସଂସ୍ଥା ଓ ସରକାରଙ୍କ ପକ୍ଷରୁ କେଉଁ ପଦକ୍ଷେପ ନିଆଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## କେନାଲ ରକ୍ଷଣା ବେକ୍ଷଣ ଅଭାବରୁ ଚାଷ ଜମି ନଷ୍ଟ

788 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଇନ୍ଦ୍ରାବତୀ ବହୁମୂଖୀ ପ୍ରକଳ୍ପର ବାମ ମୁଖ୍ୟ କେନାଲ ନିର୍ମାଣ ହେବାର ୨୫ ବର୍ଷ ପରେ ମଧ୍ୟ ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ବିଭିନ୍ନ ସମୟରେ କେନାଲ ଭାଙ୍ଗି ପଡିବା ସହ ଚାଷ ଜମି ନଷ୍ଟ ହେଉଛି, ଦୁର୍ବଳ କେନାଲ ହୁଡା଼ ଯୋଗୁଁ କେନାଲରେ ଧର୍ମ ପରିମିତ ଜଳ ଛଡା଼ ଯାଉ ନଥିବାରୁ ତଳ ମୁଣ୍ଡ କୁ ପାଣି ନ ଆସି ଚାଷ କାମ ମଧ୍ୟ ବ୍ୟାହତ ଘଟୁଛି, ଇନ୍ଦ୍ରାବତୀ ବାମ ଜେନାଇର ମୂଳରୁ ୫୦ କିମି ଯାଏ କଂକ୍ରିଟ କେନାଲ ଲାଇନି ବ୍ୟବସ୍ଥା କାରାଗଲେ ୮୦୦୦୦ ହେକ୍ଟର ଚାଷ ଜମିରେ ଜଳସେଚନ ସୁବ୍ୟବସ୍ଥିତ ହେବା ସଙ୍ଗେ ସଙ୍ଗେ ସମ୍ପୃକ୍ତ ଅଞ୍ଚଳର ଚାଷୀ ଭୋଗୁଥିବା ଅସୁବିଧାର ସମାଧାନ ହୋଇ ପାରିବ, ରାଜ୍ୟ ଜଳସେଚନ ବିଭାଗ ଏହିଗରେ କି ଯୋଜନା ପ୍ରସ୍ତୁତ କରିଛନ୍ତି କି ଓ ବିଗତ ଦିନରେ ଏହି ଦିଗରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ଓ ଏଥି ପାଇଁ ଆବଶ୍ୟକୀୟ ଅର୍ଥ ର ବ୍ୟବସ୍ଥା ହୋଇଛି କି, ଯଦି ଉତ୍ତର ହିଁ ହୁଏ ଏହାର ବିସ୍ତୃତ ବିବରଣୀ ଦେବେ କି ?

----

## ଲଘୁ ଖଣିଜ ପଦାର୍ଥରୁ ରୟାଲିଟି ଆଦାୟ

789 **Shri Sudhir Ranjan Pattjoshi (Dharmgarh):**

Will the Minister for **Steel and Mines** be pleased to state that:- ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅଞ୍ଚଳରୁ ଲଘୁ ଖଣିଜ ଉତ୍ତୋଳନ ହେଉଥିବା ଲଘୁ ଖଣିଜ ପଦାର୍ଥ ବାବଦକୁ ଜିଲ୍ଲା ସ୍ତରୀୟ ରୟାଲିଟି, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବାବଦରେ ବ୍ୟବହାର କରାଇବାକୁ ପଦକ୍ଷେପ ନିଆଯିବ କି, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ବିଗତ ତିନି ବର୍ଷରେ କେଉଁ କେଉଁ ଖଣିରୁ ଲିଜବାବଦରେ କେତେ ରାଜସ୍ୱ ଆଦାୟ ହୋଇଛି ଓ କେତେ ଅନାଦୟ ଅଛି, ସମସ୍ତ ଖଣିରୁ ରାଜସ୍ୱ ଆଦାୟ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି, ଆଦାୟ ରୟାଲିଟି ରୁ କେତେ ଅର୍ଥ ଉନୟନ ପାଇଁ ବ୍ୟୟ କରାଯାଇଛି ତାହାର ତିନି ବର୍ଷର ବିସ୍ତୃତ ବିବରଣୀ ଦେବେ କି ?

----

## CSR ଅର୍ଥ ପ୍ରଦାନ ପାଇଁ ନିୟମ

790 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ କାର୍ଯ୍ୟରତ OHPC, ବେଦାନ୍ତ ଲିମିଟେଡ ଓ ଉତ୍କଳ ଆଲୁମିନା ଚଳିତ ବର୍ଷ କୁ ମିଶାଇ ବିଗତ ତିନି ଆର୍ଥିକ ବର୍ଷରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ଅଥବା ଅନୁଷ୍ଠାନ କୁ କେତେ CSR ଅର୍ଥ କଣ ପାଇଁ ପ୍ରଦାନ କରିଛନ୍ତି ତାହାର ବ୍ଲକ ୱାରୀ ସମ୍ପୂର୍ଣ ବିବରଣୀ ଦେବେ କି, CSR ଅର୍ଥ ପ୍ରଦାନ ପାଇଁ ନିୟମ କଣ ଓ କେଉଁ ପଦ୍ଧତି ରେ ହିତାଧିକାରୀ ଚୟନ କରାଯାଉଛି ଓ ଏଥିରେ ଜିଲ୍ଲାପାଳ ଓ ଜିଲ୍ଲା ଯୋଜନା କମିଟି ର ଭୂମିକା କଣ ଜଣାଇବେ କି ?

----

## RTO ଦ୍ୱାରା Challan/Fine ଦ୍ୱାରା ଅର୍ଥ ଆଦାୟ

791 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ଆର୍ଥିକ ବର୍ଷରେ କେଉଁ RTO (Regional Transport Office) ରୁ କେତେ ଟଙ୍କାର ରାଜସ୍ୱ (Vehicle Tax & Fees) ଆଦାୟ ହୋଇଛି (RTO-ୱାରୀ/ଜିଲ୍ଲାୱାରୀ ତଥ୍ୟ) ପ୍ରଦାନ କରିବେ କି, (ଖ) ଗତ ଦୁଇ ବର୍ଷରେ ଟ୍ରାଫିକ୍ ନିୟମ ଉଲଂଘନ, ବିନା ଫିଟନେସ୍ ଓ ବେଆଇନ ପରିବହନ ପାଇଁ କେଉଁ ଜିଲ୍ଲାରୁ କେତେ ଟଙ୍କା ଜୋରିମାନା (Challan/Fine) ଆଦାୟ କରାଯାଇଛି, ପ୍ରତ୍ୟେକ ଜିଲ୍ଲା RTO କାର୍ଯ୍ୟାଳୟରେ କେତୋଟି ମଞ୍ଜୁରପ୍ରାପ୍ତ ପଦବୀ (Sanctioned Posts) ରହିଛି, କେତୋଟି ପଦବୀ ଖାଲି ପଡ଼ିଛି ?

----

## ସୁବର୍ଣ୍ଣରେଖା କେନାଲ ବ୍ୟବସ୍ଥାର ସୁରକ୍ଷା ଓ ମରାମତି

792 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ହାଲଦିଆ ଡ୍ୟାମ ଏବଂ ସୁବର୍ଣ୍ଣରେଖା କେନାଲ ବ୍ୟବସ୍ଥାର ସୁରକ୍ଷା, ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଗତ ୫ ବର୍ଷରେ ବର୍ଷୱାରୀ ଭାବେ କେଉଁ କେଉଁ କାର୍ଯ୍ୟ କରାଯାଇଛି, ପ୍ରତ୍ୟେକ କାର୍ଯ୍ୟର ନାମ, ସ୍ଥାନ, ଅନୁମୋଦିତ ଅର୍ଥ, ଖର୍ଚ୍ଚ ଏବଂ ଅର୍ଥର ଉତ୍ସ ସମ୍ପର୍କରେ ସରକାର ବିବରଣୀ ପ୍ରଦାନ କରିବେ କି, (ଖ) ଗତ ଏକ ବର୍ଷ ମଧ୍ୟରେ ହାଲଦିଆ ଡ୍ୟାମ ଏବଂ ସୁବର୍ଣ୍ଣରେଖା କେନାଲର କେଉଁ କେଉଁ ସ୍ଥାନରେ ଭାଙ୍ଗିବା, ଫାଟ, କ୍ଷତି କିମ୍ୱା ଅନ୍ୟାନ୍ୟ ଗଠନାତ୍ମକ ସମସ୍ୟା ଦେଖାଦେଇଛି, ସ୍ଥାନୱାରୀ ଭାବେ ସେସବୁ ସମସ୍ୟାର ବିବରଣୀ, ତାହାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ, ଖର୍ଚ୍ଚ ହୋଇଥିବା ଅର୍ଥ ଏବଂ ଅର୍ଥର ଉତ୍ସ କ'ଣ, ହାଲଦିଆ ଡ୍ୟାମ ଏବଂ ସୁବର୍ଣ୍ଣରେଖା କେନାଲର ବିଭିନ୍ନ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସ୍ଥାନୱାରୀ ଭାବେ କେଉଁ କେଉଁ ଏଜେନ୍ସି/ଠିକାଦାରଙ୍କୁ କାର୍ଯ୍ୟ ଦିଆଯାଇଛି, ସେମାନଙ୍କୁ କେଉଁ ପ୍ରକ୍ରିୟାରେ Work Order ପ୍ରଦାନ କରାଯାଇଛି ଏବଂ ପ୍ରତ୍ୟେକ କାର୍ଯ୍ୟର ଅନୁମୋଦିତ ମୂଲ୍ୟ ଓ ବର୍ତ୍ତମାନ ସ୍ଥିତି କଣ ?

----

## ବନ୍ୟା ଯୋଗୁଁ ଗ୍ରାମ ଓ ଚାଷଜମି ପ୍ରଭାବିତ

793 **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ମୟୂରଭଞ୍ଜ ଜିଲ୍ଲାର ବୁଢ଼ାବଳଙ୍ଗ, କାତରା ଓ ଅନ୍ୟାନ୍ୟ ନଦୀରେ ନଦୀକୂଳ କ୍ଷୟ ହେଉଥିବା ସ୍ଥାନଗୁଡ଼ିକ ଚିହ୍ନଟ ପାଇଁ ଗତ ୫ ବର୍ଷରେ ସରକାରଙ୍କ ପକ୍ଷରୁ କରାଯାଇଥିବା Survey/Investigation ରେ କେଉଁ କେଉଁ ସ୍ଥାନ ଚିହ୍ନଟ ହୋଇଛି ଏବଂ କେତେ ଗ୍ରାମ ଓ କେତେ ହେକ୍ଟର ଚାଷଜମି ପ୍ରଭାବିତ ହେବାର ଆଶଙ୍କା ରହିଛି, ତାହାର ସ୍ଥାନଭିତ୍ତିକ ବିବରଣୀ ସରକାର ଦେବେ କି, (ଖ) ଉକ୍ତ ସର୍ଭେ ଆଧାରରେ ମୟୂରଭଞ୍ଜ ଜିଲ୍ଲା, ବିଶେଷତଃ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରେ, ଗତ ୫ ବର୍ଷରେ ନଦୀକୂଳ ସୁରକ୍ଷା, ନଦୀବନ୍ଧ ନିର୍ମାଣ/ମରାମତି ଓ କୂଳ କ୍ଷୟ ରୋକିବା ପାଇଁ କେଉଁ କେଉଁ ସ୍ଥାନରେ କେତେ ଟଙ୍କାର ପ୍ରକଳ୍ପ ଅନୁମୋଦିତ ଓ କାର୍ଯ୍ୟକାରୀ ହୋଇଛି, କେତେ ଟଙ୍କା ବ୍ୟୟ ହୋଇଛି, କେତେ ଟଙ୍କା ବାକି ରହିଛି, କେଉଁ ପ୍ରକଳ୍ପ ପ୍ରସ୍ତାବିତ/ ଅନୁମୋଦନ ଅପେକ୍ଷାରେ ରହିଛି ଏବଂ ଅନୁମୋଦନ ଅପେକ୍ଷାରେ ଥିବା ପ୍ରକଳ୍ପଗୁଡ଼ିକୁ କେବେ ସୁଦ୍ଧା ଅନୁମୋଦନ କରାଯାଇ କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ବନ୍ୟାର ସ୍ଥାୟୀ ନିୟନ୍ତ୍ରଣ ପାଇଁ ପଦକ୍ଷେପ

794 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଜିଲ୍ଲା ସମେତ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ବାରମ୍ବାର ବନ୍ୟା ପରିସ୍ଥିତି ଉପରେ ସ୍ଥାୟୀ ନିୟନ୍ତ୍ରଣ କରିବା ପାଇଁ ବିଭାଗ କଣ ପଦକ୍ଷେପ ଗ୍ରହଣ କରୁଛି, ସଦର ନିର୍ବାଚନ ମଣ୍ଡଳୀର କେଉଁ କେଉଁ ସ୍ଥାନରେ କଣ କାର୍ଯ୍ୟ କରାଗଲେ ବନ୍ୟାର ପ୍ରଭାବକୁ ରୋକା ଯାଇପାରିବ ଏବଂ ସେଥିପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ବିଭାଗ ପକ୍ଷରୁ ସବିଶେଷ ବିବରଣୀ ପ୍ରଦାନ କରିବେ କି, ବାରମ୍ବାର ବନ୍ୟା ହେବାର କାରଣ କଣ ଏବଂ ବନ୍ୟାରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ କଣ କଣ କ୍ଷତି/ Damage ହୋଇଛି ?

----

## ଜଳ ନିଷ୍କାସନ ନ ହୋଇ କୃତ୍ରିମ ବନ୍ୟା ସୃଷ୍ଟି

795 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଜିଲ୍ଲା ସମେତ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗ୍ରାମାଞ୍ଚଳରେ ଜଳ ନିଷ୍କାସନ ନହୋଇ ଯେଉଁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ସେଦିଗରେ ବିଭାଗ ପକ୍ଷରୁ କଣ ପଦକ୍ଷେପମାନ ଗ୍ରହଣ କରୁଛନ୍ତି, Drainage Master ପ୍ଲାନ୍ ତିଆରି କରିବା ପାଇଁ ସରକାର ବିଚାର କରିବେ କି ?

----

## ରିଲିଫ କୋଡର ସଂଶୋଧନ

796 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ SRC ପକ୍ଷରୁ ବିପତ୍ତି ସମୟରେ ଦିଆଯାଉଥିବା ରିଲିଫ କୋଡରେ ସଂଶୋଧନ ହେବାର ଆବଶ୍ୟକତା ରହିଛି ବୋଲି ବିଭାଗ ଅନୁଭବ କରୁଛି କି ? ରିଲିଫ କୋଡରେ ରାସ୍ତାର ଅର୍ଥ ବୃଦ୍ଧି କରିବା ତଥା ମୁଢ଼ିକୁ ଯୁକ୍ତ କରିବା ପାଇଁ ସରକାର ବିଚାର କରିବେ କି, (ଖ) ବାଲେଶ୍ୱର ଜିଲ୍ଲାରେ ଚଳିତ ବର୍ଷ ୩ଥର ବନ୍ୟା ଆସିଲା ପରେ କେଉଁ ବିଭାଗକୁ କେତେ FDR ଅର୍ଥ ପ୍ରଦାନ କରାଯାଇଛି ?

----

## ଜଳବନ୍ଦୀ ସମସ୍ୟାର ସମାଧାନ

797 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବସ୍ତା ନିର୍ବାଚନ ମଣ୍ଡଳୀରେ ପ୍ରବାହିତ ଜଳକା, ପଳପଳା ଏବଂ ଏହାର ସଂଲଗ୍ନ ଶାଖା ନଦୀ ଓ ନାଳଗୁଡ଼ିକରେ ବାରମ୍ବାର ଘଟୁଥିବା ବନ୍ୟା ତଥା ଦୀର୍ଘକାଳୀନ ଜଳବନ୍ଦୀ ସମସ୍ୟାର ମୁଖ୍ୟ କାରଣ, ନଦୀର ଜଳଧାରଣ କ୍ଷମତା, ପଟୁ ଭର୍ତ୍ତି, ଜଳ ନିଷ୍କାସନ ପ୍ରତିବନ୍ଧକ ଏବଂ ମୁହାଣଜନିତ ସମସ୍ୟା ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ସମନ୍ୱିତ ବୈଜ୍ଞାନିକ ଅଧ୍ୟୟନ କରାଯାଇଛି କି, ଯଦି ହୋଇଥାଏ, ତେବେ ଗତ ୫ ବର୍ଷ ମଧ୍ୟରେ ଜଳକା ଓ ପଳପଳା ନଦୀର ବାର୍ଷିକ ସର୍ବୋଚ୍ଚ ଜଳ ପ୍ରବାହ, ସର୍ବୋଚ୍ଚ ଜଳସ୍ତର, ବନ୍ୟାର ସ୍ଥିତିକାଳ, ପ୍ରଭାବିତ ଅଞ୍ଚଳ ତଥା କୃଷିଜମିରେ ଜଳ ଜମି ରହିବାର ସମୟସୀମା ବର୍ଷୱାରୀ କେତେ, ତାହା ଜଣାଇବେ କି (ଖ) ବସ୍ତା ନିର୍ବାଚନ ମଣ୍ଡଳୀର ବରୁଣଗଡ଼ିଆ, ଦରଡା, ମୁକୁଳିଶି, ଇଡିଦା, କଇନଗରି, ସାହାଡ଼ା ଓ କୁଣ୍ଡଳୀ ଆଦି ପଞ୍ଚାୟତ ଦେଇ ପଞ୍ଚୁପଡ଼ା ନଦୀ ପର୍ଯ୍ୟନ୍ତ ଥିବା ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ପଥ (drainage corridor) ପାଇଁ ଏକ 'ହାଇଡ୍ରୋଲୋଜିକାଲ୍ ମାଷ୍ଟର ପ୍ଲାନ୍' (Hydrological Master Plan/DPR) ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏକ ଉଚ୍ଚସ୍ତରୀୟ ବହୁ-ବିଭାଗୀୟ କମିଟି ଗଠନ କରିବାକୁ ସରକାର ବିଚାର କରୁଛନ୍ତି କି?

----

## କୋଷ୍ଟ କେନାଲର ସ୍ଥିତି

798 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବାଲିଆପାଳ ଦେଇ ଯାଇଥିବା କୋଷ୍ଟ କେନାଲର ବର୍ତ୍ତମାନର ମୂଳ ପରିକଳ୍ପିତ କ୍ଷମତା (Design Capacity), ଜଳଧାରଣ 27 କ୍ଷମତା (Carrying Capacity) ଏବଂ ପ୍ରକୃତ ଜଳ ନିଷ୍କାସନ କ୍ଷମତା (Actual Discharge Capacity) କେତେ? ଏଥିସହିତ ବିଗତ ୫ ବର୍ଷ ମଧ୍ୟରେ ଏହାର ପୁନରୁଦ୍ଧାର, ପଙ୍କୋଦ୍ଧାର, ପ୍ରଶସ୍ତୀକରଣ, ବନ୍ଧ ସୁଦୃଢ଼ୀକରଣ ଓ ଜଳ ନିର୍ଗମ ମୁହାଣ ଉନ୍ନୟନ ବାବଦରେ କେତେ ଅର୍ଥ ବ୍ୟୟ କରାଯାଇଛି ତାହା ଜଣାଇବେ କି, (ଖ) କୋଷ୍ଟ କେନାଲର ବର୍ତ୍ତମାନର ସ୍ଥିତି ଯୋଗୁଁ ବର୍ଷା ଓ ବନ୍ୟାଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବାରୁ ଏବଂ ଷୋଳଶାପାଣ୍ଡ ତଥା ସଂଲଗ୍ନ ଅଞ୍ଚଳର କୃଷିଜମି ବହୁ ଦିନଧରି ଜଳମଗ୍ନ ହୋଇ ରହୁଥିବାରୁ, ଏହାର ମୁଖ୍ୟ କାରଣଗୁଡ଼ିକ ଚିହ୍ନଟ କରିବା ପାଇଁ କୌଣସି ବୈଷୟିକ ଅନୁଧ୍ୟାନ (Technical Assessment) କରାଯାଇଛି କି; ଯଦି କରାଯାଇ ନାହିଁ, ଏହି ବିଷୟରେ ଶୀଘ୍ର ପଦକ୍ଷେପ ନେବେ କି?

----

## ନଦୀ ଜଳ ନିଷ୍କାସନର ବ୍ୟବସ୍ଥା

799 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ସୁବର୍ଣ୍ଣରେଖା ନଦୀର ମୁହାଣ ଅଞ୍ଚଳ ସମେତ ସମ୍ପୃକ୍ତ ଅବବାହିକାରେ ପଟୁମାଟି ଜମା ହେବା, ନଦୀଗର୍ଭର ଉଚ୍ଚତା ବୃଦ୍ଧି ପାଇବା, ବନ୍ୟାପ୍ଲାବିତ ଅଞ୍ଚଳ ଜବରଦଖଲ, ନଦୀବନ୍ଧର ଦୁର୍ବଳତା ଏବଂ ନିମ୍ନ ଅବବାହିକା ବା ମୁହାଣରେ ଉପୁଜୁଥିବା ପ୍ରତିବନ୍ଧକ ଉପରେ ସରକାରଙ୍କ ପକ୍ଷରୁ କୌଣସି ବୈଷୟିକ ମୂଲ୍ୟାଙ୍କନ କରାଯାଇଛି କି; ସରକାରଙ୍କ ବ୍ୟାପକ ବନ୍ୟା ପରିଚାଳନା ଯୋଜନାରେ ନଦୀମୁହାଣର ଡ୍ରେଜିଂ କରି ସମୁଦ୍ରକୁ ଜଳର ସୁଗମ ନିଷ୍କାସନ ସୁନିଶ୍ଚିତ କରିବାର ବ୍ୟବସ୍ଥା ଥିବା ପରିପ୍ରେକ୍ଷୀରେ, ସୁବର୍ଣ୍ଣରେଖା ନଦୀ ପାଇଁ ଏହିଭଳି କୌଣସି ବୈଷୟିକ ସମ୍ଭାବ୍ୟତା ସମୀକ୍ଷା (Technical Feasibility Study) କିମ୍ବା ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR) ପ୍ରସ୍ତୁତ ହୋଇଛି କି ନାହିଁ ତାହା ଜଣାଇବେ କି, (ଖ) ନଦୀର ପୁନରୁଦ୍ଧାର, ବନ୍ୟା ପ୍ରଶମନ, ଜଳ ନିଷ୍କାସନ ବ୍ୟବସ୍ଥାର ସଂସ୍କାର, ନଦୀମୁହାଣ ପରିଚାଳନା ଏବଂ ନଦୀବନ୍ଧ ସୁଦୃଢ଼ୀକରଣକୁ ଏକତ୍ର କରି ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ ଏକ ସମୟସୀମା ଭିତ୍ତିକ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରିବାକୁ ସରକାର ପଦକ୍ଷେପ ନେବେ କି; ଉତ୍ତର ଟି ଯଦି ହଁ ଅଟେ, ତେବେ ଡିପିଆର୍ (DPR) ପ୍ରସ୍ତୁତିର ସମୟସୀମା, ପ୍ରକଳ୍ପ ଅନୁମୋଦନ, ଆବଶ୍ୟକୀୟ ପାଣ୍ଠି ବରାଦ ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟ ଆରମ୍ଭ ନେଇ ଏକ ସ୍ପଷ୍ଟ ତଥା ସମୟାନୁବର୍ତ୍ତିତ କାର୍ଯ୍ୟଖସଡ଼ା ସମ୍ବନ୍ଧରେ ପ୍ରକାଶ କରିବେ କି?

----

## The total expenditure incurred celebration of Govt. in last two years

800 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) the total expenditure incurred on the two-year celebration of the present Government in Odisha, including expenditure on schemes, events, publicity, advertisements, hoardings, decorations and other related activities, Department-wise; and (b) Will the Govt. state whether any scheme funds or earmarked Government funds were utilised for such celebrations/publicity; if so, provide the scheme-wise amount ?

----

## Central Assistance Allocated to Kalahandi Dist.

801 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether the Union Government released Rs. 500 crore as the second instalment of the Central share of SDRF to Odisha for 2026-27 in August 2026; (b) The amount from this Central assistance allocated to Kalahandi district, particularly Bhawanipatna Sub- Division; The number of affected households, agricultural land, houses and public infrastructure identified in Kalahandi during the July-August 2026

floods and the amount actually disbursed as compensation and relief to the affected beneficiaries as on date?

----

**DMF Funds collected from Mining activities in Kalahandi Dists**

802 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The total DMF funds collected from mining activities in Kalahandi during the last five financial years, particularly from Lanjigarh and Thuamul Rampur; How much has actually been spent in mining-affected villages, with village-wise details of works and beneficiaries and how much remains unspent or relates to incomplete/non-functional projects, and which mining- affected villages have not been included for any DMF-funded work during this period, with reasons therefor ?

----

**ନିୟମିତ ସୂଚନା ଅଧିକାରୀ ନିଯୁକ୍ତି**

803 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ପ୍ରସ୍ତାବିତ ଘରୋଇ ଟେଲିଭିଜନ ଚ୍ୟାନେଲ ମାନଙ୍କର ସମ୍ପ୍ରସାରଣକୁ ନଜରରେ ରଖି ରିହାତି ଦରରେ ଜମି ଯୋଗାଇ ଦେବାକୁ ଥିବା ବେଳେ ଏହାର ବର୍ତ୍ତମାନର ସ୍ଥିତି କଣ ;(ଖ)ବାରମ୍ବାର କ୍ଷେତ୍ର ପରିଦର୍ଶନ ପାଇଁ ନିର୍ଘଣ୍ଟ ସ୍ଥିର ହେଇଥିଲେ ମଧ୍ୟ ୩ ଜଣିଆ କମିଟି ନିଯିବାର କାରଣ କଣ ;କେବେ ସୁଦ୍ଧା କମିଟି କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବ ; ଜାତୀୟ ରାଜଧାନୀ ଦିଲ୍ଲୀରେ ଦୀର୍ଘ ଦିନ ଧରି ନିୟମିତ ସୂଚନା ଅଧିକାରୀ ନିଯୁକ୍ତ ନହେବା ଫଳରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଘଟଣା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି ;ଯଦି ହଁ,ଏହାର ନିରାକରଣ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

**ଗୁଣୁପୁର ନିର୍ବାଚନ ମଣ୍ଡଳୀର ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକର ସ୍ଥିତି**

804 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗୁଣୁପୁର ନିର୍ବାଚନ ମଣ୍ଡଳୀରେ ଥିବା ପାଣି ଡ଼ଙ୍ଗର ପ୍ରକଳ୍ପ, lower ବଂଶଧାରା ପ୍ରକଳ୍ପ, ନଦୀ ଗର୍ଭରେ ISS ଗୁଡିକର ବର୍ତ୍ତମାନର ସ୍ଥିତି କଣ ଅଛି; ଏହି ପ୍ରକଳ୍ପ ଗୁଡିକର ଶିଳାନ୍ୟାସ କେବେ ହେବ ଓ ଲୋକମାନେ କେବେ ଉପକୃତ ହେବେ ?

----

**MMDR Act ଦ୍ୱାରା ଓଡ଼ିଶା ଖଣି ଉପରେ ପ୍ରଭାବିତ**

805 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- କେନ୍ଦ୍ର ସରକାରଙ୍କ MMDR Act, 1957 ଓ ପରବର୍ତ୍ତି ସଂଶୋଧନଗୁଡ଼ିକ ଫଳରେ ଓଡ଼ିଶା ଭଳି ଖଣିଜ ସମ୍ପଦସମୃଦ୍ଧ ରାଜ୍ୟର ଖଣିଜ ସମ୍ପଦର ନିୟନ୍ତ୍ରଣ, ନିଲାମ ଓ ବ୍ୟବହାର ସମ୍ପର୍କିତ ରାଜ୍ୟର ନୀତିଗତ ଅଧିକାର କେତେଦୂର ପ୍ରଭାବିତ ହେଉଛି, ସରକାର ଏହାର ସମୀକ୍ଷା କରିଛନ୍ତି କି; ଯଦି ହଁ, ତେବେ MMDR Actର କେଉଁ କେଉଁ ବ୍ୟବସ୍ଥା ଓଡ଼ିଶାର ରାଜସ୍ୱ ଓ ଖଣିଜ ସମ୍ପଦ ଉପରେ ରାଜ୍ୟର ସ୍ୱାର୍ଥକୁ ପ୍ରଭାବିତ କରୁଛି ଏବଂ ଏହି ବ୍ୟବସ୍ଥାରେ ପରିବର୍ତ୍ତନ/ସଂଶୋଧନ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ କୌଣସି ଲିଖିତ ପ୍ରସ୍ତାବ ଦେଇଛନ୍ତି କି; ଯଦି ଦେଇଛନ୍ତି, ତାହାର ବିବରଣୀ ଓ ବର୍ତ୍ତମାନ ସ୍ଥିତି କ'ଣ; ଏହି ସମସ୍ତ ବିଷୟରେ ସବିଶେଷ ତଥ୍ୟ ସହିତ ବିବରଣୀ ଉପସ୍ଥାପନ କରିବେ କି ?

----

## ଅନୁସୂଚିତ ଜନଜାତି ଓ ଜାତି ବର୍ଗ ଜମିମାଲିକମାନେ ଜମି ବିକ୍ରୟ ପାଇଁ ଅନୁମତି

806 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଜମିମାଲିକମାନେ ଆଇନ ଓ ପ୍ରଚଳିତ ନିୟମ ଅନୁଯାୟୀ ଜରୁରୀ ଆବଶ୍ୟକତାରେ ଜମି ହସ୍ତାନ୍ତର/ବିକ୍ରୟ ପାଇଁ ଅନୁମତି ନିମନ୍ତେ କେତେ ଆବେଦନ କରିଛନ୍ତି ଏବଂ ସେଥିରୁ କେତେଗୋଟି ମାମଲା ବର୍ତ୍ତମାନ ଲମ୍ବିତ ଅଛି; (ଖ) ଉକ୍ତ ଲମ୍ବିତ ଆବେଦନଗୁଡ଼ିକର ଜିଲ୍ଲାୱାରୀ ସଂଖ୍ୟା, ଆବେଦନ ତାରିଖ ଓ ବର୍ତ୍ତମାନ ସ୍ଥିତିର ବିବରଣୀ ଉପସ୍ଥାପନ କରିବେ କି?

----

## ଖଣି ସମ୍ପର୍କିତ ଆଦାୟରୁ ଖଣି ପ୍ରଭାବିତ ଲୋକଙ୍କ ପାଇଁ ଅର୍ଥ ବ୍ୟବହୃତ

807 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଓଡ଼ିଶାର ଖଣିଜ ରାଜସ୍ୱ ରାଜ୍ୟର ଅଣ-କର ରାଜସ୍ୱର ପ୍ରାୟ ୮୦% ଯୋଗାଉଥିବା ସତ୍ତ୍ୱେ ଖଣି ପ୍ରଭାବିତ ଅଞ୍ଚଳର ଲୋକମାନେ ରୋଜଗାର, ପରିବେଶ, ଜମି, ପାନୀୟଜଳ, ରାସ୍ତା ଓ ସ୍ଥାନୀୟ ବିକାଶ ସମ୍ପର୍କିତ ସମସ୍ୟା ନେଇ ଅସନ୍ତୋଷ ପ୍ରକାଶ କରୁଥିବା ଘଟଣା ସରକାରଙ୍କ ନଜରକୁ ଆସିଛି କି; ଯଦି ଆସିଛି, ତେବେ ଖଣିଜ ରାଜସ୍ୱ, DMF ଓ ଅନ୍ୟାନ୍ୟ ଖଣି ସମ୍ପର୍କିତ ଆଦାୟରୁ ଖଣି ପ୍ରଭାବିତ ଲୋକଙ୍କ ଜୀବନମାନ ଉନ୍ନତି ପାଇଁ ଗତ ୫ ବର୍ଷରେ କେତେ ଅର୍ଥ ଆଦାୟ ଓ ଖର୍ଚ୍ଚ ହୋଇଛି, କେତେ ଅର୍ଥ ଅବ୍ୟବହୃତ ରହିଛି ଏବଂ ଜିଲ୍ଲାଭିତ୍ତିକ ଭାବେ ତାହାର ବିବରଣୀ ଉପସ୍ଥାପନ କରିବେ କି?

----

## ବିସ୍ଥାପିତ ପରିବାରକୁ K. form ପଟ୍ଟା ପ୍ରଦାନ

808 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରେଙ୍ଗାଲି ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ଦେବଗଡ଼ ଜିଲ୍ଲାର ଅନେକ ପରିବାରଙ୍କୁ ସରକାର K - Form ପଟ୍ଟା ପ୍ରଦାନ କରିଥିଲେ ଏହା ସତ୍ୟ କି; ଯଦି ହଁ ତେବେ K-Form ପଟ୍ଟାଧାରିମାନଙ୍କୁ କଣ ପାଇଁ ଆଜି ପର୍ଯ୍ୟନ୍ତ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଉନାହିଁ; ସ୍ଥାୟୀ ପଟ୍ଟା ଏବଂ K-Form ପଟ୍ଟା ମଧ୍ୟରେ ପାର୍ଥକ୍ୟ କଣ?

----

## ବିସ୍ଥାପିତ ପରିବାରଙ୍କ ବିବରଣୀ

୫୦୯ **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରେଙ୍ଗାଲି ନଦୀବନ୍ଧ ଯୋଜନାରେ ଦେବଗଡ଼ ଜିଲ୍ଲାର କେତେ ପରିବାର ବିସ୍ଥାପିତ ହୋଇଥିଲେ ସେମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ନାମ ଏବଂ ଗ୍ରାମର ନାମ ସହିତ ପ୍ରଦାନ କରିବେ କି; (କ) କେତେ ଜଣଙ୍କୁ କ୍ଷତି ପୂରଣ ବାବଦରେ କେତେ ଲେଖାଏଁ ଅର୍ଥ ରାଶି ମିଳିଥିଲା ତାର ବିବରଣୀ ପ୍ରଦାନ କରିବେ କି; (ଖ) କେତେ ଜଣଙ୍କୁ ଚାଷ ଜମି ଏବଂ ଘରବାରି ପଟ୍ଟା ପ୍ରଦାନ କରାଯାଇଅଛି ; କେତେ ଜଣଙ୍କୁ K-from ପଟ୍ଟା ଦିଆ ଯାଇଅଛି ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି?

----

## ହୀରାକୁଦ ନଦୀବନ୍ଧ ଦ୍ୱାରା ଦେବାଦେବୀ ମନ୍ଦିର ଜଳମଗ୍ନ

୫10 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ହୀରାକୁଦ ନଦୀବନ୍ଧ ଯୋଜନାରେ କେତୋଟି ଦେବାଦେବୀ ମନ୍ଦିର ଜଳମଗ୍ନ ହୋଇଥିଲା ଓ ବିସ୍ଥାପିତ ହୋଇଥିବା ସମସ୍ତ ଦେବାଦେବୀମାନଙ୍କ ପାଇଁ ନୂତନ ମନ୍ଦିର ନିର୍ମାଣ ହୋଇଛି କି; ଯଦି ହୋଇନାହିଁ, କାରଣ କଣ, ଆଉ କେତେ ବର୍ଷ ଲାଗିବ ଏହି ମନ୍ଦିର ନିର୍ମାଣ କାମ ତାହା ଜଣାଇବେ କି ; ସେହିଭଳି ଏହି ନଦୀବନ୍ଧ ଯୋଜନାରେ ବିସ୍ଥାପିତ ଦେବାଦେବୀଙ୍କ ବିସ୍ଥାପନ ପୂର୍ବରୁ ମନ୍ଦିର ଥିଲା, ଭୋଗ ଜମି ଥିଲା, ବିସ୍ଥାପନ ସମୟରେ ସରକାର ସମସ୍ତ ଦେବାଦେବୀମାନଙ୍କ ଥଇଥାନ ଭୋଗଜମିର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସତ୍ୟ କି, ଯଦି ହଁ, ବିସ୍ଥାପନ ପରେ କେତେ କରାଯାଇଛି ?

----

## ପଙ୍କଦ୍ୱାରା ହୀରାକୁଦ ଜଳଧାରଣ କ୍ଷମତା ହ୍ରାସ

୫11 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପଙ୍କ ସଞ୍ଚୟ (Siltation) ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା କେତେ ହ୍ରାସ ପାଇଛି; ବର୍ତ୍ତମାନର ସକ୍ରିୟ ଜଳଧାରଣ କ୍ଷମତା କେତେ; ପଙ୍କ ଅପସାରଣ ପାଇଁ ସରକାରଙ୍କ କାର୍ଯ୍ୟଯୋଜନା କଣ; ହୀରାକୁଦ ବନ୍ଧରୁ ଜଳ ନିଷ୍କାସନ ଫଳରେ ପ୍ରତିବର୍ଷ କେତୋଟି ଗ୍ରାମ ବନ୍ୟା ପ୍ରଭାବିତ ହେଉଛି; ଜିଲ୍ଲାଭିତ୍ତିକ ବିବରଣୀ; ୧୨ ଜୁନ ୨୦୨୪ ପରଠାରୁ ପ୍ରଭାବିତ ପରିବାରମାନଙ୍କୁ କେତେ କ୍ଷତିପୂରଣ ପ୍ରଦାନ କରାଯାଇଛି; ହୀରାକୁଦ ବିସ୍ଥାପିତମାନଙ୍କର ଏକ ଡିଜିଟାଲ ଡାଟାବେସ୍ ପ୍ରସ୍ତୁତ କରିବାକୁ ସରକାରଙ୍କ କୌଣସି ପ୍ରସ୍ତାବ ରହିଛି କି; ଯଦି ହଁ, ତେବେ କେବେସୁଦ୍ଧା ଏହା ସମ୍ପୂର୍ଣ୍ଣ ହେବ, ଯଦି ନାହିଁ ତାହାର କାରଣ କ'ଣ?

----

## OMBADC ପାଣ୍ଠିଦ୍ୱାରା ପ୍ରକଳ୍ପ କାର୍ଯ୍ୟ

812 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରେଙ୍ଗାଲିରେ OMBADC ପାଣ୍ଠି ବ୍ୟୟରେ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଏକ ବିବରଣୀ ରଖିବେ କି; ମୋଟ ମାଇନିଂ ରୟାଲଟିରୁ କେତେ ପ୍ରତିଶତ ଅର୍ଥ କୋଠାବାଡ଼ି ନିର୍ମାଣ ବଦଳରେ ଚାଷୀ ଓ ମତ୍ସ୍ୟଜୀବିଙ୍କ ଜୀବିକା ବିକାଶ ପାଇଁ ସିଧାସଳଖ ଖର୍ଚ୍ଚ କରାଯାଇଛି ?

----

## କୁସୁମ ନଦୀର ବୋଦସା ଠାରେ ବ୍ୟାରେଜ ନିର୍ମାଣ

813 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଖଣ୍ଡପଡା ନିର୍ବାଚନ ମଣ୍ଡଳୀର କରବର ଠାରେ ମହାନଦୀ ବନ୍ୟା ସମୟରେ ଜଳ ନିଷ୍କାସିତ ହୋଇ ନପାରି ବ୍ୟାପକ କ୍ଷତି କରି ଆସୁଛି, ଏହାର ସମାଧାନ ପାଇଁ ଗ୍ରାମ ଗୁଡିକରୁ ଓ ଚାଷ ଜମିରୁ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯିବକି, (ଖ) ମହାନଦୀକୁ ସଂଯୋଗ କରୁଥିବା କୁସୁମ ନଦୀର ବୋଦସା ଠାରେ ଓ କୁଆଁରିଆ ନଦୀର ବେଣାଗାଡିଆ ଠାରୁ ବ୍ୟାରେଜ ନିର୍ମାଣ ପାଇଁ ପଦକ୍ଷେପ ନେବେ କି?

----

## ଶ୍ୟାମପୁର ମୌଜାର ବନ୍ଦୋବସ୍ତ କାର୍ଯ୍ୟ ସରିଥିଲେ ମଧ୍ୟ Final Publication ନହେବା

814 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭୁବନେଶ୍ୱର ତହସିଲ ଅଧିନସ୍ଥ ଶ୍ୟାମପୁର ମୌଜାର ବନ୍ଦୋବସ୍ତ (settlement) କାର୍ଯ୍ୟ ଦିର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଚାଲିବା ପରେ ପ୍ରାୟ ଏକ ବର୍ଷ ହେବ ଶେଷ ହୋଇ Final Publication ପାଇଁ ଅପେକ୍ଷାରେ ଥିବା କଥା ସତ୍ୟ କି, ଯଦି ସତ୍ୟ ତେବେ ଉକ୍ତ ମୌଜାର Final Publication କେବେ ହେବ ତାହା ସରକାର ସ୍ଥିର କରିଛନ୍ତି କି, (ଖ) ଯଦି ଲିଜ୍ ଜମିକୁ ନେଇ Final Publicationରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଉଛି ତେବେ ଉକ୍ତ ମୌଜାରେ ଥିବା ସ୍ଥିତିବାନ ସତ୍ତ୍ୱାଧିକାରୀମାନଙ୍କୁ ଫାଇନାଲ ପଟ୍ଟା ବଣ୍ଟନ କରିବାର ବ୍ୟବସ୍ଥା କରିବେକି?

----

## Less ର ସର୍ବାଧିକ ସୀମା ହଟାଇବା

815 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ "Less" ର ସର୍ବାଧିକ ସୀମା ହଟାଇବା ପରେ ଏହାର ପ୍ରଭାବ ମାପିବା ପାଇଁ Tender participation, Average Less Percentage, Cost saving, Completion Time, Defect Rate, Cost Overrun, Contract Failure ଭଳି ସୂଚକ ଆଧାରରେ କୌଣସି ନିୟମିତ Monitorng ଓ Review ବ୍ୟବସ୍ଥା କରିଛନ୍ତି କି ?

----

## ସରକାରୀ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର

816 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କେତେ ସରକାରୀ ପ୍ରକଳ୍ପ (RD, R & B, PR Department) ରାଜସ୍ୱ ବିଭାଗ ତରଫରୁ ଜମି ପ୍ରଦାନ ନ କରିବା ଯୋଗୁଁ ସ୍ଥଗିତ ହୋଇଅଛି ତାହାର ଏକ ତାଲିକା ନିର୍ବାଚନ ମଣ୍ଡଳୀୱାରୀ ପ୍ରଦାନ କରିବେ କି, ଏବଂ ସରକାରୀ ପ୍ରକଳ୍ପ ପାଇଁ ଜମି କ୍ଲିୟରାନ୍ସ ପାଇଁ ରାଜସ୍ୱ ବିଭାଗ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବନ୍ୟାରେ ଯାଜପୁର ଜିଲ୍ଲାରେ କ୍ଷୟକ୍ଷତି

817 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ବନ୍ୟାରେ ଯାଜପୁର ଜିଲ୍ଲାରେ କେତେ ଧନ, ଜୀବନ, ବାସଗୃହ ଓ ଚାଷଜମି କ୍ଷତିଗ୍ରସ୍ତ ହୋଇଛି, ତାର ଆକଳନ କରିଛନ୍ତି କି, କେତେ ଲୋକ ପ୍ରଭାବିତ ହୋଇଛନ୍ତି ଓ ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ଓ ଥଇଥାନ ପାଇଁ କଣ ପଦକ୍ଷେପ ନେଉଛନ୍ତି, (ଖ) ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀରେ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବ୍ଲକ , ପଞ୍ଚାୟତ, ଗ୍ରାମ ମାନଙ୍କର ବିବରଣୀ ପ୍ରଦାନ କରିବେ କି ?

----

## ODRAF ସଂସ୍ଥାର ନାମ ପରିବର୍ତ୍ତନ

818 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର 'ଓଡ୍ରାଫ୍' (ODRAF) ସଂସ୍ଥାର ନାମ ପରିବର୍ତ୍ତନ ପାଇଁ ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ଅଛି କି, ଯଦି ହଁ ତା ହେଲେ ନାମ ପରିବର୍ତ୍ତନର ଉଦ୍ଦେଶ୍ୟ କଣ ?

----

## ଲିଙ୍ଗିରା ନଦୀର ଉଭୟ ପାର୍ଶ୍ୱର ଫ୍ରଣ୍ଟ ପରି ସ୍ୱତନ୍ତ୍ର ପ୍ରକଳ୍ପ ନିର୍ମାଣ

819 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅନୁଗୋଳ ସହରକୁ ଲାଗି ପ୍ରବାହିତ ହେଉଥିବା ଲିଙ୍ଗିରା ନଦୀ ଉପରେ ହୁଲୁରିସିଂହା ଠାରୁ କାଙ୍ଗୁଲା ର ତଳ ମୁଣ୍ଡ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଯୋଜନା କରି ନଦୀର ଉଭୟ ପାର୍ଶ୍ୱକୁ ଗୁଜୁରାଟର ସାବରମତି ରିଭର ଫ୍ରଣ୍ଟ ପରି ବିକଶିତ କରାଯାଉ ଏକ ସ୍ୱତନ୍ତ୍ର ପ୍ରକଳ୍ପ ହିସାବରେ ଏଦିଗରେ କଣ ପଦକ୍ଷେପ ନେବେ ?

----

## ହିଡସିଂଗ ଜଳ ପ୍ରକଳ୍ପର ବିସ୍ଥାପିତକୁ କ୍ଷତିପୂରଣ ପ୍ରଦାନ

820 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅନୁଗୋଳ ବିଧାନସଭା ଅନ୍ତର୍ଗତ ଅନୁଗୋଳ ବ୍ଲକ୍ ହିଡିସିଙ୍ଗ ଠାରେ ହେବାକୁ ଯାଉଥିବା ହିଡିସିଂଗ ଜଳ ପ୍ରକଳ୍ପ ପାଇଁ ଜମିହରା ପ୍ରଜା ମାନଙ୍କ କ୍ଷତି ପୂରଣ ଶାତକୋସିଆ ଜମିହରା ପ୍ରଜାଙ୍କ କ୍ଷତି ପୂରଣ ଆଧାରରେ ପୂର୍ନବିଚାର କରିବାପାଇଁ ଅନୁରୋଧ ଏବଂ ଏଦିଗରେ କଣ ପଦକ୍ଷେପ ନେବେ ?

----

## ପଟ୍ଟା ପ୍ରଦାନ

821 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରଙ୍କ ତାଲିକାଭୁକ୍ତ ଥିବା ଦେବାଦେବୀ ପୀଠ କିମ୍ବା ବେସରକାରୀ ଭାବେ Trust ମାଧ୍ୟମରେ ପରିଚାଳିତ ହେଉଥିବା ଦେବାଦେବୀ ପୀଠ ନାମରେ ଥିବା ଜମିରେ ଦୀର୍ଘ ବର୍ଷରୁ ବଂଶାନୁକ୍ରମେ ରହିଆସୁଥିବା ସେବାୟତ ବା ସାଧାରଣ ଲୋକ ଉକ୍ତ ଜମିର ପଟ୍ଟା ସେମାନଙ୍କ ନାମରେ ଅଦ୍ୟାବଧି ନଥିବା କାରଣରୁ ଆବାସ ଯୋଜନାରେ ସମ୍ପୃକ୍ତ ହିତାଧିକାରୀମାନେ ବଞ୍ଚିତ ହେଉଥିବା କଥା ସରକାର ଅବଗତ ଅଛନ୍ତି କି ; ଉତ୍ତର ଯଦି 'ହଁ' ହୁଏ ଏ ଦିଗରେ ସ୍ୱତନ୍ତ୍ର ନୀତିଗତ ନିଷ୍ପତ୍ତିପୂର୍ବକ ଯୋଗ୍ୟ ହିତାଧିକାରୀଙ୍କୁ ପଟ୍ଟା ଦେବାର ବ୍ୟବସ୍ଥା କରିବେ କି?

----

## ଜିଲ୍ଲା ମାନ୍ୟତା ପ୍ରଦାନ

822 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନରସିଂହପୁରକୁ ଜିଲ୍ଲାର ମାନ୍ୟତା ପ୍ରଦାନ କରିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## Regarding Banshadhara water dispute

823 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- In Accordance with the agreement between the Governments of Odisha and Andhra Pradesh in connection with the

Banshadhara water dispute, is there any provision, that if Odisha undertakes an Irrigation Project on the Banshadhara river, the cost of the Neradi Barrage shall be shared between the two States in proportion to their respective Ayacut; if so, what is the Ayacut ratio between Odisha snd Andhra Pradesh, and in what proportion or percentage is the cost of the Neradi Barrage to be borne by each State?

----

**Prevent accumulation of Backwater**

824 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Whether, there is any possibility that villages located near the flood protection wall may be affected by flooding due to the backwater effect following The construction of the Neradi Barrage; If so, what preventive and protective measures has the Government planned to: prevent the accumulation of backwater, ensure Its safe discharge, and protect the affected villages from flooding?

----

**Impact of Neradi Barrage**

825 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Whether, The Government is aware that the construction of the Neradi Barrage may adversely affect downstream farmers in Odisha, as four Mega Lift Irrigation Projects and hundreds of other lift Irrigation Projects could become ineffective due to changes in downstream flow and water availability; Whether the Government is aware that agricultural lands in downstream areas may be affected by sand deposition, thereby impacting cultivation and the livelihood of thousands of farmers; Whether the Government has assessed the potential adverse impacts of the Neradi Barrage on lift irrigation projects, agricultural lands, and groundwater recharge potential of Paralakhemundi Town and surrounding areas; If so, what measures are being proposed to protect irrigation projects, agricultural lands, farmers, and groundwater resources in the affected downstream regions?

----

**ସ୍ଥାୟୀ ପୁନର୍ବାସ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଦକ୍ଷେପ**

826 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରତିବର୍ଷ ବନ୍ୟାରେ ସମାନ ଅଞ୍ଚଳର ଲୋକେ ପୁନଃ ପ୍ରଭାବିତ ହେଉଥିବା ସତ୍ତ୍ୱେ ବନ୍ୟାପ୍ରବଣ ଗ୍ରାମଗୁଡ଼ିକର ବିପଦ ହ୍ରାସ ପାଇଁ ଦୀର୍ଘମିଆଦୀ ପଦକ୍ଷେପ କେତେ ଦୂର ସଫଳ ହୋଇଛି, ଗତ ୫ ବର୍ଷରେ ଜିଲ୍ଲାୱାରୀ କେତେ ଗ୍ରାମକୁ ଉଚ୍ଚ ବିପଦପ୍ରବଣ ଭାବେ ଚିହ୍ନଟ କରାଯାଇଛି, ସେଥିରୁ କେତୋଟି ଗ୍ରାମରେ ସ୍ଥାୟୀ ବିପଦ ହ୍ରାସ ପଦକ୍ଷେପ ନିଆଯାଇଛି ଏବଂ କେତେ ଅର୍ଥ ବ୍ୟୟ ହୋଇଛି, ବିଶେଷକରି ଦୁର୍ଗମ ଓ ଆଦିବାସୀ ଅଞ୍ଚଳ ପାଇଁ ବନ୍ୟା ପୂର୍ବ ସତର୍କ ସୂଚନା, ନିରାପଦ ସ୍ଥାନାନ୍ତରଣ ଓ ସ୍ଥାୟୀ ପୁନର୍ବାସ ବ୍ୟବସ୍ଥାକୁ କିପରି ସୁଦୃଢ଼ କରାଯାଉଛି?

----

## ସ୍ଥାନୀୟ ଯୁବକ-ଯୁବତୀଙ୍କୁ ନିଯୁକ୍ତି

୪27 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ଖଣି ସମ୍ପଦରୁ ବିପୁଳ ରାଜସ୍ୱ ଆଦାୟ ହେଉଥିବା ସତ୍ତ୍ୱେ ଖଣି ପ୍ରଭାବିତ ଅଞ୍ଚଳର ସ୍ଥାନୀୟ ଯୁବକ-ଯୁବତୀମାନେ ପର୍ଯ୍ୟାପ୍ତ ନିଯୁକ୍ତି ଓ ଦକ୍ଷତା ସୁଯୋଗ ପାଉନଥିବା ଅଭିଯୋଗ ରହିଛି, ଗତ ୫ ବର୍ଷରେ ଖଣି ଲିଜ୍ ପ୍ରାପ୍ତ ସଂସ୍ଥାଗୁଡ଼ିକରେ ଜିଲ୍ଲାୱାରୀ କେତେ ସ୍ଥାନୀୟ ଯୁବକ-ଯୁବତୀ ନିଯୁକ୍ତି ପାଇଛନ୍ତି, ତାହାର କୌଣସି ନିରୀକ୍ଷଣ ବ୍ୟବସ୍ଥା ରହିଛି କି, ଖଣି ପ୍ରଭାବିତ ଅଞ୍ଚଳର ଯୁବକମାନଙ୍କୁ ଦକ୍ଷତା ବିକାଶ ସହିତ ସ୍ଥାନୀୟ ନିଯୁକ୍ତିରେ ପ୍ରାଥମିକତା ଦେବା ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି?

----

## ରାଘବଠାରୁ ବଳିପୁର ବନ୍ଧର ସ୍ଥିତି

୪28 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଆମ୍ଭୋ ଠାରୁ ସମଣା ନଦୀବନ୍ଧ କାର୍ଯ୍ୟଟିକୁ ୨୦୨୪-୨୫ ଆର୍ଥିକ ବର୍ଷରେ ହାତକୁ ନିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଥିବା ବେଳେ ଏପର୍ଯ୍ୟନ୍ତ କାମ ଆରମ୍ଭ ନ ହେବାର କାରଣ କଣ,ଏହାର ଜମି ଅଧିଗ୍ରହଣ ପ୍ରକ୍ରିୟା ସାରିଲାଣି କି ନାହିଁ ? (ଖ) ରାଘବପୁର ଠାରୁ ବଳିପୁର ବନ୍ଧର ସ୍ଥିତି କଣ , କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ Baitarani Irrigation Division ଅଧୀନରେ Baitarani Left Embankment (୧) ଆମ୍ଭୋ ଠାରୁ ସମଣା (୨) ରାଘବପୁର ଠାରୁ ହାବେଳେଶ୍ୱର ମୋଟ ୧୦ କିଲୋମିଟର ନଦୀବନ୍ଧ ନିର୍ମାଣ ହୋଇନଥିବାରୁ ପ୍ରତି ବର୍ଷ ୭ ଗୋଟି ପଞ୍ଚାୟତର ଫସଲ ଓ ଧନଜୀବନ କ୍ଷୟକ୍ଷତି ହେଉଛି ; କେବେ ସୁଦ୍ଧା ଏ କାମ ଆରମ୍ଭ ହେବ ଏବଂ କେବେ ଏ କାର୍ଯ୍ୟ ଶେଷ ହେବ?

----

## ବନ୍ୟା ଦ୍ୱାରା କ୍ଷୟକ୍ଷତି ଚାଷୀଙ୍କୁ ସହାୟତା ପ୍ରଦାନ

୪29 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଚଳିତ ବର୍ଷ ବନ୍ୟାରେ କେତେ ଚାଷ ଜମି କ୍ଷୟକ୍ଷତି ହେଇଛି,ଏବଂ କ୍ଷୟକ୍ଷତି ହେଉଥିବା ଚାଷ ଜମି ଗୁଡ଼ିକ ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି, କ୍ଷୟକ୍ଷତି ହେଉଥିବା ଚାଷ ଜମି ମାନଙ୍କର ଚାଷୀଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବେ କି ?

----

## ବନ୍ୟା କ୍ଷତିଗ୍ରସ୍ତ ପରିବାରଙ୍କୁ ପଲିଥିନ ଯୋଗାଇବା

୪30 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଚଳିତ ବର୍ଷ ବନ୍ୟାରେ ଆଜି ପର୍ଯ୍ୟନ୍ତ ଅନେକ ପରିବାର ପଲିଥିନ ପାଇବାରୁ ବଞ୍ଚିତ କଥା ସତ୍ୟ କି, ଯଦି ଉତ୍ତର ହଁ ହୁଏ,ବାକିଥିବା ପରିବାର ବର୍ଗଙ୍କୁ କେବେ ସୁଦ୍ଧା ପଲିଥିନ ଯୋଗାଇଦିଆଯିବା ଜଣାଇବେ କି ; କେଉଁ ପଂଚାୟତର କେଉଁ ପରିବାର ବର୍ଗଙ୍କୁ କେତେ ପଲିଥିନ ଯୋଗାଇ ଦିଆଯାଇଛି ?

----

## ବିଧାୟକ ପାଣ୍ଠି ବୃଦ୍ଧି ପାଇଁ ପଦକ୍ଷେପ

୪31 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବିଧାୟକ ପାଣ୍ଠିରେ ସ୍କୁଲ ଅଫିସ, ସ୍କୁଲ ଶ୍ରେଣୀ ଗୃହ ଏବଂ ରାସ୍ତା ନିର୍ମାଣ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦିଷ୍ଟ ନିୟମ ଥିବାରୁ ସିମିତ ଅର୍ଥରେ କରାଯିବା ସମ୍ଭବପର ହେଉନଥିବା ଜନସାଧାରଣଙ୍କ ଦାବୀ ଅନୁଯାୟୀ ଏହି ନିୟମକୁ ପରିବର୍ତ୍ତନକରି ସ୍କୁଲ ଗୃହ କିମ୍ବା ରାସ୍ତା ଘାଟ ନିର୍ମାଣ ନିମନ୍ତେ ଟ.1,00,00.000 (ଏକ କୋଟି) ଲେଖାଏଁ ବୃଦ୍ଧି କରିବା ଦିଗରେ ନିୟମ ସଂଶୋଧନ କରି ବିଧାୟକ ପାଣ୍ଠି ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ କି?

----

## ବନ୍ୟା ଦ୍ୱାରା ଚାଷ ଜମି କ୍ଷତିଗ୍ରସ୍ତ

୪32 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟରେ କେଉଁ କେଉଁ ବ୍ଲକରେ କେତେ ପରିମାଣର ଚାଷ ଜମିରେ ବନ୍ୟା ଜଳ ଦ୍ୱାରା ପ୍ଲାବିତ ହୋଇ ଫସଲ ହାନି ହୋଇଛି କିମ୍ବା ବାସଗୃହ ନଷ୍ଟ ହୋଇଛି, ଏହି କ୍ଷତିଭରଣା କରିବା ପାଇଁ ସରକାର କେତେ ଅର୍ଥ ଚଳିତ ବର୍ଷ କ୍ଷତିପୁରଣ ବାବଦକୁ ବ୍ୟୟ ବରାଦ କରିଛନ୍ତି ତାହାର ସବିଶେଷ ତଥ୍ୟ ବ୍ଲକୱାରୀ ପ୍ରଦାନ କରିବେ କି?

----

## ଚାଷୀଙ୍କ କ୍ଷତିପୂରଣ ଭରଣା ପାଇଁ ସହାୟତା ପ୍ରଦାନ

୪33 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ସମେତ ରାଜ୍ୟରେ ଚଳିତ ବର୍ଷ ମାତ୍ରାଧିକ ବର୍ଷା ହେବା ଫଳରେ ଧାନ ଚାଷ ଠାରୁ ଆରମ୍ଭ କରି ପନିପରିବା ଇତ୍ୟାଦି ଚାଷ ବନ୍ୟାଜଳ ଦ୍ୱାରା ପ୍ଲାବିତ ହୋଇ ସଂପୁର୍ଣ୍ଣ ଫସଲ ନଷ୍ଟ ହୋଇଯାଇଥିବାରୁ କୃଷକମାନେ କ୍ଷତିଗ୍ରସ୍ତ ହୋଇଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଆସିଥାଏ ତେବେ ଚାଷୀଙ୍କ କ୍ଷତିପୂରଣ ଭରଣା କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଆଗାମୀ ରବି ଋତୁରେ ସମସ୍ତ ଉଠାଜଳ ସେଚନ ପଏଣ୍ଟ ( LI Point) ଗୁଡିକୁ ସଚଳ କରି ରବି ଚାଷ ନିମନ୍ତେ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ ସରକାର ପଦକ୍ଷେପ ନେବେକି?

----

## ଜମିଜମା ସମସ୍ୟାର ସମାଧାନ

834 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୧୯୨୦ ୧୯୨୧ ବର୍ଷ ପରଠାରୁ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ଆଜିସୁଦ୍ଧା ଜମିଜମା ସମସ୍ୟାର ବନ୍ଦୋବସ୍ତ( SETTLEMENT) ହୋଇନାହିଁ ଏଣୁ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏସବୁର ସମାଧାନ ପାଇଁ ବନ୍ଦୋବସ୍ତ ବ୍ୟବସ୍ଥାର କାର୍ଯ୍ୟ କରିବେ କି?

----

## ବିନା Tender ରେ ବାଲି ଉଠାଣ

835 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ଦିର୍ଘ 15 କି.ମି. ଧରି ଋଷିକୂଲ୍ୟା ନଦୀ ପ୍ରବାହିତ ହେଉଅଛି,ଏହାର ବିଭିନ୍ନ ଅଂଚଳରେ ବିନା Tender (ନିଲାମ) ମାଧ୍ୟମରେ ବାଲି ଉଠାଣ ହେଉଛି ଯାହାର ଫଳରେ ବହୁ ରାଜସ୍ୱ ହାନି ଘଟୁଛି ଏହାର ଆଶୁ ସମାଧାନ ପାଇଁ ନିଲାମ ବ୍ୟବସ୍ଥା ପ୍ରଚଳନ କରି ବାଲି ଉଠାଣର ବ୍ୟବସ୍ଥା କରିବେକି?

----

## ବସୁନ୍ଧରା ଯୋଜନାରେ ଜାଗା ଯୋଗାଇବା

836 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବସୁନ୍ଧରା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ୪ ଡ଼ିସିମିଲି ଜାଗାରେ କେତେଜଣ ଘର ତିଆରି କରିଛନ୍ତି; ଯେଉଁମାନେ ତିଆରି କରିନାହାନ୍ତି ତାର କିଛି କାରଣ ହସ୍ତଗତ ହୋଇଛି କି; ୪ ଡ଼ିସିମିଲ କେତେ ବର୍ଗଫୁଟ; ୨୦୨୪ - ୨୫ ଓ ୨୦୨୫ -୨୬ ରେ କେତେ ଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇ ଜମି ପାଇଥିବା ବେଳେ ନିର୍ଦ୍ଧାରିତ ମାନଦଣ୍ଡ ଯୋଗୁଁ ଜମି ପାଇନଥିବା ହିତାଧିକାରୀଙ୍କ ସଂଖ୍ୟା କେତେ ;ସେମାନଙ୍କୁ ଜମି ମିଳିବକି ?

----

## ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରକୁ ଘରୋଇ କରଣ

୫37 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ః**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ବିଜୁପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରକୁ ଘରୋଇକରଣ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ପ୍ରସ୍ତାବ ନିଷ୍ପତ୍ତି ନେଇଛନ୍ତି ସେହି ନିଷ୍ପତ୍ତି ଉପରେ ରାଜ୍ୟ ସରକାର ତାଙ୍କର କଣ ମତ ରଖିଛନ୍ତି କିମ୍ବା ରଖିବାକୁ ଯାଉଛନ୍ତି; ଏହି ବିମାନ ବନ୍ଦରର ବିଗତ ୫ ବର୍ଷର ବର୍ଷଓ୍ୱାରୀ ଲାଭ କ୍ଷତି ହିସାବ ପ୍ରଦାନ କରିବେ କି; ଘରୋଇକରଣ ଫଳରେ ଯାତ୍ରୀ ସେବା, ବିମାନ ଭଡ଼ା ରୋଜଗାର ଏବଂ ପରିବହନ ବ୍ୟବସ୍ଥା ଉପରେ କି ପ୍ରକାର କୁ ପ୍ରଭାବ ପଡ଼ିବ; ଘରୋଇ କରଣ ଦ୍ୱାରା ବିମାନବନ୍ଦରର ନାମ ପରିବର୍ତ୍ତନର କିଛି ଆଶଂଙ୍କା ରହିଛି କି; ଭବିଷ୍ୟତରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସଡ଼କ ପରିବହନ (ରାଜ୍ୟର) ଘରୋଇକରଣ ହେବାର କିଛି ସମ୍ଭାବନା ଅଛି କି?

----

## ନୂତନ ଖଣି ନୀତି ଉପରେ ରାଜସ୍ୱ ଉପରେ ପ୍ରଭାବ

୫38 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ః**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ର ସରକାରଙ୍କ ନୂତନ ଖଣି ନୀତି ଫଳରେ ଓଡ଼ିଶାର ଖଣି ରାଜସ୍ୱ ଉପରେ କେତେ ପ୍ରଭାବ ପଡ଼ିବ ଏବଂ ବାର୍ଷିକ କେତେ ରାଜସ୍ୱ ( ଖଣି) ହାନୀ ହେବ ବୋଲି ସରକାର ଆକଳନ କରିଛନ୍ତି; ସୁପ୍ରିମ କୋର୍ଟଙ୍କ ୨୦୨୪ ଜୁଲାଇ ରାୟ ଅନୁଯାୟୀ ୨୦୦୫ ମସିହାଠାରୁ ୨୦୨୬ ମଧ୍ୟରେ କେତେ କୋଟି ଟଙ୍କାର ବକେୟା ପ୍ରାପ୍ୟ ଓଡ଼ିଶା ହରାଇବ ; ଏହି ନୀତି ଯୋଗୁଁ ଖଣି ପ୍ରଭାବିତ ଅଞ୍ଚଳର ବିକାଶ ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼ିବ କି ; ଓଡ଼ିଶାର ବର୍ତ୍ତମାନ ବାର୍ଷିକ ସ୍ୱତନ୍ତ୍ର ଖଣି ରାଜସ୍ୱ କେତେ ?

----

## ବନ୍ୟା ନିୟନ୍ତ୍ରଣ ପାଇଁ ନଦୀବନ୍ଧ ନିର୍ମାଣ ଯୋଜନା

୫39 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ః**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଚଳିତବର୍ଷ ରାଜ୍ୟର କେଉଁ କେଉଁ ନଦୀରେ ବଡ଼ ଓ ମଧ୍ୟମ ମଧ୍ୟମ ଧରଣର ବନ୍ୟା ଆସିଛି ; ବନ୍ୟା ସମୟରେ କେଉଁ ନଦୀରେ କେତେ ପରିମାଣର ଜଳ ପ୍ରବାହିତ ହୋଇ କେଉଁ କେଉଁ ଅଞ୍ଚଳରେ କ୍ଷୟକ୍ଷତି ଘଟାଇଛି ; ବନ୍ୟା ନିୟନ୍ତ୍ରଣ ପାଇଁ ସରକାର ନଦୀବନ୍ଧ ନିର୍ମାଣର ଯୋଜନା କରିଛନ୍ତି କି ; ଯଦି ହଁ, ତେବେ କେଉଁ କେଉଁ ନଦୀରେ ନଦୀବନ୍ଧ ନିର୍ମାଣର ଯୋଜନା ରହିଛି ?

----

## ସହଜ ସୁବିଧାରେ ବାସସ୍ଥାନ ପ୍ରମାଣ ପତ୍ର ପ୍ରଦାନ

୫40 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ః**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଛାତ୍ରଛାତ୍ରୀମାନଙ୍କର ନାମଲେଖା ପାଇଁ ଏବେ ବାସସ୍ଥାନ ପ୍ରମାଣପତ୍ର ଆବଶ୍ୟକ ହେଉଥିବାବେଳେ ଏହାକୁ ସୁବିଧାରେ ପାଇବାପାଇଁ କ'ଣ ସବୁ ବ୍ୟବସ୍ଥା ଓ ରହିଛି ; ବାସସ୍ଥାନ ପ୍ରମାଣପତ୍ର ପାଇଁ ଛାତ୍ରଛାତ୍ରୀଙ୍କର ଭୋଟର ପରିଚୟପତ୍ର, ଆଧାରକାର୍ଡ ଆଦିକୁ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇ ପାରିବ କି ; ଛାତ୍ରଛାତ୍ରୀମାନେ ଥରେ ବାହାର କରୁଥିବା ବାସସ୍ଥାନ ପ୍ରମାଣପତ୍ରର ଅବଧି କେତେ ଦିନ ରହିଛି ଏବଂ ଏହାକୁ ବୃଦ୍ଧି କରିବାପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ରହିଛି କି ?

----

## ବନ୍ୟା / ବାତ୍ୟା ଆଗୁଆ ସୂଚନା ଦେବା

841 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅତିରିକ୍ତ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ, ଆଗୁଆ ସୂଚନା ବ୍ୟବସ୍ଥା, ଉଦ୍ଧାର କାର୍ଯ୍ୟ ଉପକରଣ, ତାଲିମପ୍ରାପ୍ତ ସ୍ଥାନୀୟ ଉଦ୍ଧାରକାରୀ ଦଳ ଏବଂ ସଂବେଦନଶୀଳ ଅଞ୍ଚଳଗୁଡ଼ିକରେ ନିରାପଦ ଆଶ୍ରୟ ପଥ ଚିହ୍ନଟ କରି କଟକ ସଦରରେ ବନ୍ୟା ଓ ବିପର୍ଯ୍ୟୟ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି କି; ସଂବେଦନଶୀଳ ଗ୍ରାମଗୁଡ଼ିକ, ରିଲିଫ୍ କେନ୍ଦ୍ର, ପାନୀୟ ଜଳ, ବିଦ୍ୟୁତ୍, ରାସ୍ତା, ଯୋଗାଯୋଗ ଏବଂ ସାର୍ବଜନୀନ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ମୌସୁମୀ-ପୂର୍ବ ପ୍ରସ୍ତୁତି ପଦକ୍ଷେପ ସହିତ କଟକ ସଦର ପାଇଁ ଏକ ନିର୍ଦ୍ଦିଷ୍ଟ ବିପର୍ଯ୍ୟୟ ପରିଚାଳନା ଏବଂ ପୁନରୁଦ୍ଧାର ଯୋଜନା ପ୍ରସ୍ତାବିତ ଅଛି କି ?

----

## ମେଗା ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଜଳ ସେଚନ

842 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- - କଟକ ସଦର ନିର୍ବାଚନ ମଣ୍ଡଳୀରେ ପ୍ରାୟ ୨୦୦ ହେକ୍ଟରରୁ ଅଧିକ ଚାଷଜମିକୁ ବାରମାସୀ ଜଳସେଚନ ସୁବିଧା ଯୋଗାଇଦେବା ନିମନ୍ତେ 'ଜଳ ସେଚନ' ପଦକ୍ଷେପ/ଯୋଜନା ଅଧୀନରେ ଏକ 'ମେଗା ଉଠା ଜଳସେଚନ ପ୍ରକଳ୍ପ' ସ୍ଥାପନ କରିବା ପାଇଁ ସରକାର ପ୍ରସ୍ତାବ ରଖୁଛନ୍ତି କି; ବହୁବିଧ ଫସଲ ଚାଷକୁ ସୁଗମ କରିବା ଏବଂ କୃଷକମାନଙ୍କ ଆୟ ବୃଦ୍ଧି କରିବା ପାଇଁ ସରକାର ଏକ ସମୟସୀମା ମଧ୍ୟରେ ସର୍ଭେ, ସମୀକ୍ଷା ଓ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି, ଉପଯୁକ୍ତ ଜଳଉତ୍ସ ଚିହ୍ନଟ, ଆବଶ୍ୟକୀୟ ପାଣ୍ଠି/ଅନୁଦାନ ଯୋଗାଣ ଏବଂ ପ୍ରକଳ୍ପର କାର୍ଯ୍ୟକାରିତା କରିବା ନିମନ୍ତେ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କ୍ଷତି ପୂରଣ ପ୍ରଦାନ

843 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନର ବନ୍ୟା ଯୋଗୁଁ ରାଜ୍ୟରେ ମୋଟ କେତେ ହେକ୍ଟର କୃଷିଜମି ପ୍ରଭାବିତ/କ୍ଷତିଗ୍ରସ୍ତ ହୋଇଛି ; ଜିଲ୍ଲାୱାରୀ ଏବଂ ବ୍ଲକୱାରୀ ସମ୍ପୂର୍ଣ୍ଣ ତଥ୍ୟ ଅବଗତ କରାଇବେ କି ; ବିଶେଷକରି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ବନ୍ୟା ଯୋଗୁଁ କେତେ ହେକ୍ଟର କୃଷିଜମି ଏବଂ କେତେ ଜଣ ଚାଷୀ ପ୍ରଭାବିତ ହୋଇଛନ୍ତି ; ଗ୍ରାମପଞ୍ଚାୟତୱାରୀ ଓ ଗ୍ରାମୱାରୀ ତଥ୍ୟ ଜଣାଇବେ କି ; ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଫସଲ କ୍ଷତିପୂରଣ/ସରକାରୀ ସହାୟତା ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ କେତେ ପରିମାଣର ସହାୟତା ପ୍ରଦାନ କରଯିବ ; କ୍ଷତିଗ୍ରସ୍ତ ଚାଷୀମାନେ ଯେପରି ଯଥାଶୀଘ୍ର କ୍ଷତିପୂରଣ ଓ ଆବଶ୍ୟକ କୃଷି ସହାୟତା ପାଇପାରିବେ, ସେଥିପାଇଁ ସରକାର କେବେ 'ସୁଦ୍ଧା ସମସ୍ତ ପ୍ରକ୍ରିୟା ସମାପ୍ତ କରି ସହାୟତା ପ୍ରଦାନ କରିବେ?

----

## ପ୍ରକଳ୍ପର ବିବରଣୀ ପ୍ରଦାନ

୫44 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଆର୍ଥିକ ବର୍ଷ 2024-25 ଓ 2025-26 ମଧ୍ୟରେ ଜଳ ସମ୍ପଦ (Irrigation) ବିଭାଗ ପକ୍ଷରୁ ଭଦ୍ରକ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଉନ୍ନୟନମୂଳକ/ ଜଳସେଚନ ସମ୍ପର୍କିତ କାର୍ଯ୍ୟ କରାଯାଇଛି; (ଖ) ଉକ୍ତ ସମୟ ମଧ୍ୟରେ ଟେଣ୍ଡର, ଇ-ଟେଣ୍ଡର କିମ୍ବା ଅନଲାଇନ୍ ଟେଣ୍ଡର ପ୍ରକ୍ରିୟା ବିନା, ବିଶେଷକରି 5.00 ଲକ୍ଷରୁ କମ୍ ମୂଲ୍ୟର କେଉଁ କେଉଁ କାର୍ଯ୍ୟ କରାଯାଇଛି/ବଣ୍ଟନ କରାଯାଇଛି, ତାହାର— କାର୍ଯ୍ୟର ନାମ ଓ ସ୍ଥାନ; ପ୍ରଶାସନିକ ଅନୁମୋଦନ/ କାର୍ଯ୍ୟାଦେଶର ବିବରଣୀ; ଅନୁମୋଦିତ ଅର୍ଥରାଶି ଓ ବ୍ୟୟ ରାଶି; କାର୍ଯ୍ୟ ଆବଣ୍ଟନର ପ୍ରକ୍ରିୟା ଓ ଆଧାର; କାର୍ଯ୍ୟାଦେଶ ପ୍ରାପ୍ତ ଏଜେନ୍ସି/ଠିକା ସଂସ୍ଥା/ବ୍ୟକ୍ତିଙ୍କ ନାମ; କାର୍ଯ୍ୟ ସମାପ୍ତିର ତାରିଖ ଓ ବର୍ତ୍ତମାନ ସ୍ଥିତି କଣ ?

----

## ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା

୫45 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ୨୦୨୩-୨୪ ବର୍ଷସୁଦ୍ଧା ରାଜ୍ୟର ମୋଟ ଚାଷ ଜମିରୁ କେତେ ଚାଷ ଜମିରେ କେଉଁ ସୂତ୍ରରୁ ଜଳସେଚନ ବ୍ୟବସ୍ଥା ହୋଇପାରିଥିଲା, ତାହା ମୋଟ ଚାଷ ଜମିର କେତେ ଶତାଂଶ, ତାର ଜିଲ୍ଲାୱାରୀ ମୋଟ ଜମି, ଜଳସେଚିତ ଜମି, ଶତାଂଶ ଓ ସୂତ୍ର ସମ୍ବଳିତ ତଥ୍ୟ ପ୍ରଦାନ କରିବେ କି; (ଖ) ଆଜିସୁଦ୍ଧା ସରକାର କେଉଁ ଜିଲ୍ଲାରେ କେଉଁ ସୂତ୍ରରେ କେତେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରିଛନ୍ତି, ତାର ଜିଲ୍ଲାୱାରୀ ଜମି, ଜଳସେଚିତ ଜମି, ଶତାଂଶ ଓ ସୂତ୍ର ସମ୍ବଳିତ ବିବରଣୀ ପ୍ରଦାନ କରିବେ କି ?

----

## Collect of tax revenue on mineral land as per ORISED Act.

୫46 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How much of funds have been added to state exchequer, if had been the judgement of the Supreme Court of India on dt. 14th August 2024 implemented that empower the state to collect of tax (revenue) on mineral breaking land as Per ORISED Act; What are the amount expected to be collected as arrear since 2005 and yearly calculated tax per provision ?

----

## ରାଜ୍ୟ ଯୋଜନା/ କେନ୍ଦ୍ର ଯୋଜନା କାର୍ଯ୍ୟକାରୀ

847 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ୨୦୨୩-୨୪ ବର୍ଷରେ ରାଜ୍ୟରେ ରାଜ୍ୟ ଯୋଜନା, କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଓ ରାଜ୍ୟ କେନ୍ଦ୍ର ଯୋଜନା ସର୍ବମୋଟ କେତେ କେଉଁ ଯୋଜନା କାର୍ଯ୍ୟକାରୀ ହେଉଥିଲା; କେନ୍ଦ୍ର ପ୍ରବର୍ତ୍ତିତ ଓ କେନ୍ଦ୍ର ରାଜ୍ୟ ଯୋଜନା ବାବଦକୁ କାହାର ଅନୁଦାନ ଅଂଶ କେତେ, ତାର ଯୋଜନାୱାରୀ ତଥ୍ୟ ଦେବେ କି; (ଖ) ଏବେ ରାଜ୍ୟରେ ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା, କେନ୍ଦ୍ର-ରାଜ୍ୟ ଯୋଜନା ବାବଦକୁ ସର୍ବମୋଟ କେତେ ଓ କେଉଁ ଯୋଜନା କାର୍ଯ୍ୟକାରୀ ହେଉଛି; ଉପରୋକ୍ତ ୨୦୨୩-୨୪ ବର୍ଷର ଯୋଜନାରୁ କେଉଁ ଯୋଜନା ବନ୍ଦ ହୋଇଯାଇଛି, କେଉଁ ଯୋଜନାର ନାମ ପରିବର୍ତନ ହୋଇଛି; କେନ୍ଦ୍ର ରାଜ୍ୟ ଯୋଜନାରେ କଣ ଅଂଶ ଧନର ପରିମାଣ ପରିବର୍ତ୍ତନ ହୋଇଛି, କେତୋଟି ନୂଆ ଯୋଜନା ପ୍ରବର୍ତ୍ତନ ହୋଇଛି, ତାର ବିବରଣୀ ଦେବେ କି ?

----

## କଡିଙ୍ଗାମାଳି ଖଣି ଖନନ ସମୟ ବୃଦ୍ଧି

848 **ଶ୍ରୀ ପବିତ୍ର ସାଉଁତା (ଲକ୍ଷ୍ମୀପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷ୍ମୀପୁର ସ୍ଥିତି କଡିଙ୍ଗାମାଳି ଖଣି ଖନନକୁ ବଞ୍ଚିତ କରି 3.6 MTPA ରୁ 6.0 MTPA କରାଗଲା କିନ୍ତୁ 6 MTPA Expansion ଅନୁମୋଦନ ପୂର୍ବରୁ ସ୍ଥାନୀୟ ଲୋକଙ୍କ ପାଇଁ ନିର୍ଦ୍ଧାରିତ CSR Fund ଦ୍ୱାରା ଉନ୍ନୟନ ପ୍ରତିଶୃତିଗୁଡିକର କେତେ ପ୍ରତିଶତ କାର୍ଯ୍ୟକାରୀ ହୋଇଛି, 2024 ମସିହାଠାରୁ ଆଜିପର୍ଯ୍ୟନ୍ତ ଅଞ୍ଚଳବାସୀଙ୍କ ଦ୍ୱାରା ବାରମ୍ବାର ବିଭିନ୍ନ ଉନ୍ନୟନ କାମ ପାଇଁ ଦାବି ହୋଇ ଆସୁଥିଲେସୁଧା OMC କିମ୍ବା Vedanta କମ୍ପାନୀ, Nalco କମ୍ପାନୀଦ୍ୱାରା ପ୍ରଭାବିତ ଅଞ୍ଚଳରେ CSR Fund ଜରିଆରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ନହେବାର କାରଣ କଣ ?

----

## ନୂତନ ଜିଲ୍ଲା ଗଠନ

849 **ଶ୍ରୀ ପବିତ୍ର ସାଉଁତା (ଲକ୍ଷ୍ମୀପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ କେଉଁ ଜିଲ୍ଲାର କେଉଁ କେଉଁ ଅଞ୍ଚଳକୁ ନେଇ ନୂତନ ଜିଲ୍ଲା ଗଠନ ଓ କେଉଁ କେଉଁ ବ୍ଲକର କେଉଁ କେଉଁ ଅଞ୍ଚଳକୁ ନେଇ ନୂତନ ନିର୍ବାଚନ ମଣ୍ଡଳୀ ଗଠନ ଏବଂ କେଉଁ କେଉଁ ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଗଠନ ସରକାରଙ୍କ ପାଖରେ ପ୍ରସ୍ତାବ ରହିଛି ଉତ୍ତର ଦେବା ସହ କେଉଁ କେଉଁ ନୂତନ ଜିଲ୍ଲାକୁ କେବେସୁଦ୍ଧା ସରକାର ମଞ୍ଜୁରୀ କିମ୍ବା ଘୋଷଣା କରିବେ ସେଥିପାଇଁ କି କି ପ୍ରସ୍ତୁତି କେଉଁ ପର୍ଯ୍ୟାୟରେ ରହିଛି ?

----

### MLA LAD ନିର୍ଦ୍ଦେଶାବଳୀ 25-26 ଅନୁଯାୟୀ road ଏବଂ education component ବୃଦ୍ଧି କରିବା

850 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- MLA LAD ନିର୍ଦ୍ଦେଶାବଳୀ 2025-26 ଅନୁଯାୟୀ ନିର୍ଦ୍ଧାରିତ road component ଏବଂ education component ପାଇଁ 50 ଲକ୍ଷ ଟଙ୍କା ଲେଖାଏଁ ପର୍ଯ୍ୟାପ୍ତ ହେଉନାହିଁ, ବିଶେଷ କରି କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଏବଂ ଭୌଗଳିକ ଦୃଷ୍ଟିରୁ ଦୁର୍ଗମ ଜିଲ୍ଲାଗୁଡିକର ଅନେକ ଗ୍ରାମରେ ବର୍ତ୍ତମାନ ପର୍ଯ୍ୟନ୍ତ ଉପଯୁକ୍ତ ସଡକ ସଂଯୋଗର ଅଭାବ ରହିଛି ଏବଂ ବର୍ତ୍ତମାନର ଧାର୍ଯ୍ୟ ଅର୍ଥ ଆବଶ୍ୟକ ସଂଖ୍ୟକ ସଡକ କିମ୍ବା ଶିକ୍ଷା କ୍ଷେତ୍ରର ଉନ୍ନୟନ ପ୍ରକଳ୍ପ ହାତକୁ ନେବା ପାଇଁ ଯଥେଷ୍ଟ ହେଉନଥିବାରୁ road component & education component ପାଇଁ ବରାଦ ଅର୍ଥ ରାଶି ବୃଦ୍ଧି କରିବା କିମ୍ବା "ସାଧାରଣ ବର୍ଗ" (General Component) ଅଧିନରେ ଉକ୍ତ ଉନ୍ନୟନ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିବା ପାଇଁ ସରକାର ନିୟମରେ ସଂଶୋଧନ କରିବେ କି ?

----

### Renovation of Petanala

851 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) with reference to UDAQ No. 466 dated 19.02.2026, the present status of the balance renovation work of Petanala from RD 00 m to RD 2700 m, including the status of tendering, award of work, agreements and commencement of work in each of the three packages; (b) the reasons for the continued delay and the specific measures being taken to ensure completion within the stipulated timeline?

----

### Release of land

852 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) With reference to UDAQ No.366 dated 19.02.2026, the present status of the State Government's request to the Government of India for transfer/release of the land under the Aviation Research Centre (ARC) at Charbatia for development of an airport; (b) the

present status of consultations with the Ministry of Defence and other concerned authorities, including land availability, transfer requirements, security considerations and technical feasibility and the steps taken since the previous reply to obtain the required clearance from the Ministry of Defence and the timeline for submitting the complete proposal to the Ministry of Civil Aviation ?

----

**Assessment of Recovery of Tax**

853 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (a) With reference to the judgment dated 25.07.2024 and order dated 14.08.2024 of the Hon'ble Supreme Court, the total mineral tax dues assessable/recoverable in Odisha from 01.04.2005 onwards, mineral-wise; (b) The amount assessed, demand raised and recovered from 25.07.2024 till date, with leaseholders covered and outstanding dues and the steps taken for assessment and recovery including the timeline for recovery as directed by the Hon'ble Supreme Court ?

----

**ପାଣ୍ଠି ପ୍ରଦାନ ସମ୍ପର୍କରେ**

854 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- (କ) ଗତ ବନ୍ୟା ସମୟରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ ସମୟରେ ସୋରୋ ନିର୍ବାଚନ ମଣ୍ଡଳୀର ରାସ୍ତା ଓ ଭିତ୍ତିଭୂମି କ୍ଷୟ କ୍ଷତି ବାବଦକୁ ଅର୍ଥ ରାଶି ପ୍ରଦାନ ନିମନ୍ତେ ଯେଉଁ ଦାବି ପ୍ରଦାନ କରାଯାଇଛି ଉକ୍ତ ଦାବିପତ୍ର ଅନୁଯାୟୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡିଶା ଙ୍କ କାର୍ଯ୍ୟାଳୟ CM special assistance, SPF ଓ CTG ଯୋଜନା ରୁ କେତେ ପାଣ୍ଠି allocate କରିଛନ୍ତି ସମସ୍ତ ତଥ୍ୟ CM special assistance, SPF ଓ CTG ଯୋଜନା ଅନୁଯାୟୀ ପ୍ରଦାନ କରିବେ କି, (ଖ ) ବାଲେଶ୍ୱର Dist Planning Committee ର ଗଛିତ ରାଶି ଅନୁମୋଦନ ଲାଭ କରି କାର୍ଯ୍ୟକାରୀ କରିବାରେ ବିଳମ୍ବର କାରଣ କଣ ଓ Dist Planning Committee ର ବୈଠକ ଗତ 2 ବର୍ଷ ମଧ୍ୟରେ କେତେ ଥର ବସିଛି ଓ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ତଥ୍ୟ ପ୍ରଦାନ କରିବେ କି ?

----

**ଟେଣ୍ଡର ପ୍ରକ୍ରିୟା**

855 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ପ୍ରଶ୍ନ ସଂଖ୍ୟା U.D. 3147 ତା. 12.03.2026 ରିଖର ଉତ୍ତର ପରିପ୍ରେକ୍ଷୀରେ ସୋରୋ ଓ ବାହାନଗା ବ୍ଲକ ବନ୍ୟା ଅଞ୍ଚଳର ବନ୍ୟା ନିୟନ୍ତ୍ରଣର ସ୍ଥାୟୀ ସମାଧାନ ନିମନ୍ତେ କେବେସୁଦ୍ଧା ଟଏମ୍ଡର ପ୍ରକ୍ରିୟା ହୋଇ କାର୍ଯ୍ୟ ଆରମ୍ଭ ହେବ ଏହାର timeline ଭିତ୍ତିକ ତଥ୍ୟ ପ୍ରଦାନ କରିବେ କି, (ଖ) ପ୍ରଶ୍ନ ସଂଖ୍ୟା *U.D. 3147 ତା. 12.03.2026 ରିଖର ଉତ୍ତର ପରିପ୍ରେକ୍ଷୀରେ ସୋରୋ ଓ ବାହାନଗା ବ୍ଲକ ବଳରାମପୁର ନାଳ, କଣୀପୋଲ ନାଳ, ପିତାକାଳିଆ ନାଳ ଓ କୋଚିଆକୋଇଲି ନାଳର ପୁନଃରଉଦ୍ଧାର କାର୍ଯ୍ୟର ସ୍ଥିତି ବିଷୟରେ ଅବଗତ କରିବେ କି ଏବଂ କେଉଁ କେଉଁ ନାଳରେ କଣ କଣ କାର୍ଯ୍ୟ ଆଗକୁ କରାଯିବ ତାହାର କାର୍ଯ୍ୟୱାରୀ ତଥ୍ୟ ପ୍ରଦାନ କରିବେ କି ଏବଂ ଅରଡ଼ା ଗ୍ରାମର ଜଳ ନିଷ୍କାସନ ପାଇଁ survey ସରିଲା ପରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି, ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## କାଂଶବାଂଶ ନଦୀର ଜଳ ନିର୍ଗମନ

856 **ଶ୍ରୀ ମାଧବ ଧଡା (ସୋରୋ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ପ୍ରଶ୍ନ 1498 ତା. 04.12.2025 ର ଉତ୍ତର ପରିପ୍ରେକ୍ଷୀରେ କାଂଶବାଂଶ ନଦୀ ର ଜଳ ନିର୍ଗମନ ପାଇଁ କ୍ଷମତା ବୃଦ୍ଧି ପାଇଁ କାଂଶବାଂଶ ନଦୀ ବନ୍ଧ ର DPR ପ୍ରସ୍ତୁତ କରାଯାଇ ପ୍ରସାଶନିକ ଅନୁମୋଦନ ପରେ ଯଥା ଶୀଘ୍ର ଟେଣ୍ଡର ହୋଇ ନିର୍ମାଣ ପାଇଁ ଆବଶକୀୟ ପଦକ୍ଷେପ ନିଆଯିବ ବୋଲି ଯେଉଁ ପ୍ରତିଶ୍ରୁତି ମିଳିଥିଲା ତାହା କେବେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ତାହାର detailed time line ପ୍ରଦାନ କରିବେ କି, (ଖ ) ପ୍ରଶ୍ନ 1498 ତା. 04.12.2025 ର ଉତ୍ତର ପରିପ୍ରେକ୍ଷୀରେ କାଂଶବାଂଶ ନଦୀ ର ଏକ Restoration and Protection ପ୍ରକଳ୍ପ ର ପ୍ରସ୍ତାବ ଅଛି TAC ଅନୁମୋଦନ ପରେ କାର୍ଯ୍ୟକାରୀ କରାଯିବା ପାଇଁ ଆବଶକୀୟ ପଦକ୍ଷେପ ନିଆଯିବ ବୋଲି ଯେଉଁ ପ୍ରତିଶ୍ରୁତି ମିଳିଥିଲା ତାହା କେବେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ତାହାର detailed time line ପ୍ରଦାନ କରିବେ କି? ବର୍ତମାନ ର ପ୍ରକଳ୍ପ ର ସ୍ଥିତି କଣ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## DMF ପାଣ୍ଠିର ସୁପରିଚାଳନା

857 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ଜିଲ୍ଲାରେ DMF ପାଣ୍ଠିର ସୁପରିଚାଳନା ପାଇଁ କେବେ କମିଟି ଗଠନ କରାଯାଇଥିଲା, ଏହି କମିଟିର ବୈଠକ କେବେ ବସିଥିଲା, ଏହି ବୈଠକରେ କେଉଁମାନେ ଉପସ୍ଥିତ ଥିଲେ, ବୈଠକରେ କଣ ନିଷ୍ପତ୍ତି ହୋଇଥିଲା ଏହାର ଜିଲ୍ଲାୱାରୀ ଓ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେକି?

----

## DMF ପାଣ୍ଠିର Audit କାର୍ଯ୍ୟ

858 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବିଭିନ୍ନ ଜିଲ୍ଲାରେ ଥିବା DMF ପାଣ୍ଠିର CAG audit ହୋଇଛି କି, ଯଦି ହଁ ତେବେ audit ରୁ କେତେ ଟଙ୍କାର କି କି ଦୁର୍ନୀତି ହୋଇଥିବା ଜଣା ପଡ଼ିଛି କି, Audit report ଆଧାରରେ ଦାୟୀ କର୍ମଚାରୀ କିମ୍ବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଜଣାଇବେ କି ?

----

## ପ୍ରକଳ୍ପ କାର୍ଯ୍ୟ ପାଇଁ ଅନୁମୋଦନ

୫୨୨ **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପୁରୀ ନିର୍ବାଚନ ମଣ୍ଡଳୀ ପାଇଁ ଗତ ୨ ବର୍ଷ ମଧ୍ୟରେ ସମୁଦାୟ କେତୋଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି ଓ କେତୋଟି ପ୍ରକଳ୍ପର କାର୍ଯ୍ୟ ଚାଲୁଅଛି ଏବଂ ସମସ୍ତ ପ୍ରକଳ୍ପର ଆଜିକା ଦିନର ସ୍ଥିତି କଣ ଏବଂ ଗଙ୍ଗାନାରାୟଣପୁର ପଞ୍ଚାୟତ ନିକଟରେ ଭାର୍ଗବୀ Left Embarkment ର ରାସ୍ତା ଓ ନଦୀ ତଟବନ୍ଧର ପୁନଃରୁଦ୍ଧାର ପାଇଁ ମନ୍ତ୍ରଣାଳୟକୁ ଯାଇଥିବା ପ୍ରସ୍ତାବର ଆଜିକା ଦିନର ସ୍ଥିତି କଣ ଓ ଏହି କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ ହେବ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ଉପଜିଲ୍ଲାପାଳ Camp Office ସପ୍ତାହକୁ ୪ ଦିନ ବସିବା

୫୬୦ **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ଠାରେ ଉପ-ଜିଲ୍ଲାପାଳ, ଭଞ୍ଜନଗରଙ୍କ Camp Office 'ବା' କୋର୍ଟ ସପ୍ତାହକୁ ୩ (ତିନି) କରିବା ସରକାରଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ମାତ୍ର ଏକ ଦିନ ଅର୍ଥାତ ବୁଧବାର ଦିନ ଆସି ଅଫିସ କରୁଛନ୍ତି, ଯାହାକି ଆବଶ୍ୟକୀୟ ସଂଖ୍ୟକ କର୍ମଚାରୀ ଓ ଆନୁସଙ୍ଗିକ ସୁବିଧା ନଥିବାରୁ ଜନସାଧାରଣ ସର୍ବ ନିମ୍ନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି, ଜନସାଧାରଣଙ୍କର ଦାବୀ ମୁତାବକ ସପ୍ତାହକୁ ଚାରି ଦିନ କାର୍ଯ୍ୟ ଦିବସ କରିବା ସହ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଗଲେ ଜନସାଧାରଣ ମୌଳିକ ସୁବିଧା ପାଇବା ସଙ୍ଗେ ସଙ୍ଗେ ଅଯଥା ଖର୍ଚ୍ଚାନ୍ତ ଓ ସମୟ ନଷ୍ଟ ନକରି ଭଞ୍ଜନଗର ଦୌଡିବାରୁ ରକ୍ଷା ପାଇବେ, ଏହା କେତେ ଦିନ ମଧ୍ୟରେ କାର୍ଯ୍ୟକାରୀ ହେବ ?

----

## ଦୁର୍ଗମ ବସତି ଗୁଡିକୁ ସର୍ଭେ କରାଯିବ

୫୬୧ **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର ବିଭିନ୍ନ ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳରେ ଥିବା ହାମ୍ଲେଟ/ବସତିଗୁଡ଼ିକରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ଲୋକମାନେ ବାସସ୍ଥାନ ଜମି ଓ କୃଷି ଜମିର ଆଇନଗତ ପଟ୍ଟା/ସ୍ୱତ୍ୱାଧିକାର ନଥିବାରୁ ଯୋଗାଯୋଗ ରାସ୍ତା, ବିଦ୍ୟୁତ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (PMAY) ଓ ଅନ୍ୟାନ୍ୟ ଯୋଗ୍ୟତାଭିତ୍ତିକ ସରକାରୀ ସୁବିଧାରୁ ବଞ୍ଚିତ ହେବାର ଦେଖିବାକୁ ମିଳୁଛି, ତେବେ ଏପରି ଦୁର୍ଗମ ବସତିଗୁଡ଼ିକର ସର୍ଭେ କରାଯାଇଛି କି, ଯଦି ହୋଇନାହିଁ ତେବେ ଏହି ସମସ୍ୟାର ସମାଧାନ ପାଇଁ ସରକାର କଣ ପଦକ୍ଷେପ ନେବା ପାଇଁ ଚିନ୍ତା କରିଛନ୍ତି ଏବଂ କେବେ ସୁଦ୍ଧା ଏହାର ସମାଧାନ ହେବ ?

----

## ବନ୍ୟା ଦ୍ୱାରା ଧନଜୀବନ କ୍ଷତି

୮୬୨ **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟର ଚଳିତ ବର୍ଷ ବନ୍ୟାରେ କେଉଁ କେଉଁ ଜିଲ୍ଲାରେ କେତେ ପରିମାଣର ଧନ ଜୀବନ କ୍ଷତି ହୋଇଛି, ଉକ୍ତ ଜିଲ୍ଲା ଗୁଡିକରେ ସରକାର କଣ ସବୁ ସହାୟତା ପ୍ରଦାନ କରିଛନ୍ତି ତାହାର ଏକ ଜିଲ୍ଲା ଓ ବ୍ଲକୱାରୀ ସବିଶେଷ ତଥ୍ୟ ବିବରଣୀ ପ୍ରଦାନ କରିବେ କି ?

----

## ଜମି କାରବାର ସଂସ୍ଥା ଲୋକମାନଙ୍କୁ ଜମି ନଦେବାରୁ ସଂସ୍ଥାକୁ କଳାତାଲିକାଭୁକ୍ତ କରିବା

୮୬୩ **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପଥର ଗାଡିଆ ଓ ଦାରୁଠେଙ୍ଗ ମୌଜିରେ ସାଇଦରବାର ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଜମି କାରୀବାର ସଂସ୍ଥା ଖୋଲି ଲୋକମାନଙ୍କୁ ଜମି/ରାସ୍ତା/ଇଲେକ୍ଟ୍ରିଲାଇନ୍ ଦେବାନାଁରେ ହଇରାଣ/ଠକୁଥିବା ସଙ୍ଗେ ସଙ୍ଗେ ରାସ୍ତାକୁ ଅନ୍ୟନାମରେ registration କରିଥିବାରୁ ଲୋକମାନେ ଅସୁବିଧାରେ ପଡିବା ସହିତ ସର୍ବସ୍ୱାନ୍ତ ହୋଇଛନ୍ତି, ତେଣୁ ସେ ସଂସ୍ଥା ବିରୁଦ୍ଧରେ Enquiry କରି ସମ୍ପୂର୍ଣ୍ଣ ରିପୋର୍ଟ ଦେବା ସଙ୍ଗେ ସଙ୍ଗେ ସେ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହିତ EOW ଙ୍କୁ Enquiry କରିବାପାଇଁ ପଦକ୍ଷେପ ନେବେ କି ?

----

## ଜମି ବିକ୍ରୀପରେ ନକ୍ସାର ବାରମ୍ବାର ପରିବର୍ତ୍ତନ

୮୬୪ **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗୋଟିଏ ଜମି ବିକ୍ରୀପରେ ଜମିର ନକ୍ସା ଅନୁସାରେ ଭୂ-ନକ୍ସା ପୋର୍ଟାଲରେ ପ୍ରଦର୍ଶିତ ହୋଇଥାଏ କିନ୍ତୁ କିଛି ନ୍ୟସ୍ତ ସ୍ୱାର୍ଥଙ୍କ ପରାମର୍ଶରେ କୌଣସି କାରଣ ନଥାଇ R.I ଦାରୁଠେଙ୍ଗ ବାରମ୍ବାର ପରିବର୍ତ୍ତନ କରିବା ସମ୍ଭବପର କି, ଯଦି ନା, ଦାରୁଠେଙ୍ଗ ମୌଜାର 3121 ଓ ସହ ଅନ୍ୟ କେଉଁ ପ୍ଲଟ୍ ପ୍ଲଟ କୁ 2021 ମସିହା ଠାରୁ ଆଜି ପର୍ଯ୍ୟନ୍ତ କୌଣସି କିଣାବିକା ନହୋଇ ସେ By-Plot ଗୁଡିକୁ 2026 ରେ ସମ୍ପୃକ୍ତ ଦାରୁଠେଙ୍ଗ R.I ପରିବର୍ତ୍ତନ କରିବା କଥା ସରକାର ଜାଣିଛନ୍ତି କି ଯଦି ଜାଣିଛନ୍ତି ସେହି By-Plot ଗୁଡିକୁ ପୂର୍ବରୁ ଦର୍ଶାଯାଇଥିବା ନକ୍ସା ଫେରାଇବା ସହିତ ସମ୍ପୃକ୍ତ R.I ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## Report Summited by MWDT

865 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a)Whether any report has been summited by the MWDT regarding their visit to Odisha in May-2023 if yes, please provide the same, (b) After returning the FR of Telijor Dam project by CINC no.03.10.2019, what are further step has been taken by Govt. for taking the consent of MWDT if not why ?

----

## ପ୍ରକଳ୍ପର ବିବରଣୀ ପ୍ରଦାନ

866 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ୨୦୨୪ ମସିହା ଜୁନ୍ ୧ ତାରିଖରୁ ଏଯାବତ୍ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାକୁ କେତେ ଅର୍ଥ କେଉଁ ପ୍ରକଳ୍ପ ପାଇଁ ପ୍ରଦାନ କରିଛନ୍ତି, ଏହି ପ୍ରକଳ୍ପ ଗୁଡିକର ସମ୍ପୂର୍ଣ୍ଣ ତଥ୍ୟ ଅଟକଳ ପରିମାଣ, କେତେ ଅର୍ଥ ବ୍ୟୟ ହୋଇଛି, କାର୍ଯ୍ୟକାରୀ ସଂସ୍ଥାର ନାମ, ପ୍ରକଳ୍ପର ସ୍ଥିତି ସମ୍ପର୍କରେ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଯଥା ପ୍ରକଳ୍ପର ନାମ, ବ୍ୟୟ ଜଣାଇବେ କି ?

----

## OSRTC ଅଧିନରେ ଚାଲୁଥିବା ବସ

867 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- OSRTC ଅଧିନରେ ଅଧୁନା କେତୋଟି ବସ ଚାଲୁଅଛି, ଓ କେତୋଟି ରୁଟରେ ବସ ଚାଲୁଅଛି, କେତୋଟି ପୁରୁଣା ଅକାମୀ ହୋଇ ପଡ଼ିରହିଛି, କେତେ କର୍ମଚାରୀ ଅଛନ୍ତି, ସେମାନେ କେଉଁ ଭିତ୍ତିରେ ମାସିକା ଦରମା ଭତ୍ତା ପାଉଛନ୍ତି, OSRTC ବସରେ ଯାତ୍ରୀ ଅଧିକ ହେଉଛନ୍ତି କି ଓ ଘରୋଇ ବସ ଭଳି ଲାଭ କରି ପାରୁଛନ୍ତି, ଯଦି ନାଁ ତେବେ ଏହାର କାରଣ କଣ; ଅଧୁନା OSRTC ଅଧିନରେ ରାଜ୍ୟରେ କେତେ ଜାଗା ଅଛି; ସେଠାରେ ଗୋଟାଏ ଲେଖାଏଁ Market Complex କରି ରୋଜଗାର କରିବା ପାଇଁ ପଦକ୍ଷେପ OSRTC ଦେବେ କି ?

----

## ଟ୍ରକ୍ ଡ୍ରାଇଭର ମାନଙ୍କ ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ

୪୬୮ **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଟ୍ରକ୍ ଡ୍ରାଇଭରଙ୍କ ଅଧିକାରର ସୁରକ୍ଷା ପାଇଁ ଜାତୀୟ ମାନବାଧିକାର ଆୟୋଗ ମାର୍ଗ ଦର୍ଶିକା ବିଭାଗର ଦୃଷ୍ଟିକୁ ଆସିଛି କି, ଏଦିଗରେ ବିଭାଗ କି କି ପଦକ୍ଷେପ ଗ୍ରହଣ କରିଛନ୍ତି, ରାଜ୍ୟରେ Driver ମାନଙ୍କ ଦ୍ୱରା ଦିଆଯାଇଥିବା ଆବେଦନ ଉପରେ ସରକାର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି , (ଖ) ରାଜ୍ୟର ବୃତ୍ତିଗତ Driver ମାନଙ୍କ କଲ୍ୟାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ଓ ଦୁର୍ଘଟଣାରେ ମୃତ ଓ ସମ୍ପୂର୍ଣ୍ଣ ଅକର୍ମଣ୍ୟ ବୃତ୍ତିଗତ Driver ମାନଙ୍କର ପରିବାର ପ୍ରତିପୋଷଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି ?

----

## WODC ତରଫରୁ ଟଙ୍କା ଅନୁମୋଦନ

୪୬୯ **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଚଳିତ ଆର୍ଥିକ ବର୍ଷ ୨୦୨୬ -୨୭ (୧ ଏପ୍ରିଲ ୨୦୨୬ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ) ରେ WODC ତରଫରୁ କେଉଁ କେଉଁ ନିର୍ବାଚନ ମଣ୍ଡଳୀକୁ କେତେ କେତେ ଟଙ୍କା ଅନୁମୋଦନ କରାଯାଇଛି ତାର ଏକ ତାଲିକା ପ୍ରଦାନ କରିବା ସହିତ WODC ଅନ୍ତର୍ଗତ ସମସ୍ତ ନିର୍ବାଚନ ମଣ୍ଡଳୀରୁ କେତେ କେତେ ପ୍ରସ୍ତାବ ଯାଇଛି ଓ ସେଥିମଧ୍ୟରୁ କେତୋଟି ପ୍ରସ୍ତାବ ଅନୁମୋଦନ ହୋଇଛି ଓ କେତୋଟି ପ୍ରସ୍ତାବ ଅନୁମୋଦନ ହୋଇନାହିଁ ଏବଂ ଏଗୁଡ଼ିକ ଅନୁମୋଦନ ନ ହେବାର କାରଣ କଣ ; (ଖ) ଆର୍ଥିକ ବର୍ଷ, ୨୦୨୬-୨୭ ର ସମସ୍ତ ପ୍ରସ୍ତାବ ଗୁଡ଼ିକୁ କେବେ ସୁଦ୍ଧା ଅନୁମୋଦନ କରିବେ ଏବଂ କେତେ ଟଙ୍କା ନିର୍ବାଚନ ମଣ୍ଡଳୀ ପିଛା ଅନୁମୋଦନ ପାଇଁ ଧାର୍ଯ୍ୟ କରାଯାଇଛି ?

----

## ଇବ ନଦୀ ଉପରେ ମେଗା ବନ୍ଧ ପ୍ରକଳ୍ପ ନିର୍ମାଣ

୪70 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ ଜିଲ୍ଲା ସବଡେଗା ବ୍ଲକ ଅନ୍ତର୍ଗତ କଟନିଡିହିଠାରେ ଇବ୍ ନଦୀ ଉପରେ ମେଗା ବନ୍ଧ ପ୍ରକଳ୍ପ ନିର୍ମାଣ ପାଇଁ ସରକାର ସର୍ଭେ କାର୍ଯ୍ୟ ସଂପୁର୍ଣ୍ଣ କରିଛନ୍ତି କି ଏବଂ ସରକାର ଉକ୍ତ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି କି ନା ଏହା ସ୍ୱଷ୍ଟ କରିବେକି (ଖ) ସୁନ୍ଦରଗଡ ଭଳି ଏକ ଆଦିବାସୀ ବହୁଳ ଜିଲ୍ଲାରେ ଏହିପରି ଏକ ମେଗା ବନ୍ଧ ପ୍ରକଳ୍ପ ନିର୍ମାଣ ପାଇଁ ଗ୍ରାମସଭା ଆୟୋଜନ କରିବାର ଆବଶ୍ୟକତା ଅଛି?

----

## ନଦୀ ସଂଯୋଗୀକରଣ

871 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନମଣ୍ଡଳୀ ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ରାହୁଲ ଓ ଉଡେଇ ନଦୀ ସଂଯୋଗୀକରଣ ଯୋଜନା ପାଇଁ ବର୍ତ୍ତମାନର ସ୍ଥିତି କଣ ଏହାର ଟେଣ୍ଡର ପ୍ରକ୍ରିୟା କେବେସୁଦ୍ଧା ଆରମ୍ଭ ହେବ?

----

## Loss of Revenue

872 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the total revenue loss to the State exchequer on account of illegal mining, undervaluation of iron ore, and non-revision of dead/surface rent as flagged by the CAG for 2020-21 and 2021-22, (b) the amount recovered so far against the Rs 4,162.79 crore undervaluation loss admitted the district-wise break-up of outstanding dues and the number of leaseholders against whom recovery proceedings have been initiated and the exact date by which the automated demand-and-interest system and lease-deed amendments recommended by CAG will be fully operational across all mining districts?

----

## ସରକାରୀ ବସ ଚଳାଚଳ ପାଇଁ ପଦକ୍ଷେପ

873 **ଶ୍ରୀ ପଦ୍ମ ଚରଣ ହାଇବ୍ରୁ (କରଞ୍ଜିଆ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ, ଭୁବନେଶ୍ୱରରୁ ଭାୟା ଠାକୁରମୁଣ୍ଡା, କରଞ୍ଜିଆ, ରାଇରଙ୍ଗପୁର ଭୋଇତିରିଂକୁ କୌଣସି ସରକାରୀ ବସ ଶ୍ରୀ ଜଗନ୍ନାଥ ବସ ଚଳାଚଳ କରିବା ପାଇଁ କିଛି ଯୋଜନା ରହିଛି କି, ଯଦି ହଁ ତେବେ ଏହା କେବେସୁଦ୍ଧା କାର୍ଯ୍ୟକାରୀ ହେବ?

----

## ଜଳଭଣ୍ଡାର ଜମି ଓ ପାର୍ଶ୍ୱବର୍ତ୍ତୀ ଜମି ଲିଜ ଦେବା

874 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପର୍ଯ୍ୟଟନ ବିକାଶ ପାଇଁ ହୀରାକୁଦ ଜଳଭଣ୍ଡାର ଜମି ଓ ପାର୍ଶ୍ୱବର୍ତ୍ତୀ ଜମି ଦୀର୍ଘମିଆଦୀ ଲିଜ ସୂତ୍ରରେ ଘରୋଇ କମ୍ପାନୀ ମାନଙ୍କୁ ଦିଆଯିବା ପାଇଁ ସରକାର ନିଷ୍ପତି କରିଥିବାର ସତ୍ୟ ଅଟେ କି, ଯଦି ହଁ ଏହାର ବିସ୍ତୃତ ବିବରଣୀ ଦେବେ କି ଏବଂ ଏହା ଫଳରେ ହୀରାକୁଦ ଡ୍ୟାମ ଓ ଜଳଭଣ୍ଡାର ର ସୁରକ୍ଷା ପ୍ରତି ଏହା ବିପଦ ସୃଷ୍ଟି କରିବ ନାହିଁ କି, କେଉଁ ଘରୋଇ / ସରକାରୀ ସଂସ୍ଥା / କମ୍ପାନୀ ମାନେ ଏଥି ପାଇଁ ଆବେଦନ କରିଛନ୍ତି, ଏବଂ ସରକାରଙ୍କ ସର୍ତ୍ତାବଳୀ କ'ଣ ?

----

## କେନାଲର ପୁନଃରୁଦ୍ଧାର

875 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସାଳନ୍ଦୀ ନଦୀରୁ ବାହାରି ଥିବା ଦଶମୌଜା ଓ ଗୋପାଳିଆ କେନାଲ ସମ୍ପୂର୍ଣ୍ଣ ରୂପେ ପୋତି ହୋଇଯାଇଛି ଏହାର ପୁନଃରୁଦ୍ଧାର ଏବଂ Lining କାର୍ଯ୍ୟ କରିବା ପାଇଁ ସରକାର ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି କି; ଯଦି ହଁ, ତେବେ ତାହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବାକୁ ଯୋଜନା ରହିଛି ?

----

## Hirakud Command Area Development Authority ର କମିଟି ବୈଠକ ବସିବା

876 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- RDC, ସମ୍ବଲପୁରଙ୍କ ଅଧ୍ୟକ୍ଷତାରେ Hirakud Command Area Development Authority ର କମିଟି ମିଟିଂ ବିଗତ ଦୁଇବର୍ଷ ମଧ୍ୟରେ କେତେଥର ହୋଇଅଛି; ଯଦି ହୋଇନାହିଁ, କେବେଠାରୁ ହୋଇନାହିଁ ଓ ଏହାର କାରଣ କଣ ଏବଂ ବିଗତ ଦୁଇବର୍ଷ ମଧ୍ୟରେ CADA ମାଧ୍ୟମରେ ହୀରାକୁଦ ସେଚାଞ୍ଚଳ ବିଶେଷକରି ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ କେତେ ବ୍ୟୟ ଅଟକଳ କରାଯାଇ କେତୋଟି ଫିଲଡ଼ କେନାଲର ଉନ୍ନତିକରଣ କରାଯାଇଅଛି ?

----

## Number of farmers insured under crop insurance

877 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The number of farmers insured under crop insurance schemes during the last three years; the number of farmers who suffered crop losses but did not receive insurance compensation; the total amount of insurance claims pending as on date and the reasons for such pendency; and whether the Government proposes to establish a transparent and time-bound mechanism for settlement of crop insurance claims?

----

## ପଦ୍ମପୁର ଉଖଣ୍ଡକୁ ନୂତନ ଜିଲ୍ଲା ମାନ୍ୟତା

878 **ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ନୂତନ ଜିଲ୍ଲା ଗଠନ ନିମନ୍ତେ ସରକାରଙ୍କ ପାଖରେ ପ୍ରସ୍ତାବ ଅଛି କି; ଯଦି ହଁ ପଦ୍ମପୁର ଉପଖଣ୍ଡକୁ କେତେ ଶୀଘ୍ର ଏକ ନୂତନ ଜିଲ୍ଲା ଘୋଷଣା କରାଯିବ ?

----

## କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ସିଧାସଳଖ ପୁରୀକୁ ବସ ସେବା

୫79 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଶ୍ରୀକ୍ଷେତ୍ର ପୁରୀ ଧାମ ରୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀକୁ କୌଣସି ସିଧାସଳଖ ବସ୍ ସେବା ନଥିବାରୁ ଅଂଚଳରର ଶହସ୍ରାଧିକ ଭକ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ତଥା ତୀର୍ଥଯାତ୍ର କରିବାରେ ଅନେକ ଅସୁବିଧା ଭୋଗୁଥିବା ହେତୁ ଓଡିଶା ରାଜ୍ୟ ପରିବହନ ନିଗମ ଦ୍ୱାରା ପରିଚାଳିତ ପୁରୀ-ପାଟଣାଗଡ ଭୋଲଭ୍ ବସ ସେବାକୁ ସମ୍ପ୍ରସାରଣ କରି ସିନ୍ଧେକେଲା ପର୍ଯ୍ୟନ୍ତ ଚଳାଚଳ କରିବାକୁ ସରକାର କେବେସୁଦ୍ଧା ପଦକ୍ଷେପ ନେବେ; (ଖ) କେନ୍ଦୁଝର-ବଲାଙ୍ଗିର ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ ସେବାକୁ କଣ୍ଟାବାଞ୍ଜି ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ସିନ୍ଧେକେଲାର ଅଧିଷ୍ଠାତ୍ରୀ ଦେବୀ ମା ଦ୍ୱାର୍ଶନା, ଚଉଷଠୀ ଯୋଗିନୀ ତିର୍ଥକ୍ଷେତ୍ର ରାଣୀପୁର ଝରିଆଲ, ମହଖଣ୍ଡରରେ ସ୍ଥିତ ମା ବନଦୁର୍ଗା ତଥା ହରିଶଙ୍କର ମନ୍ଦିରକୁ ଯୋଡିବା ପାଇଁ ଚାନ୍ଦୋତରା-ସିନ୍ଧେକେଲା- ଭାଲୁମୁଣ୍ଡା - ମହଖଣ୍ଡ- ତୁରେକେଲା- ହରିଶଙ୍କର ମନ୍ଦିରକୁ ନିୟମିତ ବସ ସେବା ଆରମ୍ଭ କରିବାକୁ କଣ ପଦକ୍ଷେପ ଗ୍ରହଣ କରଛନ୍ତି ?

----

## ଭୂ ନକ୍ସାରେ ପ୍ଲଟ ଗୁଡିକ ସ୍ଥାନ ପାଇବା

୫80 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ରୋକଟ ମୌଜାର ଖତିୟାନ କ୍ରମିକ ନମ୍ବର 533/3716 ଏବଂ 533/3424, ପ୍ଲଟ ନମ୍ବର 1122/3711/4817 ଏବଂ 1122/3711/4817/5911 ପ୍ଲଟଗୁଡିକ ଦୀର୍ଘ ଦିନରୁ ଭୂ ନକ୍ସାରେ ସ୍ଥାନ ପାଇନଥିବାର କାରଣ କଣ, ଉକ୍ତ ପ୍ଲଟଗୁଡିକର ମାଲିକମାନେ କିଏ ଏବଂ ଉକ୍ତ ପ୍ଲଟଗୁଡିକ ଭୂନକ୍ସାରେ କେତେଦିନ ମଧ୍ୟରେ ସ୍ଥାନ ପାଇବ ?

----

## ଲକ୍ଷ୍ମୀ ବସ ଯୋଜନାରେ ଦୁର୍ନୀତିର ତଦନ୍ତ

୫81 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷ୍ମୀ ବସ ଯୋଜନାରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଅବସର ପରେ Pension ପ୍ରଦାନ

୫82 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)Steel & Mines Department ତଥା Directorate of Mines ଅଧିନରୁ ତା.01..01.2024 ତାରିଖରୁ ତା.01.01.2025 ମଧ୍ୟରେ କିଛି ଅଧିକାରୀ ଅବସର ଗ୍ରହଣ କରି ମଧ୍ୟ ଏଯାବତ୍ ସେମାନଙ୍କର ସମସ୍ତ Retirement benefits ନପାଇବା ସହ Provisional /Final pension ପାଇନଥିବା ସରକାରଙ୍କ ନଜରରେ ଅଛି କି, (ଖ) ଉପରୋକ୍ତ ଅଧିକାରୀ ମାନଙ୍କର GPF Rule 34 ଅନୁସାରେ Payment ହୋଇଛିକି, ଉତ୍ତର ନା ହେଲେ GPF Rule II (4) ଅନୁସାରେ ମାନ୍ୟବର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ରିଲିଫ ସାମଗ୍ରୀ ଯୋଗାଣ

883 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀରେ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସରକାରଙ୍କ ପକ୍ଷରୁ କେଉଁ କେଉଁ ରିଲିଫ ସାମଗ୍ରୀ, କେତେ ପରିମାଣରେ ଯୋଗାଇ ଦିଆଯାଇଥିଲା ଏବଂ ଏଥିପାଇଁ ମୋଟ କେତେ ଟଙ୍କା ବ୍ୟୟବରାଦ ଓ ବ୍ୟୟ କରାଯାଇଛି, ବନ୍ୟାରେ ସମ୍ପୂର୍ଣ୍ଣ ଭାବେ ଘରବାଡ଼ି, ଜମି, ଫସଲ କିମ୍ବା ଅନ୍ୟ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କୁ ସରକାରଙ୍କ ପ୍ରଚଳିତ ନିୟମ ଅନୁସାରେ କେତେ ପରିମାଣର ଆର୍ଥିକ ସହାୟତା/କ୍ଷତିପୂରଣ ପ୍ରଦାନ କରାଯିବ, ଏଥିପାଇଁ ହିତାଧିକାରୀ ଚିହ୍ନଟ ଓ ସହାୟତା ପ୍ରଦାନର ସମୟସୀମା କ'ଣ, ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀରେ CSR ଫଣ୍ଡ ମାଧ୍ୟମରେ କେଉଁ କେଉଁ କମ୍ପାନୀ/ସଂସ୍ଥା ବନ୍ୟା ପ୍ରପୀଡ଼ିତଙ୍କୁ ରିଲିଫ ସହାୟତା ପ୍ରଦାନ କରିଛନ୍ତି, ପ୍ରତ୍ୟେକ କମ୍ପାନୀ କେତେ ଟଙ୍କା କିମ୍ବା କେତେ ମୂଲ୍ୟର ରିଲିଫ ସାମଗ୍ରୀ ପ୍ରଦାନ କରିଛି, CSR ମାଧ୍ୟମରେ ପ୍ରଦାନ କରାଯାଇଥିବା ଚୁଡ଼ା, ଚାଉଳ, ଡାଲି, ଆଳୁ, ପାନୀୟ ଜଳ, ତାରପୋଲିନ୍, ଔଷଧ ଓ ଅନ୍ୟାନ୍ୟ ରିଲିଫ ସାମଗ୍ରୀର କମ୍ପାନୀୱାରୀ ଓ ପରିମାଣୱାରୀ ବିବରଣୀ ପ୍ରଦାନ କରିବେ କି, ଏବଂ ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀର କେଉଁ କେଉଁ ବ୍ଲକ, ପଞ୍ଚାୟତ ଓ ଗ୍ରାମରେ ସରକାରୀ ଏବଂ CSR ମାଧ୍ୟମରେ ରିଲିଫ ପ୍ରଦାନ କରାଯାଇଛି, ମୋଟ କେତେ ପରିବାର ଏଥିରୁ ଲାଭାନ୍ୱିତ ହୋଇଛନ୍ତି ?

----

## EV Policy ସମ୍ପର୍କରେ

884 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପୂର୍ବ EV ପଲିସିର ଅବଧି ସମାପ୍ତ ହେବା ପରେ ନୂତନ EV ପଲିସି କେବେ ସୁଦ୍ଧା ଲାଗୁ କରିବାକୁ ସରକାର ପରିକଳ୍ପନା କରିଛନ୍ତି, ପ୍ରସ୍ତାବିତ ନୂତନ EV ପଲିସିରେ ସାଧାରଣ ଲୋକଙ୍କ ପାଇଁ କେଉଁ କେଉଁ ଆର୍ଥିକ ଓ ଅନ୍ୟାନ୍ୟ ସୁବିଧା/ ପ୍ରୋତ୍ସାହନ ରହିବ, ବୈଦ୍ୟୁତିକ ଦୁଇଚକିଆ, ତିନିଚକିଆ, କାର୍, ବସ୍ ଓ ଅନ୍ୟାନ୍ୟ EV କ୍ରୟ କରୁଥିବା ଲୋକଙ୍କୁ ସବସିଡି, ରୋଡ୍ ଟ୍ୟାକ୍ସ, ପଞ୍ଜୀକରଣ ଶୁଳ୍କ ଆଦିରେ କୌଣସି ରିହାତି ପ୍ରଦାନ କରାଯିବ କି, ଯଦି ହଁ, ତାହାର ବିବରଣୀ କ'ଣ, ନୂତନ EV ପଲିସି ମାଧ୍ୟମରେ EV କ୍ରେତା, ଚାର୍ଜିଂ ଷ୍ଟେସନ୍ ସ୍ଥାପନକାରୀ ଏବଂ EV ଶିଳ୍ପ ସହ ଜଡ଼ିତ ବ୍ୟକ୍ତି/ସଂସ୍ଥାମାନେ କିପରି ଲାଭାନ୍ୱିତ ହେବେ, ରାଜ୍ୟରେ EV ବ୍ୟବହାରକୁ ବୃଦ୍ଧି କରିବା ପାଇଁ ପର୍ଯ୍ୟାପ୍ତ Ev ଚାର୍ଜି ଷ୍ଟେସନ୍, ବ୍ୟାଟେରୀ ସ୍ୱାପିଂ ଓ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କର କ'ଣ ପଦକ୍ଷେପ ରହିଛି, ନୂତନ EV ପଲିସି ଦ୍ୱାରା ପରିବେଶ ସୁରକ୍ଷା, ପ୍ରଦୂଷଣ ହ୍ରାସ ଏବଂ ଇନ୍ଧନ ଖର୍ଚ୍ଚ କମାଇବାରେ କେତେଦୂର ସହାୟତା ମିଳିବ ବୋଲି ଆକଳନ କରିଛନ୍ତି ?

----

## CSR Fund ରୁ ହୋଇଥିବା କାର୍ଯ୍ୟ

**୫୫୫ ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକାଳପଡା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ତିନି ବର୍ଷରେ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ Corporate Social Responsibility Fund(CSR Fund)ରୁ କେଉଁ କେଉଁ କାର୍ଯ୍ୟ କରିଛନ୍ତି ; ତନ୍ମଧ୍ୟରୁ କେନ୍ଦ୍ରାପଡା ଜିଲ୍ଲାରେ କେତେ ଅର୍ଥ କେଉଁ କାର୍ଯ୍ୟରେ ବ୍ୟୟ ହୋଇଛି?

----

## କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକରଣ

**୫୫୬ ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକାଳପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ କେତୋଟି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଅଛି ଓ ତନ୍ମଧ୍ୟରୁ କେତୋଟି କମ୍ପ୍ୟୁଟରୀକରଣ ହୋଇଛି ; ଅବଶିଷ୍ଟ କାର୍ଯ୍ୟାଳୟକୁ କେବେ କମ୍ପ୍ୟୁଟରୀକରଣ ହେବ?

----

## ବାଲିଘାଟର ସଂଖ୍ୟା

**୫୫୭ ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକାଳପଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ କେତୋଟି ବାଲିଘାଟ ଅଛି ; କେଉଁ କେଉଁ ବାଲିଘାଟ ନିଲାମ କରାଯାଇ କେତେ ବାଲି ବିକ୍ରି ପାଇଁ ଅନୁମତି ଦିଆଯାଇଛି ; ଏହି ଜିଲ୍ଲାର ବାଲି ନିଲାମରୁ କେତେ ରାଜସ୍ୱ ବାର୍ଷିକ ମିଳୁଛି ; ବାଲିଘାଟ ନିଲାମ ପାଇଥିବା ଲିଜଧାରୀଙ୍କ ନାମ, ଲିଜ୍ ମୂଲ୍ୟ ଓ ଅବଧିର ବିବରଣୀ ପ୍ରଦାନ କରିବେ କି?

----

## ଶାଖାନଦୀ, ଉପନଦୀମାନଙ୍କୁ IWAI ରେ ଅନ୍ତର୍ଭୁକ୍ତ ନକରିବାକୁ ପ୍ରସ୍ତାବ

୫୫୫ **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକାଳପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସାଧାରଣ ଜନତାଙ୍କ ଯାତାୟତ ନିମନ୍ତେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଥିବା ନାଳ, ଶାଖାନଦୀ, ଉପନଦୀରେ ପୋଲ ଆବଶ୍ୟକ ହେଉଥିବାବେଳେ ବିଭାଗୀୟ ଅଧିକାରୀମାନେ Inland Waterway Authority of India (IWAI) ର permission ନାହିଁ ବୋଲି କହି କରୁନାହାନ୍ତି ବା ବିଳମ୍ବ କରୁଛନ୍ତି ; ଏଣୁ ରାଜ୍ୟର ମୁଖ୍ୟ ନଦୀଗୁଡିକୁ ବାଦ୍ ଦେଇ ଶାଖାନଦୀ, ଉପନଦୀମାନଙ୍କୁ IWAI ରେ ଅନ୍ତର୍ଭୁକ୍ତ ନକରିବାକୁ କେନ୍ଦ୍ର ସରକାରଙ୍କୁ ଯଥାବିଧି ପ୍ରସ୍ତାବିତ କରି ସାଧାରଣ ଜନତାଙ୍କ ଯାତାୟତ ପାଇଁ ମୌଳିକ ସୁବିଧା କରିବେ କି?

----

## ନଦୀ, ନାଳଶଯ୍ୟାରୁ ବାଲି, ମାଟି ଅପସାରଣ

୫୫୨ **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକାଳପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ ଥିବା ନଦୀ ଓ ନାଳଗୁଡିକର ଶଯ୍ୟା ବାଲି, ମାଟି, ସିଉଳି, ଦଳ ଇତ୍ୟାଦି ଦ୍ୱାରା ପୋତି ହେବା ଯୋଗୁଁ ବର୍ଷା ଓ ବନ୍ୟାଜଳ ପ୍ରବାହରେ ବାଧା ହେଉଥିବା ; ଚାଷକାର୍ଯ୍ୟ ଠାରୁ ଗମନାଗମନର ପର୍ଯ୍ୟନ୍ତ ଲୋକମାନେ ହଇରାଣ ହେଉଥିବା ସରକାରଙ୍କ ନଜରକୁ ଆସିଛି କି ; ଯଦି ହଁ, ନଦୀ, ନାଳ ଶଯ୍ୟାରୁ ବାଲି ମାଟି ଇତ୍ୟାଦି ଅପସାରଣ କରି ଜଳ ପ୍ରବାହର ସୁଗମ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି?

----

## ନୂତନ ବ୍ଲକ ଗଠନ ପାଇଁ ପ୍ରସ୍ତାବ

୫୨୦ **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ନୂତନ ଜିଲ୍ଲା, ନୂତନ ସବ୍-ଡିଭିଜନ ଗଠନ ପାଇଁ ସରକାରଙ୍କର କିଛି ଯୋଜନା ଅଛି କି ; ଯଦି ଅଛି ତେବେ କେଉଁ କେଉଁ ଅଞ୍ଚଳକୁ ନେଇ କଣ ଗଠନ ପାଇଁ ପ୍ରସ୍ତାବ ରହିଛି ଜଣାଇବେ କି ଏବଂ (ଖ) ରାଜ୍ୟରେ ବହୁ ଜିଲ୍ଲା ଗୁଡିକରେ ବ୍ଲକ ଓ ଦୂରତାକୁ ଦୃଷ୍ଟିରେ ରଖି ଉପଜିଲ୍ଲାପାଳ କାର୍ଯ୍ୟାଳୟ କମ୍ ସଂଖ୍ୟା ଥିବାରୁ ଜନସାଧାରଣ ଯାତାୟତ କିମ୍ବା ସମ୍ପର୍କ ରଖିବାରେ ଅସୁବିଧାକୁ ଦୂର କରିବା ପାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟ ବୃଦ୍ଧି କରିବେ କି ; କଟକ ଜିଲ୍ଲାର ମାତ୍ର ୩ଟି ଉପ-ଜିଲ୍ଲାପାଳ କାର୍ଯ୍ୟାଳୟ ରହିଅଛି ଏହାକୁ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବେ କି?

----

## ଗୋପାଳପୁର ବନ୍ଦରର ସ୍ଥିତି

୫୨୧ **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ)ଗୋପାଳପୁର ବନ୍ଦରର ସ୍ଥିତି କଣ ; କେତେ କାର୍ଗୋ (Goods) ଗତ ଦୁଇ ବର୍ଷ (2024-25) ଆମଦାନୀ-ରପ୍ତାନୀ ହୋଇଛି ଏବଂ ସରକାର କେତେ ରୟାଲିଟି ପାଇଛନ୍ତି ଜଣାଇବେ କି ; ଏବଂ (ଖ) ସରକାରଙ୍କର ଆଦାନୀ କମ୍ପାନୀ ସହିତ ହୋଇଥିବା ଚୁକ୍ତିପତ୍ରର ତଥ୍ୟ ଯୋଗାଇ ଦେବେ କି ; ଏହି ଚୁକ୍ତି କେତେ ବର୍ଷ ପାଇଁ ହୋଇଛି?

----

## ନଦୀ ସଂଯୋଗୀକରଣ ଯୋଜନାର ଅଗ୍ରଗତି

୫୨ **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସରକାରଙ୍କର ପ୍ରସ୍ତାବିତ ନଦୀ ସଂଯୋଗୀକରଣ ଯୋଜନାର ବର୍ତ୍ତମାନ ସୁଦ୍ଧା କେତେ ଅଗ୍ରଗତି ହୋଇଅଛି ; ଏହି ଯୋଜନା କେଉଁ ତାରିଖରେ ଘୋଷଣା କରାଯାଇଥିଲା ଏବଂ କେଉଁ କେଉଁ ନଦୀକୁ ଏହି ଯୋଜନାରେ ସଂଯୋଗ କରାଯିବ ; କେବେ ସୁଦ୍ଧା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପାଇଁ ସ୍ଥିରୀକୃତ କରାଯାଇଛି ; ଏଥିପାଇଁ ପ୍ରାରମ୍ଭରୁ କେତେ ଟଙ୍କାର ବଜେଟ ପ୍ରବଧାନ ବର୍ଷୱାରୀ ହୋଇଥିଲା ?

----

## ନଦୀବନ୍ଧର ଉନ୍ନତିକରଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନର ତାଲିକା

୫୩ **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) 2024 ବର୍ଷ ଠାରୁ ଅଦ୍ୟାବଧି ଜଳସମ୍ପଦ ବିଭାଗ North Division ତରଫରୁ କେତେ ଅର୍ଥ କେଉଁ ନଦୀବନ୍ଧର କେଉଁ କାର୍ଯ୍ୟଗୁଡିକର ଉନ୍ନତିକରଣ ତଥା ରକ୍ଷଣାବେକ୍ଷଣ ପାଇଁ ପ୍ରଦାନ କରାଯାଇଛି ସେହି କାର୍ଯ୍ୟଗୁଡିକର ନାମ ଓ ଆର୍ଥିକ ଅନୁଦାନ ପ୍ରଦାନର ପରିମାଣର ଏକ ତାଲିକା ଦେବାସହ, (ଖ) ଆଠଗଡ ନିର୍ବାଚନ ମଣ୍ଡଳୀର ମହାନଦୀକୂଳରେ ଅବସ୍ଥାପିତ କଖଡି, ମଞ୍ଜେଶ୍ୱର, ମେଘା, କଟକିଆସାହି, କନ୍ଦରପୁର, ବଡନାଉପୁଟ, ହାଟମାଳ ପଞ୍ଚାୟତ ଗୁଡିକରୁ ଅହେତୁକ ଚୋରା ବାଲି ଉଠାଇ ବିଭିନ୍ନ ସ୍ଥାନରେ ଘାଇ କରିବା ଦ୍ୱାରା ନଦୀବନ୍ଧଗୁଡିକ ଦୁର୍ବଳ ହୋଇଯାଇଅଛି ; ତାହାର ପ୍ରତିକାର ସହ ଏଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ପଥର ପ୍ୟାକିଙ୍ଗର ଆବଶ୍ୟକତା ଦୃଷ୍ଟିରୁ ଏଗୁଡିକୁ ତୁରନ୍ତ ଅନୁଧ୍ୟାନ କରି ଆର୍ଥିକ ସହାୟତା ନିମନ୍ତେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବେ କି ଏବଂ ଏହି ବିଭାଗ ଅଧିନରେ କେଉଁ କାର୍ଯ୍ୟଗୁଡିକ ପାଇଁ Estimate କରାଯାଇ ଥିଲେ ମଧ୍ୟ ଅଦ୍ୟାବଧି ଅନୁଦାନ ପ୍ରଦାନ କରାଯାଇ ନାହିଁ ତାର ତାଲିକା ଦେବାସହ ଆଠଗଡ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ କେଉଁ କେଉଁ ପଦବୀ କେବେ ଠାରୁ ଖାଲିରହିଅଛି ଓ ଏହା କେବେ ସୁଦ୍ଧା ପୂରଣ କରାଯିବ ?

----

## ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା

୫୪ **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚଳିତ ବନ୍ୟାରେ ଆଠଗଡ ନିର୍ବାଚନ ମଣ୍ଡଳୀ ଦେଇ ଯାଇଥିବା ସାପୁଆ ଓ କଣ୍ଟିଆ ନଦୀର ବଢି ପାଣିରେ ଧାନ ଫସଲ ସହ ବ୍ୟାପକ ପନିପରିବା କ୍ଷତି ଘଟିଛି ଏବଂ ତାହା ସହ ବାସଗୃହ ସହ ଜୀବିକା ପ୍ରଭାବିତ ହୋଇଥିଲା ; ଏହାକୁ ଦୃଷ୍ଟିରେ ରଖି ବିଭାଗ ତରଫରୁ କିଭଳି ଆକଳନ କରାଯାଇ କି କି ସହାୟତା ପ୍ରଦାନ କରାଯାଇଥିଲା ଓ ଆଗାମୀ ଦିନରେ କି କି କ୍ଷତିପୂରଣ ଦେବାର ବ୍ୟବସ୍ଥା ହୋଇଛି ; (ଖ) ଏହି ବନ୍ୟାଞ୍ଚଳ କ୍ଷୟକ୍ଷତି ଆକଳନ ସହ ସରଜମିନ ପରିଦର୍ଶନ ପାଇଁ କେଉଁ କେଉଁ ଅଧିକାରୀମାନଙ୍କୁ ସରକାର ଓ ଜିଲ୍ଲାପାଳଙ୍କ ଦ୍ୱାରା ନିୟୋଜିତ କରାଯାଇଥିଲା ଏବଂ ସେମାନେ ଏହା ଉପରେ ବିଭାଗକୁ କି ତଥ୍ୟ ପ୍ରଦାନ କରିଛନ୍ତି ତାର ଏକ ତାଲିକା ଦେବାସହ ଏହା ଉପରେ ଅଦ୍ୟାବଧି ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ?

----

## ବସଷ୍ଟାଣ୍ଡ ନିର୍ମାଣ

୫୨୫ **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧିନ ଭାପୁର ଓ କଣ୍ଟିଲୋ ଠାରେ ପରିବହନ ବିଭାଗ ପକ୍ଷରୁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ କି ; (ଖ) ପରିବହନ ବିଭାଗ ପକ୍ଷରୁ ଖଣ୍ଡପଡା ଦେଇ ବୌଦ୍ଧ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ବାରିପଦା ଆଦି ସହରଗୁଡିକୁ ଯାତାୟତ ପାଇଁ ଓ.ଏସ୍.ଆର.ଟି.ସିର ବସ ସେବା ଯୋଗାଇଦେବାକୁ ପଦକ୍ଷେପ ନିଆଯିବ କି?

----

## ସୂଚନା କେନ୍ଦ୍ର ସ୍ଥାପନ

୫୨୬ **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ ଠାରେ ସୂଚନା କେନ୍ଦ୍ର ଖୋଲାଯାଇ ପର୍ଯ୍ୟଟକମାନଙ୍କୁ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ କି?

----

## ଚନ୍ଦ୍ରଶେଖର ମୁଦ୍ରଣାଳୟର ପୁନଃରୁଦ୍ଧାର

୫୨୭ **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ସହାରାଞ୍ଚଳ ସ୍ଥିତ ବହୁ ପୁରାତନ ଚନ୍ଦ୍ରଶେଖର ମୁଦ୍ରଣାଳୟର ପୁନଃରୁଦ୍ଧାର କରାଯାଇ ଏଠାରେ ଅତ୍ୟାଧୁନିକ ପ୍ରଣାଳୀର ଅଫସେଟ୍ ପ୍ରିଣ୍ଟିଂ ପାଇଁ ସରକାରୀ ପଦକ୍ଷେପ ନିଆଯିବ କି ; ଯଦି ଉତ୍ତର ହଁ, ତେବେ କେବେ ସୁଦ୍ଧା ଏନେଇ କାର୍ଯ୍ୟ ଆରମ୍ଭ ହେବ ସୂଚନା ଦେବେ କି?

----

## କନଭେନ୍ ସେଣ୍ଟର ନିର୍ମାଣ

୫୨୮ **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ନୟାଗଡ ଠାରେ ପ୍ଲାନିଂ ଓ କନଭରଜେନ୍ସ (ଯୋଜନା ଓ ସଂଯୋଜକ) ବିଭାଗ ପକ୍ଷରୁ ଏକ କନଭେନ୍ ସେଣ୍ଟର ଓ ମଲ୍ଟିପ୍ଲେକ୍ସ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ କି?

----

## ଲଘୁଖଣିଜ ଦ୍ରବ୍ୟର ସୁରକ୍ଷା

୫୨୯ **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ବାଲି, ପଥର ଖଣି ଗୁଡିକର ସୁରକ୍ଷା ତଥା ରାଜସ୍ୱ ପ୍ରାପ୍ତି ପାଇଁ କଣ କଣ ପଦକ୍ଷେପ ନିଆଯାଇଛି ତାର ଏକ ବିବରଣୀ ପ୍ରଦାନ କରିବେ କି?

----

## ଅନୁଦାନ ଆକାରରେ ଆସିଥିବା ଖଣିଜ ପାଣ୍ଠିର ପରିମାଣ

୨୦୦ **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାକୁ ଗତ 5 ବର୍ଷ ମଧ୍ୟରେ କେତେ ଖଣିଜ ପାଣ୍ଠି ଅନୁଦାନ ଆକାରରେ ଆସିଛି ; ସେଥିରୁ DMF ରେ କେତେ ଅନୁଦାନ ଆସିଛି?

----

## ବାଲିଘାଟ ନିଲାମର ତଥ୍ୟ

୨01 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାର ଜୁନାଗଡ ଏବଂ ଗୋଲମୁଣ୍ଡା ବ୍ଲକରେ କେତେ ଏବଂ କେଉଁ କେଉଁ ବାଲିଘାଟକୁ କେଉଁ କେଉଁମାନଙ୍କୁ କେବେ ଖନନ କରିବା ପାଇଁ ନିଲାମ ଦିଆଯାଇଛି ତାର ସବିଶେଷ ତଥ୍ୟ ଦେବେ କି ଏବଂ ବିଗତ 5 ବର୍ଷରୁ ଉକ୍ତ ବାଲିଘାଟରୁ କେତେ ରାଜସ୍ୱ ଆଦାୟ ହୋଇଛି?

----

## Check Dam ର ସଂଖ୍ୟା

୨02 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜୁନାଗଡ ନିର୍ବାଚନ ମଣ୍ଡଳୀର ଗୋଲମୁଣ୍ଡା ବ୍ଲକରେ କେତେ Check Dam ନିର୍ମାଣ ହୋଇଛି ; ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେତେ ଜଳ ଏଥିରେ ରହୁଛି?

----

## Indravati Canal ରୁ ଚାଷଜମିକୁ ପାଣି ବଣ୍ଟନ

୨03 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜୁନାଗଡ ନିର୍ବାଚନ ମଣ୍ଡଳୀର ଗୋଲାମୁଣ୍ଡା ବ୍ଲକର Indravati Canal କେତେ କି.ମି. ଅଛି ; ସେଠାରେ ଚାଷ ଜମିକୁ ପାଣି ପହଞ୍ଚୁନଥିବାର ତଥ୍ୟ ସରକାରଙ୍କ ପାଖରେ ଅଛି କି ; ଯଦି ଅଛି ତେବେ ସରକାର ଏ ବିଷୟରେ କି ପଦକ୍ଷେପ ନେଉଛନ୍ତି ; ଏଠାରେ ବର୍ତ୍ତମାନ ସୁଦ୍ଧା କେତେ ଚାଷ ଜମିକୁ ପାଣି ଦିଆଯାଉଛି?

----

## ରେଳଲାଇନ ନିମନ୍ତେ ଜମି ଅଧିଗ୍ରହଣ

904 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଆପାଳ ବ୍ଲକ ସ୍ଥିତ ଚୌମୁଖ(CHAUMUKH) ସୁବର୍ଣ୍ଣରେଖା ନଦୀ ମୁହାଣ ବନ୍ଦର ନିର୍ମାଣ ସ୍ଥାନ ଠାରୁ ଅମର୍ଦ୍ଦାରୋଡ (AMARDA ROAD) ପର୍ଯ୍ୟନ୍ତ ରେଳ ଲାଇନ୍ ନିର୍ମାଣ ସକାଶେ ଜମି ଅଧିଗ୍ରହଣ କାର୍ଯ୍ୟ ସମାପ୍ତ ହୋଇଛି କି ; ଏହି କାର୍ଯ୍ୟ ସମାପ୍ତ ହୋଇଥିଲେ ରେଳଲାଇନ୍ ନିର୍ମାଣ କାର୍ଯ୍ୟ କେଉଁ ପର୍ଯ୍ୟାୟରେ କେଉଁ ସଂସ୍ଥା ଏହି କାର୍ଯ୍ୟ ଦାୟିତ୍ୱ ନେଇଛନ୍ତି ; ରେଳଲାଇନ୍ ନିର୍ମାଣର ଏକ ନକ୍ସା ଏଥିସହ ଉପସ୍ଥାପନ କରିବେ କି ?

----

## CGF ପାଣ୍ଠିର ପରିମାଣ

905 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାର ଜିଲ୍ଲା ଯୋଜନା ସମିତି ଅଧ୍ୟକ୍ଷ ନିଯୁକ୍ତି ସରକାର କରିଥିବା ଓ ସମିତି କାର୍ଯ୍ୟକ୍ଷମ ଥିବାରୁ 2025-26 ଓ ଚଳିତ ବର୍ଷର CGF ପାଣ୍ଠି ସରକାର କେବେ ଯୋଗାଇଦେବେ ଓ ଏହି ଅର୍ଥର ପରିମାଣ କେତେ?

----

## ବସ୍ ଚଳାଚଳ ଆରମ୍ଭ

906 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ରାଜ୍ୟ ସଡକ ପରିବହନ ନିଗମ ପରିଚାଳନାରେ ପୁରୀ ଶ୍ରୀଜଗନ୍ନାଥ ନୀଳାଚଳ କ୍ଷେତ୍ରଠାରୁ ରାଜ୍ୟ ସୀମାନ୍ତ ଅଞ୍ଚଳ ରାଇବଣିଆ ଥାନା (RAIBANIA P.S.) ଚୁଡାମଣିପୁର (CHUDAMANIPUR) ପର୍ଯ୍ୟନ୍ତ ବସ୍ ଚଳାଚଳ ବ୍ୟବସ୍ଥା ହୋଇସାରି ଏବଂ ରୋଡ ପରମିଟ୍ ମିଳିଥାଇ କେବେ ବସ ଚଳାଚଳ ହେବ ସେଥିଲାଗି ଦିନଧାର୍ଯ୍ୟ ହୋଇଛି କି?

----

## ଚୌମୁଖ ଠାରେ ବନ୍ଦର ନିର୍ମାଣ କାର୍ଯ୍ୟ

907 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଆପାଳ ବ୍ଲକସ୍ଥିତ ସୁବର୍ଣ୍ଣରେଖା ନଦୀମୁହାଣ ଚୌମୁଖ (CHUMUKH) ଠାରେ PPP ବ୍ୟବସ୍ଥାରେ ବନ୍ଦର ନିର୍ମାଣ କାର୍ଯ୍ୟର ପ୍ରସ୍ତୁତି କେଉଁ ପର୍ଯ୍ୟାୟରେ ; କେଉଁ ଯୋଜନା କେନ୍ଦ୍ର/ରାଜ୍ୟ ଠାରୁ ଅନୁମୋଦନ ମିଳିଛି ଏହାର ପ୍ରତ୍ୟେକଟିର ଅଗ୍ରଗତି ସମ୍ବନ୍ଧରେ ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ?

----

## ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ

908 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବର୍ଷାଋତୁ ଆଗମନ ପୂର୍ବରୁ ଜଳେଶ୍ୱର ବ୍ଲକ ଓ ବସ୍ତା ବ୍ଲକ (ଜଳେଶ୍ୱର ନିର୍ବାଚନ ମଣ୍ଡଳୀ) ସୁବର୍ଣ୍ଣରେଖା ନଦୀକୂଳ ଅଞ୍ଚଳରେ କେଉଁ ସ୍ଥାନରେ ବିପଦ ସଂକୁଳ ଅବସ୍ଥାରେ ଥିବା ସ୍ଥାନରେ କୂଳ ସୁରକ୍ଷିତ କରିବାକୁ Flood fight କରାଯାଇଥିଲା ; ଏହି କାର୍ଯ୍ୟ ସମାପନ ହୋଇଥିବା ସତ୍ତ୍ୱେ 4ଥର ବନ୍ୟା ଏବଂ କ୍ରମାଗତ ବର୍ଷାହେତୁ Flood fight କାମ କିଛି ସୁରକ୍ଷିତ ନେଲାନାହିଁ ଓ କୂଳ ଅତଡା ଖସିଯାଇ ଭୟାନକ ଅବସ୍ଥା ସୃଷ୍ଟି ହୋଇଛି ; ଏଥିଲାଗି ସ୍ଥାୟୀ ପ୍ରତିକାର ମୂଳକ ଅଳ୍ପମିଆଦୀ, ଦୀର୍ଘ ମିଆଦୀ ଯୋଜନାବଦ୍ଧ କଣ ପଦକ୍ଷେପ ନିଆଯିବ?

----

## ଯୋଜନା ବୋର୍ଡ ବୈଠକ ସମ୍ପର୍କରେ

୭୦୯ **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିନା ଯୋଜନା ବୋର୍ଡ ବୈଠକରେ ଯୋଜନା କାର୍ଯ୍ୟକାରୀ ହୋଇଥିବା ଅଭିଯୋଗ ସତ୍ୟ କି ; ଗତ 2 ବର୍ଷ ମଧ୍ୟରେ ରାଜ୍ୟ ଯୋଜନା ବୋର୍ଡର କେତେଥର ବୈଠକ ବସିଥିଲା ; ଏହି ବୈଠକରେ କେଉଁ କେଉଁ ପ୍ରସ୍ତାବ ଉପରେ ଆଲୋଚନା ଓ ଗୃହିତ ହୋଇଛି?

----

## ରପ୍ତାନୀ ଓ ଆମଦାନୀ ହେଉଥିବା ସାମଗ୍ରୀର ତାଲିକା

୭୧୦ **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାର ଉତ୍ପାଦିତ କେଉଁ କେଉଁ ଦ୍ରବ୍ୟ ବାହାର ରାଜ୍ୟ ତଥା ଦେଶକୁ ରପ୍ତାନୀ କରାଯାଉଛି ; ସେହିପରି ବାହାର ରାଜ୍ୟ ତଥା ଦେଶରୁ କେଉଁ କେଉଁ ସାମଗ୍ରୀ ଆମଦାନୀ କରାଯାଉଅଛି?

----

## କାର୍ଯ୍ୟକ୍ରମ ପାଇଁ ହୋଇଥିବା ଖର୍ଚ୍ଚ

୭୧୧ **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ୨ ବର୍ଷ ମଧ୍ୟରେ ଲୋକସଂପର୍କ ବିଭାଗ ଜରିଆରେ କି କି ସରକାରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି, ଏ ବାବଦରେ ରାଜକୋଷରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି, କେଉଁ କାର୍ଯ୍ୟକ୍ରମ ପାଇଁ କେଉଁ ଟେଣ୍ଡରଧାରିଙ୍କୁ ୱାର୍କ ଅଡର ଦିଆଯାଇଅଛି ?

----

## ଚଳାଚଳ କରୁଥିବା ୪ ଚକିଆ ଯାନର ସଂଖ୍ୟା

୭୧୨ **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ଅଧୀନରେ ଥିବା କେଉଁ ବିଭାଗର କେତୋଟି ୪ ଚକିଆ ଯାନ ଚଳାଚଳ କରୁଅଛି, ସେଥିମଧ୍ୟରୁ ୧୨ ବର୍ଷରୁ ଉର୍ଦ୍ଧ୍ୱ କେତୋଟି ଗାଡି ରହିଅଛି, କେତୋଟି ଗାଡିର ପ୍ରଦୁ୍ୟଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନାହିଁ ?

----

## MMDR ସଂଶୋଧନ

୨13 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- MMDRର ଆଇନରେ ସଂଶୋଧନ ଆଣିବା ପୂର୍ବରୁ ଭାରତ ସରକାର ଓଡ଼ିଶା ସରକାରଙ୍କ ମତାମତ ନେଇଥିଲେ କି, ଯଦି ହଁ, ରାଜ୍ୟ ସରକାରଙ୍କ ମତାମତ କଣ ଥିଲା, (କ) 2024ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ORISED Act ବଳରେ ଖଣିଜ ପଦାର୍ଥ ଥିବା ଜମି ଉପରେ ଟ୍ୟାକ୍ସ ଲାଗୁ କରି ଓଡ଼ିଶା ସରକାର କେଉଁ ଖଣି ଲିଜଧାରୀ / କମ୍ପାନୀଙ୍କ ଠାରୁ କେତେ ଅର୍ଥ ପାଇବାର ଥିଲା ଏବଂ ଏପର୍ଯ୍ୟନ୍ତ କେତେ ଅର୍ଥ ଆଦାୟ ହୋଇଛି, (ଖ) ନଭେମ୍ବର 2025ରେ Odisha Reviewରେ ଉଲ୍ଲେଖ ଅନୁସାରେ, ସୁପ୍ରିମକୋର୍ଟଙ୍କ ରାୟ ଆଧାରରେ ଖଣିଜ ଯୁକ୍ତ ଜମି ଉପରେ ଟ୍ୟାକ୍ସ ଲାଗୁ କରି ଓଡ଼ିଶା ବାର୍ଷିକ ପ୍ରାୟ 12,000 କୋଟି ଓ ବକେୟା ପ୍ରାୟ 1 ଲକ୍ଷ କୋଟି ପାଇବାର ଥିଲା। ସଂଶୋଧ MMDR ଆଇନ କାର୍ଯ୍ୟକାରୀ ହେଲେ ଏହି ରାଜସ୍ୱ ଓ ବକେୟା ଅର୍ଥ ଓଡିଶା ପାଇବ କି, ଯଦି ନୁହେଁ, ତେବେ ଏହି ରାଜସ୍ୱ ହାନି କିପରି ଭରଣା କରାଯିବ ଏବଂ Odisha Reviewରେ ପ୍ରକାଶିତ ତଥ୍ୟକୁ ସଂଶୋଧନ କରି ପୁନଃ ପ୍ରକାଶ ପାଇଁ ସରକାର କି ବ୍ୟବସ୍ଥା କରିବେ?

----

## CSR ଅର୍ଥର ବିନିଯୋଗ

୨14 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2016ରେ ପଟ୍ଟାଙ୍ଗୀ ସ୍ଥିତ ବକ୍ସାଇଟ୍ ଖଣିକୁ 50 ବର୍ଷ ପାଇଁ NALCOକୁ ଲିଜ୍ ଆକାରରେ ଆବଣ୍ଟନ କରାଗଲା, ପ୍ରତି ବଦଳରେ ପ୍ରଭାବିତ ଅଞ୍ଚଳର CSR କାର୍ଯ୍ୟ ନିମନ୍ତେ NALCO ପକ୍ଷରୁ ଅଧିକ Rs.300 କୋଟି ବିନିଯୋଗ କରିବାକୁ ନିଷ୍ପତ୍ତି ହୋଇଥିଲା କି, ସେଥି ମଧ୍ୟରୁ Rs.176 କୋଟି NALCO ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ Cash ଆକାରରେ ଜମା ହୋଇଥିଲା କି, ଯଦି ହଁ, ଏହି ଟଙ୍କା କେଉଁ ନିର୍ଦ୍ଦିଷ୍ଟ ଆକାଉଣ୍ଟରେ କେବେ ଜମା ହୋଇଥିଲା, ଏହି ଟଙ୍କାରୁ କେତେ ଅର୍ଥ ଓଡିଶାର କେଉଁ କେଉଁ ଜିଲ୍ଲାର କେଉଁ ସେକ୍ଟରରେ ଖର୍ଚ୍ଚ କରାଯାଇଛି; (କ) ଏହି ଅର୍ଥର ଆଶାନୁରୂପକ କାର୍ଯ୍ୟ ନହୋଇ ଅନ୍ୟତ୍ର ବିନିଯୋଗ ଅଭିଯୋଗ ସତ୍ୟ କି, ଯଦି ହଁ ସରକାର Rs.176 କୋଟିର CAG ଅଡିଟ୍ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ କରାଇ ଅପବ୍ୟୟ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି; (ଖ) CSR ଅର୍ଥର ଉପଯୁକ୍ତ ଭାଗ ପଟ୍ଟାଙ୍ଗି ଖଣିର ପ୍ରଭାବିତ ଅଞ୍ଚଳରେ ବିନିଯୋଗ ହୋଇନଥିବାରୁ ଖଣି ଖୋଲିବାକୁ ବିରୋଧ ଓ ବିଳମ୍ବ ହେଉଛି କି ?

----

## ପରିବହନ ଖର୍ଚ୍ଚ ହ୍ରାସ ପାଇଁ ପଦକ୍ଷେପ

୨15 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଭିନ୍ନ ଖଣିରୁ ଖଣିଜ ପରିବହନକାରୀ ଟ୍ରକ୍ ଗୁଡିକୁ ନିର୍ଦ୍ଧାରିତ Gross Vehicle Weight (GVW) ଠାରୁ 5% ଅଧିକ ଭାର ବହନ ପାଇଁ NHAର 06/02/2016ରେ NHAI/13013/CO/2015-16 ନିର୍ଦ୍ଦେଶନାମାରେ ଅନୁମତି ରହିଛି କି, ଯଦି ହଁ, ଏହି 5% GVW Tolerance କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାରଙ୍କ i3MS ବ୍ୟବସ୍ଥା ବାଧକ ହେଉଛି କି, ତେବେ NHAI ନିର୍ଦ୍ଦେଶାନୁଯାୟୀ i3MSରେ ଆବଶ୍ୟକ ସଂଶୋଧନ କରି ରାଜ୍ୟର ରାଜସ୍ୱ ବୃଦ୍ଧି ଓ ପରିବହନ ଖର୍ଚ୍ଚ ହ୍ରାସ ପାଇଁ ପଦକ୍ଷେପ ନେବେ କି?

----

## ଆୟ ସୀମା ବୃଦ୍ଧି କରିବାକୁ ପଦକ୍ଷେପ

୨16 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବସୁନ୍ଧରା ଯୋଜନାରେ ଗତ 2 ବର୍ଷରେ 34,251 ଜଣଙ୍କୁ ଜମି ଆବଣ୍ଟନ ହୋଇଥିବା ସରକାରୀ ତଥ୍ୟରେ ଉଲ୍ଲେଖ ଅଛି, ତେବେ ପାହାଡ଼ ତଳ, ନଦୀକୂଳ କିମ୍ବା ଗାଁଠାରୁ ଦୂର ଅନୁପଯୁକ୍ତ ଜମି ମିଳୁଥିବାରୁ ଅନେକ ହିତାଧ୍ୟାକାରୀ ଘର ନିର୍ମାଣରେ ଅନିଚ୍ଛୁକ ଥିବା ସରକାରଙ୍କ ନଜରକୁ ଆସିଛି କି, ଯଦି ହଁ, ଜମି ଆବଣ୍ଟନ ପୂର୍ବରୁ ତାହା ଘର ନିର୍ମାଣଯୋଗ୍ୟ କି ନୁହେଁ, ସେନେଇ ସର୍ଭେ କରାଯାଉ ନଥିବାର କାରଣ କଣ, (କ) ବସୁନ୍ଧରା ଯୋଜନାରେ ବାର୍ଷିକ 1 ଲକ୍ଷ ଆୟସୀମା ଯୋଗୁଁ ଅନେକ ଯୋଗ୍ୟ ଗରିବ ଓ ଭୂମିହୀନ ପରିବାର ବଞ୍ଚିତ ହେଉଛନ୍ତି କି, ଯଦି ହଁ, ଏହି ଆୟ ସୀମା ବୃଦ୍ଧି କରି ଅଧିକ ଯୋଗ୍ୟ ପରିବାରଙ୍କୁ ବାସଗୃହ ପାଇଁ ଜମି ଯୋଗାଇବାକୁ ପଦକ୍ଷେପ ନେବେ କି?

----

## ପ୍ରଚାର ପ୍ରସାର ସମ୍ପର୍କୀୟ ଖର୍ଚ୍ଚ

୨17 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର Live Streaming ପାଇଁ I&PR ବିଭାଗରେ ପଞ୍ଜିକୃତ ସଂସ୍ଥା ଗୁଡ଼ିକର ସଂଖ୍ୟା, ନାମ ଓ ଠିକଣା ପ୍ରଦାନ କରିବେ କି, ପଞ୍ଜିକୃତ ନଥିବା ସଂସ୍ଥା ମାଧ୍ୟମରେ କେତେକ ସରକାରୀ କାର୍ଯ୍ୟକ୍ରମର Live Streaming ହେଉଥିବା ଅଭିଯୋଗ ସରକାରଙ୍କ ନଜରକୁ ଆସିଛି କି? ଯଦି ହଁ, ତେବେ ଅଣ-ପଞ୍ଜିକୃତ ସଂସ୍ଥାକୁ କେଉଁ ଆଧାରରେ କାର୍ଯ୍ୟାଦେଶ ଦିଆଯାଉଛି, ରାଜ୍ୟ ସରକାରଙ୍କ ପ୍ରଚାର-ପ୍ରସାର ପାଇଁ I &PR ଓ ଅନ୍ୟ ବିଭାଗ ଦ୍ୱାରା ପଞ୍ଜିକୃତ ସଂସ୍ଥା ଗୁଡ଼ିକର ସଂଖ୍ୟା, ନାମ ଏବଂ ହେଡ୍/ କର୍ପୋରେଟ୍ ଅଫିସର ଠିକଣା ପ୍ରଦାନ କରିବେ କି, ଗତ ଦୁଇଟି ଆର୍ଥିକ ବର୍ଷ ଏବଂ ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ଶେଷ ସୁଦ୍ଧା, ଓଡ଼ିଶା ଓ ରାଜ୍ୟ ବାହାରର ସଂସ୍ଥା ଗୁଡ଼ିକୁ ପ୍ରଚାର-ପ୍ରସାର ବାବଦରେ ଓଡ଼ିଶା ସରକାର ପ୍ରଦାନ କରିଥିବା ଅର୍ଥର ପରିମାଣ ପ୍ରଦାନ କରିବେ କି ?

----

## ଗନ୍ତବ୍ୟସ୍ଥଳକୁ ନ ଯାଇ ପାଖ ବଜାରରୁ ବସ୍ ଚଳାଚଳ କରୁଥିବା ସମ୍ପର୍କରେ

୨18 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଗ୍ରାମାଞ୍ଚଳକୁ ପରମିଟ୍ ନେଇ ଚଳାଚଳ କରୁଥିବା ବସ୍ ଗୁଡ଼ିକ ଗନ୍ତବ୍ୟସ୍ଥଳକୁ ନ ଯାଇ ପାଖ ବଜାରରୁ ଚଳାଚଳ କରୁଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏ ଦିଗରେ କି ପଦକ୍ଷେପ ନିଆଯାଉଛି ?

----

## ସମ୍ବାଦପତ୍ରର ପ୍ରସାରଣ ସଂଖ୍ୟା

୨୧୨ **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରୁ ପ୍ରକାଶିତ କେଉଁ ଦୈନିକ, ସାପ୍ତାହିକ, ପାକ୍ଷୀକ ସମ୍ବାଦପତ୍ରର ପ୍ରସାରଣ ସଂଖ୍ୟା କେତେ ଦର୍ଶାଇବା ସହ ରାଜ୍ୟରୁ ପ୍ରଦର୍ଶିତ ହେଉଥିବା କେଉଁ ବୈଦ୍ୟୁତିକ ଗଣମାଧ୍ୟମର ଦର୍ଶକ ସଂଖ୍ୟା କେତେ ତାହା ଆକଳନ ହୋଇଛି କି, ଉତ୍ତର ହଁ ହେଲେ ତାହାର ବିବରଣୀ ପ୍ରଦାନ କରିବେ କି ?

----

## ମହାନଦୀ ମୁହାଁଣରେ ଦ୍ୱିତୀୟ ବନ୍ଦର ନିର୍ମାଣ

୨20 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାନଦୀ ମୁହାଁଣରେ ଦ୍ୱିତୀୟ ବନ୍ଦର ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଷ୍ଟାଟିଷ୍ଟିକାଲ୍ ଇନ୍‌ଭେଷ୍ଟିଗେଟର ପଦବୀ ପୂରଣ

୨21 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଷ୍ଟାଟିଷ୍ଟିକାଲ୍ ଇନ୍‌ଭେଷ୍ଟିଗେଟର ପଦବୀରୁ କେତେ ପଦବୀ ଖାଲି ଅଛି ଓ ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ପଦବୀ ପୂରଣ

୨22 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜଳସମ୍ପଦ ବିଭାଗ ଅଧୀନରେ ମଞ୍ଜୁରୀପ୍ରାପ୍ତ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ପଦବୀରୁ କେତେ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## Number of mines in Kalahandi

୨23 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) what are the number of mines in Kalahandi inspected for air, water, soil and environmental pollution between April and August 2026; (b) how many violations are detected and penalties/ recovery have been imposed; and has the State sought technical or financial assistance from the Central Government, CPCB or other Central agencies for real-time environmental monitoring of mining areas in Kalahandi?

----

**Total Culturable Command Area of the Upper Indravati Project**

924 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) the total Culturable Command Area (CCA) of the Upper Indravati Project in Kalahandi district and the area actually irrigated during Kharif 2026 till August; (b) the canal-wise and distributary-wise shortfall, if any, between the designed and actual irrigation coverage; and whether inadequate canal maintenance, siltation, seepage or damaged structures contributed to the shortfall; and the amount spent by the State Government during 2025-26 and 2026-27 on canal maintenance and the Central funds received/utilised for the same?

----

**Central funds received for Aspirational District**

925 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (a) the Central funds received for Aspirational District interventions in Kalahandi during 2025-26 and 2026- 27, scheme-wise; (b) the corresponding State contribution, funds released and expenditure incurred; and whether the Government has identified any shortfall in utilisation of Central assistance and, if so, the amount lying unutilised and the reasons therefor?

----

**Products identified for export promotion**

926 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether Kalahandi has been identified under the Districts as Export Hubs initiative and, if so, the products identified for export promotion; (b) the number of exporters, producer groups, FPOs, SHGs and MSMEs from Kalahandi mapped under the initiative; and the

Central assistance received and State funds earmarked for Kalahandi since 1 June 2026; and the number and value of actual export consignments facilitated from Kalahandi during 2026-27 ?

----

**Establish one Driver Training Centre in every district**

927 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- The Union Ministry of Road Transport & Highways (MoRTH) has urged Odisha to establish at least one Driver Training Centre (DTC) in every district and has indicated that Odisha is eligible for at least 30 DTCs., will the govt.state: (a) Has the Centre sanctioned any assistance, (b) Has the State Government submitted a proposal to the Centre for a DTC in Kalahandi district, and if so the date of submission, proposed location and status of the Central sanction; and If not, what are the reasons for not seeking the available Central assistance for establishing a DTC in Kalahandi; and what are the number of commercial/heavy-vehicle drivers trained in Kalahandi during 2025-26 and 2026-27, and what is the Government's timeline for establishing a Centre with Central assistance in the district ?

----

**Damage due to recent flood**

928 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) what is the lose and damage due to recent flood in the state; will the Govt. furnish the details of loss and damage district wise including infrastructure of Govt. residential house of the people, agricultural land and others, (b) what action is proposed by the Govt. to compensate the people affected due to flood ?

----

**ଲୁହାପଥର ଉତ୍ତୋଳନ**

929 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ଜିଲ୍ଲାରେ କେଉଁଠାରେ କେତେ ଲୁହାପଥର ଓ ବକ୍ସାଇଟ ଗଚ୍ଛିତ ଅଛି ଓ ଏହାର ଉତ୍ତୋଳନ ପାଇଁ କେଉଁ ସଂସ୍ଥା ଗୁଡିକ ଲିଜ୍ ଦିଆଯାଇଛି, ବର୍ଷକୁ କେତେ ଲୁହାପଥର ଓ ବକ୍ସାଇଟ ଉତ୍ତୋଳନ ହେଉଛି, ସରକାର ୨ ବର୍ଷ ମଧ୍ୟରେ କେଉଁ କେଉଁ ନୂତନ ସଂସ୍ଥାକୁ ଏହି ଲୁହାପଥର ଓ ବକ୍ସାଇଟ ଲିଜ୍ ଦେଇଛନ୍ତି ଓ କେତେ ପୁରୁଣା ଲିଜର ନବୀକରଣ କରିଛନ୍ତି ?

----

## ଫାଇନ ପରିମାଣ ଓ ଦଣ୍ଡ ବିବରଣୀ ପ୍ରଦାନ

930 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୁନ ୨୦୨୪ ରୁ ଆଜି ପର୍ଯ୍ୟନ୍ତ ମୋଟରଯାନ ଆଇନ ଉଲଂଘନ ଅଭିଯୋଗରେ କେତେ ଇ-ଚାଲାଣରେ କେତେ ଉଲଂଘନକାରୀଙ୍କ କେତେ ଫାଇନ୍ ଆଦାୟ କରିଛନ୍ତି, କେତେ ଯାନ ଜବତ୍ ହୋଇଛି ଓ କ'ଣ କ'ଣ କାର୍ଯ୍ୟାନୁଷ୍ଠାନ କରାଯାଇଛି ?

----

## ଖବର କାଗଜ ପ୍ରସାରଣ ସଂଖ୍ୟା

931 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଜୁଲାଇ, ୨୦୨୪ ରୁ ଆଜି ପର୍ଯ୍ୟନ୍ତ ରାଜ୍ୟର କେଉଁ ଦୈନିକ ଖବରକାଗଜ, ଇଲେକ୍ଟ୍ରୋନିକ୍ସ ମିଡିଆକୁ ସରକାରଙ୍କ ତରଫରୁ କେତେ ପରିମାଣ ବିଜ୍ଞାପନ ଓ ଅର୍ଥ ଦିଆଯାଇଛି, (ଖ) ରାଜ୍ୟର କେଉଁ ଦୈନିକ ଖବରକାଗଜର ପ୍ରସାରଣ ସଂଖ୍ୟା କେତେ ଓ ଟିଭିର ଦର୍ଶକଙ୍କ ସଂଖ୍ୟା କେତେ ?

----

## Posting of OAS

932 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Is there any restriction for posting of OAS Officer in there Home blocks & district to maintain administration transparently as per the Resolution of Revenue & Disaster Management Dept., if so, why the Govt. is posting OAS officers in their Home block and districts as BDO, Tahsildars and other administrative post violating the norms and encouraging administrative favour ?

----

## ନିର୍ମାଣାଧୀନ ବସଷ୍ଟାଣ୍ଡର ସ୍ଥିତି

933 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ସହରର ସହଦେବଖୁଣ୍ଟାଠାରେ ନିର୍ମାଣାଧୀନ ବସଷ୍ଟାଣ୍ଡର କାର୍ଯ୍ୟର ଅଦ୍ୟାବଧି ସ୍ଥିତି କଣ ଅଛି, ଉକ୍ତ ପ୍ରକଳ୍ପର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ ନହୋଇ ବିଳମ୍ବ ହେବାର କାରଣ କ'ଣ, ଅବଶିଷ୍ଟ କାର୍ଯ୍ୟଗୁଡ଼ିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରି ସହଦେବଖୁଣ୍ଟା ବସଷ୍ଟାଣ୍ଡକୁ ଜନସାଧାରଣଙ୍କ ପାଇଁ ପୂର୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ କରାଯିବ, (ଖ) ଓଡ଼ିଶାର କେତେକ ଜିଲ୍ଲାରୁ ଜଗନ୍ନାଥ ଏକ୍ସପ୍ରେସ ବସ ପୁରୀକୁ ଚାଲୁଅଛି, ବାଲେଶ୍ୱରରୁ କଣ ପାଇଁ ପୁରୀକୁ ଜଗନ୍ନାଥ ଏକ୍ସପ୍ରେସ ଚାଲୁ ନାହିଁ, ଏହା କେବେ ସୁଦ୍ଧା ଆରମ୍ଭ ହେବ ?

----

## ଲୁଣିଆଯୋଡି ପାଖରେ ଥିବା ପାର୍କର କାମ ସମ୍ପର୍କରେ

୯34 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅକ୍ତିଆରପୁର ଲୁଣିଆଯୋଡି ପାଖରେ ଥିବା ପାର୍କ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ କଣ କଣ କାର୍ଯ୍ୟ ପାଇଁ ଚୁକ୍ତି ହୋଇଥିଲା, ସେଥିମଧ୍ୟରୁ କେତେ କାର୍ଯ୍ୟ ଆରମ୍ଭ, ସମାପ୍ତ ତଥା କେତେ କାର୍ଯ୍ୟ କେଉଁ କାରଣରୁ ଆରମ୍ଭ ହୋଇନାହିଁ ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, କେବେ ସୁଦ୍ଧା ବାକି ଥିବା କାର୍ଯ୍ୟ ସମାପ୍ତ ହେବ ତାହାର ତାରିଖ ପ୍ରଦାନ କରିବେ କି, ଉକ୍ତ କାର୍ଯ୍ୟ ଗୁଡିକ ବିଳମ୍ବ ହେବାର କାରଣ କଣ ଏବଂ ଏହି ବିଶୃଙ୍ଖଳା ପାଇଁ ବିଭାଗ ତରଫରୁ କଣ ପଦକ୍ଷେପ ନିଆଯାଇଛି ?

----

## ବିଲ ପ୍ରଦାନର ବିବରଣୀ ପ୍ରଦାନ

୯35 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଜଳସମ୍ପଦ ବିଭାଗ ଅନ୍ତର୍ଗତ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ TAC ପାସ ହୋଇଥିବା ପ୍ରକଳ୍ପ, Pipeline ବା tender ହୋଇଥିବା ଏବଂ କାମ ଚାଲୁଥିବା କାର୍ଯ୍ୟ ଗୁଡିକର physical and financial process ରିପୋର୍ଟ ସହ ସମ୍ପୂର୍ଣ ବିବରଣୀ ପ୍ରଦାନ କରିବେ କି , (ଖ) Irrigation ଡିଭିଜନ ବାଲେଶ୍ୱରରେ Oct ୨୦୨୫ ରୁ ଅଦ୍ୟାବଧି କେଉଁ କାର୍ଯ୍ୟ ପାଇଁ କେଉଁ agency କୁ କେତେ ବିଲ ପ୍ରଦାନ କରାଯାଇଛି, ନାମ, ତାରିଖ ଅର୍ଥ ସହ ସମ୍ପୂର୍ଣ୍ଣ ତଥ୍ୟ ଦେବେ କି ?

----

## କାର୍ଯ୍ୟ ବିଳମ୍ବର କାରଣ

୯36 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଯୋଜନା ଏବଂ ସଂଯୋଜନ ବିଭାଗ ଅନ୍ତର୍ଗତ CMSA Unused ଅର୍ଥ againstରେ ଯେଉଁ ନୂତନ ନିୟମାବଳୀ ଅନୁଯାୟୀ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ପାଇଁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା; ଯାହାର ଫାଇଲ No. PC-GIA- GIA-0024-2014 ଅଦ୍ୟାବଧି sanction ନହେବାର କାରଣ କଣ, ବିଳମ୍ବ ହେବାର କାରଣ କଣ ଏବଂ କେବେ ସୁଦ୍ଧା ଏହା ଅନୁମୋଦନ ହେବ ?

----

## RI ଅଫିସର ଉନ୍ନତିକରଣ

୨37 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତେଗୋଟି RI office ଓ Record room ଅଚଳ ହୋଇପଡ଼ିଛି; ସଦର RI office ରେ Elect. connection ଅଛି କି ନାହିଁ, (ଖ) ଟିଆଖିଆ RI ଅଫିସର ଦୁରାବସ୍ଥା ବିଷୟରେ ବିଭାଗ ପାଖେ ଖବର ଅଛି ତ, କେବେ ସୁଦ୍ଧା ଉକ୍ତ ଅଫିସଟି କାର୍ଯ୍ୟକ୍ଷମ ହେବ ?

----

## ବକ୍ସାଇଟ ଉତ୍ତୋଳନ

୨38 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କୋରାପୁଟ ଓ ରାୟଗଡା ଜିଲ୍ଲାସୀମାରେ ଅବସ୍ଥିତ ଓଡିଶା ଖଣି ନିଗମ ଅଧିନରେ ଥିବା କାଡିଙ୍ଗାମାଳୀ ବକ୍ସାଇଟ ଖଣିରୁ ବର୍ତ୍ତମାନସୁଦ୍ଧା କେତେ ପରିମାଣର ବକ୍ସାଇଟ ଉତ୍ତୋଳନ କରାଯାଇଛି ଏବଂ ବର୍ତ୍ତମାନ ୬.0 MTPA ହାରରେ ଉତ୍ପାଦନ ହେଲେ ଅନୁମୋଦିତ mine plan ଅନୁଯାୟୀ କାଡିଙ୍ଗାମାଳୀ ବକ୍ସାଇଟ ଖଣିର ଅବଶିଷ୍ଟ mine life କେତେ ବର୍ଷ ଏବଂ ଖଣି ଉତ୍ତୋଳନ ବୃଦ୍ଧି ପରେ ଅବଶିଷ୍ଟ ମହଜୁଦ ବକ୍ସାଇଟ କେଉଁ ସମୟସୀମା ମଧ୍ୟରେ ଶେଷ ହେବ (ଖ) ବର୍ତ୍ତମାନର 3.୬ MTPA ଉତ୍ପାଦନ କ୍ଷମତାକୁ ୬.0 MTPA କୁ ବୃଦ୍ଧି କରିବାର ଆବଶ୍ୟକତା କଣ ଏବଂ MTPA କୁ ବୃଦ୍ଧି କରିବା ଦ୍ୱାରା ରାଜ୍ୟକୁ ଅତିରିକ୍ତ ରାଜସ୍ୱ, ରୟାଲିଟି ଓ ଅନ୍ୟାନ୍ୟ ଆର୍ଥିକ ଲାଭ କେତେ ମିଳିବାର ଆକଳନ କରାଯାଇଛି?

----

## Check Dam ନିର୍ମାଣ

୨39 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2020 ମସିହା ଠାରୁ ଆଜି ପର୍ଯ୍ୟନ୍ତ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ କେତେସଂଖ୍ୟକ ନୂତନ Check Dam ଓ MIP ନିର୍ମାଣ ହୋଇଛି ଓ ଏହି ସମୟସୀମା ମଧ୍ୟରେ କେଉଁ କେଉଁ ପ୍ରକଳ୍ପର repair & renovation କାମ କରାଯାଇଛି ସମସ୍ତ ପ୍ରକଳ୍ପଗୁଡ଼ିକର ଅନୁମୋଦିତ ଡିଜାଇନ, ଅଟ୍ଟକଳ ମୂଲ୍ୟ କେଉଁ ସଂସ୍ଥା କରିଛନ୍ତି, ଜଳ ସେଚନ କ୍ଷମତା କେତେ, Quality Control/Material Test Report, Completion Certificate ପ୍ରଦତ୍ତ ବିଲ ଓ ଅଧିକାରୀଙ୍କ Field Inspection Report ଓ କେଉଁ କେଉଁ ପ୍ରକଳ୍ପ ଅନୁମୋଦିତ ହୋଇ ନିର୍ମାଣ ହୋଇନାହିଁ ତାହାର ସବିଶେଷ ବିବରଣୀ ପ୍ରଦାନ କରିବେକି, ଏହି ସମୟସୀମା ମଧ୍ୟରେ ହୋଇଥିବା କାର୍ଯ୍ୟ ବା ପ୍ରକଳ୍ପଗୁଡିକ ବାସ୍ତବରେ ନିର୍ଦ୍ଧାରିତ ଜଳଧାରଣ ଓ ସେଚକ୍ଷମତା ହାସଲ କରୁନଥିବା ଓ ସମସ୍ତ କାର୍ଯ୍ୟ ନିମ୍ନମାନର ନିର୍ମାଣ ଯୋଗୁଁ ପ୍ରକଳ୍ପର ଲକ୍ଷ୍ୟ ପୁରଣ ହେଉନଥିବାରୁ ଏହାର ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ତଦନ୍ତ କରାଇବେ କି ?

----

## ପଟ୍ଟା ପ୍ରଦାନ

୨୪୦ **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ନିଜସ୍ୱ ଭୂମି ନଥିବା ଯୋଗ୍ୟ ଭୂମୀହୀନ ପରିବାର ବ୍ୟକ୍ତିମାନଙ୍କୁ ସରକାରଙ୍କ ବିଭିନ୍ନ ଭୂମି ବଣ୍ଟନ, ପଟ୍ଟା ପ୍ରଦାନ ଯୋଜନା ଅଧିନରେ ବାସସ୍ଥାନ କିମ୍ବା ଚାଷ ନିମନ୍ତେ ଭୂମି ପ୍ରଦାନ କରିଛନ୍ତି କି, ଯଦି ହଁ ତାହାହେଲେ 2024 2025 ଠାରୁ ବର୍ତ୍ତମାନସୁଦ୍ଧା ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ କେତେଜଣ ଭୂମିହୀନ ବ୍ୟକ୍ତି ପରିବାରଙ୍କୁ ଭୂମି ବଣ୍ଟନ କେଉଁ କେଉଁ ଯୋଜନା ନିୟମ ଅଧିନରେ କେତେ ପରିମାଣର ସରକାରୀ ଭୂମୀ ବଣ୍ଟନ କରାଯାଇଛି ସେମାନଙ୍କ ନାମ ଓ ଗ୍ରାମର ବିବରଣୀ ବ୍ଲକୱାରୀ ପ୍ରଦାନ କରିବା ସହିତ ଭୂମି ପ୍ରଦାନ ପରେ ସଂପୃକ୍ତ ଲାଭାର୍ଥୀଙ୍କୁ ଭୂମିର ଦଖଲ, ପଟ୍ଟା ଓ ରେକର୍ଡ ସଂଶୋଧନ ଇତ୍ୟାଦି ସୁବିଧା ମିଳିଛି କି (ଖ) ଯଦି ଏହି ଭୂମିହୀନ ବ୍ୟକ୍ତି ପରିବାରମାନଙ୍କ ମଧ୍ୟରୁ କେହି ଏପର୍ଯ୍ୟନ୍ତ ଭୂମି ପାଇନାହାଁନ୍ତି ତେବେ ତାହାର କାରଣ କଣ ଏବଂ ସେମାନଙ୍କୁ କେବେସୁଦ୍ଧା ଭୂମି ପ୍ରଦାନ କରାଯିବ?

----

## ବାଲି ଉତ୍ତୋଳନ

୨୪୧ **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କୋରାପୁଟ ଜିଲ୍ଲା ଅନ୍ତର୍ଗତ କେଉଁ ବ୍ଲକର କେଉଁ କେଉଁ ନଦୀ ଶଯ୍ୟାରେ ସରକାରୀଭାବେ ମୋଟ କେତେ ଗୋଟି ବାଲି ଖାଦାନ(ଘାଟ) ନିର୍ଦ୍ଧାରିତ ହୋଇଛି, ଗତ 5 ବର୍ଷ ଭିତରେ ସେହି ବାଲି ଖାଦାନଗୁଡିକରୁ କେତେ ବାଲି ଉତ୍ତୋଳନ ହୋଇଛି, କେଉଁ ଲିଜଧାରୀଙ୍କୁ କେତେ ବର୍ଷ ପାଇଁ ଲିଜ୍ ଆକାରରେ ଦିଆଯାଇଛି, ଉକ୍ତ ବାଲି ବିକ୍ରୟ କରି ସରକାର କେତେ ଅର୍ଥ ବାର୍ଷିକ ଆଦାୟ କରୁଚନ୍ତି, ଏହାର ବିବରଣୀ ବର୍ଷୱାରୀ ଓ ଖାଦାନୱାରୀ(ଘାଟ) ପ୍ରଦାନ କରିବେକି, (ଖ) କୋରାପୁଟ ଜିଲ୍ଲାର ବାଲିଖାଦାନଗୁଡିକରୁ ବାଲି ଚୋରାଚାଲାଣ ହେଉଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଆସିଥାଏ ତେବେ ଗତ 5 ବର୍ଷ ମଧ୍ୟରେ ଏହା ସମ୍ବନ୍ଧରେ କେତେଜଣଙ୍କୁ ଧରାଯାଇଛି କେତେ ଗାଡି ସିଜ୍ କରାହୋଇଛି ଏବଂ ସେମାନଙ୍କ ଠାରୁ କେତେ ଜୋରିମାନା ଆଦାୟ କରାଯାଇଛି?

----

## ଖଣି ରାଜସ୍ୱଜନିତ କ୍ଷତିଭରଣା ପାଇଁ ପଦକ୍ଷେପ

୨୪୨ **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସଂଘୀୟ ବ୍ୟବସ୍ଥାର ସୁରକ୍ଷା ଏବଂ ରାଜ୍ୟର ସାର୍ବଭୌମତ୍ତ୍ୱ ବଜାୟ ରଖିବା ପାଇଁ ଓଡିଶାର ସମସ୍ତ ଜମିଜମା ଓ ପ୍ରାକୃତିକ ସଂପଦ ଉପରେ ରାଜ୍ୟର ସ୍ୱାଧୀନ ରାଜସ୍ୱ ଅଧିକାରୀଙ୍କୁ ମଜବୁତ କରିବା ପାଇଁ ସରକାର କି କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ଯଦି କେନ୍ଦ୍ରସରକାର ଓଡିଶାର ଖଣିସୀମା ମଧ୍ୟରେ ଥିବା ଜମିର ଆର୍ଥୀକ ନୀତି ନିର୍ଦ୍ଧାରିତ କରୁଛନ୍ତି ତେବେ ଭବିଷ୍ୟତରେ ରାଜ୍ୟର ସମସ୍ତ ଜମିଜମା ଉପରେ ରାଜସ୍ୱ ଧାର୍ଯ୍ୟ କରିବା ଅଧିକାର କେନ୍ଦ୍ରସରକାରଙ୍କ ହାତକୁ ଚାଲିଯିବାର ଆଂଶକାକୁ ଏଡାଇହେବ କି, ଖଣି ରାଜସ୍ୱଜନିତ କ୍ଷତିଭରଣା ପାଇଁ କି ପ୍ରକାର ବିକଳ୍ପ ରାଜନୈତିକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି?

----

## ଜବର ଦଖଲ ଉଚ୍ଛେଦ

୨43 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- UDAQ NO.5640 ତା. 26.03.2026 ଉତ୍ତର ଅନୁଯାୟୀ ଯଦି କୌଣସି ଚୌହଦୀ ପ୍ରଜା ଉପସ୍ଥିତ ଥାଇ ମଧ୍ୟ ନିଜ ଜମିକୁ ବିଭିନ୍ନ ଆଳରେ ମପାଇ ନଦେବେ ତେବେ ସେହି ମାପ କାର୍ଯ୍ୟରେ କେତେ ଜମି ଆବେଦନକାରୀଙ୍କ କମ ଅଛି ବୋଲି ଜଣାପଡିଲେ ମଧ୍ୟ ଲମ୍ବ ଓ ପ୍ରସ୍ଥରେ କେତେ ଲେଖାଏଁ କମୁଛି କିପରି ଜଣାପଡିବ, BDA Layout Approved Plan ସହ ରାଜସ୍ୱ ବିଭାଗର ନକ୍ସା ମେଳଖାଉଥିବାସ୍ଥଳେ ଏବଂ ସେହି approved plan ରେ ଲମ୍ବ ଓ ପ୍ରସ୍ଥ ଉଲ୍ଲେଖ ଥିବା ସତ୍ତ୍ୱେ ରାଜସ୍ୱ କର୍ମଚାରୀ ଲମ୍ବ ଓ ପ୍ରସ୍ଥ କମ ପରିମାଣ ଲେଖିବା ଆବଶ୍ୟକ ରହିଅଛି, ନିଜ ଜମି ମାପ କରାଇଦେଉନଥିବା ଚୌହଦୀ ପ୍ରଜା ବେସରକାରୀ ମାପରେ ଜବରଦଖଲରେଥିବା ଜଣାପଡିଥିଲେ ମଧ୍ୟ ଯେହେତୁ ମାପ କରାଇ ଦେଉନାହାଁନ୍ତି ଏପରିସ୍ଥଳେ ରାଜସ୍ୱ କର୍ମଚାରୀଙ୍କ କର୍ତ୍ତବ୍ୟ କଣ?

----

## କେନ୍ଦ୍ରୀୟ ପ୍ରକଳ୍ପ ପ୍ରତିଷ୍ଠା

୨44 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2021-2022 ରୁ 2025-2026 ମଧ୍ୟରେ କେନ୍ଦ୍ର ସରକାର ଏବଂ କେନ୍ଦ୍ର ସରକାରୀ ଅନୁଷ୍ଠାନକୁ ପ୍ରଦାନ କରାଯାଇଥିବା ଜାଗାର ସବିଶେଷ ତଥ୍ୟ ପ୍ରଦାନ କରିବେକି, 2024-2025 ଓ 2025-2026 ବର୍ଷରେ କେନ୍ଦ୍ର ସରକାର କିମ୍ବା କେନ୍ଦ୍ର ସରକାରୀ ଅନୁଷ୍ଠାନର କୋରାପୁଟ, ବାଲେଶ୍ୱର, ସୁନ୍ଦରଗଡ,କେଉଁଝର ଓ କଳାହାଣ୍ଡି ଜିଲ୍ଲାରେ କୌଣସି ପ୍ରକଳ୍ପ ନିର୍ମାଣ ପାଇଁ ଅନୁପଯୁକ୍ତ ବୋଲି ବିବେଚିତ କି, ଯଦି ନାଁ ତେବେ ଉପରୋକ୍ତ 5ଟି ଜିଲ୍ଲାରେ କୌଣସି କେନ୍ଦ୍ରୀୟ ପ୍ରକଳ୍ପ ପ୍ରତିଷ୍ଠା ପାଇଁ କି ପ୍ରକାର ଯୋଜନା ହୋଇଛି?

----

## ଜଳସେଚନ ବ୍ୟବସ୍ଥା

୨45 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- UDAQ NO.-3112 ତା. 12.3.2026 ଉତ୍ତର ଭିତ୍ତିରେ ରାଜ୍ୟର କେତୋଟି ପଂଚାୟତର କେତୋଟି ଗ୍ରାମକୁ ଓ କେତେ ହେକ୍ଟର ଜମିକୁ ଜଳସେଚନର ସୁବିଧା ନାହିଁ, ନୂତନ ଘୋଷିତ ଜଳସେଚନ ପ୍ରକଳ୍ପମାନଙ୍କ ମଧ୍ୟରୁ କେଉଁ ଜିଲ୍ଲାରେ କେତୋଟି କାର୍ଯ୍ୟକାରୀ ହେଉଛି, ନୂତନ ଭାବେ କେତୋଟି ଜଳସେଚନ ପ୍ରକଳ୍ପ ତିଆରି ହେବାକୁ ଯାଉଛି କେତେ ଖର୍ଚ୍ଚ ହେବ ସମୟସୀମା ଚାଷଜମି ଜଳସେଚନର ପରିମାଣ ବିଷୟରେ ଜଣାଇବେ କି, ଜଗତସିଂହପୁର ଜିଲ୍ଲାର କେତୋଟି ପଂଚାୟତର କେତେ ଅଂଚଳ ଜଳସେଚିତ ହେଉଛି?

----

## ବାଲି ଉତ୍ତୋଳନ ସଂପର୍କରେ

୨46 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 19.3.2026 ଅଣତାରକା ପ୍ରଶ୍ନ ନଂ 4408 ର ଉତ୍ତର ଅନୁଯାୟୀ 2024-2025 ଓ 2025-2026 ମଧ୍ୟରେ ବାଲିମାଫିଆମାନେ 32ଟି ସ୍ଥାନରେ ସରକାରୀ କର୍ମଚାରୀ ଓ ଯାନ ଉପରେ ଆକ୍ରମଣ କରିଥିବାସ୍ଥଳେ ମାତ୍ର 2 ଗୋଟି FIR ରୁଜୁ କରାଯିବାର କାରଣ କଣ, ସଂପୃକ୍ତ ବାଲି ମାଫିଆମାନେ ଅନୁମତି ନଥାଇ ବାଲି ଉତ୍ତୋଳନ କରୁଥିଲେ କିମ୍ବା ଅନୁମତି ଥାଇ ଧାର୍ଯ୍ୟ ପରିମାଣଠାରୁ ଅଧିକ ପରିମାଣର ବାଲି ଉତ୍ତୋଳନ ସମୟରେ ତନଖି କାରଣରୁ ଆକ୍ରମଣର ଶୀକାର ହୋଇଥିଲେ, ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିବା କାରଣରୁ Non-bailable ଦଫା ଲଗାଇବାକୁ ନିୟମ ପ୍ରଣୟନ କରିବେ କି ?

----

## ଖଣିଜ ସାମଗ୍ରୀ ରପ୍ତାନୀ

୨୪୭ **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ କେଉଁ କେଉଁ କିସମର କେତୋଟି ଖଣି ରହିଛି, ଏଥିରୁ ବାର୍ଷିକ କେଉଁ ପ୍ରକାରର କେତେ ପରିମାଣର ଖଣିଜ ସାମଗ୍ରୀ ଉତ୍ତୋଳନ ହେଉଛି, ଉତ୍ତୋଳନ ହେଉଥିବା ଖଣିଜ ସାମଗ୍ରୀ ମଧ୍ୟରୁ କେତେ ପରିମାଣ ଜିଲ୍ଲା ଭିତରେ ଥିବା କେଉଁସବୁ କଳକାରଖାନାରେ ବ୍ୟବହାର ହେଉଛି ଏବଂ କେତେ ପରିମାଣର ଖଣିଜ ସାମଗ୍ରୀ ରପ୍ତାନୀ ହେଉଛି ଏହାର ଏକ ଖଣିଜ ସାମଗ୍ରୀୱାରୀ ତାଲିକା ପ୍ରକାଶ କରିବେ କି ?

----

## କାରଖାନା ନିର୍ମାଣର ସ୍ଥିତି

୨୪୮ **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ କେଉଁ କେଉଁଠାରେ କେତୋଟି ଇସ୍ପାତ କାରଖାନା ରହିଛି ଏବଂ ଏଥିରୁ ବାର୍ଷିକ କେତେ ପରିମାଣର ଇସ୍ପାତ ଉତ୍ପାଦନ ହେଉଛି, ଏହିସବୁ କାରଖାନାରେ କେତେ ସଂଖ୍ୟକ କର୍ମଚାରୀ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ କର୍ମସଂସ୍ଥାନ ପାଇଛନ୍ତି,ଏହାର ଏକ କାରଖାନାୱାରୀ ତାଲିକା ପ୍ରଦାନ କରିବେକି, ନୂତନ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ବର୍ତ୍ତମାନସୁଦ୍ଧା ରାଜ୍ୟ ସରକାରଙ୍କ ସହିତ କେଉଁ କେଉଁ ସଂସ୍ଥା ରାଜିନାମା କରିଛନ୍ତି ଏବଂ ବର୍ତ୍ତମାନ ରାଜିନାମା ଅନୁଯାୟୀ ସେହିସବୁ କାରଖାନା ନିର୍ମାଣର ସ୍ଥିତି କଣ ରହିଛି?

----

## ଟିକସ ପରିମାଣ

୨୪୯ **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବ୍ୟବହୃତ ପାନମସଲା, ଗୁଟଖା,ସିଗାରେଟ, ବିଡି ଆଦିରୁ ରାଜ୍ୟ ସରକାର କେତେ ପରିମାଣର ଟିକସ ପାଉଛନ୍ତି, ଗତ 10 ବର୍ଷ ମଧ୍ୟରେ ମିଳିଥିବା ଟିକସର ଏକ ବର୍ଷୱାରୀ ତାଲିକା ପ୍ରଦାନ କରିବା ସହିତ କେଉଁ କେଉଁ ରାଜ୍ୟରୁ ଓଡିଶାକୁ ଏହିସବୁ ସାମଗ୍ରୀ କେତେ ପରିମାଣ ଆସୁଛି?

----

## ଖାଲି ପଦବୀ ପୂରଣ

୨50 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ କେତୋଟି ଆଞ୍ଚଳିକ ପରିବହନ ଦପ୍ତର ରହିଛି ଓ ଏଥିରେ ମୋଟ କେଉଁ ବର୍ଗର କେତୋଟି ମଂଜୁରୀପ୍ରାପ୍ତ ପଦବୀ ରହିଛି, ସମସ୍ତ ଆଞ୍ଚଳିକ ପରିବହନ ଦପ୍ତରରେ କେଉଁ ବର୍ଗର କେତେ ସଂଖ୍ୟକ ପଦବୀ ଖାଲି ପଡିଛି ଓ କେଉଁ କେଉଁ ପଦବୀରେ ଅଧିକାରୀମାନେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି ତାହାର ଏକ ଆରଟିଓୱାରୀ ତାଲିକା ପ୍ରଦାନ କରିବେକି?

----

## ସଡକ ସୁରକ୍ଷା ସପ୍ତାହ ପାଳନ

୨51 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ କେତୋଟି ସଡକ ଦୁର୍ଘଟଣା କେଉଁ ଜିଲ୍ଲାରେ ହୋଇଛି ଓ ଏଥିରେ କେତେଜଣ ମୃତ୍ୟୁବରଣ ଓ କେତେଜଣ ଆହତ ହୋଇଛନ୍ତି, ଏହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବା ସହିତ ଏହି ଦୁଇ ବର୍ଷ ମଧ୍ୟରେ କେତେଥର ସଡକ ସୁରକ୍ଷା ପକ୍ଷ ଓ ଶୂନ ମୃତ୍ୟୁ ସପ୍ତାହ କେଉଁ କେଉଁଠାରେ ପାଳନ ହୋଇଛି ଓ ଏବାବଦରେ କେତେ ଅର୍ଥ ବ୍ୟୟ ହୋଇଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେକି?

----

## MMDR ଆଇନ ସଂଶୋଧନ ହେଲା ପରେ ରାଜସ୍ୱ ପାଇଁ ଆକଳନ

୨52 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- MMDR ଆଇନ ସଂଶୋଧନ ହେଲା ପରେ ଓଡିଶା କେତେ ପରିମାଣର ଖଣି ରାଜସ୍ୱ ପାଇବ ତାର କୌଣସି ଆକଳନ କରାଯାଇଛି କି, ବିଗତ 10 ବର୍ଷ ମଧ୍ୟରେ ଓଡିଶା ଖଣି କ୍ଷେତ୍ରରେ ବାର୍ଷିକ କେତେ ଟଙ୍କା ରାଜସ୍ୱ କିମ୍ବା ରୟାଲିଟି ଆକାରରେ ପାଇଛି?

----

## ପୂର୍ଣ୍ଣାଙ୍ଗ ରାଜ୍ୟ ଯୋଜନା ବୋର୍ଡ ଗଠନ ପାଇଁ ପ୍ରସ୍ତାବ

୨53 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେବେଠାରୁ ରାଜ୍ୟ ଯୋଜନା ବୋର୍ଡ ଗଠନ କରାଯାଇନାହିଁ ଏବଂ ସରକାର କେବେସୁଦ୍ଧା ପୂର୍ଣ୍ଣାଙ୍ଗ ରାଜ୍ୟ ଯୋଜନା ବୋର୍ଡ ଗଠନ ପାଇଁ ପ୍ରସ୍ତାବ ରଖିଥିଲେ?

----

## ଯୋଜନାର ସ୍ଥିତି

୨54 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେବିକେ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ସମୁଦାୟ କେତେ ଟଙ୍କା ଏହି ଯୋଜନାରେ ଖର୍ଚ୍ଚ ହୋଇଛି ଓ ବର୍ତ୍ତମାନ ଏହି ଯୋଜନାରେ ସ୍ଥିତିକୁ ନେଇ ସରକାର କୌଣସି ତଥ୍ୟ ପ୍ରସ୍ତୁତ କରିଛନ୍ତି କି?

----

## ହୀରାକୁଦ ନଦୀ ବନ୍ଧର ଜଳଧାରଣ କ୍ଷମତା

955 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ହୀରାକୁଦ ନଦୀ ବନ୍ଧର ନିର୍ମାଣ ସମୟରେ ଏହାର ଜଳଧାରଣ କ୍ଷମତା କେତେ ରହିଥିଲା ଓ ଏବେ ଅତ୍ୟାଧିକ ଏହାର ସ୍ଥିତି କଣ, ହୀରାକୁଦ ନଦୀ ବନ୍ଧର ଜଳଧାରଣ କ୍ଷମତା ହ୍ରାସ ପାଇଛି କି, ଯଦି ହଁ ତେବେ ଏହା ପଛର କାରଣ କଣ ଓ ପ୍ରତିହାରର ସ୍ଥିତି କଣ ସରକାର ଗ୍ରହଣ କରିଛନ୍ତି?

----

## ଗୋବରୀ ସଂପ୍ରସାରିତ କେନାଲର ନବୀକରଣ କାର୍ଯ୍ୟ

956 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ମ୍ୟୁନିସିପାଲିଟି ଅନ୍ତର୍ଗତ ଗୋବରୀ ସଂପ୍ରସାରିତ କେନାଲର ନବୀକରଣ କାର୍ଯ୍ୟ ବନ୍ଦ କରାଯାଇଥିବା ସତ୍ୟ କି, ଯଦି ସତ୍ୟ ତେବେ କେବେ ଏହି କାର୍ଯ୍ୟ ପୁନର୍ବାର ଆରମ୍ଭ କରାଯାଇ କେବେସୁଦ୍ଧା ଶେଷ କରାଯିବ (ଖ) ଏଥିନିମନ୍ତେ ସରକାର କେତେ ଅର୍ଥ ମଂଜୁର କରିଅଛନ୍ତି ଓ ବର୍ତ୍ତମାନ କେତେ ଅର୍ଥ ବ୍ୟୟ କରାଯାଇଅଛି?

----

## Revise the guidelines of MLA LAD

957 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Is there any proposal to revise the guidelines for MLA LAD, if yes, the details thereof?

----

## ଖଣି ରାଜସ୍ୱର ପରିମାଣ

958 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2019-2020 ଠାରୁ 2026-2027 ଆର୍ଥିକ ବର୍ଷ ମଧ୍ୟରେ କେତେ କେତେ ଅର୍ଥ ଖଣି ରାଜସ୍ୱ ଭାବରେ ମିଳିଅଛି ଓ ତନ୍ମଧ୍ୟରୁ ଲଘୁ ଖଣିଜ ପଦାର୍ଥ ରାଜସ୍ୱ କେତେ କେତେ ମିଳିଅଛି ତାର ବର୍ଷୱାରୀ ବିବରଣୀ ଦେବେ କି, ଚଳିତ 2026-2027 ରେ ଖଣି ରାଜସ୍ୱ ବର୍ଷ ଶେଷସୁଦ୍ଧା କେତେ ଲକ୍ଷ୍ୟ ହେବ ବୋଲି ଆକଳନ କରାଯାଇଛି ?

----

## ଗୋବରୀ ନଦୀର ଖନନ ଓ ନବୀକରଣ ନିମନ୍ତେ ଅର୍ଥ ମଂଜୁର

୨୫୨ **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର 2019-2020 ଠାରୁ 2026 ମଧ୍ୟରେ କେନ୍ଦ୍ରାପଡାରେ ପ୍ରବାହିତ ଗୋବରୀ ନଦୀର ଖନନ ଓ ନବୀକରଣ ନିମନ୍ତେ କେଉଁ କେଉଁ ବର୍ଷରେ କେତେ ଅର୍ଥ ମଂଜୁର କରିଛନ୍ତି ଓ ତନ୍ମଧ୍ୟରୁ କେଉଁ କେଉଁ ବର୍ଷରେ କେତେ କେତେ ଅର୍ଥ ଖର୍ଚ୍ଚ କରାଯାଇଅଛି?

----

## ବହୁମୁଖୀ ବାତ୍ୟା ବିପର୍ଯ୍ୟୟ ସ୍ଥଳୀ ନିର୍ମାଣ

୨୬୦ **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ବ୍ଲକରେ ବହୁମୁଖୀ ବାତ୍ୟା ବିପର୍ଯ୍ୟୟ ସ୍ଥଳୀ ନିର୍ମାଣ ନିମନ୍ତେ ସରକାର କେତେଗୋଟି ମଂଜୁର କରିଅଛନ୍ତି ଓ ତାହା କେଉଁ କେଉଁ ସ୍ଥାନରେ ନିର୍ମାଣ କରାଯିବ ଓ ଏଥିନିମନ୍ତେ ୟୁନିଟ ପିଛା କେତେ କେତେ ଅର୍ଥ ରାଶି ବରାଦ କରାଯାଇଅଛି?

----

## ବେଆଇନ ଭାବେ ଜବରଦଖଲ ହୋଇଥିବା ଅନାବାଦୀ ଜମିର ପରିମାଣ

୨୬୧ **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମଗ୍ର ରାଜ୍ୟରେ ତଥା ନିର୍ଦ୍ଦିଷ୍ଟ ଭାବେ ବାଲେଶ୍ୱର ଜିଲ୍ଲାରେ ବେଆଇନ ଭାବେ ଜବରଦଖଲ ହୋଇଥିବା ସରକାରୀ ଅନାବାଦୀ ଜମିର ପରିମାଣ କେତେ ଉକ୍ତ ଜବରଦଖଲକାରୀଙ୍କୁ ଚିହ୍ନଟ କରି 'ଓଡ଼ିଶା ଜମି ଅବକ୍ରମଣ ନିବାରଣ ଆଇନ' (OPLE Act) ଅନୁଯାୟୀ ଗତ ଦୁଇ ବର୍ଷ ମଧ୍ୟରେ କେତେଗୋଟି ମାମଲା ରୁଜୁ ହୋଇଛି ଏବଂ କେତେ ଏକର ଜମି ଉଦ୍ଧାର କରାଯାଇଛି ତାର ଜିଲ୍ଲାଭିତ୍ତିକ ବିବରଣୀ ପ୍ରଦାନ କରିବେ କି (ଖ) ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଥିବା ଗୋଚର, ରକ୍ଷିତ ଏବଂ ସାମୁଦାୟିକ ଜମିର ସୁରକ୍ଷା ପାଇଁ ସରକାର ଆଗାମୀ ଦିନରେ କୌଣସି ନୂତନ ଜିଆଇଏସ୍ (GIS) କିମ୍ବା ଡିଜିଟାଲ୍ ତଦାରଖ ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା କରୁଛନ୍ତି କି ଯଦି ହଁ, ତେବେ ଏହାର ଉପ-ବିଭାଗୀୟ (Sub-divisional) ସ୍ତରରେ କାର୍ଯ୍ୟକାରିତା ନିମନ୍ତେ ଯୋଜନା ବା ରୂପରେଖ କଣ ରହିଛି ?

----

## ପଞ୍ଜିକୃତ ସାମ୍ବାଦିକଙ୍କ ସଂଖ୍ୟା

୨୬୨ **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ସମଗ୍ର ରାଜ୍ୟରେ ବର୍ତ୍ତମାନ ଜିଲ୍ଲା, ଉପଖଣ୍ଡ, ବ୍ଲକ୍ ତଥା ଗ୍ରାମାଞ୍ଚଳ ସ୍ତରରେ କାର୍ଯ୍ୟରତ ଅନୁମୋଦିତ କିମ୍ବା ପଞ୍ଜୀକୃତ ସାମ୍ବାଦିକ ବା ସମ୍ବାଦଦାତାଙ୍କ ସଂଖ୍ୟା କେତେ, ସେମାନଙ୍କ ମଧ୍ୟରୁ କେତେଜଣ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା' ରେ ଅନ୍ତର୍ଭୁକ୍ତ ହୋଇଛନ୍ତି, ବିଗତ ୨ ବର୍ଷ ମଧ୍ୟରେ ଏହି ଯୋଜନା ଅଧୀନରେ ବର୍ଷୱାରୀ କେତେଜଣ ସାମ୍ବାଦିକ ତଥା ସେମାନଙ୍କ ପରିବାରବର୍ଗ ସ୍ୱାସ୍ଥ୍ୟ ବୀମା ସୁବିଧା ପାଇଛନ୍ତି ଏବଂ ଏଥିପାଇଁ ସରକାରଙ୍କ କେତେ ଅର୍ଥ ବ୍ୟୟ ହୋଇଛି; ଏଥିସହ ଜିଲ୍ଲା, ଉପଖଣ୍ଡ ଓ ଗ୍ରାମାଞ୍ଚଳ ସ୍ତରର କେତେଜଣ କାର୍ଯ୍ୟରତ ସାମ୍ବାଦିକ ଏହି ସୁବିଧାରୁ ବଞ୍ଚିତ ଅଛନ୍ତି ଏବଂ ତାହାର ମୁଖ୍ୟ କାରଣଗୁଡ଼ିକ କଣ, ତାହା ଜଣାଇବେ କି; (ଖ) ସରକାରୀ ଅଧିସ୍ୱୀକୃତି (Accreditation) ନଥିବା, ଚୁକ୍ତିଭିତିକ କିମ୍ବା ମୁକ୍ତପେଶା (Freelance) କାର୍ଯ୍ୟଧାରା, ଗ୍ରାମାଞ୍ଚଳରେ କାର୍ଯ୍ୟରତ ହେବା କିମ୍ବା ଅନ୍ୟାନ୍ୟ ଯୋଗ୍ୟତା ସର୍ତ୍ତାବଳୀ କାରଣରୁ ଯଦି କୌଣସି ସାମ୍ବାଦିକ ଏହି ସୁରକ୍ଷା ପରିସରରୁ ବାଦ୍ ପଡୁଛନ୍ତି, ତେବେ ସେମାନଙ୍କ ନିମନ୍ତେ ସରକାରଙ୍କ କୌଣସି ବିକଳ୍ପ ସାମାଜିକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବେ କି ?

----

## କାର୍ଯ୍ୟକ୍ଷମଥିବା ଆଶ୍ରୟସ୍ଥଳୀ

963 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ବସ୍ତା, ଜଳେଶ୍ୱର ଓ ଭୋଗରାଇ ବ୍ଲକରେ ସମୁଦାୟ କେତୋଟି ରାଜସ୍ୱ ଗ୍ରାମ ରହିଛି ଏବଂ ସେଥିମଧ୍ୟରୁ କେତେଟି ଗ୍ରାମ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ କିମ୍ବା ଅନ୍ୟାନ୍ୟ ନିରାପଦ ସ୍ଥାନାନ୍ତରଣ କେନ୍ଦ୍ରର ୩୦ ମିନିଟ୍ କିମ୍ବା ୬୦ ମିନିଟ୍ ସ୍ଥାନାନ୍ତରଣ ପରିସୀମା ମଧ୍ୟରେ ଅନ୍ତର୍ଭୁକ୍ତ; ଉକ୍ତ ଚାରୋଟି ବ୍ଲକରେ ବର୍ତ୍ତମାନ କେତେଟି ଆଶ୍ରୟସ୍ଥଳୀ କାର୍ଯ୍ୟକ୍ଷମ ରହିଛି ଏବଂ ସେଗୁଡ଼ିକର ବ୍ଲକୱାରୀ ମୋଟ ମଞ୍ଜୁରୀପ୍ରାପ୍ତ କ୍ଷମତା, ବାସ୍ତବ ବ୍ୟବହାରଯୋଗ୍ୟ କ୍ଷମତା ତଥା ଜନସଂଖ୍ୟା ଆଚ୍ଛାଦନ ପ୍ରତିଶତ କେତେ ; (ଖ) ଏହି ଆଶ୍ରୟସ୍ଥଳୀ ଆଚ୍ଛାଦନ ବ୍ୟବଧାନ (Coverage Gap) ଦୂର କରିବା ନିମନ୍ତେ ସରକାରଙ୍କ ପକ୍ଷରୁ କୌଣସି ବ୍ଲକଭିଭିକ ଆଶ୍ରୟସ୍ଥଳୀ ସମ୍ପ୍ରସାରଣ ଯୋଜନା ପ୍ରସ୍ତୁତ କରାଯାଇଛି କି ?

----

## ବେଆଇନ ଯାତ୍ରୀ ପରିବହନ

964 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦ୍ରବ୍ୟ ପରିବହନ ପାଇଁ ଉଦ୍ଦିଷ୍ଟ ଟ୍ରକ୍, ଟ୍ରାକ୍ଟର, ପିକ୍ଅପ୍, ମିନି ଟ୍ରକ୍ ଏବଂ ଅନ୍ୟାନ୍ୟ ମାଲବାହୀ ଯାନ (Goods Carriage) ରେ ଅନୁମତିବିହୀନ ତଥା ବିପଦପୂର୍ଣ୍ଣ ଭାବେ ଶ୍ରମିକ ଓ ଯାତ୍ରୀ ପରିବହନ କରାଯାଉଥିବା ବିଷୟ ସରକାରଙ୍କ ନଜରକୁ ଆସିଛି କି; ଯଦି ଆସିଛି, ତେବେ ଏଭଳି ବେଆଇନ ଯାତ୍ରୀ ପରିବହନ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣା, ଧନଜୀବନ ହାନି ତଥା ସାଧାରଣ ସୁରକ୍ଷା ପ୍ରତି ସୃଷ୍ଟି ହେଉଥିବା ବିପଦକୁ ଦୃଷ୍ଟିରେ ରଖି ବାଲେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (RTO) ଏବଂ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ଼ ପକ୍ଷରୁ ଗତ ୩ ବର୍ଷ ମଧ୍ୟରେ କେତୋଟି ସ୍ୱତନ୍ତ୍ର ଯାଞ୍ଚ ଓ ପ୍ରବର୍ତ୍ତନ ଅଭିଯାନ କରାଯାଇଛି ; (ଖ) ଉକ୍ତ ସମୟସୀମା ମଧ୍ୟରେ କେତେ ସଂଖ୍ୟକ ନିୟମ ଉଲଂଘନକାରୀଙ୍କ ବିରୋଧରେ ମାମଲା ଦାୟର କରାଯାଇ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି; ମାଲବାହୀ ସ୍ଥାନରେ ମଣିଷ ପରିବହନ କରୁଥିବା ଯାନ ମାଲିକ ଓ ଚାଳକଙ୍କ ଦାୟିତ୍ୱ ତଥା ଦୁର୍ଘଟଣା କ୍ଷେତ୍ରରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଜବାବଦେହିତା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ 'ଷ୍ଟାଣ୍ଡାର୍ଡ ଏନ୍‌ଫୋର୍ସମେଣ୍ଟ ପ୍ରୋଟୋକଲ' ବା ବିଶେଷ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି କି ?

----

## ବାଣିଜ୍ୟିକ ସମୁଦ୍ରଗାମୀ ଜାହାଜରେ ନିଯୁକ୍ତି ପାଇଥିବା ଯୁବକ ଯୁବତୀଙ୍କ ସଂଖ୍ୟା

୨୬୫ **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ୫ ବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀ ପରିବାରରୁ କେତେଜଣ ଯୁବକଯୁବତୀ 'ଓଡ଼ିଶା ମେରିଟାଇମ୍ ଏକାଡେମୀ' ବା କ୍ରୁ-ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ରୁ ସାମୁଦ୍ରିକ ତାଲିମ (Maritime Training) ହାସଲ କରିଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ ବାଣିଜ୍ୟିକ ସମୁଦ୍ରଗାମୀ ଜାହାଜରେ (Commercial Shipping / Sea-going vessels) ନିଯୁକ୍ତି ପାଇଛନ୍ତି ଏବଂ ତନ୍ମଧ୍ୟରୁ ବସ୍ତା ନିର୍ବାଚନମଣ୍ଡଳୀର ସଂଖ୍ୟା କେତେ ?

----

## ତ୍ରୁଟି ସଂଶୋଧନ

୨୬୬ **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରେକର୍ଡ ଅଫ୍ ରାଇଟ୍ସ (RoR) ର କଲମ-୨ରେ ଥିବା ତ୍ରୁଟି ସଂଶୋଧନ ନହେବା ଯୋଗୁଁ ରାଜ୍ୟର ବହୁ ଚାଷୀ ଓ ସାଧାରଣ ଲୋକ ଚାଷୀ ପଞ୍ଜୀକରଣ, ବିଭିନ୍ନ ପ୍ରମାଣପତ୍ର ପ୍ରଦାନ, ଫସଲ କ୍ଷୟକ୍ଷତିର କ୍ଷତିପୂରଣ ଓ ଅନ୍ୟାନ୍ୟ ସରକାରୀ ସୁବିଧା ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ସରକାରଙ୍କ ଦୃଷ୍ଟିଗୋଚରକୁ ଆସିଛି କି; ଯଦି ଆସିଛି, ତେବେ ଜିଲ୍ଲାୱାରୀ ଭାବେ RoR ର କଲମ-୨ ସଂଶୋଧନ ପାଇଁ କେତେଟି ମାମଲା ଦାଖଲ ହୋଇଛି, କେତୋଟି ଫଇସଲା ହୋଇଛି ଓ କେତୋଟି ମାମଲା ବିଚାରାଧୀନ ଅଛି, ଏବଂ ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ବିବରଣୀ ପ୍ରଦାନ

୨୬୭ **କୁମାରୀ ସଞ୍ଜଲି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ୫ ବର୍ଷରେ ଜଳ ସମ୍ପଦ ବିଭାଗ ଅଧୀନରେ ସୁବର୍ଣ୍ଣରେଖା ପ୍ରକଳ୍ପରେ କେତୋଟି ପ୍ରକଳ୍ପ ହାତକୁ ନିଆଯାଇଛି ଓ କେତୋଟି ସମ୍ପୂର୍ଣ/ଚାଲୁ ଅଛି; ପ୍ରକଳ୍ପୱାରୀ ନାମ, ସ୍ଥାନ, ଅନୁମୋଦିତ ମୂଲ୍ୟ, ଟେଣ୍ଡର ପାଇଥିବା ସଂସ୍ଥା ଓ ଟେଣ୍ଡର ମୂଲ୍ୟ, ଆରମ୍ଭ ଓ ସମାପ୍ତି ତାରିଖ ଏବଂ ଏପର୍ଯ୍ୟନ୍ତ ବ୍ୟୟର ବିବରଣୀ ପ୍ରଦାନ କରିବେ କି ; ଅସମ୍ପୂର୍ଣ୍ଣ ପ୍ରକଳ୍ପର ବିଳମ୍ବର କାରଣ, Deviation ହୋଇଥିବା ପ୍ରକଳ୍ପ ସଂଖ୍ୟା, Deviation ର ପରିମାଣ ଓ କାରଣ ଏବଂ ଏହା ଯୋଗୁଁ ସରକାରୀ ତହବିଲରୁ ହୋଇଥିବା ଅତିରିକ୍ତ ବ୍ୟୟର ପ୍ରକଳ୍ପୱାରୀ ବିବରଣୀ too large ପ୍ରଦାନ କରିବେ କି?

----

## ସ୍ଥାନୀୟ ଭାଷାରେ ଜନକଲ୍ୟାଣ ମୂଳକ କାର୍ଯ୍ୟର ପ୍ରଚାର

୨୬୮ **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲାର ଦୁର୍ଗମ, ପାହାଡ଼ିଆ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକମାନଙ୍କ ନିକଟରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଓ ସରକାରୀ ସୂଚନା ପହଞ୍ଚାଇବା ନିମନ୍ତେ ଗତ ୫ ବର୍ଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କେତେ ଅର୍ଥ ବ୍ୟୟ କରାଯାଇଛି; ବିଶେଷକରି ଜିଲ୍ଲାର ସାନ୍ତାଳୀ, ମୁଣ୍ଡା ଓ ହୋ ଭାଷାଭାଷୀ ଲୋକଙ୍କ ପାଇଁ ଏହି ଭାଷାଗୁଡ଼ିକରେ ସରକାରୀ ଯୋଜନା ଓ ଜନକଲ୍ୟାଣମୂଳକ ସୂଚନାର ପ୍ରଚାର-ପ୍ରସାର କରାଯାଉଛି କି; ଯଦି ହଁ, ତେବେ ଗତ ୫ ବର୍ଷର ବର୍ଷୱାରୀ ଓ ଭାଷାୱାରୀ ବିବରଣୀ କ'ଣ ଏବଂ ଦୁର୍ଗମ ଅଞ୍ଚଳରେ ସ୍ଥାନୀୟ ଭାଷା ମାଧ୍ୟମରେ ସରକାରୀ ସୂଚନାକୁ ଅଧିକ ପ୍ରଭାବଶାଳୀ ଭାବେ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ନିଆଯିବ ?

----

## ମୁଖ୍ୟମନ୍ତ୍ରୀ ବସ ସେବାର ବିଭିନ୍ନ ରୁଟର ତାଲିକା

୨୬୨ **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୂରଭଞ୍ଜ ଜିଲ୍ଲାରେ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାର ବିଭିନ୍ନ ରୁଟ୍‌ର ତାଲିକା ପ୍ରଦାନ କରିବେ କି; ପ୍ରତ୍ୟେକ ରୁଟ୍‌ରେ କେତୋଟି ବସ୍ ଚଳାଚଳ କରୁଛି, ଏଥିସହିତ, ପ୍ରତ୍ୟେକ ରୁଟ୍‌ରେ ପ୍ରତିଦିନ ବସ୍ ଚଳାଚଳ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ଏବଂ ଯାତ୍ରୀ ଭଡ଼ା ବା ଅନ୍ୟାନ୍ୟ ଉତ୍ସରୁ ପ୍ରତିଦିନ କେତେ ଟଙ୍କା ଆଦାୟ ହେଉଛି ; ମୁଖ୍ୟମନ୍ତ୍ରୀ ବସ୍ ସେବାରେ କେଉଁ କେଉଁ ପଦବୀରେ କେତେ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି, ସେଥିର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି; ଏହି କର୍ମଚାରୀମାନେ କେଉଁ ସଂସ୍ଥା ମାଧ୍ୟମରେ ନିଯୁକ୍ତ ହୋଇଛନ୍ତି, ସେହି ସଂସ୍ଥାର ନାମ, ଯୋଗାଯୋଗ ଠିକଣା ପ୍ରଦାନ କରିବେ କି?

----

## ନିୟମ ଉଲଂଘନ ରୋକିବା ପାଇଁ ବ୍ୟବସ୍ଥା

970 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଯାନବାହନର Pollution Under Control Certificate (PUCC) ଯାଞ୍ଚ ଏବଂ ବିଭିନ୍ନ Motor Vehicle (MV) ନିୟମ ଉଲଂଘନ ରୋକିବା ପାଇଁ ସରକାରଙ୍କ ପକ୍ଷରୁ କେଉଁ କେଉଁ ବ୍ୟବସ୍ଥା/ପଦକ୍ଷେପ ଗ୍ରହଣ କରାଯାଉଛି; ଗତ ଏକ ବର୍ଷରେ ମାସୱାରୀ ଭାବେ କେତେ ସଂଖ୍ୟକ ଯାନବାହନ ଯାଞ୍ଚ/ଅଟକ କରାଯାଇ ଚାଲାଣ କରାଯାଇଛି ଏବଂ ଏଥିରୁ କେତେ ଟଙ୍କା ଜରିମାନା ଆଦାୟ ହୋଇଛି କି?

----

**Implementation of Panidnagar Project**

971 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- Whether the Government is aware that the Panidangar Project near Gudari In Rayagada District, Initiated In 1960, has not yet been implemented; Whether the Government will take steps to revive and implement the Panidangar project across the Bansadhara river, So that river water can be effectively utilised for irrigation and flood control in Kashinagar, Gunupur, and adjoining regions; Whether the Government is aware that the neradi barrage has been sanctioned to Andhra Pradesh at the lower end of the Bansadhara River and that establishment of the Panidnagar Project at the upper end could facilitate greater utilisation of river water for the benefit of farmers and the general public in Kashinagar and adjoining areas; what specific initiatives or steps are being taken by the State Government for revival and implementation of the Panidangar Project ?

----

**Total Number of Detailed Project Reports for Minor Irrigation Projects**

972 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- What is the Total Number of Detailed Project reports (Dprs) for Minor Irrigation (MI) Projects/Canals In Gumma Block, Gajapati District currently submitted, approved, and under consideration; What is the status of administrative sanction for new check dams or canal extensions proposed for agricultural Land in Gumma Block, particularly those aimed at improving water uses efficiency ; What is the estimated cost and expected completion timeline for the newly sanctioned minor irrigation projects in Gumma Block, Especially those intended to tackle water scarcity; Are there any projects under the minor irrigation division, Paralakhemundi, for Gumma block that are currently pending technical approval or funding ?

----

### Distribution of PRA Lease Certificates

973 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether the Government is aware that forest rights act (FRA) lease certificates have not yet been distributed to eligible beneficiaries in Gumma Tahasil ; If so, what is the exact number of applications currently pending at the Gumma Tahasil office, And what are the reasons for this prolonged delay and whether the Government will order a proper enquiry into this administrative delay, and by what specific date will the leases be distributed to the beneficiaries?

----

### Quantity of land handover for the construction of the Neradi Barrage

974 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- As per the proposal of the National Green Tribunal, How much land has the Government proposed to hand over for the construction of the Neradi Barrage by the Government of Andhra Pradesh; Whether it is correct that if 106 acres of land are provided for the barrage, approximately 1,000 acres of agricultural land and three villages would be affected, rendering the land unsuitable for cultivation; How many farmers are likely to be affected by the proposed project; What steps will the Government take for rehabilitation and resettlement of the affected Farmers ?

----

### Details of Pending Land Settlement Cases

975 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether the Government is aware that a large number of people across odisha are facing serious difficulties due to pendency of land settlement cases; if so, what are the details of pending land settlement cases across the State and the reasons for delay in their disposal; and whether the Government proposes to take immediate and time-bound steps to expedite the land settlement process and provide relief to the affected people?

----

### ରାଜ୍ୟର କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କ ବ୍ୟବସାୟ ଖର୍ଚ୍ଚ

**୨୭୬ ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ଏକ ପ୍ରାକୃତିକ ସମ୍ପଦ ସମୃଦ୍ଧ ଓ ଶିଳ୍ପ ପ୍ରଧାନ ରାଜ୍ୟ ହୋଇଥିବା ସତ୍ତ୍ୱେ ରାଜ୍ୟର କ୍ଷୁଦ୍ର, ମଧ୍ୟମ ଓ ସ୍ଥାନୀୟ ବ୍ୟବସାୟୀମାନେ ଉଚ୍ଚ ପରିବହନ ଓ ଲଜିଷ୍ଟିକ୍ସ ଖର୍ଚ୍ଚ, ବଜାର ସଂଯୋଗର ଅଭାବ, ଗୋଦାମ ଓ ବାଣିଜ୍ୟିକ ଭିତ୍ତିଭୂମିର ଅଭାବ ଏବଂ ଅନ୍ୟ ରାଜ୍ୟର ବ୍ୟବସାୟୀଙ୍କ ସହ ପ୍ରତିଯୋଗିତାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବିଷୟ ସରକାରଙ୍କ ନଜରକୁ ଆସିଛି କି; ଯଦି ଆସିଛି, ତେବେ ରାଜ୍ୟର କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କ ବ୍ୟବସାୟ ଖର୍ଚ୍ଚ କମାଇବା ପାଇଁ Logistics Hub, Warehousing, Cold Storage, Wholesale Market ଓ Modern Trading Infrastructure ବିକାଶ ପାଇଁ ସରକାରଙ୍କ କୌଣସି ସମୟବଦ୍ଧ କାର୍ଯ୍ୟଯୋଜନା ଅଛି କି; ଓଡ଼ିଶାରୁ ଉତ୍ପାଦିତ କୃଷି, ହସ୍ତଶିଳ୍ପ, ହସ୍ତତନ୍ତ, ଖଣିଜ ଓ ଅନ୍ୟାନ୍ୟ ସ୍ଥାନୀୟ ଉତ୍ପାଦକୁ ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ନିଜସ୍ୱ Export Promotion Strategy କ'ଣ; ଏବଂ ରାଜ୍ୟର ଯୁବକ ଓ ଛୋଟ ବ୍ୟବସାୟୀମାନେ ବ୍ୟବସାୟ ଆରମ୍ଭ କିମ୍ବା ବିସ୍ତାର ସମୟରେ ବିଭିନ୍ନ ବିଭାଗର ଅନୁମତି, ଲାଇସେନ୍ସ ଓ ନିୟମାନୁଷ୍ଠାନରେ ଅନାବଶ୍ୟକ ବିଳମ୍ବର ସମ୍ମୁଖୀନ ହେଉଛନ୍ତି କି; ଏହାକୁ ଦୂର କରିବା ପାଇଁ Single Window ଓ Time-bound Clearance ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ କି ?

----

## ଭୁବନେଶ୍ୱରେ ଜମି କ୍ରୟ ବିକ୍ରୟର ଯାଞ୍ଚ

**୨୭୭ ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ମହାନଗରୀ ଓ ଏହାର ଆଖପାଖ ଅଞ୍ଚଳରେ ଲିଜ୍ ସୂତ୍ରରେ ଥିବା ଜମିର ପଟ୍ଟାରେ ଦଖଲ ସତ୍ତ୍ୱେ ଶୁନ ଭାବେ ଉଲ୍ଲେଖ ଥିବା ଜମିକୁ ସରକାରଙ୍କ ନିର୍ଦ୍ଧାରିତ ନିୟମାନୁଯାୟୀ ପଞ୍ଜୀକୃତ କବଲା ମାଧ୍ୟମରେ କ୍ରୟ କରି, ନିଜ ନାମରେ ପଟ୍ଟା ପାଇଁ ଆବେଦନ କରିଥିବା ଅନେକ ମଧ୍ୟବିତ୍ତ ପରିବାରଙ୍କ ଆବେଦନ ଦୀର୍ଘଦିନ ଧରି ବିଭିନ୍ନ ରାଜସ୍ୱ କାର୍ଯ୍ୟାଳୟରେ ବିଚାରାଧୀନ ରହିଥିବା ଦୃଷ୍ଟିକୁ ଆସିଛି କି; ଯଦି ଆସିଛି, ତେବେ ଭୁବନେଶ୍ୱର ଓ ଏହାର ଆଖପାଖରେ ଏଭଳି ଜମି କ୍ରୟ କରି ପଟ୍ଟା ପାଇଁ ଆବେଦନ କରିଥିବା ମୋଟ ଆବେଦନ ସଂଖ୍ୟା, ନିଷ୍ପତ୍ତି ହୋଇଥିବା ଆବେଦକ ସଂଖ୍ୟା ଏବଂ ବର୍ତ୍ତମାନ ବିଚାରାଧୀନ ଥିବା ଆବେଦନ ସଂଖ୍ୟା କେତେ; ପଞ୍ଜୀକୃତ କବଲା, ରାଜସ୍ୱ ରେକର୍ଡ ଓ ଦଖଲ ସମ୍ପର୍କିତ ଯାଞ୍ଚ ସମ୍ପନ୍ନ ହୋଇ ଯେଉଁ ଆବେଦନକାରୀମାନେ ଆଇନଗତ ଭାବେ ଯୋଗ୍ୟ, ସେମାନଙ୍କୁ ପଟ୍ଟା ପ୍ରଦାନରେ ଅନାବଶ୍ୟକ ବିଳମ୍ବର କାରଣ କଣ; ଏହି ବିଳମ୍ବ ଯୋଗୁଁ ମଧ୍ୟବିତ୍ତ ପରିବାରମାନେ ନିଜ ଘର ନିର୍ମାଣ, ବ୍ୟାଙ୍କ ଋଣ, ସମ୍ପତ୍ତିର ଆଇନଗତ ବ୍ୟବହାର ଓ ପରବର୍ତ୍ତୀ ହସ୍ତାନ୍ତରଣରେ ଆର୍ଥିକ ଓ ମାନସିକ କ୍ଷତି ସହୁଥିବାରୁ ଏହି ସମସ୍ୟାର ସମାଧାନ ପାଇଁ କୌଣସି ସମୟବଦ୍ଧ (Time- bound) ପଟ୍ଟା ପ୍ରଦାନ ବ୍ୟବସ୍ଥା କରିବେ କି; ଯୋଗ୍ୟ ଆବେଦନକାରୀଙ୍କ ଆବେଦନକୁ ୩୦/୬୦ ଦିନ ମଧ୍ୟରେ ନିଷ୍ପତ୍ତି କରି ପଟ୍ଟା ପ୍ରଦାନ କରିବା, ଅନାବଶ୍ୟକ ଫାଇଲ୍ ବିଳମ୍ବ ରୋକିବା ଏବଂ ଆବେଦନର ସ୍ଥିତି ଅନଲାଇନରେ ଜଣାଇବା ପାଇଁ କୌଣସି ବିଶେଷ ଅଭିଯାନ/Single Window ବ୍ୟବସ୍ଥା କରିବେ କି ?

----

## ତଥ୍ୟ ଉପସ୍ଥାପନ

୨୨୪ **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଓଡ଼ିଶା ଦେଶର ଏକ ପ୍ରମୁଖ ଲୁହାପଥର ଉତ୍ପାଦନକାରୀ ରାଜ୍ୟ ହୋଇଥିବା ସତ୍ତ୍ୱେ ରାଜ୍ୟର ଖଣିଜ ସମ୍ପଦରୁ ସର୍ବାଧିକ Value Addition, Steel Production, Downstream Industry ଓ ସ୍ଥାନୀୟ ରୋଜଗାର ସୃଷ୍ଟି କରିବାରେ ରାଜ୍ୟ ସରକାରଙ୍କ ବର୍ତ୍ତମାନ ନୀତି କେତେ ସଫଳ; ଯଦି ସରକାର ଏହାକୁ ସଫଳ ବୋଲି ଦାବି କରୁଛନ୍ତି, ତେବେ ଗତ ୫ ବର୍ଷରେ ଓଡ଼ିଶାରୁ ଉତ୍ତୋଳିତ ଲୁହାପଥର ମଧ୍ୟରୁ କେତେ ପରିମାଣ ରାଜ୍ୟ ମଧ୍ୟରେ Steel/Pellet/Sponge Iron ଭଳି value-added product ରେ ପରିଣତ ହୋଇଛି ଏବଂ କେତେ ପରିମାଣ raw mineral ଭାବେ ରାଜ୍ୟ ବାହାରକୁ ଯାଇଛି; ଏହାର ଫଳରେ ରାଜ୍ୟରେ ସୃଷ୍ଟି ହୋଇଥିବା ନୂତନ ସ୍ଥାୟୀ ରୋଜଗାର ଓ ରାଜ୍ୟର ଅତିରିକ୍ତ ଆର୍ଥିକ ଲାଭର ପରିମାଣ କେତେ?

----

**MMDR Act ସମ୍ପର୍କରେ**

୨୨୯ **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କେନ୍ଦ୍ର ସରକାରଙ୍କ Mines and Minerals (Development and Regulation) Act, 1957 (MMDR Act) ଓ ଏହାର ବିଭିନ୍ନ ସଂଶୋଧନ ଲାଗୁ ହେବା ଫଳରେ ଓଡ଼ିଶା ଭଳି ଖଣିଜ ସମ୍ପଦସମୃଦ୍ଧ ରାଜ୍ୟର ଖଣିଜ ସମ୍ପଦ ଉପରେ ରାଜ୍ୟର ନୀତିଗତ ଅଧିକାର, ଖଣିଜ ରାଜସ୍ୱ, ଖଣି ନିଲାମ ପ୍ରକ୍ରିୟା, ଷ୍ଟିଲ୍ ଶିଳ୍ପ, ସ୍ଥାନୀୟ ରୋଜଗାର ଓ ଖଣି ପ୍ରଭାବିତ ଅଞ୍ଚଳର ବିକାଶ ଉପରେ କେତେ ପ୍ରଭାବ ପଡୁଛି, ସରକାର ଏହାର ସମୀକ୍ଷା କରିଛନ୍ତି କି; ଯଦି ହଁ, ତେବେ- MMDR Act ର କେଉଁ କେଉଁ ବ୍ୟବସ୍ଥା ଯୋଗୁଁ ଓଡ଼ିଶାର Royalty, Auction Premium, DMF ଓ ଅନ୍ୟାନ୍ୟ ଖଣିଜ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି ଏବଂ ଗତ ୫ ବର୍ଷର ତଥ୍ୟ ଆଧାରରେ ରାଜ୍ୟର ସମ୍ଭାବ୍ୟ ଆର୍ଥିକ କ୍ଷତି କେତେ ; ଖଣି ନିଲାମ ଓ ଖଣିଜ ଉତ୍ତୋଳନ ସମ୍ପର୍କିତ କେନ୍ଦ୍ରୀୟ ଆଇନଗତ ବ୍ୟବସ୍ଥା ଯୋଗୁଁ ରାଜ୍ୟର ଛୋଟ ଓ ମଧ୍ୟମ ଷ୍ଟିଲ୍ downstream industries ଓ ସ୍ଥାନୀୟ ରୋଜଗାର ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିଛି କି; ଖଣିଜ ସମ୍ପଦ ଥିବା ଜିଲ୍ଲାଗୁଡ଼ିକରେ ଖଣି କାର୍ଯ୍ୟକଳାପରୁ ମିଳୁଥିବା ରାଜସ୍ୱର ଅନୁପାତରେ ସ୍ଥାନୀୟ ଲୋକଙ୍କ ରୋଜଗାର, ପୁନର୍ବାସ, ପାନୀୟଜଳ, ରାସ୍ତା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ଯଥେଷ୍ଟ ଅର୍ଥ ବ୍ୟୟ ହେଉଛି କି , MMDR Act ର ବ୍ୟବସ୍ଥା ଯଦି ଓଡ଼ିଶାର ରାଜସ୍ୱ, ଶିଳ୍ପ ଓ ସ୍ଥାନୀୟ ଜନସ୍ୱାର୍ଥ ପାଇଁ ପ୍ରତିକୂଳ ବୋଲି ସରକାରଙ୍କ ଅନୁଭବ ଥାଏ, ତେବେ କେନ୍ଦ୍ର ସରକାରଙ୍କ ନିକଟରେ ଆଇନ ସଂଶୋଧନ, ଅଧିକ ରାଜ୍ୟ ଅଧିକାର କିମ୍ବା ରାଜସ୍ୱ ସୁରକ୍ଷା ପାଇଁ କୌଣସି ଲିଖିତ ପ୍ରସ୍ତାବ ଦିଆଯାଇଛି କି ?

----

**ପଞ୍ଜିକରଣ ସମସ୍ୟା**

୨୮୦ **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- କ) ତା.୦୨.୦୭.୨୦୨୫ରେ ରାଜ୍ୟର ସମସ୍ତ ତହସିଲଦାର ଓ ସବ୍-ରେଜିଷ୍ଟ୍ରାରଙ୍କୁ ବାଜ୍ୟାପ୍ତି, ସ୍ଥିତିବାନ, ପଟ୍ଟାଦାର ଇତ୍ୟାଦି ଜମିର ପଞ୍ଜିକରଣ ନକରିବା ସମ୍ପର୍କରେ ନିର୍ଦ୍ଦେଶ ଦିଆଯାଇଥିବାରୁ, ଅତିଅଳ୍ପ ଜମିର ମାଲିକ ଗରିବ ଲୋକମାନେ ନିଜ ଜମି ଆଇନସମ୍ମତ ଭାବେ ହସ୍ତାନ୍ତର କରି ଚିକିତ୍ସା, ଶିକ୍ଷା, ବିବାହ, ଋଣ ପରିଶୋଧ ଭଳି ଜରୁରୀ ଆବଶ୍ୟକତା ପୂରଣ କରିବାରୁ ବଞ୍ଚିତ ହେଉଥିବା ବିଷୟ ସରକାରଙ୍କ ଦୃଷ୍ଟିଗୋଚର ଅଛି କି; (ଖ) ଯେଉଁ ଜମି ଉପରେ କୌଣସି ଆଇନଗତ ବିବାଦ, ସରକାରୀ ଦାବି କିମ୍ବା ଅନ୍ୟ କଟକଣା ନଥାଇ ମଧ୍ୟ ଉକ୍ତ ନିର୍ଦ୍ଦେଶ ଯୋଗୁଁ ପଞ୍ଜିକରଣ ହୋଇପାରୁନାହିଁ, ସେହି ଯୋଗ୍ୟ ଓ ପ୍ରକୃତ ଆବଶ୍ୟକତା ଥିବା ସ୍ୱଳ୍ପ ଜମିଧାରୀଙ୍କ ପାଇଁ ସ୍ପଷ୍ଟ ବ୍ୟତିକ୍ରମ ବ୍ୟବସ୍ଥା କରି ଆଇନସମ୍ମତ ଜମି ହସ୍ତାନ୍ତରର ସୁଯୋଗ ଦେବାକୁ ସରକାର ବିଚାର କରିବେ କି; ଉକ୍ତ ନିର୍ଦ୍ଦେଶର ପ୍ରଭାବରେ ଜିଲ୍ଲାୱାରୀ କେତେ ଜମି ପଞ୍ଜିକରଣ ମାମଲା ଅଟକିଛି ଏବଂ କେତେ ଗରିବ/ସ୍ୱଳ୍ପ ଜମିଧାରୀ ପ୍ରଭାବିତ ହୋଇଛନ୍ତି, ତାହାର ସମୀକ୍ଷା କରି ମାନବିକ ଓ ଆଇନସମ୍ମତ ଭାବେ ସମାଧାନ ପାଇଁ ଆଗାମୀ ୩ ମାସ ମଧ୍ୟରେ ସଂଶୋଧିତ ନିର୍ଦ୍ଦେଶନାମା ଜାରି କରିବାକୁ ପଦକ୍ଷେପ ନେବେ କି?

----

### Daya Bhargavi Embankment

981 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː- (a) The current structural condition of the Daya left embankment (0-60 km) and Bhargavi right and left embankments (covering approximately 87.5 km and 48 km respectively) that protect villages in Satyabadi constituency from flooding (b) The details of repair, strengthening or anti-erosion works carried out on these embankments during the last three years along with funds sanctioned and utilised ; whether any breach, seepage or erosion points have been identified in the current pre-monsoon/post-monsoon inspection for 2026 and if so, the location-wise remedial action plan and timeline ; whether the Department proposes to include any stretch of these historic capital embankments under the newly approved BOITA (Building Odisha's Irrigation Project Tourism Amenities) scheme for heritage conservation and allied tourism development?

----

### AI Skill Programme

982 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː- (a) The total number of beneficiaries from Satyabadi block (Puri district) under the Odisha Knowledge Corporation Limited (OKCL) digital literacy and AI skill programmes during 2025-25(b) whether any PMGDISHA or ULLAS centres have been established in Satyabadi block and if so, how many persons have been trained ; The

allocation made for rural digital literacy with AI components in Puri district for 2026-27 ; The proposed timeline to ensure digital literacy in every household of Satyabadi by 2030, as pledged by the State?

----

**Illegal Sub - leasing**

୨83 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The current status of show-cause proceedings against the 65 iron-ore mine leaseholders indicted for ore-grade manipulation, illegal sub-leasing, and production beyond approved limits (b) How many leases have actually been terminated, how many performance securities have been forfeited and the total monetary penalty imposed to date ; Whether any cases of political patronage or official collusion have been identified in these violations; Whether Government will place a district-wise action-taken report, including details of any cases in Puri, Keonjhar, Sundargarh, and Mayurbhanj, before the House within this session ?

----

**ଅସ୍ଥାୟୀ କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା ପାଇଁ ପଦକ୍ଷେପ**

୨84 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଯେଉଁ ରୁଟ ମାନଙ୍କରେ ବେସରକାରୀ ବସ ଲାଭଦାୟକ ହେବାଫଳରେ ସେହି ରୁଟରେ ସରକାରୀ ବସ କ୍ଷତିଗ୍ରସ୍ତ ହେବାର କାରଣ କଣ ; ବେସରକାରୀ ସ୍ଲିପର କୋଚ ବସରେ ଟିକେଟ ମୂଲ୍ୟ ୭୦୦ ରୁ ୮୦୦ ଟଙ୍କା ପାର୍ଥକ୍ୟର କାରଣ କ'ଣ ଏଣୁ ଯାତ୍ରୀ ମାନେ ସରକାରୀ ବସ ଅପେକ୍ଷା ବେସରକାରୀ ବସ ପ୍ରତି ଆକୃଷ୍ଟ ହେବା ଫଳରେ କ୍ଷତିଗ୍ରସ୍ତ ହେବାର ମୁଖ୍ୟ କାରଣ କି, ଏଥିପାଇଁ ସରକାର ଦୃଢ ପଦକ୍ଷେପ ସହ ବିଚାରବିମର୍ଷ କରି ନିଷ୍ପତି ଗ୍ରହଣ କରିବେ କି; (ଖ) ରାଜ୍ୟ ପରିବହନ ନିଗମର ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ କରାଇ ଡ଼ିୟୁଟି ପ୍ରଦାନ କରି ଆଉଟସୋର୍ସିଂ ମାନଙ୍କୁ ଡ଼ିୟୁଟିରୁ ନିବୃତ୍ତ କରି ରୁଟରେ ସମୟ ଓ ଗତିକୁ ପରିବର୍ତ୍ତନ କଲେ ଲାଭଦାୟକ ହେବା ବ୍ୟବସ୍ଥା କରିବେ କି?

----

**Bus Service**

୨85 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether the Government has conducted any route-wise assessment of the adequacy, frequency, punctuality and passenger load of public bus services serving the Satyabadi-Pipili-Bhubaneswar, Satyabadi-Puri and Satyabadi-Konark corridors; (b) If

so, the details of the assessment, route-wise, including the number of OSRTC/private-stage-carriage trips presently operating and the average daily passenger demand whether the Government proposes to introduce additional regular, women-friendly and student- friendly bus services, including early-morning and late-evening services, for students, workers, patients, pilgrims and residents of Satyabadi constituency; The time-bound action plan, including proposed stoppages, schedules and monitoring mechanism?

----

## ଶିଳ୍ପ ପାଇଁ ଜଳ ବ୍ୟବହାର

୨୫୬ **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ନିର୍ମାଣାଧୀନ ଜେ.ଏସ୍.ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦ୍ୱୀପ ପ୍ରକଳ୍ପରେ ବର୍ତ୍ତମାନ କେଉଁ ଉତ୍ସରୁ ପ୍ରତିଦିନ କେତେ ପରିମାଣ ଜଳ ବ୍ୟବହାର ହେଉଛି ଏବଂ ଏଥିପାଇଁ କେଉଁ କର୍ତ୍ତୃପକ୍ଷଙ୍କ ଅନୁମତି ରହିଛି: ପ୍ରକଳ୍ପରେ ଭୂତଳ ଜଳ ଅନୁମତି ବିହୀନ ଭାବେ ଉତ୍ତୋଳନ ସମ୍ପର୍କରେ ସରକାରଙ୍କ ପକ୍ଷରୁ କୌଣସି ଯାଞ୍ଚ କରାଯାଇଛି କି; ଯଦି ହଁ, ଯାଞ୍ଚର ଫଳାଫଳ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ କ'ଣ; ଅନୁମୋଦିତ ପୃଷ୍ଠଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକ୍ଷମ ନ ହୋଇଥିଲେ, ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ପାଇଁ ଜଳ କେଉଁ ଉତ୍ସରୁ ଓ କେଉଁ ଅନୁମତି ଆଧାରରେ ଯୋଗାଣ ହେଉଛି; ଭୂତଳ ଜଳ ଉତ୍ତୋଳନ ଯୋଗୁଁ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତର ଭୂତଳ ଜଳସ୍ତର ଓ ପାନୀୟ ଜଳ ଉତ୍ସ ଉପରେ ପ୍ରଭାବ ସମ୍ପର୍କରେ ସରକାର କୌଣସି ଆକଳନ କରିଛନ୍ତି କି; ଯଦି ହଁ, ତାହାର ନିଷ୍କର୍ଷ କ'ଣ ; ପ୍ରକଳ୍ପରେ ଭୂତଳ ଜଳର ଅନୁମତିବିହୀନ ଉତ୍ତୋଳନ ରୋକିବା ପାଇଁ ନିୟମିତ ନିରୀକ୍ଷଣ ଓ ଜଳସ୍ତର ମନିଟରିଂ ବ୍ୟବସ୍ଥା ରହିଛି କି ?

----

## MMDR Act ସଂଶୋଧନ

୨୫୭ **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- MMDR ( Mines and Minerals ( Development and Regulation ) Act) ସଂଶୋଧନ ମାଧ୍ୟମରେ ରାଜ୍ୟମାନଙ୍କ ନିଜ ଅଞ୍ଚଳର ଖଣିଜ ସମ୍ପଦ, ବିଶେଷକରି ଖଣିଜ ଉତ୍ତୋଳନ ଉପରେ ରାଜ୍ୟର ରାଜସ୍ୱ ଓ ଆଦାୟ କ୍ଷମତା ଉପରେ ପ୍ରଭାବ ପଡ଼ିବା ସମ୍ପର୍କରେ ଓଡ଼ିଶା ସରକାର ଅବଗତ କି ; ଏହି ପରିବର୍ତ୍ତନ ଫଳରେ ଓଡ଼ିଶାର ଖଣିଜ ରାଜସ୍ୱ ଓ ରାଜ୍ୟର ଆର୍ଥିକ ସ୍ୱାର୍ଥ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସମ୍ପର୍କରେ ସରକାର କୌଣସି ଆକଳନ କରିଛନ୍ତି କି, ଯଦି ହଁ, ତାହାର ସବିଶେଷ ବିବରଣୀ କଣ ; ରାଜ୍ୟର ସାମ୍ବିଧାନିକ ଓ ଆର୍ଥିକ ଅଧିକାର ତଥା ଖଣିଜ ସମ୍ପଦ ଉପରେ ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ ଓଡ଼ିଶା ସରକାର ଅନ୍ୟ ପ୍ରଭାବିତ ରାଜ୍ୟମାନଙ୍କ ଭଳି ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା କିମ୍ବା ଅନ୍ୟ ଆଇନଗତ ପଦକ୍ଷେପ ନେବାକୁ ବିଚାର କରିଛନ୍ତି କି ; ଯଦି ଏ ସମ୍ପର୍କରେ ନ୍ୟାୟାଳୟର ଦ୍ୱାରସ୍ଥ ନ ହେବା କିମ୍ବା କୌଣସି ନିଷ୍ପତ୍ତି ନ ନିଆଯିବାର ନିଷ୍ପତ୍ତି ହୋଇଛି , ତେବେ ଏହା ପଛରେ ଥିବା ଆଇନଗତ, ଆର୍ଥିକ ଓ ତଥ୍ୟଗତ କାରଣଗୁଡ଼ିକ ଉପସ୍ଥାପନ କରିବେ କି, ଓଡ଼ିଶା ଦେଶର ଏକ ପ୍ରମୁଖ ଖଣିଜ ଉତ୍ପାଦକ ରାଜ୍ୟ ହୋଇଥିବାରୁ, ରାଜ୍ୟର ଖଣିଜ ସମ୍ପଦରୁ ଓଡ଼ିଶାର ନ୍ୟାୟସଙ୍ଗତ ରାଜସ୍ୱ ଓ ଅଧିକାର ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାରଙ୍କ ଆଗାମୀ କାର୍ଯ୍ୟପନ୍ଥା କଣ ?

----

## ଖଣି ବକେୟା ରାଶି ପ୍ରଦାନ

୨୫୪ **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠଙ୍କ ରାୟ ପରେ ଓଡ଼ିଶା ସରକାରଙ୍କୁ ଖଣିଜ ସମ୍ପଦ ଉପରେ ଆଦାୟଯୋଗ୍ୟ ବକେୟା ରାଶି ମଧ୍ୟରୁ କେତେ ଟଙ୍କା ମିଳିବାର ଥିଲା ଏବଂ ପରବର୍ତ୍ତୀ ଆଇନଗତ ପରିବର୍ତ୍ତନ ଯୋଗୁଁ ଏହି ରାଶିର ଆଦାୟ ଉପରେ କ'ଣ ପ୍ରଭାବ ପଡ଼ିଛି; ସଂପୃକ୍ତ ଆଇନର ପିଛିଲା ତାରିଖରୁ (retrospective) ପ୍ରୟୋଗ ଫଳରେ ଓଡ଼ିଶାକୁ ମିଳିବାକୁ ଥିବା ବକେୟା ରାଶିରେ କୌଣସି ଛାଡ଼ ବା ହ୍ରାସ ଘଟିଛି କି; ଯଦି ହଁ, ଏହାର ଆଇନଗତ ଓ ଆର୍ଥିକ ଆଧାର କ'ଣ; କେଉଁ କେଉଁ ଖଣି/ଖଣି ଉଦ୍ୟୋଗ ଉପରେ କେତେ ଟଙ୍କା ବକେୟା ରହିଥିଲା, ସେଥିରୁ କେତେ ଟଙ୍କା ଆଦାୟ ହୋଇଛି, କେତେ ଟଙ୍କା ଆଦାୟ ହେବାର ସମ୍ଭାବନା ରହିଛି ଏବଂ କେତେ ଟଙ୍କା ଛାଡ଼/ଅନାଦାୟ ହୋଇଛି—ଖଣିଓ୍ୱାରୀ ବିବରଣୀ ସରକାର ଦେବେ କି; ଓଡ଼ିଶାର ରାଜସ୍ୱ ସ୍ୱାର୍ଥକୁ ସୁରକ୍ଷିତ ରଖି ବକେୟା ରାଶିର ସର୍ବାଧିକ ଅଂଶ ଆଦାୟ କରିବା ଏବଂ ରାଜ୍ୟକୁ ହୋଇଥିବା ଆର୍ଥିକ କ୍ଷତିର ଯଥାସମ୍ଭବ ପୂରଣ କରିବା ପାଇଁ ସରକାର କେଉଁ ପଦକ୍ଷେପ ନେଉଛନ୍ତି; ଯଦି ଆଇନଗତ କାରଣରୁ ସମ୍ପୂର୍ଣ୍ଣ ବକେୟା ରାଶି ଆଦାୟ ସମ୍ଭବ ନୁହେଁ, ତେବେ ଓଡ଼ିଶାର ରାଜସ୍ୱ କ୍ଷତିର ପୂରଣ/କ୍ଷତିପୂରଣ ପାଇଁ କେନ୍ଦ୍ର ସରକାରଙ୍କ ସହ କୌଣସି ଆର୍ଥିକ କିମ୍ବା ଆଇନଗତ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି କି; ଏ ସମ୍ପର୍କରେ ଖଣିଓ୍ୱାରୀ ବକେୟା ରାଶି, ଆଦାୟ, ଛାଡ଼ ଏବଂ ରାଜ୍ୟ ରାଜକୋଷ ଉପରେ ପ୍ରଭାବର ସମ୍ପୂର୍ଣ୍ଣ ତଥ୍ୟ ସାର୍ବଜନୀନ କରିବା ସହିତ, ଅବଶିଷ୍ଟ ରାଶି ଆଦାୟ ପାଇଁ ସରକାରଙ୍କ ସ୍ପଷ୍ଟ ସମୟବଦ୍ଧ କାର୍ଯ୍ୟପନ୍ଥା କଣ ?

----

## I & PR ବିଭାଗର ଅନୁମୋଦନ

୨୫୭ **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅନେକ ନିୟମିତ ପ୍ରକାଶିତ ଖବରକାଗଜ ଓ ସାପ୍ତାହିକ ପତ୍ରପତ୍ରିକା ଥିବା ସତ୍ତ୍ୱେ I&PR ବିଭାଗର ଅନୁମୋଦନ / ସ୍ୱୀକୃତି ନ ମିଳିବା ଯୋଗୁଁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି; 1&PR ଅନୁମୋଦନ ପାଇଁ ଦାଖଲ ହୋଇଥିବା ଆବେଦନ/ଫାଇଲ୍ ଦୀର୍ଘ ସମୟ ଧରି ବିଚାରାଧୀନ ରହିବାର କାରଣ କ'ଣ; ଏପରି ଆବେଦନର ନିଷ୍ପତ୍ତି ପାଇଁ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା (Time Frame) ଧାର୍ଯ୍ୟ କରାଯାଇଛି କି; ନିୟମିତ ଭାବେ ପ୍ରକାଶିତ ଏବଂ ନିର୍ଦ୍ଧାରିତ ଯୋଗ୍ୟତା ପୂରଣ କରୁଥିବା ଖବରକାଗଜ/ସାପ୍ତାହିକ ପତ୍ରପତ୍ରିକାର I & PR ଅନୁମୋଦନ ଓ ସାମ୍ବାଦିକ ସ୍ୱୀକୃତି ପ୍ରକ୍ରିୟାକୁ ସରଳ, ସ୍ୱଚ୍ଛ ଓ ସମୟବଦ୍ଧ କରିବା ପାଇଁ ସରକାର କୌଣସି ନୂତନ ବ୍ୟବସ୍ଥା କରିଛନ୍ତି କି; I&PR ଅନୁମୋଦନ ନଥିବା, କିନ୍ତୁ ଦୀର୍ଘ ସମୟ ଧରି ନିୟମିତ ଭାବେ ପ୍ରକାଶିତ ହେଉଥିବା ଖବରକାଗଜ/ସାପ୍ତାହିକ ପତ୍ରପତ୍ରିକାର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସେମାନଙ୍କ ଯୋଗ୍ୟତା ଆଧାରରେ ସାମ୍ବାଦିକ ସ୍ୱୀକୃତି/ମାନ୍ୟତା ପ୍ରଦାନ ପାଇଁ ବିକଳ୍ପ ବ୍ୟବସ୍ଥା ରହିଛି କି; ଗତ ୩ ବର୍ଷରେ I &PR ଅନୁମୋଦନ ପାଇଁ କେତେଟି ଆବେଦନ ମିଳିଛି, ସେଥିରୁ କେତୋଟି ଅନୁମୋଦିତ, କେତୋଟି ପ୍ରତ୍ୟାଖ୍ୟାତ ଏବଂ କେତୋଟି ବର୍ତ୍ତମାନ ସୁଦ୍ଧା ବିଚାରାଧୀନ ରହିଛି ?

----

## ବିଜ୍ଞାପନ ପ୍ରଦାନ

୨୨୦ **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ କେତୋଟି ଗଣମାଧ୍ୟମ/ଖବରକାଗଜକୁ ସରକାରୀ ବିଜ୍ଞାପନ ପ୍ରଦାନ କରାଯାଉଛି ଏବଂ କେଉଁ କେଉଁ ଗଣମାଧ୍ୟମକୁ ନିୟମିତ ଭାବେ ବିଜ୍ଞାପନ ମିଳୁଛି — ତାହାର ଗଣମାଧ୍ୟମୱାରୀ ତାଲିକା ଓ ବିଜ୍ଞାପନ ବାବଦରେ ପ୍ରଦାନ କରାଯାଇଥିବା ଅର୍ଥର ବିବରଣୀ ଦେବେ କି; ରାଜ୍ୟର ଛୋଟ, ମଧ୍ୟମ ଓ ବଡ଼ ଗଣମାଧ୍ୟମ ମଧ୍ୟରୁ କେତୋଟି ସରକାରୀ ବିଜ୍ଞାପନ ପାଉଛନ୍ତି ଏବଂ କେତୋଟି ଯୋଗ୍ୟ ଗଣମାଧ୍ୟମ ବିଜ୍ଞାପନରୁ ବଞ୍ଚିତ ଅଛନ୍ତି; ଏହାର ଶ୍ରେଣୀୱାରୀ ତଥ୍ୟ ପ୍ରଦାନ କରିବେ କି; ସରକାରୀ ବିଜ୍ଞାପନ ବଣ୍ଟନରେ ବଡ଼ ଓ ଛୋଟ ଗଣମାଧ୍ୟମ ମଧ୍ୟରେ ସମାନ ସୁଯୋଗ ଏବଂ ସ୍ୱଚ୍ଛତା ନିଶ୍ଚିତ କରିବା ପାଇଁ ରୋଟେସନ୍ ଭିତ୍ତିକ ବିଜ୍ଞାପନ ବଣ୍ଟନ ବ୍ୟବସ୍ଥା ପ୍ରଚଳନ କରିବାକୁ ସରକାର ବିଚାର କରୁଛନ୍ତି କି; ଯେଉଁ ଗଣମାଧ୍ୟମଗୁଡ଼ିକ ନିର୍ଦ୍ଧାରିତ ନିୟମ ଓ ଯୋଗ୍ୟତା ପୂରଣ କରୁଛନ୍ତି, ସେମାନଙ୍କୁ ନ୍ୟାୟସଙ୍ଗତ ଭାବରେ ଅନ୍ତତଃ କିଛି ସରକାରୀ ବିଜ୍ଞାପନ ପାଇବାର ସୁଯୋଗ ଦେବା ପାଇଁ ସରକାର କୌଣସି ନୂତନ ନୀତି, ଗାଇଡଲାଇନ୍ କିମ୍ବା ନ୍ୟୁନତମ କୋଟା ବ୍ୟବସ୍ଥା ଆଣିବେ କି; ଆଗାମୀ ଦିନରେ ସରକାରୀ ବିଜ୍ଞାପନ ବଣ୍ଟନକୁ ରୋଟେସନ୍, ପାଠକ ସଂଖ୍ୟା/ପ୍ରସାର, ଆଞ୍ଚଳୀୟ ପହଞ୍ଚ, ଭାଷା ଓ ମାଧ୍ୟମର ପ୍ରକୃତି ଆଦି ସ୍ୱଚ୍ଛ ମାନଦଣ୍ଡ ଆଧାରରେ କରିବା ପାଇଁ ସରକାର କୌଣସି ନୂତନ ନିୟମ କିମ୍ବା ସଂଶୋଧିତ ନୀତି ପ୍ରଣୟନ କରୁଛନ୍ତି କି?

----

## ବେସରକାରୀ ସଂଗଠନର ସଂଖ୍ୟା

୨୨୧ **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ କେତେ ସଂଖ୍ୟକ ପଞ୍ଜିକୃତ ବେସରକାରୀ ସଙ୍ଗଠନ (NGO) କାର୍ଯ୍ୟ କରୁଛନ୍ତି, ସେଥିମଧ୍ୟରୁ କଳାହାଣ୍ଡି ଜିଲ୍ଲାରେ କେତେଗୁଡ଼ାଏ NGO କାମ କରୁଅଛି ?

----

## ନଦୀଘାଟ, ବାଲିଘାଟ ଟେଣ୍ଡର

୨୨୨ **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନସୁଦ୍ଧା କଳାହାଣ୍ଡି ଜିଲ୍ଲାରେ କେଉଁ କେଉଁ ନଦୀଘାଟକୁ ବାଲିଘାଟ ଟେଣ୍ଡର ହୋଇଛି, ଟେଣ୍ଡର ପାଇଥିବା ଠିକାଦାର ବା Agency ଙ୍କ ନାମ ସହିତ ବାଲିଘାଟର ନାମ ଓ କେଉଁ ତାରିଖରୁ କେଉଁ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ଜମିପଟ୍ଟା ପାଇଥିବା ପରିବାରଙ୍କ ତାଲିକା

୨୨୩ **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନ ମଣ୍ଡଳୀରେ କେତେ ପରିବାର ଭୂମିହୀନ ଅଛନ୍ତି ଓ କେତେ ପରିବାରକୁ ଜମିପଟ୍ଟା ପ୍ରଦାନ କରାଯାଇଛି ?

----

## ଅନୁଦାନ ଜମା ହୋଇ ଖର୍ଚ୍ଚ ହୋଇନଥିବା ସମ୍ପର୍କରେ

୨୨୪ **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବର୍ତ୍ତମାନସୁଦ୍ଧା କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ବିଭାଗକୁ ପଞ୍ଚାୟତରାଜ ବିଭାଗ ଦ୍ୱାରା କାର୍ଯ୍ୟ ନିମନ୍ତେ ପଇଠ ହୋଇଥିବା ଅର୍ଥରାଶି କାର୍ଯ୍ୟ ନହୋଇ ରହିଛି ତାର ପରିମାଣ କେତେ ଏବଂ କେଉଁ ବିଭାଗରେ କେଉଁ ଅନୁଦାନ ଜମା ହୋଇ ଖର୍ଚ୍ଚ ହୋଇପାରିନାହିଁ ?

----

## ହୋଇଥିବା କାର୍ଯ୍ୟର ବିବରଣୀ

୨୨୫ **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜଳ ସମ୍ପଦ ବିଭାଗ ଅଧୀନରେ କଳାହାଣ୍ଡୀ ଜିଲ୍ଲାରେ ୨୦୨୫-୨୬ ଆର୍ଥିକ ବର୍ଷରେ କେଉଁ କେଉଁ କାମ କରାଯାଇଛି, କେତେ ଟଙ୍କାର ପ୍ରକଳ୍ପ, Vendorଙ୍କ ନାମ ସହିତ କେଉଁ ସ୍ଥାନରେ କାମ କରାଯାଇଛି; ବିଶେଷ କରି ନର୍ଲା ନିର୍ବାଚନ ମଣ୍ଡଳୀର ରେତ୍ ଜଳସେଚନ ପ୍ରକଳ୍ପ ଜଳସମ୍ପଦ ବିଭାଗ ତରଫରୁ ୨୦୨୫-୨୬ ଆର୍ଥିକ ବର୍ଷର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ

୨୨୬ **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହୁଇଟିଆକ ବ୍ଲକରେ ସାମାନ୍ୟ ବର୍ଷାରେ ବନ୍ୟା ସୃଷ୍ଟି ହୋଇଥାଏ, ଆନନ୍ଦପୁରରେ ପ୍ରାୟତ ୪୦ କିଲୋମିଟର ବ୍ୟାପୀ ବୈତରଣୀ ବନ୍ଧ ରହିଛି ଏବଂ ସେହି ନଦୀ ଉପକୂଳ ଅଞ୍ଚଳରେ ଅବସ୍ଥିତ ଗ୍ରାମ ଗୁଡିକ ବନ୍ୟା ପ୍ରଭାବିତ ହେଉଥିବା ସରକାରଙ୍କ ନଜରକୁ ଆସିଛି କି, ଯଦି ହଁ, ତେଣୁ ଆନନ୍ଦପୁର ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଏଠାରେ ଅଧିକ ସଂଖ୍ୟକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ସହ ସରକାର ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିବେ କି ?

----

## ଜମି ସଂରକ୍ଷଣ

୨୨୭ **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ କେଉଁ ତହସିଲ୍ ଅଧିନସ୍ଥ ବିଭିନ୍ନ ମୌଜାରେ କେତେ ପରିମାଣର ଗୋଚର ଜମି, ଶ୍ମଶାନ ଜମି ଓ ସରକାରୀ ଅନାବାଦୀ ଜମି, ଜବରଦଖଲ ହୋଇଛି, ଏହାକୁ ଜବରଦଖଲ, ମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ପ୍ରତ୍ୟେକ ଗ୍ରାମରେ ସରକାରୀ ଜମିରେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଖେଳପଡ଼ିଆ ଗ୍ରାମ୍ୟ, ସାଂସ୍କୃତିକ ମଣ୍ଡପ, ଅଙ୍ଗନୱାଡ଼ି କେନ୍ଦ୍ର, ମହିଳା ସମିତି, ସ୍ୱାସ୍ଥ୍ୟକେନ୍ଦ୍ର, ଶ୍ମଶାନ ପାଇଁ ଜମି ସଂରକ୍ଷଣ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବ୍ଲାକସ୍ପଟ ଚିହ୍ନଟ

୨୨୮ **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୨୦୨୨ ମସିହା ଠାରୁ ଅଗଷ୍ଟ ୨୦୨୬ ମସିହା ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାରେ କେତୋଟି ସଡ଼କ ଦୁର୍ଘଟଣା ଘଟିଛି ଏବଂ ସେଥିରେ କେତେ ଜଣଙ୍କର ମୃତ୍ୟୁ ଘଟିଛି ଓ କେତେ ଜଣ ଆହତ ହୋଇଛନ୍ତି ତାହାର ବର୍ଷ ୱାରୀ ଏକ ତାଲିକା ପ୍ରଦାନ କରିବେ କି, ଏଥି ସହିତ କେନ୍ଦୁଝର ଦେଇ ଯାଉଥିବା ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ କେଉଁ କେଉଁ ସ୍ଥାନକୁ ବ୍ଲାକ ସ୍ପଟ୍ ଚିହ୍ନିତ କରାଯାଇଛି ଏବଂ ସେହି ସ୍ଥାନରେ ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ଚେକ ଡ୍ୟାମର ଉନ୍ନତି କରଣ

୨୨୯ **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ବ୍ଲକର ତରଡ଼ିଆ MIP/ଚେକଡେମ୍ (Minor Irrigation Project) ପ୍ରକଳ୍ପଟିର ଉନ୍ନତିକରଣ ପାଇଁ World Bankର ଆର୍ଥିକ ସହାୟତାରେ Tender କାର୍ଯ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ନ ହେବାର କାରଣ କଣ; ଏହି କାର୍ଯ୍ୟ ଫଳରେ ତିନୋଟି ବ୍ଲକ ଯଥା ଘସିପୁରା, ଆନନ୍ଦପୁର ଓ କରଞ୍ଜିଆ ଅଞ୍ଚଳର ଏକ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମି ଉପକୃତ ହୋଇପାରିବ; ତେଣୁ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ କି ?

----

## ବସ ଷ୍ଟାଣ୍ଡ ନିର୍ମାଣ

1000 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ହାଟଡିହି ବ୍ଲକର ଛେନାପଦି ନିକଟରେ ଅଟଳ ବସଷ୍ଟାଣ୍ଡ ଯୋଜନାରେ ବସଷ୍ଟାଣ୍ଡ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଜମି ଅଧିଗ୍ରହଣ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା, ତାହାର ଏବେ ସ୍ଥିତି କଣ ଜମି ଅଧିଗ୍ରହଣ ପ୍ରକ୍ରିୟା ସାରିଲାଣି କି ନାହିଁ ଯଦି ଉତ୍ତର ନାଁ ହୁଏ, ତାହା ହେଲେ ଏହା କେବେ ସୁଦ୍ଧା ସରିବ ?

----

## ବିମାନ ବନ୍ଦର ସଂପ୍ରସାରଣ

1001 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲା ଉତକେଲା ବିମାନ ବନ୍ଦରର ସଂପ୍ରସାରଣ କାର୍ଯ୍ୟ କେବେ ଆରମ୍ଭ ହେବ, ଏଠାରୁ ନିୟମିତ ବଡ ବିମାନ ଚଳାଚଳ କେବେଠାରୁ ଆରମ୍ଭ ହେବ; ଭୁବନେଶ୍ୱର ବ୍ୟତୀତ ଅନ୍ୟାନ୍ୟ ସ୍ଥାନକୁ ୯ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରାଇବା ପାଇଁ ଯୋଜନା ଅଛି କି ଏବଂ ବିମାନ ବନ୍ଦର ସଂପ୍ରସାରଣ ପାଇଁ ସରକାରଙ୍କ ପକ୍ଷରୁ କଣ ସବୁ ପଦକ୍ଷେପ ନିଆଯାଇଛି ?

----

## ସରକାରୀ ଜମି ହସ୍ତାନ୍ତର

1002 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ବିଗତ ୫ ବର୍ଷରେ କେତେ ଏକର ସରକାରୀ ଜମି କେଉଁ କେଉଁ ବିଭାଗ ଓ ଅନୁଷ୍ଠାନକୁ ହସ୍ତାନ୍ତର କରାଯାଇଛି; ଧର୍ମଗଡ଼ ଉପଖଣ୍ଡ ସହରରେ ସରକାରୀ ଜମି ଜବର ଦଖଲ ପରିମାଣ କେତେ ; ସହର ବଢୁଥିବାରୁ ଓ ଆଗାମୀ ଦିନରେ ଅନେକ କାର୍ଯ୍ୟାଳୟ ଖୋଲିବାକୁ ଯାଉଥିବା ପାଇଁ ସରକାରଙ୍କ ପ୍ରସ୍ତୁତି କଣ; କେତେ ସରକାରୀ ବିଭାଗ ଓ ବେସରକାରୀ ଅନୁଷ୍ଠାନ ସହରରେ ଜମି ପାଇଁ ଆବେଦନ କରିଛନ୍ତି ?

----

## ବାସଚ୍ୟୁତଙ୍କ ଥଇଥାନ

**1003 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ଖଣି ପ୍ରକଳ୍ପ ପାଇଁ ୨୦୨୬ ମସିହା ଯାଏ କେତେ ପରିବାର/କେତେ ଜଣ ବାସଚ୍ୟୁତ ଓ ଭୂମି-ହରା ହୋଇଛନ୍ତି ତାହାର ବିସ୍ତୃତ ବିବରଣୀ ଦେବାସହ; (ଖ) ସେମାନଙ୍କର ପୁନର୍ବସତି ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରା ହୋଇଅଛି, ଏ ବାବଦରେ କେତେ ଅର୍ଥ ଆବଶ୍ୟକ ଓ କେତେ ମଞ୍ଜୁର ହୋଇଥିଲା ଏବଂ କେତେ ଖର୍ଚ୍ଚ ହୋଇଅଛି ?

----

## ଜଳ ସେଚନ ସୁବିଧା

**1004 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିः- କୋକାସରା ଓ ଧରମଗଡ଼ ବ୍ଲକ ଅଞ୍ଚଳର କେତେକ ମରୁଡ଼ି ପ୍ରବଣ ଗ୍ରାମରେ ଜଳସେଚନ ସୁବିଧା ନାହିଁ ଏବଂ ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର କେନାଲ ବ୍ୟବସ୍ଥାରୁ ଚାଷୀମାନେ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି; ଏପରିକି ସେମାନେ ମଧ୍ୟ ମେଗା ଲିଫ୍ଟ ପ୍ରକଳ୍ପରୁ ପାଣି ପାଉନାହାନ୍ତି; ବର୍ଷା ଜଳ ଅଭାବ ଏବଂ ଜଳସେଚନର ଅନ୍ୟ କୌଣସି ମାଧ୍ୟମ ନ ଥିବାରୁ ଏହି ଗାଁର କୃଷକମାନେ ସର୍ବଦା ଫସଲ ନଷ୍ଟ ହେବାର ସମ୍ମୁଖୀନ ହେଉଛନ୍ତି ; ମୁଖ୍ୟ ଯନ୍ତ୍ରୀ, ପ୍ରକଳ୍ପ ଯୋଜନା ପ୍ରସ୍ତୁତି ଓ ଅନୁସନ୍ଧାନ ଓଡ଼ିଶା ପକ୍ଷରୁ ମୋଟେର ଜଳସେଚନ ପ୍ରକଳ୍ପ ଏବଂ ଏହାର ସମ୍ଭାବ୍ୟତା ଉପରେ ବିସ୍ତୃତ ସର୍ଭେ କରାଯାଇଛି; ଏହି ପ୍ରସ୍ତାବ ଉପରେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ବିଚାର କଣ ଓ କେବେ ସୁଦ୍ଧା ଏହା ହାତକୁ ନିଆଯିବ ?

----

## Bus service

**1005 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- The Bus Services from Sundergada to Dharamgada and Bus Services from Bhawanipatna to Raipur (CG) & Hyderabad (Telengana) was stopped after running for some days, can the Govt. resume the services of the same; If yes, then from which month or date?

----

## ବାଲିଘାଟ ଉପରେ ଜରିମାନା

**1006 ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- କେନ୍ଦୁଝର ଜିଲ୍ଲାରେ ଲିଜ ଦିଆଯାଇଥିବା ବାଲି ଘାଟଗୁଡ଼ିକ ଉପରେ କେବେ, କେଉଁ କାରଣ ପାଇଁ କେତେ ଟଙ୍କାର ଜରିମାନା ଲାଗୁ କରାଯାଇଛି; ଏଯାବତ୍ ସେଥିରୁ କେତେ ଅର୍ଥ ଆଦାୟ ହୋଇଛି ଓ କେତେ ଅନାଦେୟ ରହିଛି, ଏହାର ଘାଟ ୱାରୀ ଓ ତହସିଲ ୱାରୀ ତଥ୍ୟ ପ୍ରଦାନ କରିବେ କି ; ଅନାଦେୟ ଅର୍ଥ ଆଦାୟ ପାଇଁ ବିଭାଗ କି ପଦକ୍ଷେପ ନେଉଛି ?

----

## ବାଲି ସୈରାତ ସଂଖ୍ୟା

1007 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ କେତୋଟି ବାଲି ସୈରାତ/ ଘାଟ ରହିଛି ; ସେଥିମଧ୍ୟରୁ କେତୋଟି ଘାଟକୁ ଲିଜ୍ ପ୍ରଦାନ କରାଯାଇଛି ; ସେଗୁଡ଼ିକ ବର୍ଷକୁ କେତେ ଉତ୍ତୋଳନ କରିବାର କ୍ଷମତା ରହିଛି; ସେଥିମଧ୍ୟରୁ କେଉଁ ଘାଟଗୁଡ଼ିକୁ ମେସିନ୍ ସାହାଯ୍ୟରେ ବାଲି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି; କୋର୍ଟ ଓ ସରକାରୀ ନିର୍ଦ୍ଦେଶ ଯୋଗୁ କେଉଁ କେଉଁ ଘାଟ ବନ୍ଦ ରହିଛି; ଲିଜ ପ୍ରଦାନ ସତ୍ତ୍ୱେ କେଉଁ କାରଣ ପାଇଁ କେଉଁ ବାଲି ଘାଟ ବନ୍ଦ ରହିଛି; କେଉଁ ବାଲି ଘାଟର ଲିଜ ଅବଧି କେବେ ଶେଷ ହେବ ?

----

## ନଦୀଘାଟରୁ ବାଲି ଜବତ

1008 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪ ଅପ୍ରେଲ ମାସ ୧ ତାରିଖରୁ ଏଯାବତ୍ କେନ୍ଦୁଝର ଜିଲ୍ଲାର କେଉଁ କେଉଁ ନଦୀ ଘାଟରୁ / ସ୍ଥାନରୁ କେତେ ବାଲି ଜବତ କରାଯାଇଛି ; ବାଲି ଜବତ ପରେ କେଉଁ ସଂସ୍ଥାକୁ ବା ବ୍ୟକ୍ତି ବିଶେଷଙ୍କୁ କେତେ ଟଙ୍କାରେ ନିଲାମ ପ୍ରଦାନ କରାଯାଇଛି; କେତେଦିନ ମଧ୍ୟରେ ଗଚ୍ଛିତ ବାଲି ପରିବହନ ପାଇଁ ଅନୁମତି ଦିଆ ଯାଇଛି ; ଜବତ ବାଲି ପରିବହନ ନିମନ୍ତେ ବିଭାଗ ପକ୍ଷରୁ କେତେଟି ଟ୍ରାଞ୍ଜିଟ ପାସ୍ (TP) ପ୍ରଦାନ କରାଯାଉଛି ; ଏହାର ତହସିଲ ୱାରୀ ତଥ୍ୟ ପ୍ରଦାନ କରିବେ କି ; ବିଭାଗ ପକ୍ଷରୁ ବେଆଇନ ଭାବେ ଗଚ୍ଛିତ ଥିବା ବାଲିକୁ ଜବତ ପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ; ଯଦି ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି ତାହାର ତଥ୍ୟ ପ୍ରଦାନ କରିବେ କି ?

----

## ପ୍ରଦାନ କରାଯାଇଥିବା ଟ୍ରାଞ୍ଜିଟ ପାସ ସଂଖ୍ୟା

1009 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪ ଅପ୍ରେଲ ୧ ତାରିଖ ଠାରୁ ଏଯାବତ୍ କେନ୍ଦୁଝର ଜିଲ୍ଲାରେ ଲିଜ ଥିବା ବାଲି ଘାଟ, ପଥର ଖାଦାନ, ମୋରମ ଖାଦାନ ଓ ମାଟି ଉତ୍ତୋଳନ ପାଇଁ କେତୋଟି ଟ୍ରାଞ୍ଜିଟ ପାସ୍ (TP) ପ୍ରଦାନ କରାଯାଇଛି?

----

## ଆଦାୟ ଜୋରିମାନାର ପରିମାଣ

1010 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ ଲଘୁ ଖଣିଜ ଦ୍ରବ୍ୟ ଚୋରିରୁ ଗତ ୧.୪.୨୦୨୪ରୁ ଏଯାବତ୍ କେତେ ଗାଡ଼ି ଜବତ ହୋଇଛି ଓ କେତେ ଜରିମାନା ଆଦାୟ ହୋଇଛି ; ତାର ସମ୍ପୂର୍ଣ୍ଣ ତଥ୍ୟ ତଥା ଗାଡ଼ି ନମ୍ବର, ମାଲିକଙ୍କ ନାମ, ଜୋରିମାନା ପରିମାଣ, ଆଦାୟ ହୋଇଥିବା ଅର୍ଥର ପରିମାଣ ସଂପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ; ଯେଉଁ ଗାଡି ଗୁଡିକ ଏକାଧିକ ଥର ଜବତ ହୋଇଛି/ଜୋରିମାନା ଲାଗିଛି?

----

## ରାଜସ୍ୱ କାର୍ଯ୍ୟାଳୟରେ ଛାତ ଘର

1011 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର କେଉଁ କେଉଁ ରାଜସ୍ୱ କାର୍ଯ୍ୟାଳୟରେ ଛାତ ଘର ନାହିଁ ; (ଖ) ରାଜ୍ୟର କେଉଁ ରାଜସ୍ୱ କାର୍ଯ୍ୟାଳୟରେ ସ୍ଥାୟୀ ଛାତ ଘର ଆଛି, ରାଜ୍ୟର କେଉଁ ରାଜସ୍ୱ କାର୍ଯ୍ୟାଳୟକୁ unsafe declaration ହୋଇଛି?

----

## ଘରବାରି ଓ ଚାଷ ଜମି ପଟ୍ଟା ବଣ୍ଟନ

1012 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) 1963 ମସିହା ବନ୍ଦୋବସ୍ତ ଅନୁଯାଇ ଆଠଗଡ଼ ତହସିଲ ଅଧୀନରେ ଥିବା ରେଭେନ୍ୟୁ ମୌଜା ବ୍ରଜବିହାରୀପୁର ସମୁଦାୟ ଏରିଆ କେତେ ; କେତେ ସମ୍ପତି ଗ୍ରାମ ମାନଙ୍କ ନାମରେ ରେକର୍ଡ ଭୁକ୍ତ ହୋଇଅଛି ଏବଂ କେତେ ସମ୍ପତ୍ତି ସରକାରଙ୍କ ରକ୍ଷିତ ଅନାବାଦୀ ଖାତାରେ ରେକର୍ଡଭୁକ୍ତ ହୋଇଅଛି; 1963 ମସିହା ବନ୍ଦୋବସ୍ତ ପରେ ଗ୍ରାମବାସୀ ମାନଙ୍କୁ ସେମାନଙ୍କୁ ଘରବାରି ଓ ଚାଷ ଜମି ପଟା ଆଜି ପର୍ଯ୍ୟନ୍ତ ବଣ୍ଟନ କରାଯାଇ ନଥିବାର କାରଣ କଣ; (ଖ) ଆଠଗଡ଼ ତହସିଲ ଓ ଜିଲ୍ଲା ରେକର୍ଡ଼ ରୁମରେ ଗ୍ରାମବାସୀ ମାନଙ୍କର ଶାବକ 1922 ଓ ହଲ ବନ୍ଦୋବସ୍ତର,1963 ପ୍ରଜାପଟା କପି ଆଜି ପର୍ଯ୍ୟନ୍ତ ସୁରକ୍ଷିତ ଅଛି ତ; କଥାକଥିତ CDA sector 6, sector 13 କେଉଁ ରାଜସ୍ୱ ମୌଜା ଅଧୀନରେ ଆସୁଅଛି ?

----

## ସରକାରୀ ଜାଗାର ସୁରକ୍ଷା

1013 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଡ଼ମ୍ବା ନିର୍ବାଚନ ମଣ୍ଡଳୀରେ କେଉଁ ମୌଜାରେ କେତେ ସରକାରୀ ଜାଗା ଅଛି, ତାହାର ସୁରକ୍ଷା ପାଇଁ କି ପଦକ୍ଷେପ ନେଉଛନ୍ତି ?

----

## ଶାଖା କେନାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ

1014 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରେଙ୍ଗାଲୀ ଦକ୍ଷିଣ କେନାଲର ନରସିଂହପୁର ଶାଖା କେନାଲ କେବେ ପୂର୍ଣ୍ଣ ରୂପରେ କାର୍ଯ୍ୟକ୍ଷମ ହେବା ପାଇଁ ସ୍ଥିର କରାଯାଇଅଛି, ଅଦ୍ୟାବଧି କେତେ କି.ମି. କେନାଲ ଖନନ କାର୍ଯ୍ୟ ହୋଇଅଛି ଏବଂ ଏହାର ବ୍ୟୟ ଅଟକଳ କେତେ ଜଣାଇବା ସହ ଏହା ସଂପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେଲେ ବଡ଼ମ୍ବା ଅଞ୍ଚଳର କେତେ ହେକ୍ଟର ଜମିକୁ ଜଳସେଚିତ ହୋଇପାରିବ ତାହାର ଏକ ପଞ୍ଚାୟତୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ) UGPL ମାଧ୍ୟମରେ ଏଯାବତ୍ କେତେ ଶତାଂଶ କାର୍ଯ୍ୟ ହୋଇଛି ଓ ଏଥିରେ କେତେ ଅର୍ଥ ବିନିଯୋଗ ହୋଇଛି, ଏହି କାର୍ଯ୍ୟଗୁଡ଼ିକ କେବେ ସୁଦ୍ଧା ସଂପୂର୍ଣ୍ଣ ହେବାପାଇଁ ଚୁକ୍ତି କରାଯାଇଛି ?

----

### ନୂଆ Revenue Sub-Division ଖୋଲିବା ପାଇଁ ନିଷ୍ପତ୍ତି

1015 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ଚଳିତ ୨୦୨୬-୨୦୨୭ ରେ ରାଜ୍ୟରେ କେତେଗୋଟି ନୂଆ Revenue Sub-Division ଖୋଲିବା ପାଇଁ ନିଷ୍ପତ୍ତି କରିଛନ୍ତି ଏହାର ଜିଲ୍ଲାୱାରୀ ଗୋଟିଏ ତାଲିକା ପ୍ରଦାନ କରିବେ କି ?

----

### Present status of the conversion of eligible leasehold Govt. land

1016 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) with reference to UDAQ No. 468 dated 19.02.2026, the present status of the conversion of eligible leasehold Government land into freehold in the CDA area, including the progress made since the reply to the said question; (b) the present status of each case and the number of cases for which complete proposals have been received by the Department and the steps taken by the Department to expedite disposal of the pending cases and the timeline fixed for completing the freehold conversion process ?

----

### Status of rationalisation of Kissam and Satwa of land pursuant

1017 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The present status of rationalisation of Kissam and Satwa of land pursuant to the Government Resolution dated 21.06.2025; whether Government has examined cases of land recorded as 'Tankibahal' in Khurda, Puri and other districts, where the nature and character of such land have changed over time; and whether Government proposes to record eligible Tankibahal land as 'Stitiban', thereby

protecting landowners' rights and enabling collection of Government revenue; and the procedure and timeline proposed for such recording and district-wise implementation ?

----

**Category-wise and authority-wise details of cases relating to CDA**

1018 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) with reference to UDAQ No.2446 dated 10.03.2026, the category-wise and authority-wise details of cases relating to CDA land and housing allotments that have been disposed of pursuant to the Government resolutions and orders referred to in the reply, and the number of cases still pending; (b) the number of cases pending before CDA under the Taradatt Task Force-related modalities, indicating the date of receipt of each category of case and the present stage of disposal and the steps taken to ensure time-bound disposal of the remaining cases and the timeline fixed for their final disposal ?

----

**Number of illegal mining cases reported in Cuttack District**

1019 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) the number of illegal mining cases reported in Cuttack district during the last three years, year-wise and mineral-wise, along with the number of cases in which FIRS, penalties, seizures and prosecutions have been initiated; (b) the total amount of penalty, royalty and other dues assessed and recovered in such cases, year-wise and the amount outstanding and the specific measures taken by the Government to prevent illegal mining in Cuttack district, including details of enforcement personnel, surveillance technology, inspections conducted and vehicles/equipment deployed for monitoring?

----

**Present status of the review of water resources**

1020 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (a) with reference to UDAQ No.4048 dated 20.03.2025, the present status of the review of water extraction from the Mahanadi River by M/S IOCL, particularly in view of depletion of water levels,

irrigation requirements and climate change impacts; (b) the present quantity of water drawn by IOCL, validity of the approval and Form "K" agreement, and conditions stipulated for such withdrawal and supply to Paradip and the steps taken to assess the sustainability of such industrial use and action proposed if it adversely affects irrigation, drinking water or river ecology ?

----

## ଜମି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ

1021 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା ଲାଠିକଟା ତହସିଲ ଏବଂ ବୀରମିତ୍ରପୁର ତହସିଲ ଓ କୁଆଁରମୁଣ୍ଡା ତହସିଲରେ ନକଲି ଦସ୍ତାବିଜ ମାଧ୍ୟମରେ ଶତାଧିକ ଏକର ଜମି କିଣାବିକା ହୋଇଥିବା ସମ୍ବନ୍ଧରେ ସରକାରଙ୍କ ପାଖରେ ଖବର ଅଛି କି, ଯଦି ହଁ, ତେବେ ଜମି ଦୁର୍ନୀତିର ମୂଳପ୍ୱାଟନ କରିବା ପାଇଁ ସରକାର ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବେ କି ?

----

## ବାଲିଘାଟ ଓ ପଥର ଖାଦାନର ସଂଖ୍ୟା

1022 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ ତହସିଲ ଅଧିନରେ କେତୋଟି ବାଲିଘାଟ ଓ କେତୋଟି ପଥର ଖାଦାନ ରହିଛି, ସେଥିମଧ୍ୟରୁ କେତୋଟି ସରକାରୀ ଓ କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରି ଚାଲୁ ରହିଛି, ଚାଲୁଥିବା ଖାଦାନ / ଖଣି ଗୁଡିକର ବର୍ଷକୁ କେତେ କ୍ୟୁବିକ ମିଟର ଖନନ ପାଇଁ ଅନୁମତି ଦିଆଯାଇଛି, ଏବଂ ତାର ପ୍ରତି କ୍ୟୁବିକ ମିଟର ଦର କେତେ ରହିଛି ତା'ର ଖଣିୱାରୀ ତଥ୍ୟ ପ୍ରଦାନ କରିବେ କି, ସେହିପରି ଏହି ଖଣି/ଖାଦାନ ଗୁଡିକ କାହାକୁ ଲିଜ୍ ଦିଆଯାଇଛି ଓ ଏଗୁଡିକର ଲିଜ ଅବଧି କେବେ ଶେଷ ହେବ ତାହା ଜଣାଇବେ କି, ସେଥିମଧ୍ୟରୁ କେଉଁ ଘାଟଗୁଡ଼ିକୁ ମେସିନ୍ ସାହାଯ୍ୟରେ ବାଲି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି ?

----

## ଭୂଦାନ ଜମିର ବିବରଣୀ

1023 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତେ ଭୂଦାନ ଜମି ଅଛି, ସେଗୁଡ଼ିକର ସମସ୍ତ ବିବରଣୀ, ଯଥା ଖାତା ନମ୍ବର, ପ୍ଲଟ ନମ୍ବର, ମୌଜା, ତହସିଲ, କେତେ ପରିମାଣର ଜମି ରହିଛି, ସେ ଜମିର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ତହସିଲୱାରୀ ତଥ୍ୟ ପ୍ରଦାନ କରିବେ କି, ଭୂଦାନ ଜମିକୁ କେଉଁମାନଙ୍କୁ ପ୍ରଦାନ କରାଯାଇପାରିବ ତାର ସରକାରୀ ନିର୍ଦ୍ଦେଶାବଳୀ କିମ୍ବା ନିୟମ କଣ ରହିଛି ଜଣାଇବେ କି, ଏହି ଜମିକୁ ପୂର୍ବରୁ କେଉଁମାନଙ୍କୁ ପ୍ରଦାନ କରାଯାଇଛି, ସେମାନଙ୍କର ନାମ, ଠିକଣା, କେତେ ଜମି ପ୍ରଦାନ କରାଯାଇଛି ଓ କେଉଁ ଆଧାରରେ ସେମାନଙ୍କୁ ପ୍ରଦାନ କରାଯାଇଛି?

----

## DMF ପାଣ୍ଠିରୁ ନେଇଥିବା ଋଣ

1024 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା DMF ପାଣ୍ଠିରୁ ରାଜ୍ୟ ସରକାର କେବେ, କେତେ ଟଙ୍କା ଋଣ ନେଇଥିଲେ, ଋଣ ନେବା ସମୟରେ ଉକ୍ତ ଜିଲ୍ଲା DMF ସହ କ'ଣ ଚୁକ୍ତି ହୋଇଥିଲା, ଏହି ଅର୍ଥ କେବେ ଫେରସ୍ତ ହେବ ଜଣାଇବେ କି, DMFରୁ କରିଥିବା ଋଣ ବାବଦକୁ ରାଜ୍ୟ ସରକାର ଏଯାବତ୍ କେତେ ଟଙ୍କା ସୁଧ ଆକାରରେ ପରିଶୋଧ କରିଛନ୍ତି ଓ କେତେ ଟଙ୍କା ବକେୟା ରହିଛି ?

----

## DMF ର ସୁପରିଚାଳନା ପାଇଁ ପାଇଥିବା ନିଯୁକ୍ତି ସମ୍ପର୍କରେ

1025 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2016-17 ଆର୍ଥିକ ବର୍ଷ ଠାରୁ ଏଯାବତ୍ DMF ର ସୁପରିଚାଳନା ପାଇଁ କେଉଁ ଜିଲ୍ଲାରେ କେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା, ଏହି ସଂସ୍ଥାର ପରିଚାଳନା ପାଇଁ କେତେ କର୍ମଚାରୀଙ୍କୁ ଦାୟିତ୍ୱ ନେଇଥିବା ସଂସ୍ଥା ନିଯୁକ୍ତି ଦେଇଛି, ସେମାନଙ୍କର ଦରମା ବାବଦକୁ ମାସିକ କେତେ ଅର୍ଥ ପ୍ରଦାନ କରାଯାଉଛି, ତାର ମାସୱାରୀ ଓ ଜିଲ୍ଲା ୱାରୀ ତଥ୍ୟ ପ୍ରଦାନ କରିବେ କି, ନିଯୁକ୍ତି ପାଇଥିବା କର୍ମଚାରୀଙ୍କର ସଂପୂର୍ଣ୍ଣ ନାମ, ଠିକଣା, ଶିକ୍ଷାଗତ ଯୋଗ୍ୟତା, କେଉଁ ପଦବୀରେ ଅଛନ୍ତି ଓ ଏଥି ନିମନ୍ତେ ଦରମା ବାବଦକୁ ମାସିକ କେତେ ଅର୍ଥ ନେଉଛନ୍ତି ?

----

## ଆନ୍ଧ୍ରର ଜମି ଜବରଦଖଲ ସମ୍ପର୍କରେ

1026 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଦୀର୍ଘ ଦିନ ହେଲା ବିପୁଲିଙ୍ଗି, ଭିକାରୀପଲି, ବଉଳ ଗାଁ ପରି ଛଅଗୋଟି ଗ୍ରାମ ପଞ୍ଚାୟତ (ଛତ୍ରପୁର ବ୍ଲକ) ଆନ୍ଧ୍ର ମାଛ ବ୍ୟବସାୟୀଙ୍କ ଯୋଗୁଁ ଜମି-ଜଳ ପରିବେଶ ନଷ୍ଟ ହେଉଥିବା ଅଭିଯୋଗ କରି ଆସୁଛନ୍ତି, ବିଭିନ୍ନ ସମୟରେ ସରକାର ନିଷ୍ପତ୍ତି ନେଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଉନାହିଁ, ଜନ ସାଧାରଣଙ୍କ ସ୍ୱାର୍ଥ ପାଇଁ ମାଛ ବ୍ୟବସାୟୀଙ୍କ ଲିଜ୍ ବନ୍ଦ କରିବେ କି, 2024-25-26 ବର୍ଷ ସେମାନେ ରାଜ୍ୟ ସରକାରଙ୍କୁ ଦେଇଥିବା ରୟାଲଟିର ପରିମାଣ ଜଣାଇବେ କି, (ଖ) ଆନ୍ଧ୍ର ବ୍ୟବସାୟୀ ବେଆଇନ ଦଖଲରେ କେଉଁ ଜି.ପି. ରେ କେତେ ଜମି ଦଖଲ ରଖିଥିଲେ ?

----

## ବିଜ୍ଞାପନ ପାଇଁ ହୋଇଥିବା ଖର୍ଚ୍ଚ

1027 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା, ବିଜ୍ଞପ୍ତି ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମର ପ୍ରଚାର ପାଇଁ ସରକାରୀ ବିଜ୍ଞାପନରେ ପ୍ରତିବର୍ଷ ବ୍ୟାପକ ଅର୍ଥ ବ୍ୟୟ ହେଉଥିବା ପରିପ୍ରେକ୍ଷୀରେ, ଗତ ୫ ବର୍ଷରେ ପ୍ରିଣ୍ଟ, ଟେଲିଭିଜନ, ଡିଜିଟାଲ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ବିଜ୍ଞାପନ ପାଇଁ ବର୍ଷୱାରୀ କେତେ ଅର୍ଥ ବ୍ୟୟ ହୋଇଛି, ମାଧ୍ୟମ ଚୟନ ଓ ବିଜ୍ଞାପନ ବଣ୍ଟନ ପାଇଁ କେଉଁ ମାନଦଣ୍ଡ ଅନୁସରଣ କରାଯାଇଛି ଏବଂ ଏହାର ସ୍ୱଚ୍ଛତା ଓ ନିରପେକ୍ଷତା ନିଶ୍ଚିତ ପାଇଁ କ'ଣ ବ୍ୟବସ୍ଥା ରହିଛି ?

----

## ବନ୍ୟା ନିୟନ୍ତ୍ରଣ ପାଇଁ ରୋଡମ୍ୟାପ୍

1028 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରତିବର୍ଷ ବନ୍ୟା ଓ ଅତ୍ୟଧିକ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନଜୀବନ, ଚାଷଜମି ଓ ଗ୍ରାମାଞ୍ଚଳର ଭିତ୍ତିଭୂମି ବ୍ୟାପକ ଭାବେ ପ୍ରଭାବିତ ହେଉଥିବା ପରିପ୍ରେକ୍ଷୀରେ, ଗତ ୫ ବର୍ଷରେ ଜିଲ୍ଲାୱାରୀ ବନ୍ୟା ନିୟନ୍ତ୍ରଣ, ନଦୀବନ୍ଧ ସୁଦୃଢ଼ୀକରଣ ଓ ନଦୀପଥ ପୁନରୁଦ୍ଧାର ପାଇଁ କେତେ ଅର୍ଥ ବ୍ୟୟ ହୋଇଛି ଏବଂ କେତେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି, ବ୍ୟୟ ସତ୍ତ୍ୱେ ଯେଉଁ ଅଞ୍ଚଳଗୁଡ଼ିକ ପ୍ରତିବର୍ଷ ବନ୍ୟାପ୍ରବଣ ରହୁଛି, ସେଠାରେ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ ରୋଡମ୍ୟାପ୍ କ'ଣ ?

----

## ବଜେଟରେ ଅର୍ଥ ବରାଦ

1029 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ପାଇଁ ବଜେଟ୍‌ରେ ବ୍ୟାପକ ଅର୍ଥ ବରାଦ ହେଉଥିବା ସତ୍ତ୍ୱେ ଅନେକ ଯୋଜନାର କାର୍ଯ୍ୟାନ୍ୱୟନରେ ବିଳମ୍ବ, ଅର୍ଥ ଖର୍ଚ୍ଚ ନହେବା ଓ ଲକ୍ଷ୍ୟ ପୂରଣ ନହେବା ଅଭିଯୋଗ ରହିଛି, ଗତ ୫ ବର୍ଷରେ ବିଭାଗୱାରୀ କେତେ ଯୋଜନାରେ ବରାଦ ଅର୍ଥର ୫୦%ରୁ କମ୍ ବ୍ୟୟ ହୋଇଛି ଏବଂ କେତେ ଯୋଜନା ନିର୍ଦ୍ଧାରିତ ସମୟରେ ସମାପ୍ତ ହୋଇନାହିଁ, ଏପରି ବିଳମ୍ବର ଦାୟିତ୍ୱ ନିର୍ଦ୍ଧାରଣ ଓ ଫଳାଫଳ ଆଧାରିତ ନିରୀକ୍ଷଣ ପାଇଁ ସରକାର କଣ ବ୍ୟବସ୍ଥା କରିଛନ୍ତି ?

----

## Demarcation of Eviction Process

1030 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Whether the demarcation and eviction process pursuant to Tahasildar, Soro vide Letter No.2533 dtd. 07- 04-2025 has been completed, if not, the action taken by the concerned officials from the date of issue of order till date & the present status, the reasons for non-compliance and the time limit though fixed for completion there of ?

----

## ଅଭିଯୋଗର ଆଶୁ ସମାଧାନ

1031 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ଓ କଟକ ସଦର ଉପଖଣ୍ଡରେ କେତେଗୋଟି ଦାଖଲ ଖାରଜ ମାମଲା ବିଚାରାଧୀନ ଅଛି, ବିଗତ 2 ବର୍ଷରେ କେତୋଟି ସମାଧାନ ହୋଇଛି ବକେୟା ଅଭିଯୋଗର ଆଶୁ ସମାଧାନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବସ ଚଳାଚଳ ପାଇଁ ବ୍ୟବସ୍ଥା

1032 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱରରୁ ବାଙ୍କୀ ଭାୟା ସିମୋର, ଭୁବନେଶ୍ୱରରୁ ବାଙ୍କୀ ଭାୟା ତ୍ରିଶୁଳିଆ ଅଧିକ ସଂଖ୍ୟକ ଓଡିଶା ରାଜ୍ୟ ସଡକ ପରିବହନ ବସ ଚଳାଚଳ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କାର୍ଯ୍ୟାନୁଷ୍ଠାନ ଗ୍ରହଣ

1033 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସାମାଜିକ ଗଣ ମାଧ୍ୟମରେ ଅଙ୍କୁଶ ନଥିବା ଯୋଗୁଁ ଅଧିକାଂଶ ଅସାମାଜିକ ତତ୍ତ୍ୱ ରାଜନେତା, ବିଧାୟକ, ସାଂସଦ, ମନ୍ତ୍ରୀ ସରକାରୀ ଅଧିକାରୀଙ୍କ ନାମରେ ଅତ୍ୟନ୍ତ ଅରୁଚିକର ଓ ଏ ଆର ଫଟୋ ସହ ମନ୍ତବ୍ୟ ଦେଇ ସର୍ବ ସାଧାରଣରେ ସେମାନଙ୍କୁ ନିନ୍ଦିତ କରୁଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଗଠନମୂଳକ ପ୍ରତିବାଦ ବଦଳରେ ମିଥ୍ୟା କୁତ୍ସାରଟନା ପୋଷ୍ଟକୁ ବାଦ ଦେଇ ଏହା କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ?

----

## କର୍ମଚାରୀ ପଦବୀ ପୂରଣ

1034 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା କେଉଁ ସରକାରୀ ପ୍ରେସରେ କେତେ ପରିମାଣ ଫର୍ମ, ପ୍ରସ୍ତାବ, ଫାଇଲ ନଥି ଆଦି ମୁଦ୍ରିତ ହେଉଛି, ଏହି ପ୍ରେସମାନଙ୍କରେ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଅଧିକାରୀ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ତାହା ପୂରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଚେକ୍ ଡ୍ୟାମ୍ ନିର୍ମାଣ

1035 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ବାଙ୍କୀ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଓ ଚେକ୍ ଡ୍ୟାମ୍ ମାଧ୍ୟମରେ କେତେ ଜମିକୁ ଜଳସେଚନର ସୁବିଧା ପ୍ରଦାନ କରାଯାଉଛି ପ୍ରକାଶ କରି ଅଧିକ ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ରେକର୍ଡ ପ୍ରସ୍ତୁତ ପାଇଁ ଆଦେଶ

1036 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- R & DM Dept. ର Letter No.-RDM-CHS-EXINST-0001-2024, 6562/RDM, D-18.02.2025 ର ନିର୍ଦ୍ଦେଶ ମୁତାବକ Column-2 correction କରିବା ପ୍ରକ୍ରିୟାରେ ହିନ୍ଦୁ ଉତ୍ତରାଧିକାର ଆଇନ-1956ରେ ପ୍ରାବଧାନ ଅନୁସୂଚିତ ଜନଜାତି ରୟତଙ୍କ ପାଇଁ ପ୍ରଯୁଜ୍ୟ ନଥିବା ଦର୍ଶାଇ tribal research bureau, ST ସମ୍ପ୍ରଦାୟ ମଧ୍ୟରେ ଉତ୍ତରାଧିକାରୀ ପାଇଁ ପ୍ରଚଳିତ ପ୍ରଥା ବା ପରମ୍ପରା ବିଷୟରେ ପ୍ରକାଶ କରିଥିବାରୁ ଗ୍ରହଣ କରି ଓଡିଶା ସରକାରଙ୍କ SC-ST Dept. ସେହି ମର୍ମରେ ରେକର୍ଡ ପ୍ରସ୍ତୁତ କରିବା ପାଇଁ ଲିଖିତ ଆଦେଶ ଦେଇଛନ୍ତି କି, ଯଦି ନା ତାହେଲେ ତାହା ସରକାର କେବେସୁଧା ଜାରି କରିବେ ?

----

## RoR updation ପାଇଁ କାର୍ଯ୍ୟାନୁଷ୍ଠାନ

1037 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Sundergarh ଜିଲ୍ଲା rajgangpur ତହସିଲ ଅନ୍ତର୍ଗତ କୁକୁଡା, ବିହାବନ୍ଧ, ଅଲଣ୍ଡା, କେଶ୍ରାମାଲ, ରାଇବେର୍ଣ୍ଣା ଓ ଝଗରପୁର ମୌଜାଗୁଡିକର ରୟତ ଜମି M/s DCBL କମ୍ପାନୀ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରୟତ ଖାତାଗୁଡିକର RoR updation ପାଇଁ ଜିଲ୍ଲା ଭୂ ଅର୍ଜନ ଅଧିକାରୀ ତାଙ୍କ Letter No.-379, D-03.03.2020 ର ନିର୍ଦ୍ଦେଶ ଅନୁଯାୟୀ ରାଜଗାଙ୍ଗପୁର ତହସିଲଦାର RoR updation ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କି, land auction office letter no.-1186, D-20.06.2025 ନିର୍ଦ୍ଦେଶ ମୁତାବକ ଆଜିସୁଧା ତହସିଲଦାର ଜିଲ୍ଲା ଭୂ ଅର୍ଜନ ଅଧିକାରୀଙ୍କୁ ତାହା ଦାଖଲ କରିଛନ୍ତି କି, ଯଦି ହଁ, ତାହେଲେ କାର୍ଯ୍ୟାନୁଷ୍ଠାନର ବିବରଣୀ ପ୍ରଦାନ କରିବେ କି ?

----

## ବୈଠକର ବିବରଣୀ ସମ୍ପର୍କରେ

1038 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ ଜିଲ୍ଲା ଭୂ ଅର୍ଜନ ଅଧିକାରୀ କୁକୁଡା ଗ୍ରାମ ପଞ୍ଚାୟତର କୁକୁଡା ଓ ବିହାବନ୍ଧ ମୌଜା, ଅଲଣ୍ଡା GP ର ଅଲଣ୍ଡା ଓ କେଶ୍ରାମାଲ GP ର କେଶ୍ରାମାଲ, ରାଇବେର୍ଣ୍ଣା ଓ ଟଗରପୁର GP ର ଝଗରପୁର ମୌଜାରେ OLARR Rule-2016 ର sub rule-21 (2) ଅନୁଯାୟୀ ପ୍ରଭାବିତ ପରିବାରର ନାମ ତାଲିକା ପ୍ରସ୍ତୁତ କରିଛନ୍ତି କି, ରୟତଙ୍କଠାରୁ sub rule-22 (4) ମୁତାବକ ବୈଠକ ଅନୁଷ୍ଠିତ କରି Form-J ରେ ଲିଖିତ ସହମତି ନେଇଛନ୍ତି କି, ଯଦି ହଁ ତେବେ ପ୍ରସ୍ତୁତ କରାଯାଇଥିବା ପ୍ରଭାବିତ ପରିବାରର ନାମ ତାଲିକା ସହ Form-J ରେ ସହମତି ନେବା ପାଇଁ ଅନୁଷ୍ଠିତ ହୋଇଥିବା ବୈଠକର ବୈଠକ ବିବରଣୀ ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ କି ?

----

## IB River Dam Projectର ସ୍ଥିତି

**1039 ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ ଜିଲ୍ଲାର ସବଡେଗା ବ୍ଲକ ଅନ୍ତର୍ଗତ କଟାଙ୍ଗିଡିହିଠାରେ ହେବାକୁଥିବା ଜୁଗୀଜୁଗେନ/IB River Dam Project ର ବର୍ତ୍ତମାନର ସ୍ଥିତି କଣ, ଗ୍ରାମସଭା/ପଲ୍ଲିସଭାର ବିନା ଅନୁମତିରେ ସର୍ଭେ କାମ ଚାଲୁଥିବା ନେଇ ଯେଉଁ ଅଭିଯୋଗ ଆସୁଅଛି, ତାହା ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ହଁ ତାହା ହେଲେ ସେଥିପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ଖବରକାଗଜକୁ ସ୍ୱୀକୃତି ପ୍ରଦାନ

**1040 ଶ୍ରୀ ପ୍ରକାଶ ସୋରେନ (ବାରିପଦା )ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଅଧୁନା କେତୋଟି Daily, Weekly, Fortnightly ଖବର କାଗଜ ସରକାରଙ୍କ ସ୍ୱୀକୃତି ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରି ରହିଛନ୍ତି ଓ କେବେ ସୁଦ୍ଧା ସ୍ୱିକୃତୀ ମିଳିବ ସେହିପରି Accreditation କମିଟି କେବେ ବସି ନୂତନ ଭାବେ ସାମ୍ବାଦିକ ମାନଙ୍କୁ Accreditation ମିଳିବ ?

----

## ସରକାରୀ Printing Press ର ସଂଖ୍ୟା

**1041 ଶ୍ରୀ ପ୍ରକାଶ ସୋରେନ (ବାରିପଦା )ଃ**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ସରକାରୀ Printing Press (ଛାପାଖାନା) ଅଛି ଓ ପ୍ରତି ବର୍ଷ କେଉଁ କେଉଁ Printing Press ରେ କେତେ ଟଙ୍କା ମୂଲ୍ୟର କି କି ଲେଖା ଛପାଇବାକୁ Order ଦେଇଛନ୍ତି ଗତ 2 ବର୍ଷର ତଥ୍ୟ ପ୍ରଦାନ ସହ କେଉଁ କ୍ଷେତ୍ରରେ ସରକାର ଘରୋଇ ପ୍ରିଣ୍ଟିଂ ପ୍ରେସକୁ କେଉଁ ଜିନିଷ ଛପାଇବାକୁ କହିଥାନ୍ତି ଓ ପ୍ରତିବର୍ଷ ଘୋରଇ ପ୍ରିଣ୍ଟିଂ ପ୍ରେସ୍ ଗୁଡିକୁ କେତେ ଟଙ୍କାର କାମ ଦେଇଥାନ୍ତି ତାର Detail ତଥ୍ୟ ଦେବେ କି ?

----

## ଯୋଜନା ବୋର୍ଡର ପୂର୍ଣ୍ଣାଙ୍ଗ ବୈଠକ

1042 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟ ଯୋଜନା ବୋର୍ଡର ପୂର୍ଣ୍ଣାଙ୍ଗ ବୈଠକ ଶେଷ ଥର ପାଇଁ କେବେ ବସିଥିଲା ଓ ପୁଣି କେବେ ବସିବା ଅଛି, ଯୋଜନା ବୋର୍ଡର ଉପାଧ୍ୟକ୍ଷ ଓ ସଦସ୍ୟ ପଦଗୁଡ଼ିକ କେବେ ପୂରଣ ହେବ ସେହିପରି ଉତ୍ତର ଓଡିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡିଶା ବିକାଶ ପରିଷଦ କେବେ ଗଠନ ହେବ ?

----

## ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କସଂଖ୍ୟା

1043 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ 2 ବର୍ଷ ଭିତରେ ରାଜ୍ୟରେ ସଡକ ଦୁର୍ଘଟଣାରେ କେତେ ଲୋକ ମୃତ୍ୟୁବରଣ କରିଛନ୍ତି, କେତେ ଜଣ ସବୁଦିନ ପାଇଁ ଅକର୍ମଣ୍ୟ ହୋଇଛନ୍ତି ସଡକ ଦୁର୍ଘଟଣା କମାଇବା ପାଇଁ କି କି ବିଶେଷ ପଦକ୍ଷେପ ନେଇଛନ୍ତି ଓ ବିଭିନ୍ନ କାରଣ ଯୋଗୁଁ ଯାନବାହନ ଉପରେ ଯେଉଁ ଜୋରିମାନା (Fine ) ଆଦାୟ କରୁଛନ୍ତି ସେସବୁ ଜୋରିମନାକୁ କମାଇବା ପାଇଁ ଲୋକଙ୍କୁ ଆର୍ଥିକ ବୋଝରୁ ରକ୍ଷା କରିବା ପାଇଁ ପଦକ୍ଷେପ ନେବେ କି ?

----

## ଜଗନ୍ନାଥ ଏକ୍ସପ୍ରେସ ବସ ଦ୍ୱାରା ହୋଇଥିବା ଲାଭ / କ୍ଷତିର ବିବରଣୀ

1044 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଦେବଗଡ ଠାରୁ ପୁରୀ ଅଭିମୁଖେ ଯାଉଥିବା ଜଗନ୍ନାଥ ଏକ୍ସପ୍ରେସ ବସ୍ ଦ୍ୱାରା ଗତ ଏକ ବର୍ଷ ମଧ୍ୟରେ କେଉଁ ମାସରେ ବିଭାଗ କେତେ ଟଙ୍କା ଲାଭ କିମ୍ୱା କ୍ଷତି କରିଅଛି ତାର ମାସୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଭୂମିହୀନ ପରିବାରକୁ ଜମି ଯୋଗାଣ

1045 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ତିନି ବର୍ଷରେ ଦେବଗଡ଼ ଜିଲ୍ଲାରେ କେଉଁ ମୌଜାର କେଉଁ ଭୂମିହୀନ ପରିବାରକୁ କେତେ ବାସପୋଯୋଗୀ ଜମି ଯୋଗାଇ ଦିଆଯାଇଛି ?

----

## ଖଣିଜ ପଦାର୍ଥରୁ ଫି ବାବଦରେ ସଂଗ୍ରହ କରିଥିବା ରାଜସ୍ୱର ପରିମାଣ

1046 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ଆର୍ଥିକ ବର୍ଷ ୨୦୨୦ ମସିହା ଠାରୁ ଆଜି ସୁଦ୍ଧା ରାଜ୍ୟରେ ଲଘୁ ଖଣିଜ ପଦାର୍ଥ ବାଲି, ମୋରମ, ପଥର, ମାଟି ଓ ଅନ୍ୟାନ୍ୟ ଲଘୁ ଖଣିଜ ପଦାର୍ଥରୁ ସରକାର କେତେ ଫି' (Royalty) ବାବଦରେ ରାଜସ୍ୱ ସଂଗ୍ରହ କରିଛନ୍ତି; କେତେ ଘନ ମିଟର କିମ୍ବା କେତେ ମେଟ୍ରିକ ଟନ ଉତ୍ତୋଳନ କରାଯାଇଛି, ଏହି ବର୍ଷ ମାନଙ୍କରେ ଲଘୁ ଖଣିଜ ପଦାର୍ଥର 'ଚୋରା କାରବାର ବାବଦରେ ଜରିମାନା ବାବଦକୁ କେତେ ରାଜସ୍ୱ ଆଦାୟ କରିଛନ୍ତି, କେତେ ସଂଖ୍ୟକ ଗାଡି ଜବତ ହୋଇଛି ଓ କେତେ ଜଣକୁ ଗିରଫ କରାଯାଇଛି ଆର୍ଥିକ ବର୍ଷୱାରୀ, ଜିଲ୍ଲା ଏବଂ ତହସିଲୱାରୀ ତଥ୍ୟ ପ୍ରଦାନ କରିବେ କି; (ଖ) ଦେବଗଡ଼ ନିର୍ବାଚନ ମଣ୍ଡଳୀରେ ଥିବା ତହସିଲ ମାନଙ୍କରେ ବାଲି, ମୋରମ, ପଥର, ମାଟି ଓ ଅନ୍ୟାନ୍ୟ ଲଘୁ ଖଣିଜ ପଦାର୍ଥର କେତୋଟି ସକ୍ରିୟ ଉତ୍ସ ରହିଛି ଏବଂ କେତୋଟି ନିଷ୍କ୍ରିୟ ଉତ୍ସ ରହିଛି; ଏହି ଉତ୍ସ ଗୁଡିକରୁ ଗତ ୨୦୨୦ ଠାରୁ ଆଜି ପର୍ଯ୍ୟନ୍ତ କେତେ ରାଜସ୍ୱ ଆଦାୟ କରାଯାଇଛି ଓ ଏହି ଲଘୁ ଖଣିଜ ପଦାର୍ଥର ଚୋରା ଚାଲାଣକୁ ରୋକିବା ପାଇଁ କଣ ପଦକ୍ଷେପ ନିଆଯାଇଛି ?

----

**District Mineral Fund କୁ ଉପଲବ୍ଧ ରାଶିର ପରିମାଣ**

**1047 ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତେ ଗୋଟି District Mineral Fund ଅଛି ଓ ସେହି ଫଣ୍ଡକୁ 2019-20 ଠାରୁ 2025-26 ଅଗଷ୍ଟ 30 ସୁଦ୍ଧା କେତେ କେତେ ରାଶି ଉପଲବ୍ଧ ହୋଇଅଛି ଓ ତହିଁରୁ କେତେ ଶତାଂଶ ଖର୍ଚ୍ଚ ହୋଇଅଛି ବିବରଣୀ ଦେବେ କି, (ଖ) ଏହି DMF ପରିଚାଳନା ପାଇଁ କି କି ନିର୍ଦ୍ଦେଶନାମା ଜାରି କରିଛନ୍ତି ?

----

**Introduction of New Connectivity**

**1048 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (a) the year-wise number of domestic and international destinations directly connected with Biju Patnaik International Airport during the last five years; (b) whether the number has declined from over 30 to 19 and, if so, details of routes discontinued; the present status of international flights, including the Bhubaneswar-Bangkok route; and the incentives provided to airlines and steps taken to restore discontinued routes and introduce new domestic and international connectivity ?

----

**Amendment of Act**

**1049 Shri Kalikesh Narayan Singh Deo (Bolangir):**

Will the Minister for **Steel and Mines** be pleased to state that:- (a) Whether Government has assessed the impact of the MMDR Amendment Act, 2026,

particularly Section 9D, on Odisha's revenue from taxes/levies on mineral rights and mineral-bearing land; (b) the arrears recoverable before the amendment and amount, if any, rendered unrecoverable thereafter; the estimated annual revenue impact; whether this assessment differs from the figures/position earlier published in Odisha Review or placed by the State before the Hon'ble Supreme Court; if so, details thereof ?

----

## Review of BMV in Bolangir

1050 **Shri Kalikesh Narayan Singh Deo (Bolangir):**

Will the Minister for **Revenue and Disaster Management** be pleased to state that:- (a) the reasons for the steep increase in Benchmark Valuation (BMV) of land in Balangir Municipality, including the rise from about 1.38 crore to 5.31 crore per acre in certain areas; (b) whether BMV adequately considers kisam, plot size, location, road access and infrastructure; whether charging stamp duty at homestead valuation along with conversion fees is justified; whether Government is aware that excessive BMV increases transaction costs and may discourage genuine transactions; and whether Government proposes to review BMV to reflect prevailing market conditions and reduce undue financial burden on citizens ?

----

## Damage of Chattamakhana Dam

1051 **Shri Kalikesh Narayan Singh Deo (Bolangir):**

Will the **Chief Minister** be pleased to state that:- (a) The extent and causes of damage to the newly constructed Chattamakhana Dam, including the cut-off wall and downstream protection works; (b) whether the EPC design reduced dam length from 256 m to 206 m, gates from 18 to 14 and impervious floor from 80 m to 50 m, while retaining 2,760 cumec discharge capacity and the technical justification and approving authority; the basis and proof-check calculations for approving 2,760 cumec against about 7,000 cumec discharge from Lower Suktel Dam; whether an independent enquiry will fix responsibility; and repair measures, cost, timeline and recovery from the EPC contractor, if deficiencies are established ?

----

## ଖାଲି ପଦବୀ ପୂରଣ

1052 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୧ ଜୁନ୍, ୨୦୨୬ ଠାରୁ ରାୟଗଡ଼ା ରେଳ ମଣ୍ଡଳ ସମ୍ପୂର୍ଣ୍ଣ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ଷମ ହୋଇଥିବା ପରିପ୍ରେକ୍ଷୀରେ, ମଣ୍ଡଳର ସୁଚାରୁ ପ୍ରଶାସନିକ ଓ ପରିଚାଳନାଗତ କାର୍ଯ୍ୟ ପାଇଁ ଆବଶ୍ୟକ ମାନବସମ୍ବଳ ସମ୍ପର୍କରେ ସରକାର ହକୁ ଅବଗତ କରିବେ କି, ମଣ୍ଡଳ ପାଇଁ ଅନୁମୋଦିତ ମୋଟ ପଦବୀ ସଂଖ୍ୟା କେତେ, ବର୍ତ୍ତମାନ ସୁଦ୍ଧା କେତେଜଣ କର୍ମଚାରୀ ନିୟୋଜିତ ଅଛନ୍ତି ଏବଂ କେତେ ପଦବୀ ଖାଲି ରହିଛି, ଖାଲି ପଦବୀ ପୂରଣ ପାଇଁ ସମ୍ପୃକ୍ତ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି, ଅବଶିଷ୍ଟ ଖାଲି ପଦବୀଗୁଡ଼ିକ କେବେ ସୁଦ୍ଧା ପୂରଣ ହେବ ?

----

## ବିବରଣୀ ପ୍ରଦାନ

1053 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା ଜିଲ୍ଲାରେ ନାଗାବଳୀ, ବଂଶଧାରା ଓ ଝଞ୍ଜାବତୀ ଭଳି ପ୍ରମୁଖ ନଦୀ ଥିବା ସତ୍ତ୍ୱେ ଜଳସମ୍ପଦ ସମ୍ପର୍କୀୟ ଜଳକର ଆଦାୟ, ବକେୟା ଓ ଅନ୍ୟାନ୍ୟ ତଥ୍ୟ ପାଇଁ ଗଜପତି ଜିଲ୍ଲାର ଅଡ଼ବା ସ୍ଥିତ ହରଭଙ୍ଗୀ ଜଳସମ୍ପଦ ବିଭାଗ ଉପରେ ନିର୍ଭର କରାଯାଉଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଯଦି ହଁ, ରାୟଗଡ଼ାସ୍ଥିତ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସରକାରଙ୍କ ପ୍ରସ୍ତାବ କଣ (ଖ) ରାୟଗଡ଼ାସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କେବେଠାରୁ କାର୍ଯ୍ୟକ୍ଷମ ଏବଂ ଏହାର କାର୍ଯ୍ୟାବଳୀ କଣ, ସ୍ଥାପନାଠାରୁ ଏହି କାର୍ଯ୍ୟାଳୟ ଦ୍ୱାରା ସମ୍ପାଦିତ କାର୍ଯ୍ୟ, ମଞ୍ଜୁର ଅନୁଦାନ ଓ ବାସ୍ତବ ବ୍ୟୟର ବିବରଣୀ କଣ, ଜନଶୁଣାଣୀ, ଜିଲ୍ଲା ପରିଷଦ ଓ ଦିସା ବୈଠକରେ ଏହି କାର୍ଯ୍ୟାଳୟର ଅଧିକାରୀଙ୍କ ଉପସ୍ଥିତି ଓ ବୈଠକଭିତ୍ତିକ ବିବରଣୀ ସରକାର ପ୍ରଦାନ କରିବେ କି ?

----

## ରିପୋର୍ଟ ପ୍ରଦାନ

1054 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଗତ ୧୦ ବର୍ଷର ଆର୍ଥିକ ଓ ପ୍ରଶାସନିକ କାର୍ଯ୍ୟକଳାପର ଅଡିଟ୍ ହୋଇଛିକି, ଯଦି ହଁ, ଏ ସମ୍ପର୍କିତ ଅଡିଟ୍ ରିପୋର୍ଟ ସଂକ୍ରାନ୍ତୀୟ ବିବରଣୀ ପ୍ରଦାନ କରିବେ କି, ଗତ ୧୦ ବର୍ଷରେ କେଉଁ କେଉଁ ବର୍ଷର ଅଡିଟ୍ ସମ୍ପନ୍ନ ହୋଇଛି ଏବଂ କେଉଁ ସଂସ୍ଥା/କର୍ତ୍ତୃପକ୍ଷ ଦ୍ୱାରା ଅଡିଟ୍ କରାଯାଇଛି, ଉକ୍ତ ଅଡିଟରେ ଆର୍ଥିକ ଅନିୟମିତତା, ଆପରି, ଅନୁପାଳନ ଅଭାବ କିମ୍ବା ଅନ୍ୟ କୌଣସି ଗୁରୁତର ତ୍ରୁଟି ଚିହ୍ନଟ ହୋଇଛି କି, ଅଡିଟ୍ ଆପତ୍ତିଗୁଡ଼ିକର ବର୍ତ୍ତମାନ ସ୍ଥିତି ଓ ନିଷ୍କର୍ଷ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ କଣ ?

----

## ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ

1055 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକସ୍ଥିତ ବଡ଼ନାଳ ଜଳସେଚନ ପ୍ରକଳ୍ପ ଅଞ୍ଚଳର ପ୍ରାକୃତିକ ସମ୍ପଦ ଓ ଜଳଭଣ୍ଡାରକୁ ପର୍ଯ୍ୟଟନ ଓ ଆର୍ଥିକ ବିକାଶରେ ବିନିଯୋଗ କରିବା ପାଇଁ ସରକାରଙ୍କ ବିଚାରାଧୀନ କୌଣସି ଯୋଜନା ଅଛି କି, ଶିଳ୍ପୀ, ଡାଇକ୍, ରାମଲକ୍ଷ୍ମଣ ପଥର ଓ ମୁଖ୍ୟ କେନାଲ ମଧ୍ୟବର୍ତୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ସୁରକ୍ଷା ଓ ଜବରଦଖଲ ଉଚ୍ଛେଦ ପାଇଁ କି ପଦକ୍ଷେପ ନିଆଯାଇଛି, (ଖ) ଉକ୍ତ ସ୍ଥାନରେ ଆଇନାନୁସାରେ ମୃଗ ଓ ମୟୂର ସଂରକ୍ଷଣ ସହିତ ଏକ ଉଦ୍ୟାନ ସ୍ଥାପନ ପାଇଁ ପ୍ରସ୍ତାବ ଅଛି କି, ମୁଖ୍ୟ ଆଡ଼ିବନ୍ଧ ନିକଟସ୍ଥ ପ୍ରାକୃତିକ ଜଙ୍ଗଲର ସୌନ୍ଦର୍ଯ୍ୟକରଣ ପାଇଁ କି ପଦକ୍ଷେପ ନିଆଯିବ,ପୂର୍ଣ୍ଣ ଜଳଭଣ୍ଡାରରେ ଆଇନସମ୍ମତ ବୋଟିଂ ବ୍ୟବସ୍ଥା କରି ପର୍ଯ୍ୟଟନ ବିକାଶ ଓ ବିଭାଗର ଆୟବୃଦ୍ଧି ପାଇଁ ଯୋଜନା କରିବେ କି ?

----

## ସମ୍ପ୍ରସାରିତ ଟ୍ରକ ଟର୍ମିନାଲର ବିକାଶ

1056 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ଠାରେ ଏକ ସମ୍ପ୍ରସାରିତ ଟ୍ରକ ଟର୍ମିଲାସ ବିକଶିତ କରିବାକୁ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କାର୍ଯ୍ୟରତ ସାମ୍ବାଦିକଙ୍କ ସଂଖ୍ୟା

1057 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ସଂଖ୍ୟକ ବିଦ୍ୟୁତିକ ଓ ମୁଦ୍ରିତ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ ଅଛନ୍ତି, ସମସ୍ତ ସାମ୍ବାଦିକମାନଙ୍କୁ ବୀମାଭୁକ୍ତ ଓ ସ୍ୱାସ୍ଥ୍ୟବୀମାଭୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ସରକାରୀ ପ୍ରେସରେ ପଦବୀ ପୂରଣ

1058 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ମଧୁପାଟଣାସ୍ଥିତ ଓଡିଶା ସରକାରୀ ପ୍ରେସରେ ମଞ୍ଜୁରୀପ୍ରାପ୍ତ କେଉଁ ବର୍ଗର ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ଓ ଏହା ପୂରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଜଳବନ୍ଦୀର ପ୍ରତିକାର ପାଇଁ ବ୍ୟବସ୍ଥା

1059 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କଟକ, ଜଗତପୁର ଓ ଚୌଦ୍ୱାର ଅଞ୍ଚଳରେ ଜଳବନ୍ଦୀର ପ୍ରତିକାର ପାଇଁ ବ୍ୟବସ୍ଥା ସହ ଜଳ ନିଷ୍କାସନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖଣି ଲିଜ ପୁନଃ ନବୀକରଣ

1060 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2023-24 ବର୍ଷ ପରେ ଆଜି ପର୍ଯ୍ୟନ୍ତ କେତେ ନୂତନ ଖଣିକୁ ଲିଜ ସୂତ୍ରରେ କେଉଁ ସଂସ୍ଥାମାନଙ୍କୁ ଦିଆଯାଇଛି ଓ କେତେ ପୁରୁଣା ଖଣି ଲିଜ ପୁନଃ ନବୀକରଣ କରାଯାଇଛି ?

----

## ବାଲି ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

1061 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ 2026 ଜାନୁୟାରୀରୁ ଆଜି ପର୍ଯ୍ୟନ୍ତ କେତେ ବାଲିଘାଟ ଉପରେ ଖଣି ବିଭାଗ ତରଫରୁ ଚଢାଉ କରାଯାଇ କେତେ ବାଲିମାଫିଆଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ଏବଂ (ଖ)ପୁରୀ ଜିଲ୍ଲାରେ ଜାନୁଆରୀ 2026 ରୁ ଆଜିପର୍ଯ୍ୟନ୍ତ କେଉଁ ବାଲିଘାଟ ଉପରେ ବିଭାଗ ତରଫରୁ ଚଢାଉ କରାଯାଇ କେଉଁ ବାଲି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦିଆଯାଇଛି ଓ କେଉଁ ଗାଡି ଗୁଡିକୁ ଜବତ୍ କରାଯାଇଛି ?

----

## ନଦୀ ବନ୍ଧ ନିର୍ମାଣ

1062 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ ତରାସାହି ନିକଟସ୍ଥ ଦେବୀ ନଦୀ ବନ୍ଧ ମୁକୁଳା ଥିବାରୁ ନଦୀ ପାଣି ପୁରୀ ଜିଲ୍ଲାର ଅସ୍ତରଙ୍ଗ ବ୍ଲକର ତାଳଦା ପଞ୍ଚାୟତ ଅଞ୍ଚଳକୁ କ୍ଷତିଗ୍ରସ୍ତ କରୁଥିବାରୁ ଏ ଅଞ୍ଚଳର ସୁରକ୍ଷା ପାଇଁ ଦେବୀ ନଦୀ କ୍ଷତିଗ୍ରସ୍ତ ଅଞ୍ଚଳ ନଦୀ ବନ୍ଧ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ବିଚାର କରିବେ କି ?

----

## ରାସ୍ତା ମରାମତି

1063 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଦେବୀ ନଦୀ ତଟସ୍ଥ ଗାଗେଇମଠ ରୁ ଭଣ୍ଡିସାହି ଭାୟା ଡାଗହାଣିଖିଆ ମୁଡୁମିଆ ନଦୀ ବନ୍ଧ ରାସ୍ତାର ଅବସ୍ଥା ଶୋଚନୀୟ ଥିବାବେଳେ ଏହାର ଆନୁସଙ୍ଗିକ ମରାମତି ଓ ରକ୍ଷଣା ବେକ୍ଷଣ ପାଇଁ ବିଚାର କରିବେ କି ?

----

## LCD ମାଧ୍ୟମରେ ସୂଚନା ପ୍ରଦାନ

1064 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାର ପ୍ରମୁଖ ସହର ଛକ ଓ ବସଷ୍ଟାଣ୍ଡ ମାନଙ୍କରେ ପର୍ଯ୍ୟଟନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ସୂଚନା ଜନସାଧାରଣଙ୍କ ଜାଣିବା ପାଇଁ LCD Screen ମାଧ୍ୟମରେ ପ୍ରସାରଣ କରିବା ନିମନ୍ତେ ସୁ ବ୍ୟବସ୍ଥା କରିବେ କି ?

----

## ଯାହାଜ ବୁଡି ସମ୍ପର୍କରେ

1065 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପାରାଦ୍ୱୀପ ବନ୍ଦରରୁ ଚିନ ଦେଶକୁ ରପ୍ତାନୀ ଲୌହ ପଥର ବୋଝେଇ ଜାହାଜ ଏମ.ଭି. ଓ ସେନ ୱିନର ସମୁଦ୍ର ଗର୍ଭରେ ବୁଡିଯିବା ଫଳରେ ସରକାର କେତେ ପରିମାଣର ରାଜସ୍ୱ ଲାଭ ବା କ୍ଷତି ହୋଇଛି ?

----

## ଜଳାଶୟର ବର୍ତ୍ତମାନ ସ୍ଥିତି

1066 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଟିକିଟି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଟିକିଟି ନିର୍ବାଚନ ମଣ୍ଡଳୀର ବୋଗି ନଦୀ ଉପରେ ପ୍ରସ୍ତାବିତ ଅନ୍ତଃ ନଦୀ ଜଳାଶୟର ବର୍ତ୍ତମାନ ସ୍ଥିତି କଣ, ଏହାକୁ କାର୍ଯ୍ୟ କରିବା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଉନ୍ନୟନ ମୂଳକ କାର୍ଯ୍ୟ

1067 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଟିକିଟି)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଟିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁର ବ୍ଲକ ବାଘଲଟୀ ଜଳସେଚନ ପ୍ରକଳ୍ପ ବହୁ ପର୍ଯ୍ୟଟକ ବର୍ଷସାରା ଆସିଥାନ୍ତି ଏଣୁ ଏହାର ଚତୁଃପାର୍ଶ୍ୱର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବାର ବ୍ୟବସ୍ଥା କରିବେ କି?

----

## ଲକ୍ଷ୍ମୀ ବସ୍ ପ୍ରଚଳନ

1068 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଟିକିଟି)ଃ**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଟିକିଟି ନିର୍ବାଚନ ମଣ୍ଡଳୀର ଟିକିଟି ଓ ପାତ୍ରପୁର ଅଞ୍ଚଳରେ ଲକ୍ଷ୍ମୀ ବସ ପ୍ରଚଳନ କରୁଛି ଯାହାକି ପ୍ରର୍ଯ୍ୟାପ୍ତ ପରିମାଣର ନୁହେଁ ଏଦୃଷ୍ଟିରୁ ଏହି ସବୁ ଅଞ୍ଚଳରେ ଅଧିକ ଲକ୍ଷ୍ମୀ ବସ ପ୍ରଚଳନର ବ୍ୟବସ୍ଥା କରିବେ କି ?

----

## ତହସିଲ ଅଫିସର ନିଜସ୍ୱ ଗୃହ

1069 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଟିକିଟି)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁର ଠାରେ ଥିବା ତହସିଲ OFFICE ର ନିଜସ୍ୱ BUILDING ନାହିଁ ଏଠି କର୍ମଚାରୀଙ୍କ ଘୋର ଅଭାବ ଅଛି ଏହା ସହିତ ଏଠାରେ କର୍ମଚାରୀଙ୍କ STAF QUARTER ନାହିଁ ଏସବୁର ସମାଧାନ ସହିତ ପାତ୍ରପୁର ଠାରେ ଥିବା SUB-REGISTER ଅଫିସର ନିଜସ୍ୱ BUILDING ଓ STAFF QUARTER ନୂତନ ଭାବେ ନିର୍ମାଣ କରିବାର ବ୍ୟବସ୍ଥା କରିବେ କି ?

----

## ରାସଗୋବିନ୍ଦପୁର ଏୟାରଷ୍ଟ୍ରିପକୁ ବିମାନ ବନ୍ଦରରେ ପରିଣତ

1070 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଡାନ ଯୋଜନାରେ ମୟୁରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଏୟାରଷ୍ଟ୍ରିପକୁ (Air Strip) କୁ ଏକ ବିମାନବନ୍ଦରରେ ପରିଣତ କରିବା ପାଇଁ ଯେଉଁ ପ୍ରସ୍ତାବ ରହିଥିଲା ତାହା କେଉଁଠି ଅଟକିଛି, ଏହି ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି କି, ଏଥିପାଇଁ କିଛି ଅର୍ଥ ଚଳିତ ବଜେଟରେ ଦିଆଯାଇଛି କି, ରାଜ୍ୟ ଏନେଇ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗ କରିଛନ୍ତି କି ?

----

## ବିପର୍ଯ୍ୟୟ ସହାୟତାର ପରିମାଣ

1071 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ ବନ୍ୟାରେ ଏଯାଏ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ କେତେ ଟଙ୍କା ବିପର୍ଯ୍ୟୟ ସହାୟତା ଯୋଗାଇ ଦେଇଛନ୍ତି, ରାଜ୍ୟ ସରକାର କେତେ ଟଙ୍କା ନିଜ ପାଣ୍ଠିରୁ ମଞ୍ଜୁର କରିଛନ୍ତି ଏବଂ ସେଥିରୁ ବିଭିନ୍ନ ବିଭାଗକୁ କେତେ ଟଙ୍କା ପ୍ରଦାନ କରାଯାଇଛି ଏହି ସବୁ ଅର୍ଥରୁ ଏଯାଏ କେଉଁ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ?

----

## ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

1072 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2024ରୁ ଏଯାଏ ରାଜ୍ୟରେ କେତୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ କେତେଟଙ୍କା ମଞ୍ଜୁର ହୋଇଛି, ସେଥିରୁ କେତୋଟି ନିର୍ମାଣ ଚାଲିଛି ବା ନିର୍ମାଣ ଶେଷ ହୋଇଛି ଏବଂ ଆଗକୁ ଆଉ କେତୋଟି ନିର୍ମାଣ ପାଇଁ ପ୍ରସ୍ତାବ ରହିଛି ?

----

## ଚିଙ୍ଗୁଡି ରପ୍ତାନୀ

1073 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ 5 ବର୍ଷ ମଧ୍ୟରେ ରାଜ୍ୟରୁ କେତେ ପରିମାଣର ଚିଙ୍ଗୁଡି କେଉଁ କେଉଁ ଦେଶକୁ ରପ୍ତାନି କରାଯାଇଛି ଏବଂ କେତେ ବୈଦେଶିକ ମୁଦ୍ରା ସଂଗ୍ରହ ହୋଇଛି ଚିଙ୍ଗୁଡି ରପ୍ତାନି କ୍ଷେତ୍ରରେ ମଧ୍ୟପ୍ରାଚ୍ୟ ଯୁଦ୍ଧ କିଛି ପ୍ରତିବନ୍ଧକ ସୃଷ୍ଟି କରିଛି କି ଯଦି କରିଛି ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ କି ପଦକ୍ଷେପ ନେଇଛନ୍ତି, ଚୁଙ୍ଗୁଡି ରପ୍ତାନି କ୍ଷେତ୍ରରେ ଦେଶରେ ଓଡିଶା କେଉଁ ସ୍ଥାନରେ ରହିଛି, ଅନ୍ୟ ରାଜ୍ୟମାନଙ୍କ ତୁଳନାତ୍ମକ ତାଲିକା ପ୍ରଦାନ କରିବେ କି ?

----

## FDR ଜରିଆରେ ପ୍ରଦାନ କରାଯାଇଥିବା ଅର୍ଥର ପରିମାଣ

1074 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2024 ଆଜି ପର୍ଯ୍ୟନ୍ତ ୩ଟି ମୌସୁମୀ ଋତୁରେ ହୋଇଥିବା ବନ୍ୟା, ବାତ୍ୟା ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପରେ ରାସ୍ତାଘାଟ, ସ୍କୁଲ, ଅଙ୍ଗନବାଡି କେନ୍ଦ୍ର ଆଦିର ମରାମତି ପାଇଁ ସରକାର FDR ଜରିଆରେ କେତେଟଙ୍କା କେଉଁ ବିଭାଗକୁ ପ୍ରଦାନ କରିଛନ୍ତି ଏବଂ ସେଥିରୁ କେତେଟଙ୍କା ଖର୍ଚ୍ଚ ହୋଇଛି ଏହାର ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଚାଷ ଜମିକୁ ଜଳ ବନ୍ଦୀ ମୁକ୍ତ କରିବା ପାଇଁ ହୋଇଥିବା ଖର୍ଚ୍ଚ

1075 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ବର୍ଷା ଦିନେ ଜଳବନ୍ଦୀ ହେବା ଫଳରେ ରାଜ୍ୟର କେତେ ହେକ୍ଟର ଚାଷ ଜମିର ଫସଲ ନଷ୍ଟ ହେଉଅଛି, ତନ୍ମଧ୍ୟରୁ କେତେ ହେକ୍ଟର ଚାଷ ଜମିକୁ ଜଳବନ୍ଦୀ ମୁକ୍ତ କରିବା ପାଇଁ 2024 ଜୁନ ପର ଠାରୁ ଡ୍ରେନେଜ ବିଭାଗ କେତେ ଟଙ୍କା ଖର୍ଚ୍ଚ କରିଛି ଓ କେତେ ଜମି ଜଳବନ୍ଦୀ ମୁକ୍ତ ହୋଇଛି, ଡ୍ରେନେଜ ଇମ୍ପ୍ରୁଭମେଣ୍ଟ ପ୍ଲାନ-୩ ଜରିଆରେ ଗତ ୨ ବର୍ଷ ମଧ୍ୟରେ ବଡ଼ଚଣା ବ୍ଲକର କେତେ ହେକ୍ଟର ଚାଷ ଜମି ଜଳବନ୍ଦୀ ମୁକ୍ତ ହୋଇଛି ?

----

## ଟ୍ରକ ଯୋଗେ ଖଣିଜ ପଦାର୍ଥ ପରିବହନ ସମୟରେ ହୋଇଥିବା Normal Loss ର ପରିମାଣ

1076 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ବିଭିନ୍ନ ଖଣି, ବନ୍ଦର ଓ କଳ କାରାଖାନାରୁ ଟ୍ରକ୍ ଯୋଗେ ଖଣିଜ ପଦାର୍ଥ ପରିବହନ ସମୟରେ କେତେ Normal Loss ହୋଇଥାଏ, ସେ ସମ୍ପର୍କରେ ଓଡ଼ିଶା ସରକାରଙ୍କ ଗାଇଡ୍ ଲାଇନ୍ ଅଛି କି, ଯଦି ହଁ, ତେବେ ଖଣିଜ ପଦାର୍ଥର ପ୍ରକାର ଅନୁଯାୟୀ ପରିବହନ ସମୟରେ ଅନୁମୋଦିତ Normal Lossରେ ପରିମାଣ କେତେ ଧାର୍ଯ୍ୟ ହୋଇଛି ଓ ଏ ସମ୍ପର୍କିତ ଗାଇଡ୍ ଲାଇନ୍‌ର ନକଲ ପ୍ରଦାନ କରିବେ କି, (ଖ) ଉକ୍ତ ଗାଇଡ୍ ଲାଇନ୍ ଅନୁଯାୟୀ ଟ୍ରାନ୍ସପୋର୍ଟର ଓ ଖଣିଜ ବ୍ୟବହାରକାରୀ କାରଖାନା ଗୁଡ଼ିକ ପରିବହନ ସମୟରେ ହେଉଥିବା Normal Lossରେ ନିର୍ଦ୍ଧାରିତ ସୀମା ପାଳନ କରୁଛନ୍ତି କି ନାହିଁ, ତାହାର ନିୟମିତ ତଦାରଖ ପାଇଁ ସରକାରଙ୍କ ପକ୍ଷରୁ କି ବ୍ୟବସ୍ଥା ରହିଛି, ଗତ ୩ ବର୍ଷ ମଧ୍ୟରେ ଏ ସମ୍ପର୍କରେ କେତୋଟି ତଦାରଖ କରାଯାଇଛି, କେତୋଟି ଅନିୟମିତତା ଧରାପଡ଼ିଛି ଏବଂ କେତେ ଟଙ୍କାର ଜରିମାନା ଆଦାୟ ହୋଇଛି ?

----

## ସଂଗ୍ରହ ହୋଇଥିବା ଅର୍ଥର ପରିମାଣ

1077 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି ଗଠନ ହେବା ପରେ 2015 ରୁ 2026 ଅଗଷ୍ଟ ଶେଷ ସୁଦ୍ଧା କେତେ ଅର୍ଥ ସଂଗ୍ରହ ହୋଇଛି, DMF ପାଣ୍ଠି ସଂଗ୍ରହ, କେଉଁ ପ୍ରକଳ୍ପ ଲାଗି ବ୍ୟୟ ବରାଦ ତାହର ତଥ୍ୟ ଆର୍ଥିକ ବର୍ଷ ୱାରୀ ପ୍ରଦାନ କରିବେ କି, ଉକ୍ତ ମଞ୍ଜୁରପ୍ରାପ୍ତ ଅର୍ଥରୁ ବର୍ତ୍ତମାନ ସୁଦ୍ଧା କେତେ ଟଙ୍କା ଖର୍ଚ୍ଚ ହୋଇଛି, ଯାଜପୁର DMF ଅର୍ଥର ଅପ-ବ୍ୟବହାରକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ସେଭଳି ଅନିୟମିତତା ଉପରେ ସରକାର ଏଯାବତ୍ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ବୈଷୟିକ ନିର୍ଦ୍ଦେଶକ ପଦର ନିର୍ଦ୍ଧାରିତ ଯୋଗ୍ୟତା

1078 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ସୂଚନା ଓ ଲୋକସଂପର୍କ ବିଭାଗର ବୈଷୟିକ ନିର୍ଦ୍ଦେଶକ ପଦର ନିର୍ଦ୍ଧାରିତ ଯୋଗ୍ୟତା କ'ଣ, ବୈଷୟିକ ନିର୍ଦ୍ଦେଶକ ପଦରେ ନିଯୁକ୍ତି ସମୟରେ ଉକ୍ତ ଯୋଗ୍ୟତା ଓ ନିୟମାବଳୀକୁ ଆଧାର ଭାବେ ଗ୍ରହଣ କରାଯାଉଛି କି ?

----

## ଖଣିଜ ପଦାର୍ଥ ଉପରେ ଟିକସ

1079 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪ ବର୍ଷରେ ମାନ୍ୟବର ସୁପ୍ରିମକୋର୍ଟ ତାଙ୍କ ରାୟରେ, ବିଭିନ୍ନ ଖଣିଜ ପଦାର୍ଥ ଉପରେ ଟିକସ ବସାଇବାର ଅଧିକାର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି : ଏ ରାୟର ଏକ ବିବରଣୀ ପ୍ରଦାନ କରିବେ କି, ଉକ୍ତ ରାୟ ଆଧାରରେ ସରକାର ଟିକସ ବସାଇବା ଓ ଆଦାୟ ଉପରେ କ'ଣ ସବୁ ପଦକ୍ଷେପ ନେଇଛନ୍ତି, କେନ୍ଦ୍ର ସରକାର ପ୍ରଣୟନ କରିଥିବା MMDR Act, 2026 କାର୍ଯ୍ୟକାରୀ ହେଲେ, ଉପରୋକ୍ତ ଟିକସ ଆଦାୟର କ୍ଷମତା ରାଜ୍ୟ ସରକାରଙ୍କ ପାଖରେ ରହିବ କି ନାହିଁ, ଯଦି ରହିବ ନାହିଁ, ସେଥିଯୋଗୁଁ ରାଜ୍ୟର କେତେ ରାଜସ୍ୱ କ୍ଷତି ହେବ, ତା'ର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି, ଓ ଏହି କ୍ଷତି ରାଜସ୍ୱକୁ ଭରଣା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବେ କି ?

----

## ବିଭିନ୍ନ ଖଣିଜ ପଦାର୍ଥରୁ ଆଦାୟ ହେଉଥିବା ଟିକସ

1080 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪ ରୁ ୨୦୨୬ ବର୍ଷ ଭିତରେ ସରକାର ବିଭିନ୍ନ ଖଣିଜ ପଦାର୍ଥରୁ କ'ଣ ସବୁ ଟିକସ, ରୟାଲଟି ସହିତ ଅନ୍ୟାନ୍ୟ ରାଜସ୍ୱ ସଂଗ୍ରହ କରି ଆସୁଛନ୍ତି, ସେଥିରୁ ବାର୍ଷିକ ମୋଟ କେତେ ରାଜସ୍ୱ ଆଦାୟ ହେଉଛି, ତା'ର ଏକ ଖଣିଜ ପଦାର୍ଥ ଓ ଟିକସ ୱାରି ବିବରଣୀ ପ୍ରଦାନ କରିବେ କି, ନିକଟ ଅତୀତରେ କେନ୍ଦ୍ର ସରକାର ପ୍ରଣୟନ କରିଥିବା MMDR Act, 2026 କାର୍ଯ୍ୟକାରୀ ହେଲେ, ଉପରୋକ୍ତ ଟିକସ, ରୟାଲଟି ଆଦାୟ ଏବଂ ମୋଟ ରାଜସ୍ୱ ଆଦାୟ ଉପରେ କିଛି ପ୍ରତିକୂଳ ପ୍ରଭାବ ପଡିବ କି, ଯଦି ହଁ, ଏହାର ବାର୍ଷିକ ପରିମାଣ କେତେ ରହିବ ?

----

## ଖଣିଜ ପଦାର୍ଥକୁ ସର୍ଭେ

1081 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୫ ବର୍ଷ ଭିତରେ ରାଜ୍ୟ ସରକାର କେଉଁ ଖଣିଜ ପଦାର୍ଥ ଯଥା:-ଲୁହା ପଥର, ମଙ୍ଗାନିଜ, କୋଇଲା, ବକ୍ସାଇଟ,କ୍ରୋମାଇଟ ଓ ଅନ୍ୟାନ୍ୟ ଖଣିଜ ପଦାର୍ଥକୁ ସର୍ଭେ କରି କେତେ ସଂଖ୍ୟକ ନୂଆ ଉତ୍ସ ବାହାର କରିଛନ୍ତି ଏବଂ ସେଥିରେ ଗଚ୍ଛିତ ଥିବା ଖଣିଜ ପଦାର୍ଥର ପରିମାଣ ଜଣାଇବେ କି ?

----

## ନିଲାମ ହୋଇ ଚାଲୁଥିବା ଖଣି ସଂଖ୍ୟା

1082 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ସଂଖ୍ୟକ ଲୁହା ପଥର,ମାଙ୍ଗାନିଜ୍,କୋଇଲା, ବକ୍ସାଇଟ୍,କ୍ରୋମାଇଟ ଖଣି ଅଛି ଏବଂ ସେଥିରେ ଥିବା ଖଣିଜ ପଦାର୍ଥ ଆକଳନ କେଉଁ ମାସିହାରେ କେତେ ହୋଇଥିଲା, ରାଜ୍ୟରେ ବର୍ତ୍ତମାନ କେତେ ଖଣି ନିଲାମ ହୋଇ ଚାଲୁଅଛି ଏବଂ ତା'ର ବର୍ଷ ୱାରୀ ୨୦୨୪-୨୫ ରୁ ୨୨୫-୨୬ ପର୍ଯ୍ୟନ୍ତ କେଉଁ ଖଣିଜ ପଦାର୍ଥରୁ କେତେ ଉତୋଳନ ହୋଇଅଛି, ଏହା ସତ୍ୟ କି, ରାଜ୍ୟରେ ବିଗତ ଦୁଇ ବର୍ଷରେ ବର୍ଷକୁ ୧୬୫ ମିଲିୟନ୍ ଟନ୍ ଲୁହା ପଥର ବାହାର କରାଯାଉଅଛି ଏବଂ ଆଗାମୀ ୨୦ ବର୍ଷ ଭିତରେ ରାଜ୍ୟରେ ଗଚ୍ଛିତ ଲୁହା ପଥର ସରିଯିବ କି, ଗୋଆ ଓ କର୍ଣ୍ଣାଟକ ରାଜ୍ୟ ଭଳି ରାଜ୍ୟ ସରକାର ଖଣିଜ ପଦାର୍ଥ ଉତ୍ତୋଳନ ଉପରେ Cappings(ସୀମାବଦ୍ଧ ) କରିବେ କି, ଓ ଏ ବାବଦରେ ସୁପ୍ରିମକୋର୍ଟରେ ହୋଇଥିବା କେସ୍ ର ଅଗ୍ରଗତି ଜଣାଇବେ କି ?

----

## ଜାଗା Demarcation ପାଇଁ ପଦକ୍ଷେପ

1083 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Bhubaneswar Tahasil ର Ranasinghpur (ରଣସିଂହପୁର) ପଞ୍ଚାୟତାରେ ଯାଗା Demarcation ପାଇଁ କେଉଁ କେଉଁ ବ୍ୟକ୍ତିମାନେ ତା.15.11.2025 ରିଖରେ ପଇସା Deposet କରି Apply କରିଛନ୍ତି, ସେଥିମଧ୍ୟରୁ ଆଜି ସୁଦ୍ଧା କେଉଁ କେଉଁ ମାନଙ୍କର ଉକ୍ତ ପଞ୍ଚାୟତର ଯାଗା Demarcation ହୋଇଛି, କେଉଁ କେଉଁ ମାନଙ୍କର ଆଜି ପର୍ଯ୍ୟନ୍ତ କେଉଁ କାରଣ ପାଇଁଉକ୍ତ ପଞ୍ଚାୟତରେ ଯାଗା Demarcation ହୋଇନାହିଁ, ଯାଗା Demarcation ହୋଇନଥିବା ବ୍ୟକ୍ତି ମାନଙ୍କର କେବେ ସୁଦ୍ଧା ଯାଗା Demarcation ହେବ ?

----

## ଲଘୁ ଖଣିଜ ନିଲାମ

1084 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାର କେଉଁ କେଉଁ ଲଘୁ ଖଣିଜ ଉତ୍ସଗୁଡିକ ବିଗତ 5 ବର୍ଷରେ ନିଲାମରେ ଦିଆଯାଇ କେତେ ଅର୍ଥ ଆଦାୟ କରାଯାଇଛି ପ୍ରକାଶ କରି ଲଘୁ ଖଣିଜ ସଂପଦର ଚୋରି ରୋକିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି?

----

## Factory ନିର୍ମାଣ ଯୋଗୁ ଜନ ଅସନ୍ତୋଷ

1085 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିː- ବିଗତ ୧୯୯୯ ମସିହାରେ ପ୍ରଳୟକାରୀ ମାହାବାତ୍ୟା ସମୟରେ ଜାତୀୟ ରାଜପଥର ଜାମୁଝାଡି ଠାରେ ବିରାଟ ବଡ ଘାଇସୃଷ୍ଟି ହୋଇଥିବା ସରକାର ଅବଗତ ଅଛନ୍ତି କି, ଉକ୍ତ ସମୟ ଜନ ସାଧାରଣଙ୍କ ଧନ ଜୀବନ ସୁରକ୍ଷାପାଇଁ ଉକ୍ତସ୍ଥାନରେ ଏକ ପୋଲ ନିର୍ମାଣ କରାଯାଇଥିବା ସତ୍ୟ କି, କିନ୍ତୁ ଗତ ଦୁଇ ବର୍ଷ ତଳେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ନିର୍ମାଣ କରାଯାଇଥିବା ପୋଲର ସମ୍ମୁଖରେ କିଛି ଜମି କ୍ରୟ କରି ପ୍ରାକ୍ତନ ତହସିଲଦାରଙ୍କୁ ଲାଞ୍ଚଦେଇ କିଛି ଜମି ଘରବାଡି କରି ଉକ୍ତସ୍ଥାନରେ ଏକ Factory ନିର୍ମାଣ କରାଯାଇଥିବା ସତ୍ୟ କି, ଯଦି ହଁ ହୁଏ ତେବେ ବର୍ତ୍ତମାନ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ନହେବାରୁ ଉପର ମୁଣ୍ଡରେ ଥିବା ଗ୍ରାମ ଗୁଡିକ ଜଳମଗ୍ନ, ଚାଷଜମି ନଷ୍ଟହୋଇ ଥିବା ସତ୍ୟ କି, ଏହାର ପ୍ରତିକାର କରିବେ କି ?

----

## ଲଘୁ ଖଣିଜ ଚୋରି

1086 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ)ː**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ବାଲେଶ୍ୱର ଜିଲ୍ଲାର କେଉଁ କେଉଁ ଲଘୁ ଖଣିଜ ଉତ୍ସ ଗୁଡିକ ବିଗତ 5 ବର୍ଷରେ ନିଲାମରେ ଦିଆଯାଇ କେତେ ଅର୍ଥ ଆଦାୟ କରାଯାଇଛି ପ୍ରକାଶକରି ଲଘୁ ଖଣିଜ ସମ୍ପଦର ଚୋରି ରୋକିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

## Task force ଗଠନ

1087 **Shri Madhab Dhada (Soro)ː**

Will the Minister for **Transport** be pleased to state thatː- ପ୍ରଶ୍ନ ସଂଖ୍ୟା U.D. 207 ତା. 14.07.2025 ରିଖର ଉତ୍ତର ପରିପ୍ରେକ୍ଷୀରେ ସୋରୋ ନିର୍ବାଚନ ମଣ୍ଡଳୀର ଉତ୍ତରଶ୍ୱର ଠାରେ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇସାରିବା ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବା ସଂକ୍ରାନ୍ତୀୟ ବିଭାଗ କେବେ ସୁଦ୍ଧା ଜାଗା ଚିହ୍ନଟ ପାଇଁ ଗତ 2 ବର୍ଷ ମଧ୍ୟରେ କେତେ ଥର ରାଜସ୍ୱ ବିଭାଗ ଓ ଓଡିଶା ରାଜ୍ୟ ସଡ଼କ ନିଗମ ଅଧିକାରୀ ମଧ୍ୟରେ ମିଳିତ ବୈଠକ ବସିଛି କି ଯଦି ହଁ ତେବେ ବିଭାଗ ଏକ ଜିଲ୍ଲା ସ୍ତରରେ ଏକ Dist. ଲେଭଲ task force ଗଠନ କରି ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଜାଗା ଚିହ୍ନଟ କରି ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ବିଭାଗ ପଦକ୍ଷେପ ନେବେ କି, ପ୍ରଶ୍ନ ସଂଖ୍ୟା U.D. 1533 ତା. 20.02.2025 ରିଖର ଉତ୍ତର ପରିପ୍ରେକ୍ଷୀରେ ସୋରେ ନିର୍ବାଚନ ମଣ୍ଡଳୀର ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟ ଓ ଉପେନ୍ଦ୍ରନାଥ ମହାବିଦ୍ୟାଳୟ, ସୋରୋ କୁ ଆସୁଥିବା ଛାତ୍ର ଓ ଛାତ୍ରୀ ମାନଙ୍କ ର ସୁବିଧା ପାଇଁ ଦୁଇ ଗୋଟି ମହାବିଦ୍ୟାଳୟ ନିକଟରେ ବସ୍ ରହଣି ସ୍ଥଳ ସହିତ ଅନୁସଙ୍ଗିକ ବ୍ୟବସ୍ଥା ର ନିର୍ମାଣ କାର୍ଯ୍ୟ ପାଇଁ ଜିଲ୍ଲା ପ୍ରସାଶନ ପଦକ୍ଷେପ ଗ୍ରହଣ କରୁଥିବା ସଂକ୍ରାନ୍ତରେ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା କାର୍ଯ୍ୟ ଆରମ୍ଭ ବିଳମ୍ବ ର କାରଣ କଣ ଏବଂ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ କରାଯିବ ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ କରିବାକୁ ବିଭାଗ ପଦକ୍ଷେପ ନେବେ କି ?

----

## ପ୍ରକଳ୍ପର କାର୍ଯ୍ୟକାରିତା

1088 **Shri Madhab Dhada (Soro)ː**

Will the **Chief Minister** be pleased to state that:- (କ) ପ୍ରଶ୍ନ ସଂଖ୍ୟା 374 ତା 19.02.2026 ରିଖର ଉତ୍ତର ଅନୁଯାୟୀ CM special Assistance ଯୋଜନାରେ ପ୍ରଦତ୍ତ ଅନୁଦାନ ରାଶି ମାନନୀୟ ସାଂସଦ, ବିଧାୟକ ଙ୍କ ଠାରୁ ପ୍ରାପ୍ତ ପ୍ରସ୍ତାବ ଗୁଡିକ ର ଉପଯୁକ୍ତ ତର୍ଜମା କରାଯିବା ପରେ ଗ୍ରହଣୀୟ ପ୍ରକଳ୍ପ ଗୁଡିକ ମଂଜୁର କରିଥାନ୍ତି ଓ CTG for Dist Plan ମାର୍ଗ ଦର୍ଶିକା ଅନୁଯାଇ ବିନିଯୋଗ ର ବ୍ୟବସ୍ଥା ରହିଛି ବୋଲି ଯେଉଁ ପ୍ରତିଶୃତି ଦେଇଥିଲ ମାତ୍ର 6 ମାସ ବିତିଯାଇଥିଲେ ମଧ୍ୟ ସୋରୋ ନିର୍ବାଚନ ମଣ୍ଡଳୀ ର କୌଣସି ପ୍ରକଳ୍ପ CM special Assistance ଯୋଜନାରେ ଅନୁମୋଦନ ଲାଭ ନକରିବା ର କାରଣ କଣ ଓ ବିଳମ୍ବ ର କାରଣ କଣ କେବେ ସୁଦ୍ଧା ଅନୁମୋଦନ ଲାଭ କରିବ ଉକ୍ତ ବିଷୟ ରେ ସବିଶେଷ ବିବରଣୀ ପ୍ରଦାନ କରିବେ କି, (ଖ) ପ୍ରଶ୍ନ ସଂଖ୍ୟା 374 ତା 19.02.2026 ରିଖର ଉତ୍ତର ପରିପ୍ରେକ୍ଷୀରେ ସରକାରଙ୍କ ପ୍ରତିଶୃତି ଅନୁଯାୟୀ ବିଧାୟକ ସୋରୋ ଙ୍କ ତରଫରୁ 25.12.2025 ତାରିଖ ରେ ଗ୍ରହଣ କରାଯାଇଥିବା ପ୍ରକଳ୍ପ ର କାର୍ଯ୍ୟକାରିତା ନେଇ ତର୍ଜମା ଚାଲିଛି ମାତ୍ର 6 ମାସ ବିତିଯାଇଥିଲେ ମଧ୍ୟ ତର୍ଜମା ର ସ୍ଥିତି କଣ ଓ ବିଳମ୍ବ ର କାରଣ କଣ କେବେ ସୁଦ୍ଧା ଅନୁମୋଦନ ଲାଭ କରିବ ଉକ୍ତ ବିଷୟ ରେ ସବିଶେଷ ବିବରଣୀ ପ୍ରଦାନ କରିବେ ?

----

## ଚିଙ୍ଗୁଡି ଚାଷ ପାଇଁ ଜମି ଲିଜ୍ ପ୍ରଦାନ

1089 **ଶ୍ରୀ ମାଧବ ଧଡା (ସୋରୋ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଭାଗ ପକ୍ଷରୁ ଜାରି କରାଯାଇଥିବା ଚିଠି ସଂଖ୍ୟା 21855 ତା. 06.07.2024 ରେ ସହର ତଥା ଗ୍ରାମାଞ୍ଚଳମାନଙ୍କରେ ରହିଥିବା ସରକାରୀ ଜମିଗୁଡିକୁ ଜବରଦଖଲମୁକ୍ତ କରିବାକୁ ନିର୍ଦ୍ଦେଶ ରହିଥିଲା ଏହି ପରିପ୍ରେକ୍ଷୀରେଲ ଗତ ଲଗାଣ ବର୍ଷା ଓ ବନ୍ୟା ସମୟରେ ସୋରୋ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନପଂଚାୟତମାନଙ୍କରେ ସରକାରୀ ଜମି ଅବରୋଧ ଓ ନାଳ ଅବରୋଧ ଯୋଗୁଁ କୃତିମ ବନ୍ୟା ସମସ୍ୟା ସୃଷ୍ଟି ହୋଇଥିଲା ତହସିଲଦାରଙ୍କ ପାଖରେ ଅଭିଯୋଗ ରହିଛି କଣ ପଦକ୍ଷେପ ଗ୍ରହଣ କରାଯାଇଛି କେତେ ନାଳ ଜବରଦଖଲ ଥିବା ସ୍ଥାନ ଜବରଦଖଲମୁକ୍ତ କରାଯାଇଛି ତାହାର ସବିଶେଷ ତଥ୍ୟ ତହସିଲୱାରୀ ଗ୍ରାମପଂଚାୟତୱାରି ଅଭିଯୋଗକୁ ଆଧାର କରି କଣ ପଦକ୍ଷେପ ଗ୍ରହଣ କରିଛନ୍ତି ପ୍ରଦାନ କରିବେ କି (ଖ) ବାହାନଗା ତହସିଲରେ ଗତ 20 ବର୍ଷ ମଧ୍ୟରେ କେତେ ପରିମିତ ଜମି କେଉଁ ବ୍ୟକ୍ତି ସଂସ୍ଥାକୁ ଚିଙ୍ଗୁଡି ଘେରି ବାବଦରେ କେତେ ବର୍ଷ ଧରି ଲିଜ୍ ସୂତ୍ରରେ ପ୍ରଦାନ କରାଯାଇଅଛି ଲିଜୱାରୀ ତଥ୍ୟ ପ୍ରଦାନ କରିବେ କି ସରକାରୀ ଜମି ଅବରୋଧ କରି ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ ଗତ 2 ବର୍ଷ ମଧ୍ୟରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହାର ତଥ୍ୟ ପ୍ରଦାନ କରିବେ କି?

----

## ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

1090 **Shri Madhab Dhada (Soro):**

Will the Minister for **Revenue and Disaster Management** be pleased to state

that:- (କ) ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବିଗତ ସରକାର ସମୟରେ ସୋରୋ ନିର୍ବାଚନ ମଣ୍ଡଳୀରେ ତିନିଗୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ 2023-2024 ଆର୍ଥିକ ବର୍ଷରେ ଟେଣ୍ଡର ପରେ ବି କାର୍ଯ୍ୟ ଆରମ୍ଭ ନ ହେବା ବିଷୟରେ ବିଭାଗ ନଜରରେ ଅଛି କି ଯଦି ହଁ ତେବେ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ନିର୍ଦ୍ଦିଷ୍ଟ ସମୟସୀମା ବିଷୟ ରେ ତଥ୍ୟ ପ୍ରଦାନ କରିବେ କି, ଏବଂ ଆଗାମୀ ବର୍ଷରେ ସୋରୋ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଜାଗାରେ କେତେଗୋଟି ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ ଓ ଆଶ୍ରୟସ୍ଥଳ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିବେ କି?

----

## Sanction ହୋଇଥିବା ଅର୍ଥର Project wise ତଥ୍ୟ

1091 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲା ଜାରକା ଠାରେ ଥିବା ଜଳସେଚନ ବିଭାଗ ଡିଭିଜନରେ ତା.01.06.2024 ରୁ ତା.31.04.2026 ମଧ୍ୟରେ କେତେ ଟଙ୍କା କେଉଁ ନିର୍ବାଚନ ମଣ୍ଡଳୀକୁ sanction ହୋଇଛି ଉଭୟ Plan ଏବଂ Non-Plan ତାର year-wise ତଥ୍ୟ ସହିତ Project Wise ତଥ୍ୟ ପ୍ରଦାନ କରିବେ କି?

----

## Minor Mineral Sairat Source ର ସଂଖ୍ୟା ଓ ସ୍ଥିତି

1092 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାର ସମୁଦାୟ କେତେ Minor Mineral Sairat Source ଅଛି, କେଉଁ Sairat Source କେଉଁ Tahasil ରେ ଅଛି ; ସେଥିମଧ୍ୟରୁ ଯେଉଁଗୁଡିକ ଏବେ ଚାଲୁଅଛି ସେଗୁଡିକୁ ବର୍ଷକୁ କେତେ Cubic ଖୋଳିବା ପାଇଁ ଅନୁମତି ଦିଆଯାଇଛି ଏବଂ ତାର Per Cubic Meter Rate କେତେ ଅଛି ଜଣାଇବା ସହିତ ଦ୍ୱିତୀୟରେ ଚାଲୁନଥିବା source ଗୁଡିକର ବର୍ତ୍ତମାନ ସ୍ଥିତି କଣ ଅଛି ଏବଂ ସେଗୁଡିକ ଚଲେଇବା ପାଇଁ ସରକାର କଣ ଯୋଜନା କରିଛନ୍ତି Tahasil-wise ଏବଂ Source-wise ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି?

----

## DMF ପାଣ୍ଠିରୁ Light ଲଗାଇବା ପାଇଁ ଅର୍ଥ ପ୍ରଦାନ

1093 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାରେ District Mineral Fund(DMF) ପାଣ୍ଠିରୁ Solar Light ଓ Street Light ଲଗାଇବା ପାଇଁ କେଉଁ ବ୍ଲକକୁ କେତେ ଅର୍ଥ ପ୍ରଦାନ କରାଯାଇଛି ଏବଂ ତା ସହିତ ଯେଉଁ Light ଗୁଡିକ ଲାଗିଛି ସେଗୁଡିକର Price Per Unit କେଉଁ ବ୍ଲକରେ କେତେ ରଖାଯାଇଛି ତାର Estimate, Specification and Brand Details ସହିତ ସେଗୁଡିକ ଲାଗିବା ପରେ କେତେ ଦିନ ମାଗଣା Maintenance ହେବ ଓ ପରେ ତାହାର Maintenance ଦାୟିତ୍ୱ କିଏ ବୁଝିବ ସେ ବିଷୟରେ ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି?

----

## Critical Gap Fund ପାଇଁ ଅନୁମୋଦନ

1094 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ପୁରୀ ଜିଲ୍ଲାରେ 2024-25 ଆର୍ଥିକ ବର୍ଷପାଇଁ କେତେ ଅର୍ଥ Critical Gap Fund ପାଇଁ ଅନୁମୋଦନ କରାଯାଇଛି ଏବଂ 2025-26 ଓ 2026-27 ପାଇଁ କେତେ ଅର୍ଥରାଶିର ବ୍ୟବସ୍ଥା ରହିଛି ; ଉକ୍ତ ପାଣ୍ଠି ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀକୁ ସମାନ୍ତରାଳ ଭାବରେ ନିୟୋଜିତ କରାଯିବାର ବ୍ୟବସ୍ଥା ରହିଛି କି ; ଯଦି ନରହିଛି, ଏହାକୁ ସମାନ୍ତରାଳ ଭାବରେ ନିୟୋଜିତ କରିବାର ବ୍ୟବସ୍ଥା ସରକାର କରିବେ କି?

----

## ପ୍ରକଳ୍ପ ଗୁଡିକର ବିବରଣୀ

1095 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ପୁରୀ ନିର୍ବାଚନ ମଣ୍ଡଳୀରେ ଗତ 3 ବର୍ଷ ଭିତରେ ସମୁଦାୟ କେତୋଟି ପ୍ରକଳ୍ପ 5 ଲକ୍ଷ ଓ 5 ଲକ୍ଷ ଠାରୁ କମ୍ ଆର୍ଥିକ ଅନୁଦାନରେ କରାଯାଇଛି ଉକ୍ତ ପ୍ରକଳ୍ପଗୁଡିକର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି?

----

## Non-Plan ପ୍ରକଳ୍ପ ଗୁଡିକର ବିବରଣୀ

1096 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ପୁରୀ ନିର୍ବାଚନ ମଣ୍ଡଳୀରେ ଏପ୍ରିଲ 2023 ରୁ ଅଗଷ୍ଟ 2026 ଭିତରେ କେଉଁ ପ୍ରକଳ୍ପଗୁଡିକ Non-Plan Expenditure ଜରିଆରେ କରାଯାଇଛି ଓ ଉକ୍ତ Non-Plan ପ୍ରକଳ୍ପ ଗୁଡିକର ସମ୍ପୂର୍ଣ୍ଣ ବିବରଣୀ ଯେପରିକି ପ୍ରକଳ୍ପ ଗୁଡିକର ସ୍ଥାନ, ପ୍ରକଳ୍ପ ବିବରଣୀ ଓ କାର୍ଯ୍ୟ କରୁଥିବା ସଂସ୍ଥା ଗୁଡିକର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି?

----

## ଜଳସେଚନରୁ ବଞ୍ଚିତ ଗ୍ରାମଗୁଡିକରେ ଜଳସେଚନ ପାଇଁ ବ୍ୟବସ୍ଥା

1097 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଜଳସେଚନ ବିଭାଗ ତରଫରୁ ପାୱାର କେନାଲରୁ ବାହାରିଥିବା କେନାଲର ଉନ୍ନତିକରଣ ସତ୍ତ୍ୱେ କରଡୋଲା ଗ୍ରାମପଞ୍ଚାୟତରେ ଡୁଲଣ୍ଡି, ଭଲିଆପାଲି ଗ୍ରାମଗୁଡିକରେ ଜଳସେଚନ ନିମନ୍ତେ ଅଧିକ ଜଳ ପହଞ୍ଚିପାରୁନାହିଁ ; ପାୱାର କେନାଲରେ ପର୍ଯ୍ୟାପ୍ତ ପରିମାଣର ଜଳ ପ୍ରବାହ ସତ୍ତ୍ୱେ ଉକ୍ତ ଗ୍ରାମଗୁଡିକ ଜଳସେଚନରୁ ବଞ୍ଚିତ ଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ; ଏହାର ସମାଧାନ ନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ସରକାରୀ ଜମି ଜବରଦଖଲ ସମ୍ପର୍କରେ ଆସିଥିବା ଅଭିଯୋଗ

1098 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମ୍ବଲପୁର ଜିଲ୍ଲାରେ ସରକାରୀ ଜମି ଜବରଦଖଲ ସମ୍ପର୍କରେ କେତୋଟି ଅଭିଯୋଗ ମିଳିଛି ; କେତୋଟି ଯାଞ୍ଚ କରାଯାଇଛି ; କେତୋଟି ଜବରଦଖଲ ହଟାଯାଇଛି ଓ ଦାୟୀ ଅଧିକାରୀଙ୍କ ବିରୋଧରେ କଣ ପଦକ୍ଷେପ ନିଆଯାଇଛି?

----

## ପ୍ରେସ୍ କ୍ଲବକୁ ଦିଆଯାଇଥିବା ଅନୁଦାନର ପରିମାଣ

1099 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟର ପଞ୍ଜୀକୃତ ଜିଲ୍ଲା ଓ ଉପଖଣ୍ଡ ପ୍ରେସ୍ କ୍ଲବ୍‌ଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ସରକାରଙ୍କ କୌଣସି ସ୍ଥାୟୀ ନୀତି ରହିଛି କି, ଗତ ଦୁଇ ବର୍ଷରେ କେଉଁ କେଉଁ ପ୍ରେସ୍ କ୍ଲବ୍ କେତେ ପରିମାଣର ଅନୁଦାନ ପ୍ରଦାନ କରାଯାଇଛି, ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରାଯିବ କି ?

----

## ଆସିକା ଋଷିକୂଲ୍ୟାକୁ ଜିଲ୍ଲା ଘୋଷଣା

1100 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ଅଞ୍ଚଳରେ ଋଷିକୂଲ୍ୟା ଜିଲ୍ଲା ହୋଇ ଆସିକାରେ ମୁଖ୍ୟ ଦପ୍ତର ହେବା ପାଇଁ ଗତ ଜିଲ୍ଲା ପୁନଃଗଠନ (୧୯୯୩) ସମୟରୁ ବହୁବାର ସରକାରଙ୍କ ପାଖରେ ଜନସାଧାରଣ ଦାବି କରି ଆସୁଛନ୍ତି, ଆସିକା ଯେହେତୁ ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଅବିଭକ୍ତ ଗଞ୍ଜାମ ଜିଲ୍ଲାର କେନ୍ଦ୍ର ସ୍ଥଳ ଓ ଜନବହୁଳ ସହର ଜଙ୍କସନ୍ ହୋଇଥିବାରୁ ଏହାର ଗମନାଗମନ ସୁବିଧା ଲୋକମାନଙ୍କୁ ଉପଯୁକ୍ତ ସମସ୍ତ ବିଭାଗର ସେବା ଯୋଗାଇ ଦେବାରେ ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ସହ ସମସ୍ତ ପୁରାତନ ସହର ସମବାୟ ନଗର ରୂପେ ପରିଚିତ, ଏଠାରେ ବହୁ ସଂଖ୍ୟକ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଥିବାରୁ ଏମାନଙ୍କୁ ଉପଯୁକ୍ତ ବିଭିନ୍ନ ପ୍ରକାର ସେବା ଯୋଗାଇବା ପାଇଁ ଜିଲ୍ଲା ମୁଖ୍ୟ ଦପ୍ତର ପ୍ରତିଷ୍ଠା ସହ ଜଣେ ଜିଲ୍ଲାପାଳ ନିତାନ୍ତ ଜରୁରୀ ଅଟେ, ଏଣୁ ଆସିକା ଋଷିକୂଲ୍ୟା ଜିଲ୍ଲାରୂପେ କେତେ ଦିନ ମଧ୍ୟରେ ଘୋଷଣା କରିବେ, ତହା ନିର୍ଦ୍ଦିଷ୍ଟଭାବେ ଜଣାଇବେ କି ?

----

## ରାସ୍ତା ସମ୍ପ୍ରସାରଣ କରିବାକୁ ପଦକ୍ଷେପ

1101 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକାଠାରେ ସରକାରୀ ବସ୍ ଷ୍ଟାଣ୍ଡ ଗୋଟିଏ ଅଛି, ଯାହାର କି ବିସ୍ତୃତ ଜାଗା ଥିବା ସତ୍ତ୍ୱେ ପ୍ରବେଶପଥ ଠିକ୍ ନଥିବା ଯୋଗୁଁ ଉକ୍ତ ବସ୍ ଷ୍ଟାଣ୍ଡ ମଧ୍ୟକୁ ସରକାରଙ୍କର ଚାଲୁଥିବା VOLVE ଗାଡି ପ୍ରବେଶ ହୋଇପାରୁନାହିଁ କି ଯାହାକି ରାଜରାସ୍ତା ଉପରେ ରହିବାକୁ ପଡୁଛି, ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବା ପାଇଁ ତୁରନ୍ତ ବ୍ୟବସ୍ଥା କରିବେ କି ଏବଂ କେବେଠାରୁ ଆରମ୍ଭ ହେବ ଜଣାଇବେ କି ?

----

## ନାମ ପରିବର୍ତ୍ତନ ପାଇଁ ପଦକ୍ଷେପ

1102 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ବିଧାନସଭା ମଣ୍ଡଳୀ ଅନ୍ତର୍ଗତ କବିସୂର୍ଯ୍ୟ ନଗର ପଞ୍ଚାୟତ ସମିତି ଅଧିନରେ ସିଆଳିଆ ଗ୍ରାମ ପଞ୍ଚାୟତରେ ଗୋଟିଏ ଗ୍ରାମ- "ନୂଆ ଖରିଡା" ଅଛି, ତାହାର ଶହେ ମିଟର ଅନ୍ତରରେ ଅନ୍ୟ ଗୋଟିଏ ଗ୍ରାମକୁ କନ୍ଧ ନୂଆଗାଁ ଖରିଡା ରୂପେ ସମ୍ବୋଧନ କରାଯାଇଛି, ଏଣୁ ଉକ୍ତ ଗ୍ରାମର ନାଁକୁ କନ୍ଧ ନୂଆ ଖରିଡା ପରିବର୍ତ୍ତେ "ନୂଆ ଖରିଡା" ରୂପେ ନାମିତ କରିବାକୁ ଉକ୍ତ ଗ୍ରାମର ଜନ ସାଧାରଣ ଦାବୀ କରୁଛନ୍ତି, ଏଣୁ ଏହା କେତେ ଦିନ ମଧ୍ୟରେ କାର୍ଯ୍ୟକାରୀ କରାଯିବ ?

----

## ଜମି ଯୋଗେଇ ଦେବାକୁ ଆବେଦନ

1103 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୩ ବର୍ଷରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟାବାଞ୍ଜି, ମୁରିବାହାଲ ଓ ବଙ୍ଗୋମୁଣ୍ଡା ତହସିଲ ଅଧିକାରୀଙ୍କୁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା କେଉଁ କେଉଁ ଗ୍ରାମରେ ଓଭର ହେଡ୍ ଟ୍ୟାଙ୍କ ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକୀୟ ଜମି ଯୋଗେଇ ଦେବାକୁ ଆବେଦନ କରିଛନ୍ତି ଏବଂ ସେମଧ୍ୟରୁ ବର୍ତମାନ ସୁଦ୍ଧା କେଉଁ କେଉଁ ଗ୍ରାମରେ ଉକ୍ତ ପ୍ରକଳ୍ପ ପାଇଁ ଜମି ପ୍ରଦାନ କରାଯାଇଛି, ଆହୁରି କେତେ ଗୋଟି ଆବେଦନ କେଉଁ ସ୍ତରରେ ବିଚାରାଧନ ( Pending) ଅଛି ?

----

## ପ୍ରସ୍ତାବିତ କେନାଲ ସମ୍ପ୍ରସାରଣ ସର୍ଭେ

1104 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ତୁରେକେଲା ବ୍ଲକ ତଥା ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର ଅଣସେଚିତ ଅଂଚଳକୁ ଲୋୟର ଇନ୍ଦ୍ର ପ୍ରକଳ୍ପ (ତିଖାଲି ଡ୍ୟାମ) ଏବଂ ଉପର ଲାଂଥ ପ୍ରକଳ୍ପର କେନାଲ ସଂପ୍ରସାରଣ କିମ୍ବା ଭୂତଳ ପାଇପ ଜଳଯୋଗାଣ ପ୍ରସ୍ତାବର ଫିଜିବିଲିଟି ଅନୁଧ୍ୟାନ କରିବାପାଇଁ ଜଳସମ୍ପଦ ବିଭାଗ ଇଂଜିନିୟର-ଇନ୍-ଚିଫ୍ ନିଜ ପତ୍ରସଂଖ୍ୟା ୧୬୮୭୬, ତା. ୨୯.୦୫.୨୦୨୬ ମାଧ୍ୟମରେ ଭବାନୀପାଟଣା ତେଲ ବେସିନ୍ ଚିଫ୍ ଇଂଜିନିୟର ଏବଂ ଭୁବନେଶ୍ୱର କ୍ଷୁଦ୍ର ଜଳସେଚନ ଚିଫ୍ ଇଂଜିନିୟରଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଉକ୍ତ ନିର୍ଦ୍ଦେଶନାମା ଆଧାରରେ ପ୍ରସ୍ତାବିତ କେନାଲ ସମ୍ପ୍ରସାରଣ ସର୍ଭେ, ସମ୍ଭାବ୍ୟତା ସମୀକ୍ଷା ଏବଂ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତି କ୍ଷେତ୍ରରେ ଉକ୍ତ ଅଧିକାରୀ ବର୍ତମାନ ସୁଦ୍ଧା କଣସବୁ ପଦକ୍ଷେପ ଗ୍ରହଣ କରିଛନ୍ତି , (ଖ) ଯଦି ସର୍ଭେ, ସମ୍ଭାବ୍ୟତା ସମୀକ୍ଷା ଏବଂ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତି କରାଯାଇ ସରକାର ଅନୁମୋଦନ ତଥା କାର୍ଯ୍ୟକାରିତା ପାଇଁ ପଠାଯାଇଛି, ତେବେ ତାହାର ଏକ ନକଲ ପ୍ରଦାନ କରିବେକି, ଏବଂ ଯଦି ନାହିଁ ତେବେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସର୍ଭେ, ସମ୍ଭାବ୍ୟତା ସମୀକ୍ଷା ଏବଂ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତି କରି ସରକାରଙ୍କ ବିଚାର ନିମନ୍ତେ ପ୍ରେରଣ କରିବାକୁ ନିର୍ଦ୍ଦେଶ ଜାରି କରିବେକି ?

----

## ବାଲି ଗାଡି ଚଳାଚଳ ବନ୍ଦ ରଖିବା ପାଇଁ ଏକ ସ୍ୱତନ୍ତ୍ର ସମୟ ନିର୍ଘଣ୍ଟ

1105 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିନ୍ଧେକେଲା ଓ ଚାନ୍ଦୋତରା ଗ୍ରାମ ନିକଟରେ ଥିବା ଉନ୍ଦେର ନଦୀଘାଟରୁ ହାଇୱା ଓ ଟ୍ରାକ୍ଟର ଯୋଗେ ସିନ୍ଧେକେଲା ସହର ମଧ୍ୟଭାଗ ଦେଇ ମୁଖ୍ୟରାସ୍ତାରେ ଦିନରାତି ବାଲି ପରିବହନ କରାଯାଉଥିବା ସରକାରଙ୍କ ନଜରରେ ଅଛିକି, କୌଣସି ସ୍ୱତନ୍ତ୍ର ସମୟ ନିର୍ଘଣ୍ଟ ଧାର୍ଯ୍ୟ କରାଯାଇନଥିବାରୁ ଏହି ବାଲି ପରିବହନ ଯୋଗୁଁ ଗ୍ରାମର ମୁଖ୍ୟରାସ୍ତା କ୍ଷତିଗ୍ରସ୍ତ ହେବା ସହ ସ୍କୁଲ, କଲେଜ, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟ ଓ ବ୍ୟସ୍ତବହୁଳ ବଜାର ସମୟରେ ଟ୍ରାଫିକ ସମସ୍ୟା ଉପୁଜିବାସହ ପ୍ରବଳ ବାୟୁ ଓ ଶବ୍ଦ ପ୍ରଦୂଷଣ ହୋଇ ସାଧାରଣ ଜନଜୀବନ ବ୍ୟାଘାତ ହେଉଥିବାର ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ହଁ, ତାହେଲେ ଏହା ରୋକିବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ?

----

## ସ୍ୱତନ୍ତ୍ର ପ୍ରକଳ୍ପ ନିର୍ମାଣ

1106 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅନୁଗୋଳ ସହରକୁ ଲାଗି ପ୍ରବାହିତ ହେଉଥିବା ଲିଙ୍ଗିରା ନଦୀ ଉପରେ ହୁଲୁରିସିଂହାଠାରୁ କାଙ୍ଗୁଲାର ତଳମୁଣ୍ଡ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଯୋଜନା କରି ନଦୀର ଦୁଇ ପାର୍ଶ୍ୱରେ ଗୁଜୁରାଟର ସାବର ନଦୀ ରିଭର ଫ୍ରଣ୍ଟ ପରି ସ୍ୱତନ୍ତ୍ର ପ୍ରକଳ୍ପ କରିବେ କି, ସରକାର ଏଦିଗରେ କେବେ ସୁଦ୍ଧା କଣ ପଦକ୍ଷେପ ନେବେ ?

----

## ଜମିକୁ ଜଳ ସେଚନ ବ୍ୟବସ୍ଥା

1107 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଅନୁଗୋଳ ବିଧାନସଭା ଅନ୍ତର୍ଗତ ଅନୁଗୋଳ ବ୍ଲକରେ କ୍ଷୁଦ୍ର ଓ ମଧ୍ୟମ ଜଳ ସେଚନ ବିଭାଗ ଅଧିନରେ ଥିବା ଟାକୁଆଜୋରରେ ପାତେଳି ଗ୍ରାମର ଗୋଛାୟତସାହିଠାରେ ଏବଂ ରାମବେରେଣୀ ଗ୍ରାମର ତଳମୁଣ୍ଡରେ ଚାଷ ଜମିକୁ ଜଳସେଚନ ପାଇଁ ଦୁଇଟି ଜଳପ୍ରକଳ୍ପ ଅଧିକ ଜଳଧାରଣ କ୍ଷମତାବିଶିଷ୍ଟ ଆଡିବନ୍ଧର ନିହାତି ଆବଶ୍ୟକ ଏହାଦ୍ୱାରା ପାଖାପାଖି 5000 ଏକର ଜମି ଜଳସେଚିତ ହେବ ସରକାର ସେଥିପାଇଁ କଣ ପଦକ୍ଷେପ ନେବେ?

----

## ପ୍ରଜାଙ୍କ କ୍ଷତିପୂରଣ

1108 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅନୁଗୋଳ ବିଧାନସଭା ଅନ୍ତର୍ଗତ ଅନୁଗୋଳ ବ୍ଲକରେ ପ୍ରସ୍ତାବିତ ହିଡସିଂଙ୍ଗ ଜଳ ପ୍ରକଳ୍ପ ପାଇଁ ଜମିହରା ପ୍ରଜାମାନଙ୍କ କ୍ଷତିପୂରଣ ଶାତକୋଶିଆ ଜମିହରା ପ୍ରଜାଙ୍କ କ୍ଷତିପୂରଣ ଆଧାରରେ ପୁନଃର୍ବିଚାର କରିବେ କି ଏବଂ ସରକାର ଏ ଦିଗରେ କେବେସୁଦ୍ଧା ପଦକ୍ଷେପ ନେବେ?

----

**Settlement ପାଇଁ ପଦକ୍ଷେପ**

1109 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ଜିଲ୍ଲାରେ ବହୁତ ଗ୍ରାମର PNMP ରୁ Settlement ହୋଇନାହିଁ ସେଥିମଧ୍ୟରୁ ବିରିଡି ବ୍ଲକର ବାସନ୍ଦରାଗ୍ରାମ ଅନ୍ୟତମ ଏହି ଗ୍ରାମଗୁଡିକର Settlement ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ଏବଂ ଏହି କେବେସୁଦ୍ଧା ସଂପୁର୍ଣ୍ଣ ହେବ?

----

**Status Report ପ୍ରଦାନ**

1110 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ତିର୍ତ୍ତୋଳରେ ଜଳସଂପଦ ବିଭାଗ ଦ୍ୱାରା ହୋଇଥିବା ସମସ୍ତ Plan and Non-Plan Work ର ବିବରଣୀ କେବେ ଆରମ୍ଭ ହୋଇଥିଲା ଓ କେବେ ଶେଷ ହୋଇଛି ଏହାର Status ବର୍ତ୍ତମାନ କଣ, ଏଥିସମ୍ବନ୍ଧୀୟ ସବିଶେଷ ତଥ୍ୟ 2023 ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରଦାନ କରିବେକି?

----

**Coal Block ଜମି ଅଧିଗ୍ରହଣ**

1111 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜାହାଣ୍ଡି Coal Block ରେ ଆଦାନୀ ଗ୍ରୁପ ଅଧିଗ୍ରହଣ କରିଥିବା ସରକାରୀ ଜମି, ଜଙ୍ଗଲ ଜମି, ଗୋଚର ଜମି, ସାଧାରଣ ବର୍ଗଙ୍କ ଜମି ଓ ଆଦିବାସୀ ଜମି କେତେ କେତେ ଅଛି ପୃଥକ ପୃଥକ ଭାବେ ଏହାର ତାଲିକା ପ୍ରଦାନ କରିବା ସହିତ ଆଦାନୀ ଗ୍ରୁପ ଅଧିଗ୍ରହଣ କରିଥିବା ଜମି ଗୁଡ଼ିକର ପ୍ରତିବଦଳରେ କେତେ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ସୁନ୍ଦରଗଡ ଜିଲ୍ଲା ମଧ୍ୟରେ କେଉଁ କେଉଁ ସ୍ଥାନ ଚିହ୍ନଟ କରାଯାଇଛି ?

----

**ସ୍ଥାୟୀ ନିଯୁକ୍ତି ପ୍ରଦାନ**

1112 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜାହାଣ୍ଡି Coal Block ରେ ଆଦାନୀ ଗ୍ରୁପ ଅଧିଗ୍ରହଣ କରିଥିବା ଜମି ଗୁଡ଼ିକରେ ବିସ୍ଥାପିତ ହୋଇଥିବା ବ୍ୟକ୍ତି ବିଶେଷମାନଙ୍କ ମଧ୍ୟରେ ଥିବା 18 ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ଥାୟୀ ନିଯୁକ୍ତି ମିଳିବ କି ନା ସରକାର ତାହାର ସ୍ପଷ୍ଟୀକରଣ ଦେବା ସହିତ ଆଦାନୀ ଗ୍ରୁପ ବିସ୍ଥାପିତ ବ୍ୟକ୍ତି ବିଶେଷମାନଙ୍କ ପାଇଁ କେଉଁଠାରେ ନୂତନ ବସତି ସ୍ଥାପନ କରିବେ?

----

**Mutation Case ଫଇସଲା**

1113 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ଼ ଜିଲ୍ଲାର ୧୮ଟି ତହସିଲ ମଧ୍ୟରୁ ୧୭ ତହସିଲରେ Hi-Tech Survey କାର୍ଯ୍ୟ ଚାଲୁଥିଲା। ଓଡ଼ିଶା Special Survey and Settlement Act & Rule ୨୦୧୨ର ନିୟମ ୭(୬) ଅନୁଯାୟୀ ଧାରା ୭(୨) ଏବଂ ନିୟମ ୮(୨) ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା Mutation (ମ୍ୟୁଟେସନ୍ ) ମାମଲାର ଫଇସଲା ଜାରି ରହିଛି, ସୁନ୍ଦରଗଡ଼ ଜିଲ୍ଲାର ପ୍ରତ୍ୟେକ ତହସିଲରେ ପ୍ରାପ୍ତ ହୋଇଥିବା Registration Dead (Form-3) ଅନୁଯାୟୀ କେତେ Mutation Case Institute ହୋଇଛି ଓ କେତେ Mutation Case ଫଇସଲା ହୋଇ RoR ପ୍ରଦାନ କରାଯାଇଅଛି ଏବଂ ବାକି ଥିବା Mutation Case ଗୁଡିକ କେବେ ସୁଦ୍ଧା ଫଇସଲା ହେବ ଏବଂ RoR ପ୍ରଦାନ କରାଯିବ?

----

**DMF ପାଣ୍ଠି ବିନିମୟରେ ବିକାଶ**

1114 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କରଞ୍ଜିଆ ନିର୍ବାଚନ ମଣ୍ଡଳୀ ଓ ଏହାର ଆଖପାଖ ଅଞ୍ଚଳରେ ଚାଲୁଥିବା ଖଣିଗୁଡ଼ିକରୁ ଗତ ୨ ବର୍ଷ ମଧ୍ୟରେ ସରକାରଙ୍କୁ କେତେ ରାଜସ୍ୱ ମିଳିଛି ଏବଂ DMF ପାଣ୍ଠିରେ କେତେ ଅର୍ଥ ଜମା ହୋଇଛି ; (ଖ) DMF ପାଣ୍ଠିରୁ କରଞ୍ଜିଆ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ କେତେ ଅର୍ଥ ବିନିଯୋଗ ହୋଇଛି ଏବଂ ବେଆଇନ ଖନନ ଓ ପରିବହନ ରୋକିବା ପାଇଁ କି ପଦକ୍ଷେପ ନିଆଯାଇଛି ?

----

**ଜମି ପଟ୍ଟା ପ୍ରଦାନ**

1115 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ ଭୂମିହୀନ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ ଏବଂ ବାସଗୃହ ଓ ଚାଷଜମିର ସର୍ଭେ ମ୍ୟାପିଂ କାର୍ଯ୍ୟର ବର୍ତ୍ତମାନର ସ୍ଥିତି କଣ; (ଖ) ପ୍ରାକୃତିକ ବିପର୍ଯ୍ୟୟ, ବଜ୍ରପାତ କିମ୍ବା ବନ୍ୟପ୍ରାଣୀ ( ହାତୀ) ଆକ୍ରମଣରେ ହେଉଥିବା ଫସଲ ଓ ଘରଦ୍ୱାର କ୍ଷତିଗ୍ରସ୍ଥ ପରିବାରଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବା ଏବଂ ନୂତନ ବାତ୍ୟା ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ଜଳସେଚନ ସୁବିଧା ପ୍ରଦାନ

1116 **ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ (କରଞ୍ଜିଆ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- କରଞ୍ଜିଆ, ଠାକୁର ମୁଣ୍ଡା ଓ କପ୍ତିପଦା ବ୍ଲକରେ ଥିବା ଚାଷଜମି ଗୁଡ଼ିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ତରଫରୁ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ଓ କେତେ ସଂଖ୍ୟକ ଚାଷୀ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେଉଛନ୍ତି ?

----

## ଚଳାଚଳ କରୁଥିବା ବସ ସଂଖ୍ୟା

1117 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଜିଲ୍ଲାରେ ବର୍ତ୍ତମାନ କେତୋଟି ସରକାରୀ ଓ ବେସରକାରୀ ବସ ଚଳାଚଳ କରୁଛି ?

----

## ପ୍ରକଳ୍ପ ଗୁଡ଼ିକର ମରାମତି

1118 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଜିଲ୍ଲାରେ ନିର୍ମିତ Check Dam ଓ Minor Irrigation Projects ମଧ୍ୟରୁ କେତୋଟି ବର୍ତ୍ତମାନ କାର୍ଯ୍ୟକ୍ଷମ ନୁହେଁ; କେତୋଟି କାର୍ଯ୍ୟକ୍ଷମ ଅଛି; କାର୍ଯ୍ୟକ୍ଷମ ହେଉନଥିବା ପ୍ରକଳ୍ପ ଗୁଡ଼ିକର ମରାମତି ପାଇଁ କଣ ପଦକ୍ଷେପ ନିଆଯାଉଛି ?

----

## ବସ ମରାମତି ପାଇଁ ଆବେଦନ

1119 **ଶ୍ରୀ ନରସିଂହ ମାଡକାମି (ମାଲକାନଗିରି):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରି ଜିଲ୍ଲାରେ ଗତ ୫ ବର୍ଷରେ ବସ ପରମିଟ ପାଇଁ କେତୋଟି ଆବେଦନ ମିଳିଛି, କେତୋଟି ଅନୁମୋଦନ ହୋଇଛି ଏବଂ କେତୋଟି ଆବେଦନ ବିଚାରଧିନ ଅଛି ?

----

## ବ୍ୟାରେଜ ନିର୍ମାଣ

1120 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଜୟଦେବ ନିର୍ବାଚନ ମଣ୍ଡଳୀର କୁଆଖାଇ ଓ କୁଶଭଦ୍ରା ନଦୀରେ ନିର୍ମାଣଧିନ ଥିବା ବ୍ୟାରେଜ କେବେ ସୁଦ୍ଧା ସରିବ ଏବଂ ଏହି ବ୍ୟାରେଜର କାମ କରୁଥିବା ଠିକାଦାରଙ୍କ କାର୍ଯ୍ୟ ସମାପନ ଆବଧି ସରିବା ସତ୍ତ୍ୱେ ଅଦ୍ୟାବଧି ସେ କାର୍ଯ୍ୟ ସରିପାରୁ ନାହିଁ ଏଥିପାଇଁ କି ପ୍ରକାର ପଦକ୍ଷେପ ନେଇଛନ୍ତି ?

----

## ନିମ୍ନମାନର କାର୍ଯ୍ୟ ତଦନ୍ତ

1121 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜୟଦେବ ନିର୍ବାଚନ ମଣ୍ଡଳୀର କୁଶଭଦ୍ରା ନଦୀରେ ରାମଚନ୍ଦ୍ରପୁର କାଜ ନିକଟରେ ନିର୍ମାଣ ହେଉଥିବା ବ୍ୟାରେଜ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେତୁ ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ମାଧ୍ୟମରେ ମାନ ନିରୀକ୍ଷଣ କରାଯାଉ ଏବଂ ଭିଜିଲାନ୍ସ ତଦନ୍ତ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି?

----

## ପ୍ରାଚୀ ଏବଂ ଧନୁଆଁ ନଦୀର ପୁଃନରୁଦ୍ଧାର

1122 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପ୍ରାଚୀ ଏବଂ ଧନୁଆଁର ପୁନଃ ଉଦ୍ଧାର ପାଇଁ ସରକାର କି ବ୍ୟବସ୍ଥା ରଖିଛନ୍ତି ଏବଂ କେବେ ସୁଦ୍ଧା ଏହି କାର୍ଯ୍ୟ ଆରମ୍ଭ କରାଯିବ ?

----

## ବେଆଇନ ଖଣି କାରବାର

1123 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ବାଲି, ମୋରମ, ଲୁହାପଥର, ବକ୍ସାଇଟ୍ ଓ ବିଭିନ୍ନ କିସମର ଖଣିଜ ଓ ଲଘୁଖଣିଜ ସାମଗ୍ରୀର ନିଲାମ ଓ ବିକ୍ରି ଯୋଗୁଁ ବାର୍ଷିକ କେତେ ରାଜସ୍ୱ କେଉଁ କେଉଁ କ୍ଷେତ୍ରକୁ ଆସୁଛି ତାର Detail Report ଦେବା (ଗତ 2 ବର୍ଷର) ସହ ଏ ସମସ୍ତ ସାମଗ୍ରୀର ଚୋରା, ଲୁଟ୍ ଓ ବେଆଇନ କାରବାରକୁ ରୋକିବା ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ଓ କେତେ ସଫଳ ହୋଇଛନ୍ତି?

----

## କମ ସୁଧରେ ଋଣ ପ୍ରଦାନ

1124 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ସରକାର ସାମ୍ବାଦିକ କଲ୍ୟାଣ ପାଣ୍ଠି ବୃଦ୍ଧି କରିବା ସହ କର୍ତ୍ତବ୍ୟରତ ସାମ୍ବାଦିକ ମାନଙ୍କୁ ବିନା ସୁଧରେ ଗୃହ ଋଣ ପ୍ରଦାନ କରିବା ପାଇଁ ପଦକ୍ଷେପ ନେବେ କି; ସେହିଭଳି ସ୍ୱାସ୍ଥ୍ୟବୀମା ବୃଦ୍ଧି ଓ ସମସ୍ତ ବ୍ଲକରେ ପ୍ରେସ କ୍ଲବ୍ କରିବା ପାଇଁ ଜାଗା ଯୋଗାଇବା ପାଇଁ ପଦକ୍ଷେପ ନେବେ କି ?

----

## ଦୁର୍ଘଟଣା ରୋକିବା ପାଇଁ ପଦକ୍ଷେପ

1125 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିପଦ ପୂର୍ଣ୍ଣଭାବେ ବିନା Insurance ବିନା ପ୍ରଦୂଷଣ ସାର୍ଟିଫିକେଟ, ବିନା ପରମିଟ୍ , ବିନା Driving Licenceରେ ଚାଲୁଥିବା ଗାଡ଼ିଗୁଡ଼ିକ ଚାଲୁଥିବାରୁ ଏବଂ ଦିନକୁ ଦିନ ଦୁର୍ଘଟଣା ବଢୁଥିବାରୁ ଏସବୁ ରୋକିବା ପାଇଁ ସରକାର ପଦକ୍ଷେପ ନେବା ସହ ମୋଟର ଯାନ ଆଇନ ସମ୍ବନ୍ଧରେ ପୂର୍ଣ୍ଣାଙ୍ଗ ତଥ୍ୟ ଦେବେ କି ?

----

## ଛାପାଖାନାର ଆଧୁନିକୀ କରଣ

1126 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭୁବନେଶ୍ୱରରେ ଥିବା ସରକାରୀ ପ୍ରେସରେ ବାର୍ଷିକ କେତେ ପରିମାଣର ଫର୍ମ, ପୁସ୍ତକ ଓ ଅନ୍ୟ ସାମଗ୍ରୀ ଛାପାକାର୍ଯ୍ୟ ଚାଲୁଥିବା ବେଳେ ଏଠାରେ ମଞ୍ଜୁରୀପ୍ରାପ୍ତ କେଉଁ ଅଧିକାରୀ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି ଏହା ପୂରଣ କରିବା ସହ ଏହି ପ୍ରେସକୁ ଆଧୁନିକିକରଣ ଓ ସମ୍ପ୍ରସାରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବିଜ୍ଞାପନ ବାବଦରେ ବ୍ୟୟ

1127 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ୨୦୨୪ ଜୁନ ମାସଠାରୁ ୨୦୨୬ ସେପ୍ଟେମ୍ବର ସୁଦ୍ଧା ରାଜ୍ୟ ତଥା ଦେଶରୁ ପ୍ରକାଶିତ କେଉଁ ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ ସାମ୍ବାଦପତ୍ର ସହ କେଉଁ ବୈଦ୍ୟୁତିକ ଗଣମାଧ୍ୟମକୁ କେତେ ଟଙ୍କାର ବିଜ୍ଞାପନ ପ୍ରଦାନ କରାଯାଇଛି ?

----

## ଜଳ ସେଚନ ବ୍ୟବସ୍ଥା

1128 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଜଟଣୀ ନିର୍ବାଚନ ମଣ୍ଡଳୀରେ ଜଳସେଚନ ପାଇଁ ଖନନ ହୋଇଥିବା କେଉଁ କେଉଁ କେନାଲକୁ ପୋତି ନିର୍ମାଣ କରାଯାଇଛି ତାହାର ତାଲିକା ଦର୍ଶାଇ ଏହାକୁ ଜବରଦଖଲ ମୁକ୍ତ କିର ଜଳସେଚନ ବ୍ୟବସ୍ଥା ସୁଗମ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## କାର୍ଯ୍ୟରତ ଥିବା ପଞ୍ଜିକୃତ NGO ର ସଂଖ୍ୟା

1129 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ)ଃ**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବର୍ତ୍ତମାନ କେତୋଟି NGO/ସ୍ୱେଚ୍ଛାସେବୀ ସଂଗଠନ ପଞ୍ଜୀକୃତ ହୋଇ କାର୍ଯ୍ୟରତ ଅଛନ୍ତି ଏବଂ ସେଗୁଡ଼ିକର ପଞ୍ଜୀକରଣ, ପୁନର୍ନବୀକରଣ, ବାର୍ଷିକ ରିପୋର୍ଟ, ହିସାବ ପରୀକ୍ଷା ଓ ଅନ୍ୟାନ୍ୟ ନିୟମାନୁସରଣ ପାଇଁ କେଉଁ କେଉଁ ଆଇନ ଓ ନିୟମାବଳୀ ପ୍ରଚଳିତ ଅଛି, (ଖ) ଓଡ଼ିଶା ବାହାରେ ପଞ୍ଜୀକୃତ NGOମାନେ ଓଡ଼ିଶାରେ କାର୍ଯ୍ୟ କରିବା ପାଇଁ କେଉଁ କେଉଁ ଆଇନଗତ/ପ୍ରଶାସନିକ ଅନୁମତି, ପଞ୍ଜୀକରଣ କିମ୍ବା ସରକାରୀ ନିୟମାନୁସରଣ କରିବା ଆବଶ୍ୟକ ଏବଂ ଏହି ସଂସ୍ଥାମାନଙ୍କର କାର୍ଯ୍ୟକଳାପ ଉପରେ କେଉଁ କର୍ତ୍ତୃପକ୍ଷ ନିରୀକ୍ଷଣ କରନ୍ତି ଏବଂ ଗତ ତିନି ବର୍ଷରେ ଓଡ଼ିଶା ବାହାରେ ପଞ୍ଜୀକୃତ କେତୋଟି NGO ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ/କାର୍ଯ୍ୟକ୍ରମ ଚଳାଇଛନ୍ତି ଏବଂ ସେମାନେ କେଉଁ କେଉଁ ଜିଲ୍ଲାରେ କେଉଁ କେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ?

----

## ଟ୍ରକ ଟର୍ମିନାଲ ଖୋଲିବାକୁ ଚୁକ୍ତିପତ୍ର ସ୍ୱାକ୍ଷର

1130 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ରାଜପଥରେ ଦେଇଆନ ପାର୍କି ସମସ୍ୟାର ସୁଧାର ଆଣିବାକୁ ରାଜ୍ୟରେ କେତୋଟି ଟ୍ରକ ଟର୍ମିନାଲ ଖୋଲିବାକୁ କେନ୍ଦ୍ର ସରକାରଙ୍କ NH L.M.L, ସହିତ ଚୁକ୍ତିପତ୍ର ସ୍ୱାକ୍ଷରିତ କରିଛନ୍ତି, ଭଦ୍ରକ ଜିଲ୍ଲାରେ ଅବସ୍ଥିତ ବ୍ୟସ୍ତବହୁଳ N.H.-16 ରେ ଘନ ଘନ ଦୁର୍ଘଟଣାକୁ ଏଡାଇବା ପାଇଁ ଏବଂ ରାଜପଥକୁ ସୁରକ୍ଷିତ କରିବାକୁ କେଉଁଠାରେ ଟର୍ମିନାଲ ସ୍ଥାପନ କରିବାର ବ୍ୟବସ୍ଥା ରହିଛି ?

----

## Volvo Bus ଚଳାଚଳ ପାଇଁ ପଦକ୍ଷେପ

1131 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କବି ସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର କବି ସୂର୍ଯ୍ୟନଗର ପୌରପାଳିକା ଜିଲ୍ଲାର ଏକ ପେଣ୍ଠସ୍ଥଳୀ ଅଟେ, ଏହାକୁ ଦୃଷ୍ଟିରେ ରଖି ଏହିଠାରୁ ବିଭାଗ ତରଫରୁ ପୁରୀ ଏବଂ ବିଶାଖାପାଟଣାକୁ Volvo Bus ପ୍ରଚଳନ ପାଇଁ ବ୍ୟବସ୍ଥା କରିବେ କି ?

----

## ରାଜସ୍ୱ ବଙ୍ଗଳା ନିର୍ମାଣ

1132 **ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କବି ସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର କବି ସୂର୍ଯ୍ୟନଗର ପୌରପାଳିକାରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଅଛି କିନ୍ତୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏଠାରେ ରାଜସ୍ୱ ବିଭାଗ ତରଫରୁ ଏଠାରେ ବଙ୍ଗଳା ନାହିଁ ତେଣୁ ଏହାକୁ ଦୃଷ୍ଟିରେ ରଖି ଏଠାରେ ଏକ ରାଜସ୍ୱ ବଙ୍ଗଳା ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରିବେ କି ?

----

## ଆର୍ଥିକ ସହାୟତା ପ୍ରଦାନ

1133 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଚଳିତ ବର୍ଷ ବନ୍ୟା ବର୍ଷା ହୋଇଥିବାରୁ ବନ୍ୟା ପ୍ରପଡିତ ବ୍ୟକ୍ତିମାନେ କୁମ୍ଭିର ଆକ୍ରମଣ, ବ୍ରଜାଘାତ ଓ ସାପ ଆକ୍ରମଣତରେ ମୃତ୍ୟୁବରମ କରିଥିବା ପରିବାରକୁ ଆର୍ଥିକ ସହାୟତା କେତେ ଟଙ୍କା ପ୍ରଦାନ କରାଯାଇଛି ?

----

## ସୂଚନା ଲୋକ ସମ୍ପର୍କ ଗୃହର ମରାମତି

1134 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଉଦଳା ଉପଖଣ୍ଡସ୍ଥରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଏକ କାର୍ଯ୍ୟାଳୟ ଅବସ୍ଥିତ ଅଛି ଏହାର ଗୃହଗୁଡିକ ପୁରୁଣା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଏଠାରେ ଏବଂ ନୂତନ ଗୃହ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

## ନାମ ପରିବର୍ତ୍ତନ ପାଇଁ ପଦକ୍ଷେପ

1135 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୟୂରଭଞ୍ଜ ଜିଲ୍ଲା ତିଂରିଂ ବ୍ଲକ ଅନ୍ତର୍ଗତ ତିଂରିଂ G.P. ରେ ରାଣ୍ଡୀ ସାହି Revenue Village ର ନାମ-ରାଣୀସାହୀ କରିବାର ଆବଶ୍ୟକତା ରହିଛି, ଏହା କେବେସୁଦ୍ଧା ହେବ ?

----

## ରାଜସ୍ୱ ଗ୍ରାମ ଘୋଷଣା

1136 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୟୂଭଞ୍ଜ ଜିଲ୍ଲା ତିଂରିଂ ବ୍ଲକର ବଡ ଡାଲିମା G.P.-ବଡ-ଡାଲିମା ଗ୍ରାମକୁ "ବଡ ଡାଲିମା-ରତନ ସାହି" ଦୁଇଟି revenue ଗ୍ରାମ ଘୋଷଣା କରିବାକୁ ପଦକ୍ଷେପ ନେବେ କି ?

----

## Aicut ସଂଖ୍ୟା

1137 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- irrigation ର ବଡନାଲ, କେନ୍ଦୁଗୁଡା, ପଦ୍ମପୁର ବ୍ଲକ ରାୟଗଡା ଜିଲ୍ଲାର 2025 ରେ catchment ଓ aicut କେତେ ରହିଛି ସେହିପରି ରାୟଗଡା ଜିଲ୍ଲାର minor irrigation ର ଗୁଣୁପୁର ବ୍ଲକର baridi, nawda, putta, sitapur geda, ରାମନାଗୁଡ଼ା ବ୍ଲକର bhangi, sanamuligaon, nalapanka MIP ର ବର୍ତମାନ 2026 aicut ଓ catchment area କେତେ ଅଛି କହି ପାରିବେ କି ?

----

## ବଳକା ଟଙ୍କାର ପରିମାଣ

1138 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାକୁ 2024-25,2025-26,2026-27 ଆର୍ଥିକ ବର୍ଷରେ କୋଉଁ କେଉଁ ବ୍ଲକର କେଉଁ scheme ରେ କେତେ ଟଙ୍କା ଆସିଛି ଓ ସେଥିରୁ କେଉଁ scheme ରେ କାମ ନ ହୋଇ କେତେ ବଳକା ଟଙ୍କା ଅଛି ଓ ଏହାର କାରଣ ଦେବେ କି ?

----

## କ୍ଷତିପୂରଣ ପ୍ରଦାନ

1139 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୧୦ ବର୍ଷରେ କେତେ ମାତ୍ରାରେ ଜମି କେଉଁ ସଂସ୍ଥା ( ସବିଶେଷ ତଥ୍ୟ ) ପକ୍ଷରୁ ଅନୁରୋଧ କ୍ରମେ ଜଙ୍ଗଲ ସୃଷ୍ଟି ପାଇଁ ପ୍ରଦାନ କରାଯାଇଛି, ଜିଲ୍ଲାରେ ବ୍ଲକ୍ ଓରି ଜଙ୍ଗଲ, ରାଜସ୍ୱ, କୃଷି ( ଧାନ, ଫଳ, ପରିବା), ଗୋଚର, ଜଳାଶୟ ଆଧାରରେ ସମୁଦାୟ ଜମି ପରିମାଣ ଓ ଶତକଡା ହିସାବରେ କେତେ ରହିଛି, ସିଜିମାଳି ପ୍ରତିବାଦର କାରଣ, ଲୋକ ଦାବି, ସମ୍ଭାବ୍ୟ ସମାଧାନ ପ୍ରକାଶ କରିବେ କି; ଇତି ମଧ୍ୟରେ କ୍ଷତି ଗ୍ରସ୍ତଙ୍କୁ କି ସହାୟତା ପ୍ରଦାନ କରାଯାଇଛି, ଏବଂ ଗତ 10 ବର୍ଷରେ rayagada, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ Red mud ash pond ଭୁସୁଡ଼ି ଯାଇଥିବା ବିଭିନ୍ନ କ୍ଷତି ଆକଳନ ହୋଇ କି ପ୍ରକାର କ୍ଷତି ପୂରଣ ପ୍ରଦାନ କରାଯାଇଛି ?

----

## ଜଳଭାଗରେ ଯାନ ଚଳାଚଳ ପାଇଁ ତାଲିମ ବ୍ୟବସ୍ଥା

1140 **Shri Nilamadhab Hikaka (Bissam-cuttack):**

Will the Minister for **Commerce** be pleased to state that:- ଗତ ୬ ବର୍ଷରେ ରାଜ୍ୟର ସାମୁଦ୍ରିକ / ଉପକୂଳ ଜଳ ଅଞ୍ଚଳରେ ବୁଡିଥିବା ବିଭିନ୍ନ ଜଳ ସ୍ଥଳ ବାହନ ( ଡଙ୍ଗା/ ଜାହାଜ ଆଦି) ର ପରିସଂଖ୍ୟାନ କେତେ, କେଉଁ ପ୍ରକାର ମାଲ୍ ବୁଡ଼ିଛି, କେତେ ଉଦ୍ଧାର ହୋଇଛି owner ଆଧାରରେ ତଥ୍ୟ ପ୍ରଦାନ ସହ ରାଜ୍ୟର ତଟରେ ଭାସି ଆସି ଲାଗିଥିବା କଣ୍ଟେନର କାହାର, ଓ କି ପ୍ରକାର ମାଲ୍ ସେଥିରେ ରହି ଥିଲା, ଜିଲ୍ଲାରେ ଥିବା ଜଳ ଭାଗରେ ଚଳାଚଳ ପାଇଁ ଉଦ୍ଦିଷ୍ଟ ଯାନ ପାଇଁ ଜିଲ୍ଲାର ଯୁବକ ମାନଙ୍କ ତାଲିମ୍ ପାଇଁ କି ବ୍ୟବସ୍ଥା ରହିଛି ଓ କରା ଯାଇଛି ?

----

## ଜମିକୁ ଜଳସେଚନ ପାଇଁ ପ୍ରକଳ୍ପ ନିର୍ମାଣ

1141 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- (କ) ଆଗାମି ପାଞ୍ଚବର୍ଷ ମଧ୍ୟରେ ଅବହେଳିତ ବଉଦ ଜିଲ୍ଲାରେ ବୃହତ୍ତ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଉଠା ଜଳସେଚନ, ମେଗା ଓ ଆଡିବନ୍ଧ ନିର୍ମାଣ ମାଧ୍ୟମରେ କେତେ ଜମିକୁ ଜଳ ସେଚନ କରିବା ପାଇଁ ପ୍ରକଳ୍ପ ନିର୍ମାଣ କରାଯାଉଅଛି, (ଖ)2036 ମସିହା ସୁଧା ଓଡିଶାକୁ ସମୃଦ୍ଧରାଜ୍ୟରେ ପରିଣତ କରିବା ଲକ୍ଷରେ ଏହି ଜିଲ୍ଲାରେ କେତେ ଅଧିକ ଚାଷ ଯୋଗ୍ୟ ଜମିକୁ ଜଳସେଚନ ସୁବିଧା ଯୋଗାଇବାପାଇଁ ପ୍ରତିବଦ୍ଧ କହିବେ କି ?

----

## ଆନ୍ଧ୍ରମାଛ ବ୍ୟବସାୟୀଙ୍କ ଯୋଗୁ ମାଛ ପ୍ରଦୂଷଣ

1142 **ଶ୍ରୀ ପ୍ରଫୁଲ ଚନ୍ଦ୍ର ପ୍ରଧାନ (ଜି.ଉଦୟଗିରି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ)ଛତ୍ରପୁର ବ୍ଲକର ବିପୁଳିଙ୍ଗି ଗ୍ରାମ ପଞ୍ଚାୟତ, ଭିକାରୀ ପଲ୍ଲୀ ଗ୍ରାମ ପଞ୍ଚାୟତରେ କେଉଁ ବାହାର ରାଜ୍ୟର ମାଛ ବେପାରୀ କେତେ ବର୍ଷଠାରୁ କେତେ ସରକାରୀ ଜମି ଓ ଘରୋଇ ଜମିରେ ମାଛ ଛାଷ କରୁଛନ୍ତି, ସେମାନଙ୍କ ଅବଧି କେବେ ସରିବ, ବେଆଇନ ଭାବେ ଦଖଲ କରାଇଥିବା ସରକାରୀ ଜମି, ସରକାର ନିଜ ଦଖଲକୁ କେବେ ଆଣିବେ ?

----

## K.B.K ଅଞ୍ଚଳର ବିକାଶ ପାଇଁ ଅର୍ଥ ପ୍ରଦାନ

1143 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- K.B.K ଅଞ୍ଚଳର ବିକାଶ ପାଇଁ ଗତ 2025-26 ଆର୍ଥିକ ବର୍ଷରେ ବଜେଟ ଅର୍ଥ ରଖାଯାଇଛି ତାହା ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ ନହେବା କାରଣ କଣ, 2025-26 ଆର୍ଥିକ ବର୍ଷର KBK ବିକାଶ ଯୋଜନାରେ ପ୍ରକଳ୍ପ ଗୁଡିକ ଅନୁମୋଦନ ହୋଇଥିଲେ ମଧ୍ୟ ଜିଲ୍ଲାକୁ ଅର୍ଥ କେବେ ପ୍ରଦାନ କରାଯିବ ?

----

## ଜଳ ସେଚନ ପ୍ରକଳ୍ପ

1144 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କିଃ- ଓଡିଶାର କେଉଁ କେଉଁ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ମଞ୍ଜୁରୀ ପାଇଁ କେବେ ଠାରୁ ଓ କେଉଁ କାରଣ ପାଇଁ ଅଟକି ରହିଛି, ପ୍ରକାଶ କରିବେ କି ?

----

## ରାସ୍ତା ମରାମତି

1145 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡସାହି ନିର୍ବାଚନ ମଣ୍ଡଳୀର ବଡସାହି ଏବଂ ବେତନଟୀ ରେ ବାରମ୍ୱାର ବନ୍ୟା ଯୋଗୁଁ PWD, RD, Block, ITDA, Irrigation, Mayrbhanj Irrigation Department ର କେଉଁ କେଉଁ ରାସ୍ତା ଗୁଡିକ ବନ୍ୟା ଏବଂ ଲଗାଣ ବର୍ଷାରେ ପ୍ରବାହିତ ହୋଇ ନଷ୍ଟ ହୋଇଛି ସେହି ରାସ୍ତା ଗୁଡିକର ମରାମତି କେବେ ସୁଧା ହେବ ଏବଂ କେତେ ଟଙ୍କା ଖର୍ଚ୍ଚ ହେବ ?

----

## ପ୍ରଚଳିତ କଲ୍ୟାଣକାରୀ ଯୋଜନା

1146 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ବର୍ତ୍ତମାନ କେଉଁ କେଉଁ କଲ୍ୟାଣକାରୀ ଯୋଜନା ଓ ସରକାରୀ ସୁବିଧା ପ୍ରଚଳିତ ଅଛି ଏବଂ ଏହି ଯୋଜନାରେ କେଉଁ କେଉଁ ପ୍ରକାରର ଆର୍ଥିକ ସହାୟତା, ବୀମା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ଦିଆଯାଉଛି, ସାମ୍ବାଦିକମାନଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ପାଇଁ ବର୍ତ୍ତମାନ କ'ଣ ବ୍ୟବସ୍ଥା ରହିଛି, ଗତ ୫ ବର୍ଷରେ କେତେଟି ପ୍ରଶିକ୍ଷଣ/କ୍ଷମତା ବିକାଶ କାର୍ଯ୍ୟକ୍ରମ ହୋଇଛି ଏବଂ କେତେ ଜଣ ସାମ୍ବାଦିକ ଏଥିରେ ଅଂଶଗ୍ରହଣ କରିଛନ୍ତି, ଗତ ୫ ବର୍ଷରେ ସାମ୍ବାଦିକ କଲ୍ୟାଣ ଯୋଜନାଗୁଡ଼ିକ ଅଧୀନରେ ବର୍ଷୱାରୀ କେତେ ଜଣ ସାମ୍ବାଦିକଙ୍କୁ କେତେ ଟଙ୍କାର ଆର୍ଥିକ ସହାୟତା/ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଇଛି ଏବଂ ଏଥିପାଇଁ ପ୍ରତିବର୍ଷ ବଜେଟ୍‌ରେ କେତେ ଅର୍ଥ ବ୍ୟବସ୍ଥା ହୋଇଥିଲା, ନୂତନ ଭାବେ ସାମ୍ବାଦିକତା ପେଶାରେ ପ୍ରବେଶ କରୁଥିବା ସାମ୍ବାଦିକମାନଙ୍କୁ ବର୍ତ୍ତମାନର ସାମ୍ବାଦିକ କଲ୍ୟାଣ ବ୍ୟବସ୍ଥାରେ ସାମିଲ କରିବା ପାଇଁ ସରକାରଙ୍କ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ?

----

## ରପ୍ତାନୀ/ଆମଦାନୀ ରାଜସ୍ୱ ଏବଂ ଉନ୍ନୟନ ମୂଳକ କାର୍ଯ୍ୟ

1147 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ରାଜ୍ୟରୁ କେଉଁ କେଉଁ ଦ୍ରବ୍ୟ/ପଦାର୍ଥ ବିଦେଶକୁ ରପ୍ତାନୀ/ ଆମଦାନୀ କରାଯାଉଛି/ଏହି ରପ୍ତାନୀ/ଆମଦାନୀ ବାବଦରେ ରାଜ୍ୟକୁ କେତେ ପରିମାଣର ଅର୍ଥ ମିଳୁଅଛି ଏବଂ ମିଳୁଥିବା ଅର୍ଥରେ କେଉଁ କେଉଁ ଉନ୍ନୟନ ମୂଳକ କାର୍ଯ୍ୟରେ ବିନିଯୋଗ କରାଯାଉଛି ?

----

## ରାଜସ୍ୱ ଆୟ

1148 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲାରୁ ଲୌହ ପଥର ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ବିଦେଶକୁ ପରିବହନ ଦ୍ୱାରା କେତେ ପରିମାଣର ଅର୍ଥ ପାଇଥାନ୍ତି ଏବଂ ଏହି ଅର୍ଥରେ କେଉଁ କେଉଁ ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ ବିନିଯୋଗ କରାଯାଉଛି ?

----

## ଜବରଦସ୍ତ ବିସ୍ଥାପିତ କରି ସଂସ୍ଥାକୁ ଖଣି Lease ପ୍ରଦାନ

1149 **ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାର ଧୁଆମୂଳ ରାମପୁର ବ୍ଲକର ଆଦାବାସୀ ଏବଂ ଅନୁସୂଚିତ ଜାତିର ଗରିବ ଲୋକଙ୍କୁ ଜବରଦସ୍ତ ବିସ୍ଥାପିତ କରି କେଉଁ କେଉଁ ସଂସ୍ଥାକୁ ଏପର୍ଯ୍ୟନ୍ତ ଖଣି Lease ଦିଆଯାଇଛି ?

----

## Time Bound Action Plan

1150 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The number of micro and small enterprises from Puri district, and specifically from Satyabadi constituency, onboarded onto the Open Network for Digital Commerce (ONDC) under the MSE-TEAM (Trade Enablement and Marketing) initiative as on 31 August 2026, (b) the category-wise breakdown (handloom, handicrafts, food processing, services, others) and the total value of orders/disbursements recorded by these enterprises through ONDC since the launch of the programme in Odisha, whether the Government proposes to set up a dedicated ONDC facilitation cell in Puri district with help desks at block level (including Satyabadi) to assist artisans, weavers and small traders with cataloguing, logistics, payments and dispute resolution (if so, the time-bound action plan, proposed budget outlay, and the target for onboarding enterprises from Satyabadi by March 2027 ?

----